NITIDIN
ନିତିଦିନ

RNI REG. NO. ODIODI/2015/62237 • POSTAL REGD. NO.BN/258/18-20 | 8 PAGES • | ₹ 6/-

www.nitidin.com
twitter.com/nitidintoday
facebook.com/nitidintoday

TUESDAY
20 MAY 2025
ମଙ୍ଗଳବାର
୨୦ ମେ ୨୦୨୫

NEW AGE MEDIA & PUBLICATIONS PVT. LTD. | PRINTED AT BHUBANESWAR | VOLUME 11 • ISSUE 5 | BHUBANESWAR I BERHAMPUR I SAMBALPUR I BALASORE I JAJPUR | ବର୍ଷ ୧୧ • ସଂଖ୍ୟା ୫ | ଭୁବନେଶ୍ୱର I ବ୍ରହ୍ମପୁର I ସମ୍ବଲପୁର I ବାଲେଶ୍ୱର I ଯାଜପୁର

# ରଥଖଳାରେ ଚକ ଡେରା ନୀତି



**ପୁରୀ,୧୯।୫/ଏନ୍ଏନ୍ଏସ୍:**

## ତିନି ରଥର ଚକ ଓ ଅଖ ସଂଯୋଗର ଅନୁକୂଳ

## ପ୍ରତ୍ୟେକ ରଥର ୨ଟି ଲେଖାଏଁ ଚକରେ ଅଖ ସଂଯୋଗ

ସୋମବାର ଭଉଁରୀ ତିଥିରେ ତିନି ରଥର ଛଅଟି ନାହାକ ଚକ ସହ ତିନୋଟି ଅଖ ସଂଯୋଗର ଶୁଭ ଅନୁକୂଳ କରାଯାଇଛି। ଶ୍ରୀମନ୍ଦିରରୁ ପୂଜାପଣ୍ଡା ସାମନ୍ତଙ୍କ ଦ୍ୱାରା ଆଜ୍ଞାମାଳ ଅଣାଯିବା ପରେ ବିଶ୍ୱକର୍ମା ମହାରଣା ଓ ଭୋଇ ସେବକଙ୍କ ସହାୟତାରେ କରାଯାଇଥିଲା ଏହି ଚକ ଅଖ ସଂଯୋଗ କାର୍ଯ୍ୟ। ପ୍ରତ୍ୟେକ ରଥର ୨ ଟି ଲେଖାଏଁ ଚକରେ ଗୋଟିଏ ଲେଖାଏଁ ଅଖ ସଂଯୋଗ କରାଯାଇଥିବା ବେଳେ ଆଗକୁ ସମୁଦାୟ ୪୨ଟି ଚକ ଓ ୨୧ ଟି ଅଖର କାର୍ଯ୍ୟ ଆରମ୍ଭ କରାଯିବ। ଗତ ଅକ୍ଷୟ ତୃତୀୟା ଅବସରରେ ରଥ ନିର୍ମାଣ ଅନୁକୂଳ କରାଯାଇଥିବା ବେଳେ ଭଉଁରୀ ତିଥି ଅବସରରେ ବିଧି ଅନୁଯାୟୀ ମହାପ୍ରଭୁଙ୍କ ତିନି ରଥର ଚକ ଓ ଅଖ ସଂଯୋଗର ଅନୁକୂଳ କରାଯାଇଛି। ପରମ୍ପରା ଅନୁଯାୟୀ ଭଉଁରୀ ତିଥି ଅବସରରେ ଶ୍ରୀମନ୍ଦିରରେ ସକାଳ ଧୂପ ଶେଷ ହେବା ପରେ ପୂଜାପଣ୍ଡାମାନେ ତିନିରଥ ପାଇଁ ▶▶ ୫

# ଖୋଜି ଖୋଜି ବାଂଲାଦେଶୀଙ୍କୁ କରାଯିବ ବିଦା

**ଭୁବନେଶ୍ୱର,୧୯।୫/ଏନ୍ଏନ୍ଏସ୍:**

- ଓଡ଼ିଶାରେ ରହିପାରିବେନି ଅଣଭାରତୀୟ ନାଗରିକ:ଆଇନମନ୍ତ୍ରୀ
- ଚିହ୍ନଟ ପାଇଁ ଧରପଗଡ଼ ଜୋର୍‌ଦାର୍
- ଏସ୍‌ଟିଏଫ୍‌କୁ ନୋଡାଲ୍ ଏଜେନ୍ସି ଦାୟିତ୍ୱ



ରାଜ୍ୟରେ ଆଉ ତିଷ୍ଠି ପାରିବେନି ବାଂଲାଦେଶୀ। ଖୋଜି ଖୋଜି ବାଂଲାଦେଶୀଙ୍କୁ କରାଯିବ ବିଦା। ପାକିସ୍ତାନ ପରେ ଏବେ ବାଂଲାଦେଶୀଙ୍କ ଉପରେ ନଜର। ଓଡ଼ିଶାରୁ ମୂଳପୋଛ ହେବେ ବାଂଲା ଅନୁପ୍ରବେଶକାରୀ। ଯାହାକୁ ନେଇ ରାଜ୍ୟ ସରକାର ଏବେ ଆକ୍ରମଣମୋଡ଼ରେ। ତଟବର୍ତ୍ତୀ ଜିଲ୍ଲାଗୁଡ଼ିକରେ ସୁରକ୍ଷା ସହିତ ପାଟ୍ରୋଲିଂକୁ ବୃଦ୍ଧି କରାଯାଇଛି। ସାରା ରାଜ୍ୟରେ ଆରମ୍ଭ ହୋଇଛି ବାଂଲାଦେଶୀ ନାଗରିକ ଚିହ୍ନଟ ପ୍ରକ୍ରିୟା। ଏହି ପରିପ୍ରେକ୍ଷୀରେ କୌଣସି ଅଣ ଭାରତୀୟ ନାଗରିକ ଓଡ଼ିଶାରେ ରହିପାରିବେ ନାହିଁ ବୋଲି ସୋମବାର ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି।ଏହାଛଡ଼ା ସେ କହିଛନ୍ତି ଯେ ରାଜ୍ୟରେ ବାଂଲାଦେଶୀଙ୍କୁ ହଟାଇବା ପ୍ରକ୍ରିୟା ଆରମ୍ଭ ହୋଇଛି। ଏନେଇ ଇଞ୍ଜିନିୟରିଂ ବିଭାଗଗୁଡ଼ିକ ସହ ଆଲୋଚନା ହୋଇଛି। କାରଣ ବିଭିନ୍ନ ଏଜେନ୍ସିରେ ରହି ବାଂଲାଦେଶୀ କାମ କରୁଛନ୍ତି। କେବଳ ଭୁବନେଶ୍ୱର ନୁହେଁ ସାରା ରାଜ୍ୟରେ ବାଂଲାଦେଶୀ ଚିହ୍ନଟ ପ୍ରକ୍ରିୟା କରାଯିବ।

ଅନ୍ୟପକ୍ଷରେ ରାଜ୍ୟରେ ବାଂଲାଦେଶୀଙ୍କୁ ଚିହ୍ନଟ ପାଇଁ ଜୋରଦାର ଧରପଗଡ଼ ଚାଲିଛି ।ଏସଟିଏଫକୁ ନୋଡାଲ୍ ଏଜେନ୍ସି ଦାୟିତ୍ୱ ଦିଆଯାଇଥିବା ଡିଆଇଜି ପିନାକ ମିଶ୍ରଙ୍କ ସୂଚନା ଦେଇଛନ୍ତି। ଜିଲ୍ଲା ଅଧିକାରୀ, ତଟ ସୁରକ୍ଷା ବାହିନୀ ସହ ଅନ୍ୟ ସବୁ ଏଜେନ୍ସିକୁ ସଜାଗ ରହିବାକୁ ନିର୍ଦ୍ଦେଶ ଦିଆଯାଇଛି। ବିଶେଷକରି ତଟବର୍ତ୍ତୀ ଜିଲ୍ଲାଗୁଡ଼ିକ ଉପରେ ତୀକ୍ଷ୍ଣ ▶▶ ୫

## ହାଇକୋର୍ଟ ବିଚାରପତିଙ୍କ ପାଇଁ ସୁପ୍ରିମ୍ ରାୟ

# ସମସ୍ତଙ୍କୁ ସମାନ ପେନ୍‌ସନ୍

**ନୂଆଦିଲ୍ଲୀ,୧୯।୫/ଏଜେନ୍ସି:**

ହାଇକୋର୍ଟ ବିଚାରପତିଙ୍କ ଅବସର ପରବର୍ତ୍ତୀ ପେନ୍‌ସନ୍ ପ୍ରସଙ୍ଗରେ ସୁପ୍ରିମକୋର୍ଟ ସୋମବାର ଏକ ବଡ଼ ତଥା ଗୁରୁତ୍ୱପୂର୍ଣ୍ଣ ରାୟ ଦେଇଛନ୍ତି। ସୁପ୍ରିମକୋର୍ଟ କହିଛନ୍ତି, ଅତିରିକ୍ତ ବିଚାରପତି ଭାବରେ ଅବସର ନେଇଥିବା ବ୍ୟକ୍ତିଙ୍କ ସମେତ ସମସ୍ତ ହାଇକୋର୍ଟ ବିଚାରପତି ପୂର୍ଣ୍ଣ ପେନସନ ଏବଂ ଅବସରକାଳୀନ ସୁବିଧାସବୁ ପାଇବାକୁ ହକ୍‌ଦାର। ଜଣେ ବିଚାରପତି ଜିଲ୍ଲା ନ୍ୟାୟାଳୟରୁ ପଦୋନ୍ନତି ପାଇଛନ୍ତି କି ବାରରୁ

## ସ୍ଥାୟୀ ହୁଅନ୍ତୁ କିମ୍ବା ଅତିରିକ୍ତ ହେବନି ବର୍ଗୀକରଣ



ଉନ୍ନୀତ ହୋଇଛନ୍ତି ଏହାକୁ ଆଧାର କରି ସେମାନଙ୍କ ମଧ୍ୟରେ ବର୍ଗୀକରଣ କରାଯାଇପାରିବ ନାହିଁ। ସୁତରାଂ ହାଇକୋର୍ଟରେ ସ୍ଥାୟୀ ବିଚାରପତି ଭାବେ ହେଉ କିମ୍ବା ଅତିରିକ୍ତ ବିଚାରପତି ଭାବେ ହେଉ, ଅବସରଗ୍ରହଣ ପରେ ସମସ୍ତ ବିଚାରପତିଙ୍କୁ ଏକ ପୂର୍ଣ୍ଣକାଳୀନ ତଥା ସମାନ ପେନସନ୍ ପ୍ରଦାନ କରାଯିବ। ଏହିକ୍ରମେ ହାଇକୋର୍ଟର ମୁଖ୍ୟ ବିଚାରପତିଙ୍କୁ ବାର୍ଷିକ ୧୫ଲକ୍ଷ ଟଙ୍କା ଏବଂ ଅନ୍ୟ ବିଚାରପତିଙ୍କୁ ବାର୍ଷିକ ୧୩.୬ଲକ୍ଷ ଟଙ୍କା ପେନସନ୍ ଭାବେ ପ୍ରଦାନ କରାଯିବ, ତେଣିକି ଏହି ବିଚାରପତିମାନେ ସ୍ଥାୟୀ ବିଚାରପତି ଭାବେ ହେଉ କିମ୍ବା ଅତିରିକ୍ତ ବିଚାରପତି ଭାବେ ହାଇକୋର୍ଟରେ ଦାୟିତ୍ୱ ନିର୍ବାହ କରିଥାନ୍ତୁ। ସୁପ୍ରିମକୋର୍ଟ ଚିଫ୍ ଜଷ୍ଟିସ୍ ଅଫ୍ ଇଣ୍ଡିଆ (ସିଜେଆଇ) ଜଷ୍ଟିସ୍ ବିଆର ଗଭାଇ ଏବଂ ଜଷ୍ଟିସ ଏଜି ମସିହଙ୍କୁ ନେଇ ଗଠିତ ଏକ ଖଣ୍ଡପୀଠ ଏହି ମାମଲାର ଶୁଣାଣି କରିବା ଅବସରରେ ଏପରି ରାୟ ଦେଇଛନ୍ତି। ▶▶ ୫

# ଏକସଙ୍ଗେ ଆସୁଛି ଦୁଇଟି ଲଘୁଚାପ !

## ଆଜିଠୁ ତାତିରେ ଲାଗିବ ବ୍ରେକ୍

**ଭୁବନେଶ୍ୱର,୧୯।୫/ଏନ୍ଏନ୍ଏସ୍:**

ଏକା ସାଙ୍ଗରେ ଆସୁଛି ଦୁଇଟି ଲଘୁଚାପ। ଗୋଟିଏ ଆରବସାଗରରେ ଓ ଅନ୍ୟଟି ବଙ୍ଗୋପସାଗରରେ। ଆରବସାଗରରେ କର୍ଣ୍ଣାଟକ ଉପକୂଳରେ ୨୧ତାରିଖ ବେଳକୁ ଘୂର୍ଣ୍ଣିବଳୟ କ୍ଷେତ୍ର ସୃଷ୍ଟି ହେବ। ଏହା ଘନୀଭୂତ ହୋଇ ୨୨ ତାରିଖ ବେଳକୁ ଲଘୁଚାପରେ ପରିଣତ ହୋଇପାରେ। ପରବର୍ତ୍ତୀ ସମୟରେ ଅଧିକ ଘନିଭୂତ ହୋଇ ଉତ୍ତରକୁ ଗତି କରିପାରେ ବୋଲି ସୂଚନା ଦେଇଛି ଭାରତୀୟ ପାଣିପାଗ ବିଭାଗ। ଅନ୍ୟପଟେ ମେ ୨୬ କିମ୍ବା ୨୭ ମେ ତାରିଖ ବେଳକୁ ବଙ୍ଗୋପସାଗର ତଥା ଏହାର ସଂଲଗ୍ନ ଅଞ୍ଚଳରେ ଏକ ଘୂର୍ଣ୍ଣିବଳୟ ଓ ଲଘୁଚାପ କ୍ଷେତ୍ର ସୃଷ୍ଟି ହୋଇପାରେ। ଅନ୍ୟପକ୍ଷରେ ରାଜ୍ୟରେ ଜାରି ରହିଛି କାଳବୈଶାଖୀ ବର୍ଷା। ତେବେ ପାଣିପାଗ କେନ୍ଦ୍ର ପକ୍ଷରୁ ମିଳିଥିବା ସୂଚନା ଅନୁସାରେ ଆସନ୍ତକାଲିଠାରୁ ତାତିରେ ବ୍ରେକ ଲାଗି। ଆସନ୍ତା ୪ ଦିନ ପର୍ଯ୍ୟନ୍ତ କାଳବୈଶାଖୀ ବର୍ଷା ହେବ ବୋଲି ଜଣାପଡିଛି। ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ▶▶ ୫

# ମୋଦୀଙ୍କ ଫୋକସ୍‌ରେ ପୋଲାଭରମ୍

## ୨୮ରେ ୪ ରାଜ୍ୟର ମୁଖ୍ୟମନ୍ତ୍ରୀଙ୍କ ସହ କରିବେ ବୈଠକ

**ନୂଆଦିଲ୍ଲୀ,୧୯।୫/ଏଜେନ୍ସି:**





**ଗୋଟିଏ ପ୍ରକଳ୍ପକୁ ନେଇ ୪ ରାଜ୍ୟରେ ମଧ୍ୟରେ ତୁ ତୁ ମେଁ ମେଁ। ଏଭଳି ସ୍ଥିତିରେ ଆସନ୍ତା ୨୮ ତାରିଖରେ ହେବାକୁ ଥିବା ଆଲୋଚନା ପରେ ଯେଉଁ ନିଷ୍କର୍ଷ ବାହାରିବ ସେଥିରେ କେଉଁ ରାଜ୍ୟ ନ୍ୟାୟ ପାଇବ ତାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। କାରଣ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଫୋକସ୍‌ରେ ଏବେ ବିବାଦୀୟ ପୋଲାଭରମ୍ ପ୍ରକଳ୍ପ।**

ପୋଲାଭରମ୍ ପ୍ରକଳ୍ପକୁ ନେଇ ରାଜ୍ୟ ରାଜ୍ୟ ମଧ୍ୟରେ ରହିଥିବା ବିବାଦ ଉପରେ ଆଲୋଚନା କରିବେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ। ଏଥିପାଇଁ ଆସନ୍ତା ମେ ୨୮ ତାରିଖ ପାଇଁ ଏକ ଉଚ୍ଚସ୍ତରୀୟ ବୈଠକ ଡକାଇଛନ୍ତି ପ୍ରଧାନମନ୍ତ୍ରୀ। ପ୍ରଧାନମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ବସିବାକୁ ଥିବା ଏହି ବୈଠକରେ ପୋଲାଭରମ ପ୍ରକଳ୍ପ ପ୍ରସଙ୍ଗରେ ବ୍ୟାପକ ଆଲୋଚନା ହେବ। ଏଥିରେ ଓଡ଼ିଶା, ଛତିଶଗଡ଼, ଆନ୍ଧ୍ରପ୍ରଦେଶ ଓ ତେଲେଙ୍ଗାନା ଆଦି ଚାରି ରାଜ୍ୟର ମୁଖ୍ୟମନ୍ତ୍ରୀମାନେ ଯୋଗଦେବେ। ପ୍ରକାଶ, ଆନ୍ଧ୍ରପ୍ରଦେଶରେ ନିର୍ମାଣ ହେଉଥିବା ଜାତୀୟ ପ୍ରକଳ୍ପ ସମ୍ପର୍କରେ ପ୍ରଧାନମନ୍ତ୍ରୀଙ୍କ ଏହା ହେଉଛି ଅଂଶୀଦାର ରାଜ୍ୟଗୁଡ଼ିକର ମୁଖ୍ୟମନ୍ତ୍ରୀଙ୍କ ସହ ପ୍ରଥମ ସିଧାସଳଖ ଆଲୋଚନା। ଫଳରେ ୨୮ତାରିଖରେ ହେବାକୁ ଥିବା ଏହି ବୈଠକ ଉପରେ ଏବେ ସଭିଙ୍କ ନଜର ରହିଛି।

ରିପୋର୍ଟ ଅନୁସାରେ ଏହି ବୈଠକରେ ପୋଲାଭରମ୍ ପ୍ରକଳ୍ପ ସହ ଜଡିତ ଜଳସେଚନ ଓ ଜଳ ନିୟନ୍ତ୍ରଣ ଉପରେ ମଧ୍ୟ ଆଲୋଚନା ହେବ। ଏତଦ୍‌ବ୍ୟତୀତ ଏହି ପ୍ରକଳ୍ପ କାରଣରୁ ଜଳମଗ୍ନ ହେବାକୁ ଥିବା ଗାଁରେ ବସବାସ କରୁଥିବା ଗ୍ରାମବାସୀଙ୍କ ଥଇଥାନ ନେଇ ମଧ୍ୟ ପ୍ରଧାନମନ୍ତ୍ରୀ ବିସ୍ତୃତ ତଥ୍ୟ ସମ୍ପର୍କରେ ଅବଗତ ହେବେ। ବୈଠକରେ ସାମିଲ ହେବାକୁ ଥିବା ଚାରି ମୁଖ୍ୟମନ୍ତ୍ରୀମାନେ ସେମାନଙ୍କ ମତାମତ ରଖିବେ ଏବଂ ସୁବ୍ୟବସ୍ଥିତ ଭାବେ ଯେପରି ଏହି ପ୍ରକଳ୍ପ ହୋଇପାରିବ ସେନେଇ ବିଶେଷଜ୍ଞଙ୍କ ସହ ମଧ୍ୟ ଆଲୋଚନା କରାଯିବ। ଏହି ବୈଠକରେ କେନ୍ଦ୍ର ଜଳଶକ୍ତି ମନ୍ତ୍ରାଳୟର ବରିଷ୍ଠ ଅଧିକାରୀ, କେନ୍ଦ୍ରୀୟ ଜଳ ଆୟୋଗ, ପୋଲାଭରମ ପ୍ରକଳ୍ପ ପ୍ରାଧୀକରଣର ଏକାଧିକ ଅଧିକାରୀଙ୍କ ସମେତ ଚାରି ରାଜ୍ୟର ଜଳସେଚନ ମନ୍ତ୍ରୀ ଏବଂ ବହୁ ବରିଷ୍ଠ ଅଧିକାରୀମାନେ ମଧ୍ୟ ଉପସ୍ଥିତ ରହିବେ।

ଗୋଟିଏ ପଟେ ଆନ୍ଧ୍ରପ୍ରଦେଶ ପକ୍ଷରୁ ପୋଲାଭରମ ପ୍ରକଳ୍ପକୁ ପୂର୍ଣ୍ଣାଙ୍ଗ ରୂପ ଦେବା ନେଇ ପ୍ରକ୍ରିୟା ଜାରି ରହିଥିବା ବେଳେ ଅନ୍ୟପକ୍ଷେ ଏହି ପ୍ରକଳ୍ପକୁ ନେଇ ଦୀର୍ଘ ଦିନ ଧରି ଆନ୍ଧ୍ରପ୍ରଦେଶ ସହ ବାକି ୩ ରାଜ୍ୟର ବିବାଦ ଲାଗିରହିଛି। ପୋଲାଭରମ୍ ପ୍ରକଳ୍ପ କାର୍ଯ୍ୟକାରୀ ହେବା ଦ୍ୱାରା ଓଡ଼ିଶା, ତେଲେଙ୍ଗାନା ଏବଂ ଛତିଶଗଡ ଆଦି ୩ ରାଜ୍ୟର ଅଧିକାଂଶ ଅଞ୍ଚଳ ଜଳମଗ୍ନ ହୋଇଯିବା ନେଇ ଆଶଙ୍କା ରହିଛି। ଆନ୍ଧ୍ରପ୍ରଦେଶ ଏକ ରିଟେନିଙ୍ଗ୍ ୱାଲ୍ ନିର୍ମାଣ ପ୍ରସ୍ତାବ ଦେଇଥିବା ବେଳେ, ଓଡ଼ିଶା ଏବଂ ଛତିଶଗଡ଼ ଜମି ଅଧିଗ୍ରହଣ ▶▶ ୫

## ‘ଓଡ଼ିଶାର ସ୍ୱାର୍ଥରେ ସାଲିସ କରାଯିବନି’

**ଭୁବନେଶ୍ୱର,୧୯।୫/ଏନ୍ଏନ୍ଏସ୍:**



ଓଡ଼ିଶାର ସ୍ୱାର୍ଥ ସହିତ କେବେ ବି ସାଲିସ କରାଯିବ ନାହିଁ। ପୋଲାଭରମ୍ ପ୍ରସଙ୍ଗରେ ଓଡ଼ିଶା ତା'ର ଯୁକ୍ତି ଉପସ୍ଥାପନ କରିବ ବୋଲି ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି। ସେ କହିଛନ୍ତି ଯେ ଗତ ସରକାର ଯେଉଁ ନ୍ୟାୟିକ ଲଢ଼େଇ କରିବା କଥା ସେଥିରେ ପଛଘୁଞ୍ଚା ଦେଲେ। ପୂର୍ବ ସରକାର କେବଳ ନିଜର ରାଜନୈତିକ ସ୍ୱାର୍ଥ ଦେଖିଲେ। ଆଲୋଚନା ମାଧ୍ୟମରେ ସମାଧାନ ପାଇଁ ଗତ ସରକାର ଶୁଣୁନଥିଲେ। ବଧିର ପାଲଟି ଯାଇଥିଲେ। ତେବେ ଓଡ଼ିଶାର ସ୍ୱାର୍ଥ ଦୃଷ୍ଟିରୁ ସମସ୍ତ ତଥ୍ୟ ବୈଠକରେ ଉପସ୍ଥାପନ କରାଯିବ। ଜଳସମ୍ପଦ ବିଭାଗ ଯୁକ୍ତି ଉପସ୍ଥାପନ କରିବ। ତେଣୁ ବୁଝାମଣା ମାଧ୍ୟମରେ ଯାହା ସମାଧାନ ହୋଇପାରିବ। ଆଲୋଚନା ମାଧ୍ୟମରେ ହେଲେ ଜମି, ଜଳ, ଅଞ୍ଚଳ ଆଦି ସବୁ ବିବାଦର ସମାଧାନ ହେବ ବୋଲି ଶ୍ରୀ ହରିଚନ୍ଦନ କହିଛନ୍ତି।

## ‘ପ୍ରଥମେ କ୍ଷତିଗ୍ରସ୍ତଙ୍କ ସହ ଆଲୋଚନା କରନ୍ତୁ’

**ଭୁବନେଶ୍ୱର,୧୯।୫/ଏନ୍ଏନ୍ଏସ୍:**



ପୋଲାଭରମ୍‌କୁ ନେଇ ବହୁବାର ବିଜୁ ଜନତା ଦଳ ଆନ୍ଦୋଳନ କରିଛି। ଏହି ପ୍ରକଳ୍ପ ଦ୍ୱାରା ଓଡ଼ିଶାର ପ୍ରଭୂତ କ୍ଷତି ହେବାକୁ ଯାଉଛି। ଆଡ଼ିବନ୍ଧ ନିର୍ମାଣ ସହ ଉଚ୍ଚତା କମାଇବାକୁ ସୁପ୍ରିମକୋର୍ଟ କହିଛନ୍ତି। କେନ୍ଦ୍ର ତାକୁ ପାଳନ କରୁ। କିନ୍ତୁ ପ୍ରଧାନମନ୍ତ୍ରୀ ଡାକିଥିବା ବୈଠକକୁ ଯିବା ପୂର୍ବରୁ ସରକାର ସମସ୍ତ କ୍ଷତିଗ୍ରସ୍ତଙ୍କ ସହିତ ଆଲୋଚନା କରି ବୈଠକରେ ପ୍ରସ୍ତାବ ରଖନ୍ତୁ ବୋଲି କହିଛନ୍ତି ବିଜେଡି ନେତା ପ୍ରଦୀପ ମାଝୀ। ଏଥିସହ ପୋଲାଭରମ୍‌କୁ ନେଇ ପ୍ରଧାନମନ୍ତ୍ରୀଙ୍କ ପଦକ୍ଷେପ ସ୍ୱାଗତ ଯୋଗ୍ୟ ପଦକ୍ଷେପ ବୋଲି ସେ କହିଛନ୍ତି। ଅନ୍ୟପକ୍ଷରେ ଆଇନ ମନ୍ତ୍ରୀଙ୍କ ମନ୍ତବ୍ୟ ଉପରେ ପ୍ରଦୀପ କହିଛନ୍ତି ଯେ ଆଇନ ମନ୍ତ୍ରୀ ଯେଉଁ ଅଭିଯୋଗ କରୁଛନ୍ତି ଯେ ପୋଲାଭରମ୍ ପାଇଁ ବିଜେଡ଼ି ନ୍ୟାୟିକ ଲଢେଇ ଲଢ଼ି ନାହିଁ ତାହା ସତ୍ୟ ନୁହେଁ। ସୁପ୍ରିମକୋର୍ଟ, ଏବଂ ଏନଜିଟିକୁ ବିଜେଡି ହିଁ ଯାଇଥିଲା ବୋଲି ସେ କହିଛନ୍ତି।

## ‘ପ୍ରହସନ ନ ହେଉ ବୈଠକ’

**ଭୁବନେଶ୍ୱର,୧୯।୫/ଏନ୍ଏନ୍ଏସ୍:**



ପ୍ରଧାନମନ୍ତ୍ରୀଙ୍କ ବୈଠକକୁ ଆମେ ସ୍ୱାଗତ କରୁଛୁ, କିନ୍ତୁ ଏହି ବୈଠକ ପ୍ରହସନ କି ଡ୍ରାମା ନହେଉ ବୋଲି କଂଗ୍ରେସ ବିଧାୟକ ତଥା ଉପସଭାପତି ତାରା ବାହିନୀପତି କହିଛନ୍ତି। ସେ କହିଛନ୍ତି ଯେ ଏହି ପ୍ରୋଜେକ୍ଟରେ କୋରାପୁଟ ଅଞ୍ଚଳର ବହୁତ ଆଦିବାସୀଙ୍କ ଜମି ଏବଂ ଘର ନଷ୍ଟ ହେବାକୁ ଯାଉଛି। ଏବେ ଟ୍ରିପଲ ଇଞ୍ଜିନ ସରକାର ଚାଲିଛି। ତେବେ କାହିଁକି ସମାଧାନ ହେଉପାରୁନାହିଁ ବୋଲି ସେ ପ୍ରଶ୍ନ କରିଛନ୍ତି। ତାରା ବାହିନୀପତି ଆହୁରି କହିଛନ୍ତି ଯେ ଆମେ ଦାବି କରୁଛୁ ତୁରନ୍ତ ଆଲୋଚନା କରି ଅବିଭକ୍ତ କୋରାପୁଟ ଜିଲ୍ଲାକୁ ରକ୍ଷା କରାଯାଉ। ଏବାବଦରେ ସରକାର ତୁରନ୍ତ ନିଷ୍ପତ୍ତି ନିଅନ୍ତୁ, ନହେଲେ କଂଗ୍ରେସ ଆଗାମୀ ଦିନରେ ତୀବ୍ର ବିରୋଧ କରିବ ବୋଲି ଶ୍ରୀ ବାହିନୀପତି କହିଛନ୍ତି।

## ଭୁବନେଶ୍ୱରରେ ଅଭିଯୋଗ ଶୁଣିଲେ ମୁଖ୍ୟମନ୍ତ୍ରୀ

# ‘ଲୋକଙ୍କ ସହ ଅଛନ୍ତି ଲୋକଙ୍କ ସରକାର’

**ଭୁବନେଶ୍ୱର,୧୯।୫/ଏନ୍ଏନ୍ଏସ୍:**



## ୧୪ଙ୍କୁ ତୁରନ୍ତ ମିଳିଲା ୧୩.୫୦ ଲକ୍ଷର ସହାୟତା ରାଶି

## ନୂଆ ଠିକଣାରେ ଅଭିଯୋଗ ଶୁଣିଲେ ସିଏମ୍

## ମୁଖ୍ୟମନ୍ତ୍ରୀଙ୍କ ସହିତ ୬ ମନ୍ତ୍ରୀ ବି ଶୁଣିଲେ ଅଭିଯୋଗ

‘ଲୋକଙ୍କ ସରକାର ଲୋକଙ୍କ ସହିତ ଅଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ଶୁଣାଣି ଉପରେ ଲୋକଙ୍କ ଆସ୍ଥା ବଢ଼ିଛି। ସେମାନେ ବିଭିନ୍ନ ସମସ୍ୟା ନେଇ ଆମ ପାଖକୁ ଆସୁଛନ୍ତି। ଲୋକଙ୍କୁ ନିରନ୍ତର ନ୍ୟାୟ ପ୍ରଦାନ କରିବା ପାଇଁ ଆମେ ଏହି କାର୍ଯ୍ୟକ୍ରମ ଜାରି ରଖିଛୁ। ଆମ ସରକାର ନିରନ୍ତର ଭାବେ ଲୋକଙ୍କ ଅଭିଯୋଗ ଶୁଣୁଛନ୍ତି ଏବଂ ତାହାର ସମାଧାନ ପାଇଁ ପଦକ୍ଷେପ ଗ୍ରହଣ କରୁଛନ୍ତି। ଏହା ମାଧ୍ୟମରେ ଗରିବ ଓ ଅସହାୟଙ୍କୁ ସହାୟତା ପ୍ରଦାନ କରାଯାଉଛି। ଗରିବ ଓ ଅସହାୟଙ୍କୁ ସହାୟତା ଦେବା ଆମ ସରକାରଙ୍କ ପ୍ରାଥମିକତା। ଆଗାମୀ ଦିନରେ ଆଞ୍ଚଳିକ ସ୍ତରରେ ମଧ୍ୟ ମୁଖ୍ୟମନ୍ତ୍ରୀଙ୍କ ଜନଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି। ଆଜି ଭୁବନେଶ୍ୱର ୟୁନିଟ୍-୨ ଠାରେ ନୂଆ ଅଭିଯୋଗ ପ୍ରକୋଷ୍ଠରେ ଅନୁଷ୍ଠିତ ମୁଖ୍ୟମନ୍ତ୍ରୀଙ୍କ ୧୧ତମ ଅଭିଯୋଗ ଶୁଣାଣି ପରିପ୍ରେକ୍ଷୀରେ ଶ୍ରୀ ମାଝୀ ଏହା କହିଛନ୍ତି।

‘ଲୋକଙ୍କ ମୁଖ୍ୟମନ୍ତ୍ରୀ’ଙ୍କ ଲୋକଙ୍କ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମର ସୋମବାର ଥିଲା ୧୧ତମ ପାଳି। ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଲୋକଙ୍କ ସମସ୍ୟା ଓ ଦୁଃଖ ଶୁଣିବା ସହିତ ଏହାର ସମାଧାନ ଓ ପ୍ରତିକାର ପାଇଁ ତତ୍କାଳ ପଦକ୍ଷେପ ନେଇଛନ୍ତି। ଆଜି ୧ ହଜାର ଅଭିଯୋଗକାରୀ ଅନ୍‌ଲାଇନ ମାଧ୍ୟମରେ ନାମ ପଞ୍ଜିକୃତ କରିଥିଲେ। ମୁଖ୍ୟମନ୍ତ୍ରୀ ଓ ମନ୍ତ୍ରୀମଣ୍ଡଳର ୬ ଜଣ ବରିଷ୍ଠ ମନ୍ତ୍ରୀ ଲୋକଙ୍କ ଅଭିଯୋଗ ଶୁଣିଥିଲେ। ଅତିରିକ୍ତ ମୁଖ୍ୟ ଶାସନ ସଚିବ ଓ ସଚିବ ସ୍ତରୀୟ ଅଧିକାରୀମାନେ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ମୁଖ୍ୟମନ୍ତ୍ରୀ ଲୋକଙ୍କ ଅଭିଯୋଗ ଶୁଣି ବିହିତ କାର୍ଯ୍ୟାନୁଷ୍ଠାନ ପାଇଁ ବିଭାଗୀୟ ମନ୍ତ୍ରୀ ଓ ସଚିବମାନଙ୍କୁ ନିର୍ଦ୍ଦେଶ ଦେଉଥିଲେ। ମୁଖ୍ୟମନ୍ତ୍ରୀଙ୍କୁ ସିଧାସଳଖ ଭେଟି, ଆପତ୍ତି ଅଭିଯୋଗ ଶୁଣାଇ ଆତ୍ମସନ୍ତୋଷର ସହ ଲୋକମାନେ ଫେରିଥିଲେ। ସବୁଥର ପରି ଆଜି ମୁଖ୍ୟମନ୍ତ୍ରୀ ପ୍ରଥମେ ସକାଳେ ଆସି ବାହାରେ ▶▶ ୫

# ଆଉ ୨ ପାକ୍ ଗୁପ୍ତଚର ଗିରଫ

**ନୂଆଦିଲ୍ଲୀ, ୧୯।୫/ଏଜେନ୍ସି:**

ଶତ୍ରୁ ଦେଶ ପାଇଁ ଗୁଇନ୍ଦାଗିରି କରୁଥିବା ଗୁପ୍ତଚରଙ୍କ ତାଲିକା ବଢ଼ିବାରେ ଲାଗିଛି। ଏମାନଙ୍କ ପରିଚୟ ଭାରତୀୟ କିନ୍ତୁ ପାକିସ୍ତାନ ପାଇଁ କରୁଥିଲେ ଗୁଇନ୍ଦାଗିରି। ପାକିସ୍ତାନକୁ ତଥ୍ୟ ଯୋଗାଉଥିବା ଅଭିଯୋଗରେ ପୁଣି ୨ଜଣ ପାକିସ୍ତାନ ଗୁପ୍ତଚରଙ୍କୁ ଗିରଫ କରାଯାଇଛି। ଜଣଙ୍କୁ ହରିୟାଣା ପୁଲିସ ଗିରଫ କରିଥିବାବେଳେ ଆଉଜଣଙ୍କୁ ଉତ୍ତର ପ୍ରଦେଶ ଆତଙ୍କବାଦ ନିରୋଧୀ ସ୍କ୍ୱାଡ୍ (ଏଟିଏସ୍) ଗିରଫ କରିଛି। ହରିୟାଣା ପୁଲିସ ନୁହ ଜିଲ୍ଲା ତାୱ୍‌ଡୁ ସବଡିଭିଜନର କାଙ୍ଗରକା ଗ୍ରାମରୁ ମହମ୍ମଦ ତାରିଫଙ୍କୁ ଗିରଫ କରିଛି। ମହମ୍ମଦ ତାରିଫ ବିରୋଧରେ ଦିଲ୍ଲୀରେ ଥିବା ପାକିସ୍ତାନ ଦୂତାବାସର ଦୁଇ କର୍ମଚାରୀଙ୍କୁ ହ୍ୱାଟ୍‌ସଆପ୍ ମାଧ୍ୟମରେ ଭାରତୀୟ ସେନା ସହ ଜଡିତ ସୂଚନା ଗୁପ୍ତ ଭାବରେ ପଠାଇବାର ଅଭିଯୋଗ ହୋଇଛି। ଏହି ମାମଲାରେ ହରିୟାଣା ପୁଲିସ ପାକିସ୍ତାନୀ ନାଗରିକ ଆସିଫ ବଲୋଚ୍, ଜାଫର ଏବଂ ମହମ୍ମଦ ତାରିଫଙ୍କ ବିରୋଧରେ ଭାରତୀୟ ଦଣ୍ଡ ସଂହିତା, ସରକାରୀ ▶▶ ୫

# ରାଜଧାନୀରେ ଏସିଡ୍ ଆଟାକ୍ ଉଦ୍ୟମ

**ଭୁବନେଶ୍ୱର,୧୯।୫/ଏନ୍ଏନ୍ଏସ୍:**

ରାଜଧାନୀ ଭୁବନେଶ୍ୱରରେ ଏକତରଫା ପ୍ରେମକୁ ନେଇ ଏସିଡ ମାଡ଼ ଉଦ୍ୟମ ଭଳି ଏକ ଚାଞ୍ଚଲ୍ୟକର ଘଟଣା ଘଟିଛି। ଜଣେ ଯୁବତୀଙ୍କ ଉପରକୁ ଜଣେ ଯୁବକ ଏସିଡ୍ ଫିଙ୍ଗିଥିଲେ ହେଁ ଯୁବତୀ ଜଣଙ୍କ ସୌଭାଗ୍ୟବଶତଃ ବର୍ତ୍ତୀ ଯାଇଛନ୍ତି। ତେବେ ସ୍ଥାନୀୟ ଲୋକେ ଅଭିଯୁକ୍ତ ଯୁବକଙ୍କୁ କାବୁ କରି ପୁଲିସର ଜିମା ଦେଇଛନ୍ତି। ସୂଚନା ଅନୁଯାୟୀ, ସହିଦନଗର ସାଇ ମନ୍ଦିର ନିକଟରେ ଜଣେ ଯୁବତୀଙ୍କ ଉପରକୁ ଏସିଡ୍ ଫିଙ୍ଗିବାକୁ ଉଦ୍ୟମ କରିଛି ଜଣେ ଯୁବକ। ସମ୍ପୃକ୍ତ ଯୁବକ ଜଣକ ଯୁବତୀଙ୍କୁ ଏକତରଫା ପ୍ରେମ କରୁଥିଲେ। ସୋମବାର ଯୁବତୀ ଜଣକ ଏକା ଯାଉଥିବା ସମୟରେ ଯୁବକ ଜଣକ ସେଠାରେ ପହଞ୍ଚି ସାଙ୍ଗରେ ଯିବାକୁ କହିଥିଲା। ଯୁବତୀ ଜଣକ ଏଥିରେ ରାଜି ନହେବାରୁ ଏସିଡ୍ ଫିଙ୍ଗିଥିଲା ଯୁବକ। ହେଲେ ସୌଭାଗ୍ୟବସତଃ ଯୁବତୀ ଜଣକ ବର୍ତ୍ତିଯାଇଛନ୍ତି।

୬୨୧୦ କୋଟିର ଋଣ ଦୁର୍ନୀତି ଅଭିଯୋଗ

# ୟୁକୋ ବ୍ୟାଙ୍କର ପୂର୍ବତନ ସିଏମ୍ଡି ଗିରଫ



**ନୂଆଦିଲ୍ଲୀ, ୧୯।୫/ଏଜେନ୍ସି:** ଦେଶର ଅନ୍ୟତମ ରାଷ୍ଟ୍ରାୟତ୍ତ ବ୍ୟାଙ୍କ୍ 'ୟୁକୋ ବ୍ୟାଙ୍କ୍'ରେ ଏକ ବଡ଼ ଧରଣର ଋଣ ଦୁର୍ନୀତିର ପର୍ଦ୍ଦାଫାଶ କରିଛି ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି)। ଦିଲ୍ଲୀରୁ କୋଲକାତା ପର୍ଯ୍ୟନ୍ତ ଇଡି ଏକ ବଡ଼ ଧରଣର ଚଢଉ କରିବା ସହ ୟୁକୋ ବ୍ୟାଙ୍କର ପୂର୍ବତନ ଅଧ୍ୟକ୍ଷ ଏବଂ ପରିଚାଳନା ନିର୍ଦ୍ଦେଶକ (ସିଏମ୍ଡି) ସୁବୋଧ କୁମାର ଗୋୟଲଙ୍କୁ ଗିରଫ କରିଛି। ସୁବୋଧଙ୍କ ବିରୋଧରେ ଏକ ନିର୍ଦ୍ଦିଷ୍ଟ କମ୍ପାନୀକୁ ହଜାର ହଜାର କୋଟି ଟଙ୍କାର ଋଣ ଦେବା ଏବଂ ବଦଳରେ ମୋଟା ଅଙ୍କର ଲାଞ୍ଚ ଓ ଅନ୍ୟାନ୍ୟ ଅନୁଗ୍ରହ ଗ୍ରହଣ କରିବାର ଅଭିଯୋଗ ରହିଛି। ଇଡି ଅନୁଯାୟୀ, ସୁବୋଧ ଯେତେବେଳେ ୟୁକୋ ବ୍ୟାଙ୍କର ସିଏମ୍ଡି ଭାବେ ଅବସ୍ଥାପିତ ଥିଲେ, ସେ କନ୍‌କାଷ୍ଟ ଷ୍ଟିଲ୍ ଆଣ୍ଡ୍ ପାୱାର ଲିମିଟେଡ୍ (ସିଏସ୍‌ପିଏଲ୍) ନାମକ କୋଲକାତା ସ୍ଥିତ ଏକ କମ୍ପାନୀକୁ ବିପୁଳ ଋଣ ଦେଇଥିଲେ। କିନ୍ତୁ କମ୍ପାନି ନାଁରେ ଦିଆଯାଇଥିବା ଋଣ ଅର୍ଥର ଏକ ବଡ଼ ପରିମାଣ (ପ୍ରାୟ ୬୨୧୦ କୋଟି ଟଙ୍କା) ଅନ୍ୟତ୍ର ଟ୍ରାନ୍ସଫର କରାଯାଇଥିଲା। ସବୁଠୁ ବଡ଼କଥା ହେଉଛି ଯେ, କମ୍ପାନୀକୁ ଋଣ ମଞ୍ଜୁର କରିବା ପାଇଁ ସୁବୋଧଙ୍କୁ ମୋଟା ଅଙ୍କର କମିଶନ୍ ମଧ୍ୟ ମିଳିଥିବା ପ୍ରାଥମିକ ତଦନ୍ତରୁ ଜଣାପଡିଛି। ନଗଦ ଟଙ୍କା ସହ ବିପୁଳ ପରିମାଣର ସମ୍ପତ୍ତି, ବିଳାସପୂର୍ଣ୍ଣ ଜିନିଷ, ବିଦେଶ ଭ୍ରମଣ ଖର୍ଚ୍ଚ ସାଙ୍ଗକୁ ହୋଟେଲ ବୁକିଂ ଆଦି ଗୋପନୀୟ ନେଟୱାର୍କ ମାଧ୍ୟମରେ ଏସବୁ ଉତ୍କୋଚକୁ ସୁବୋଧ ଏବଂ ସୁବୋଧଙ୍କ ସମ୍ପର୍କୀୟଙ୍କ ନିକଟରେ ପହଞ୍ଚାଯାଇଥିଲା।





ଅଦିନିଆ ବର୍ଷାରେ ବେଙ୍ଗାଲୁରୁରେ ବନ୍ୟା ପରିସ୍ଥିତି, କାନ୍ଥ ଭୁଶୁଡ଼ି ମହିଳା ମୃତ

କେରଳ, ମହାରାଷ୍ଟ୍ରରେ ବଢ଼ୁଛି ଆକ୍ରାନ୍ତଙ୍କ ସଂଖ୍ୟା

# ଫେରୁଛି କରୋନା




**ନୂଆଦିଲ୍ଲୀ, ୧୯।୫/ଏଜେନ୍ସି:** କୋଭିଡ୍-୧୯ ବା କରୋନା ଭୂତାଣୁଜନିତ ସଂକ୍ରମଣ ଏବେ ପୁଣିଥରେ ଏସିଆ ମହାଦେଶରେ ଆରମ୍ଭ ହୋଇଯାଇଛି ବୋଲି କୁହାଯାଉଛି। ଏସିଆର ଦୁଇ ବଡ଼ ସହର ହଂକଂ ଏବଂ ସିଙ୍ଗାପୁରରେ କରୋନା ସଂକ୍ରମଣ ମାମଲା ବୃଦ୍ଧି ପାଉଥିବା ନେଇ ରିପୋର୍ଟ ଆସିବା ପରଠାରୁ ଭାରତରେ ମଧ୍ୟ ଏହାର ସଂକ୍ରମଣକୁ ନେଇ ଚିନ୍ତା ପ୍ରକାଶ କରାଯାଉଥିଲା। ଏହି ଚିନ୍ତା ଏବେ ବାସ୍ତବ ରୂପ ନେବା ଆରମ୍ଭ କରିଛି। ସରକାରୀ ତଥ୍ୟ ଅନୁସାରେ ବର୍ତ୍ତମାନ ସମୟ ସୁଦ୍ଧା ଭାରତରେ ୨୫୭ଟି ସକ୍ରିୟ କୋଭିଡ୍-୧୯ ମାମଲା ରହିଛି, ଯେଉଁଥିରେ କେରଳ, ମହାରାଷ୍ଟ୍ର ଏବଂ ତାମିଲନାଡୁରୁ ସର୍ବାଧିକ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ଗତ ସପ୍ତାହରେ କେରଳରେ ୬୯ଟି ନୂଆ ମାମଲା, ମହାରାଷ୍ଟ୍ରରେ ୪୪ଟି ଏବଂ ତାମିଲନାଡୁରେ ୩୪ଟି ମାମଲା ରିପୋର୍ଟ ହୋଇଛି। ଯଦିଓ ମହାରାଷ୍ଟ୍ରରେ ମୃତ୍ୟୁବରଣ କରିଥିବା ୨ ବ୍ୟକ୍ତିଙ୍କ ସମ୍ପର୍କରେ ରାଜ୍ୟ ସରକାର ସ୍ପଷ୍ଟ କରିଛନ୍ତି ଯେ, ଏମାନଙ୍କ ମୃତ୍ୟୁ କୋଭିଡ୍‌ଜନିତ ନୁହେଁ ବୋଲି କିନ୍ତୁ ଉଭୟ ମୃତକଙ୍କ ସ୍ୱାସ୍ଥ୍ୟ ରିପୋର୍ଟ ଅନୁସାରେ ସେମାନେ ପୂର୍ବରୁ କରୋନା ପଜିଟିଭ ଥିବା ଜଣାପଡ଼ିଛି। କରୋନାର ଏପ୍ରକାର ଲେଉଟାଣି ଯେଉଁଠି ଦେଶବାସୀଙ୍କୁ ପୁଣିଥରେ ଭୟ, ଆଶଙ୍କା ଭିତରକୁ ଠେଲିନେଉଛି ସେଠାରେ ଭ୍ୟାକ୍‌ସିନ୍ ଉତ୍ପାଦନକାରୀ ଫାର୍ମା କମ୍ପାନୀଗୁଡ଼ିକ ଏବେ ଷ୍ଟକ୍ ମହଜୁଦ୍ କରିବାରେ ଲାଗିପଡିଥିବା ସୂଚନା ମିଳିଛି।

# ଖୋଲୁଛି ଜ୍ୟୋତିଙ୍କ ଗୁମର

**ନୂଆଦିଲ୍ଲୀ, ୧୯।୫/ଏଜେନ୍ସି:** ପାକିସ୍ତାନର ଆଇଏସ୍‌ଆଇ ପାଇଁ ଭାରତ ବିରୋଧରେ ଗୁଇନ୍ଦା କାମ କରୁଥିବା ଘଟଣାରେ ଗିରଫ ହୋଇଥିବା ହରିଆଣାର ଜ୍ୟୋତି ମାଲହୋତ୍ରାଙ୍କ ସମ୍ପର୍କରେ ପ୍ରତିଦିନ କିଛି କିଛି ନୂଆ ନୂଆ ତଥ୍ୟ ସାମ୍ନାକୁ ଆସିବାରେ ଲାଗିଛି। ଜ୍ୟୋତିଙ୍କ ସମ୍ପର୍କରେ ମିଳିଥିବା ସଦ୍ୟ ସୂଚନାନୁସାରେ ଜ୍ୟୋତି ଯେତେବେଳେ ପାକିସ୍ତାନ ଯାଇଥିଲେ ସେଠାରେ ସେ ଲସ୍କର-ଏ-ତୋଇବା ଭଳି କୁଖ୍ୟାତ ଆତଙ୍କବାଦୀ ଗୋଷ୍ଠୀର ଶିବିରରେ ପ୍ରାୟ ୧୪ ଦିନ ଧରି ରହିଥିଲେ। ଏହି ସମୟରେ ସେ ଗୁଇନ୍ଦାଗିରି କରିବା ପାଇଁ ଟ୍ରେନିଂ ମଧ୍ୟ ନେଇଥିଲେ। ପାକିସ୍ତାନର ମୁରିଦକେ ସହର ଯାହାକୁ ଲସ୍କର-ଏ-ତୋଏବାର ହେଡକ୍ୱାର୍ଟର କୁହାଯାଏ ଆଉ କୁଖ୍ୟାତ ଆତଙ୍କୀ ହାଫିଜ ସଇଦର ଘର ବୋଲି ମଧ୍ୟ କୁହାଯାଏ, ସେଠାରେ ଜ୍ୟୋତି ମାଲହୋତ୍ରା ତାଲିମ ନେଉଥିଲେ ବୋଲି ଜାତୀୟ ଗଣମାଧ୍ୟମରେ ଖବର ପ୍ରକାଶ ପାଇଛି। ଟ୍ରେନିଂ ପରେ ଜ୍ୟୋତିଙ୍କୁ ଭାରତ ବିରୋଧୀ ମିଶନ୍‌ରେ ସାମିଲ କରାଯାଇଥିଲା। ହରିଆଣାର ହିସାର ପୁଲିସ୍ ପକ୍ଷରୁ ଜ୍ୟୋତିଙ୍କୁ ଜେରା କରାଯାଉଥିବା ବେଳେ ସେ ନିଜେ ଏସବୁ କଥା ସ୍ୱୀକାର କରିଥିବା ଜଣାପଡିଛି। ବର୍ତ୍ତମାନ ଜ୍ୟୋତି ମାଲହୋତ୍ରା ୫ ଦିନିଆ ରିମାଣ୍ଡରେ ହିସାର ପୁଲିସର କ୍ରାଇମ୍ ବ୍ରାଞ୍ଚ୍ କଷ୍ଟଡିରେ ରହିଛନ୍ତି। ତେବେ ଭାରତ ବିରୋଧୀ ମିଶନ୍‌ରେ ଜ୍ୟୋତିଙ୍କ ସହ ଆହୁରି ୨୦ରୁ ଅଧିକ ଲୋକ ସାମିଲ ଥିବା ଅନୁମାନ କରାଯାଉଛି। ଏମାନେ ସମସ୍ତେ ସୋସିଆଲ୍ ମିଡିଆର ଜଣେ ଜଣେ ଇନଫ୍ଲୁଏନ୍ସର ବୋଲି କୁହାଯାଉଛି।


ଏସବୁ ମଧ୍ୟରେ ଜ୍ୟୋତିଙ୍କ ଏକ ଭିଡିଓ ମଧ୍ୟ ସାମ୍ନାକୁ ଆସିଛି। ଏହି ଭିଡିଓ ପହଲଗାମ୍‌ରେ ନୀରିହ ୨୬ଜଣଙ୍କୁ ଆତଙ୍କବାଦୀମାନେ ଗୁଳି କରି ହତ୍ୟା କରିବା ପରର ବୋଲି ଜଣାପଡିଛି। ଏଥିରେ ଜ୍ୟୋତି ପହଲଗାମ୍ ଘଟଣା ପାଇଁ ପର୍ଯ୍ୟଟକଙ୍କୁ ଦୋଷାରୋପ କରିଥିଲେ। ଯେକୌଣସି ସ୍ଥାନକୁ ଗଲାବେଳେ ପର୍ଯ୍ୟଟକଙ୍କୁ ସବୁଦିଗକୁ ଧ୍ୟାନ ଦେବା ଉଚିତ ବୋଲି ଜ୍ୟୋତି କହିଥିଲେ। କେବଳ ସେତିକି ନୁହେଁ, ସୁରକ୍ଷାରେ ତ୍ରୁଟି ନେଇ ପୋଲିସ, ସେନା ଓ ସରକାରଙ୍କୁ ମଧ୍ୟ ଦୋଷାରୋପ କରିଥିଲେ ଜ୍ୟୋତି। ତେବେ ଜ୍ୟୋତି ନିଜ ଭିଡିଓରେ ଆତଙ୍କବାଦୀଙ୍କ ସମ୍ପର୍କରେ ଗୋଟିଏ ପଦ ମଧ୍ୟ କହିନଥିଲେ। ଏଥିରୁ ଜ୍ୟୋତିଙ୍କ ଦେଶଦ୍ରୋହୀ ଆଭିମୁଖ୍ୟ ସ୍ପଷ୍ଟ ହେଉଛି।



- ଲସ୍କର ହେଡକ୍ୱାର୍ଟରରେ ନେଇଥିଲେ ଟ୍ରେନିଂ !
- ଆତଙ୍କୀ ଆଡ୍ଡାରେ ରହିଥିଲେ ୧୪ ଦିନ
- ପହଲଗାମ୍ ଘଟଣାରେ ପର୍ଯ୍ୟଟକ, ସରକାରଙ୍କୁ କରିଥିଲେ ଦୋଷାରୋପ

# ବାଇଡେନ୍‌ଙ୍କୁ ପ୍ରୋଷ୍ଟେଟ୍ କ୍ୟାନ୍‌ସର

**ୱାଶିଂଟନ, ୧୯।୫/ଏଜେନ୍ସି:** ୮୨ ବର୍ଷୀୟ ଆମେରିକାର ପୂର୍ବତନ ରାଷ୍ଟ୍ରପତି ଜୋ ବାଇଡେନ ଏବେ କ୍ୟାନସର ଭଳି ଏକ ମାରାତ୍ମକ ବ୍ୟାଧିର ଶିକାର ହୋଇପଡ଼ିଛନ୍ତି। ପ୍ରୋଷ୍ଟେଟ୍ କ୍ୟାନସର୍‌ରେ ପୀଡ଼ିତ ବାଇଡେନ୍‌ଙ୍କ ସ୍ୱାସ୍ଥ୍ୟାବସ୍ଥାରେ ପ୍ରତିଦିନ ଅବନତି ଦେଖାଦେଉଛି। ବାଇଡେନ୍‌ଙ୍କ ଠାରେ ପ୍ରଥମେ ଏକ ଛୋଟ ଗଣ୍ଠି ବା ଫୁଲା ଦେଖିବାକୁ ମିଳିଥିଲା ଯାହା ପରେ କ୍ୟାନସରର ରୂପ ନେଇଥିବା ତାଙ୍କୁ ଚିକିତ୍ସା କରୁଥିବା ଡାକ୍ତରୀ ଦଳ କହିଛନ୍ତି। ଅନ୍ୟପକ୍ଷେ ବାଇଡେନ୍‌ଙ୍କ ସ୍ୱାସ୍ଥ୍ୟାବସ୍ଥା ସମ୍ପର୍କରେ ସୂଚନା ଦେବାକୁ ଯାଇ ତାଙ୍କ ମୁଖପାତ୍ର କହିଛନ୍ତି ଯେ, ବାଇଡେନ୍‌ଙ୍କ କ୍ୟାନସର ରୋଗ ଗ୍ଲେସନ ସ୍କୋର ୯ ଥିଲା ଅର୍ଥାତ୍ ଏହା ଏକ ମାରାତ୍ମକ କ୍ୟାନସର ରୋଗ ଥିଲା। ଏହି କ୍ୟାନସର ଏବେ ଶେଷ ପର୍ଯ୍ୟାୟରେ ରହିଛି, ଯାହାକୁ ଡାକ୍ତରୀ ଭାଷାରେ ମେଟାଷ୍ଟାସିସ୍ କୁହାଯାଏ। ଏହା ହରମୋନ-ସମ୍ବେଦନଶୀଳ, ଯାହା ପ୍ରଭାବଶାଳୀ ଚିକିତ୍ସା ଆବଶ୍ୟକ କରେ। ଯଦିଓ ପରିସ୍ଥିତି ଗମ୍ଭୀର, ଚିକିତ୍ସା ବିକଳ୍ପ ଉପଲବ୍ଧ ଅଛି, ଏବଂ ବାଇଡେନଙ୍କ ପରିବାର ବର୍ତ୍ତମାନ ସେଗୁଡ଼ିକୁ ବିଚାର କରୁଛନ୍ତି। ବାଇଡେନଙ୍କ ସ୍ୱାସ୍ଥ୍ୟାବସ୍ଥା ଖବର ପାଇବା ପରେ, ବହୁ ପୂର୍ବତନ ଏବଂ ବର୍ତ୍ତମାନର ଆମେରିକୀୟ ନେତା ତାଙ୍କୁ ସମର୍ଥନ କରିଛନ୍ତି ଏବଂ ତାଙ୍କର ଶୀଘ୍ର ଆରୋଗ୍ୟ କାମନା କରିଛନ୍ତି।



ବଡ଼ ସୂଚନା ଦେଲା ଭାରତୀୟ ସେନା

# ସ୍ୱର୍ଣ୍ଣମନ୍ଦିରକୁ ଟାର୍ଗେଟ୍ କରିଥିଲା ପାକିସ୍ତାନ



**ନୂଆଦିଲ୍ଲୀ, ୧୯।୫/ଏଜେନ୍ସି:** ଭାରତୀୟ ସେନାର ଅପରେସନ୍ ସିନ୍ଦୂର ଭଳି ପ୍ରଚଣ୍ଡ ଆକ୍ରମଣର ଜବାବରେ ପାକିସ୍ତାନୀ ସେନା ମଧ୍ୟ ଭାରତ ଉପରେ ପ୍ରତିଆକ୍ରମଣ କରିଥିଲା। ଏହି ସମୟରେ ପାକିସ୍ତାନ ଅମୃତସରରେ ଥିବା ବିଶ୍ୱ ପ୍ରସିଦ୍ଧ 'ସ୍ୱର୍ଣ୍ଣ ମନ୍ଦିର'କୁ ଟାର୍ଗେଟ୍ କରିଥିଲା। ସ୍ୱର୍ଣ୍ଣ ମନ୍ଦିର ଉପରେ ଆକ୍ରମଣ କରିବା ପୂର୍ବକ ଏହାକୁ ନଷ୍ଟ କରିଦେବାକୁ ପାକିସ୍ତାନୀ ସେନା ଓ ସରକାର ଯୋଜନା କରିଥିଲେ। କିନ୍ତୁ ଭାରତୀୟ ସେନା ମେ ୮ରେ ପାକିସ୍ତାନ ପକ୍ଷରୁ କରାଯାଇଥିବା ଏହି ଆକ୍ରମଣକୁ ବିଫଳ କରିଦେଇଥିଲା।

୧୫ତମ ପଦାତିକ ଡିଭିଜନର ଜେନେରାଲ କମାଣ୍ଡିଂ ଅଫିସର ମେଜର ଜେନେରାଲ କାର୍ତ୍ତିକ ସି ଶେଷାଦ୍ରି ସୋମବାର ପ୍ରକାଶ କରିଛନ୍ତି ଯେ, ପାକିସ୍ତାନ ଏବଂ ପାକ୍ ଅଧିକୃତ କାଶ୍ମୀର (ପିଓକେ) ରେ ଭାରତର ୯ଟି ଆତଙ୍କବାଦୀ ସ୍ଥଳ ଉପରେ ଆକ୍ରମଣର ପ୍ରତିଶୋଧ ନେବା ପାଇଁ ୭-୮ ମେ' ରାତିରେ ପାକିସ୍ତାନ ଅମୃତସରର ସ୍ୱର୍ଣ୍ଣ ମନ୍ଦିରକୁ ଡ୍ରୋନ୍ ଏବଂ ମିସାଇଲ୍ ସାହାଯ୍ୟରେ ଟାର୍ଗେଟ କରିବାକୁ ଚେଷ୍ଟା କରିଥିଲା। ଭାରତ ମଧ୍ୟ ପାକିସ୍ତାନ ମାଟିରେ ଆକ୍ରମଣ କରିବା ପୂର୍ବରୁ ଏପ୍ରକାର କିଛି ଆଶା କରୁଥିଲା। ପାକିସ୍ତାନର କୌଣସି ବୈଧ ସାମରିକ ଲକ୍ଷ୍ୟ ନାହିଁ, ସେମାନେ କେବଳ ଭାରତରେ ସାଧାରଣ ନାଗରିକ ରହୁଥିବା ଜନବସତି ଅଞ୍ଚଳ, ଭାରତୀୟ ସାମରିକ ପ୍ରତିଷ୍ଠାନ କିମ୍ବା ଧାର୍ମିକ ସ୍ଥଳଗୁଡ଼ିକୁ ହିଁ ଟାର୍ଗେଟ୍ କରିପାରନ୍ତି ବୋଲି ଅନୁମାନ କରାଯାଉଥିଲା। ସୁତରାଂ ଅମୃତସରର ସ୍ୱର୍ଣ୍ଣ ମନ୍ଦିରକୁ କଡ଼ା ସୁରକ୍ଷା ବଳୟ ମଧ୍ୟରେ ସେନା ରଖିଥିଲା। ପାକିସ୍ତାନ ପଟୁ ଆକାଶମାର୍ଗରେ ହୋଇଥିବା ସର୍ଫେସ୍-ଟୁ-ସର୍ଫେସ୍, ଏୟାର-ଟୁ-ସର୍ଫେସ୍ ମିସାଇଲ୍ ଏବଂ ବହୁ ସଂଖ୍ୟାରେ ୟିହା-ଥ୍ରୀ ଓ ସୋଙ୍ଗାର ଭଳି ଆତ୍ମଘାତୀ ଡ୍ରୋନ୍‌ଗୁଡ଼ିକୁ ଭାରତର ଏଲ୍-୭୦ ଏୟାର୍ ଡିଫେନ୍ସ ଗନ୍ ଓ ଆକାଶ ମିସାଇଲ୍ ସିଷ୍ଟମ୍ ଜରିଆରେ ନଷ୍ଟ କରିଦିଆଯାଇଥିଲା। ପଞ୍ଜାବର ଏୟାର ଡିଫେଣ୍ଡର୍ ଓ ଏୟାର ଡିଫେନ୍ସ ଗନର୍ସମାନେ ସଠିକ୍ ଭାବେ ଟାର୍ଗେଟ୍‌ଗୁଡ଼ିକୁ ହିଟ୍ କରିଥିଲେ। ଯାହାଫଳରେ ପବିତ୍ର ସ୍ୱର୍ଣ୍ଣ ମନ୍ଦିରରେ ଗୋଟିଏ ବି ଆଘାତ ଲାଗିନଥିଲା।

ବିଦେଶରେ ଅପରେସନ୍ ସିନ୍ଦୂର'ର ଚର୍ଚ୍ଚା କରିବାକୁ ଦାୟିତ୍ୱ ଦେଇଥିଲେ ମୋଦୀ ସରକାର

# ସମୟ ନାହିଁ କହି ନିଜକୁ ଦୂରେଇଲେ ୟୁସୁଫ୍



**ନୂଆଦିଲ୍ଲୀ, ୧୯।୫/ଏଜେନ୍ସି:** ଭାରତୀୟ ସେନାର ପରାକ୍ରମ 'ଅପରେସନ୍ ସିନ୍ଦୂର'ର ଗାଥା ବର୍ଣ୍ଣନା କରିବାକୁ ଏବଂ ପାକିସ୍ତାନର ପ୍ରତ୍ୟେକ ମିଛକୁ ବିଶ୍ୱ ସମ୍ମୁଖରେ ରଖିବା ଉଦ୍ଦେଶ୍ୟରେ ଭାରତ ସରକାର ୭ ବରିଷ୍ଠ ସାଂସଦଙ୍କ ନେତୃତ୍ୱରେ ୭ଟି ସର୍ବଦଳୀୟ ପ୍ରତିନିଧି ଦଳ ଗଠନ କରିଛନ୍ତି। କେନ୍ଦ୍ରାପଡ଼ା ସାଂସଦ ତଥା ବିଜେପି ରାଷ୍ଟ୍ରୀୟ ଉପାଧ୍ୟକ୍ଷ ବୈଜୟନ୍ତ ପଣ୍ଡା, କଂଗ୍ରେସ ସାଂସଦ ଶଶି ଥରୁର, ବିଜେପି ସାଂସଦ ରବି ଶଙ୍କର ପ୍ରସାଦ, ଜେଡିୟୁ ସାଂସଦ ସଞ୍ଜୟ କୁମାର ଝା, ଡିଏମ୍‌କେ ସାଂସଦ କାନିମୋଝି, ଏନ୍‌ସିପି ସାଂସଦ ସୁପ୍ରିୟା ସୁଲେ ଓ ଶିବସେନା ସାଂସଦ ଶ୍ରୀକାନ୍ତ ସିନ୍ଦେଙ୍କ ନେତୃତ୍ୱରେ ଏହି ୭ଟି ଟିମ୍ ଗଠନ କରାଯାଇଛି। ଏହି ଟିମ୍ ଭାରତର ସହଯୋଗୀ ରାଷ୍ଟ୍ର ଓ ଜାତିସଂଘ ସୁରକ୍ଷା ପରିଷଦର ସଦସ୍ୟ ଦେଶକୁ ଗସ୍ତ କରିବେ। ତେବେ ଏହି ପ୍ରତିନିଧି ଦଳରେଅନେକ ବିରୋଧୀ ଦଳର ସାଂସଦମାନଙ୍କୁ ମଧ୍ୟ ସାମିଲ କରାଯାଇଛି। ଏହି ସାଂସଦମାନେ ବିଦେଶ ଗସ୍ତ କରିବା ସହ ସେଠାରେ ଭାରତୀୟ ସେନାର ପରାକ୍ରମ ତଥା ପାକିସ୍ତାନ ବିରୋଧରେ କରାଯାଇଥିବା ଅପରେସନ୍ ସିନ୍ଦୂର ସମ୍ପର୍କରେ ସୂଚନା ଦେବାକୁ ଭାରତ ସରକାର ଏମାନଙ୍କ ଉପରେ ଦାୟିତ୍ୱ ନ୍ୟସ୍ତ କରିଛନ୍ତି। ଏଭଳି ଏକ କାର୍ଯ୍ୟକ୍ରମରେ ସାମିଲ ହୋଇଥିବା ସମସ୍ତ ବିରୋଧୀ ଦଳର ସାଂସଦମାନେ ମଧ୍ୟ ବେଶ୍ ଖୁସି ଅଛନ୍ତି। ସେମାନେ ପାକିସ୍ତାନକୁ ବିଶ୍ୱ ଦରବାରରେ ସମାଲୋଚନା କରିବା ପାଇଁ ତଥା ଅପରେସନ୍ ସିନ୍ଦୂର ପ୍ରସଙ୍ଗରେ ଭାରତର ପକ୍ଷ ରଖିବା ପାଇଁ ଆବଶ୍ୟକ ସବୁପ୍ରକାର ତଥ୍ୟ ଏବେ ସଂଗ୍ରହ କରିବାରେ ଲାଗିପଡ଼ିଛନ୍ତି।

ଏସବୁ ମଧ୍ୟରେ ପଶ୍ଚିମବଙ୍ଗ ସାଂସଦ ତଥା ପୂର୍ବତନ ଭାରତୀୟ କ୍ରିକେଟର ୟୁସୁଫ୍ ପଠାନ୍ କିନ୍ତୁ ନିଜ ଆଡୁ ଏହି ଦାୟିତ୍ୱରୁ ଓହରିଯାଇଛନ୍ତି। ସେ କହିଛନ୍ତି ବର୍ତ୍ତମାନ ସମୟରେ ଦେଶ ଦେଶ ବୁଲିବାକୁ ତାଙ୍କ ପାଖେ ସମୟ ନାହିଁ। ୟୁସୁଫ କହିଛନ୍ତି ଯେ, ସେ ଏହି ବିଦେଶ ଗସ୍ତ ପାଇଁ ଉପଲବ୍ଧ ହେବେ ନାହିଁ। ଏତଦ୍‌ବ୍ୟତୀତ ତାଙ୍କୁ ଏହି ଟିମ୍‌ରେ ସାମିଲ କରିବା ନେଇ, ପୂର୍ବରୁ କୌଣସି ପ୍ରକାର ଯୋଗାଯୋଗ କରାଯାଇନଥିଲା। ତାଙ୍କ ଦଳ ଟିଏମ୍‌ସି ସହ ମଧ୍ୟ ଏନେଇ କୌଣସି ପ୍ରକାର ଚର୍ଚ୍ଚା ହୋଇନି। ଅନ୍ୟପକ୍ଷେ ୟୁସୁଫ୍‌ଙ୍କ ଏପ୍ରକାର ବିବୃତିକୁ ନେଇ ଏବେ ଚର୍ଚ୍ଚା ଜୋର ଧରିଛି। ପହଲଗାମ୍ ଆତଙ୍କବାଦୀ ଘଟଣାରେ ଭାରତୀୟ ସେନାର ପ୍ରତିଶୋଧକୁ ନେଇ ସମଗ୍ର ଦେଶ ଯେଉଁଠି ଗର୍ବ ଅନୁଭବ କରୁଛି ସେଠାରେ ସମୟ ନାହିଁ ବୋଲି କହି ୟୁସୁଫ୍ ଏଭଳି ଏକ କାର୍ଯ୍ୟକ୍ରମରୁ ଦୂରେଇ ଯିବା ପ୍ରଶ୍ନବାଚୀ ସୃଷ୍ଟି କରିଛି। ପ୍ରକାଶ, ସଞ୍ଜୟ ଝାଙ୍କ ନେତୃତ୍ୱାଧୀନ ଟିମ୍‌ରେ ୟୁସୁଫ୍ ପଠାନ୍ ଥିଲେ।

ପହଲଗାମ ଆତଙ୍କବାଦୀ ଆକ୍ରମଣର ପ୍ରତିଶୋଧ ନେବାକୁ ଯାଇ ଭାରତୀୟ ସେନା ପାକିସ୍ତାନ ଏବଂ ପାକ୍ ଅଧିକୃତ କାଶ୍ମୀର (ପିଓକେ)ରେ କରିଥିବା ଅପରେସନ୍ ସିନ୍ଦୂର' ସମ୍ପର୍କରେ ସାରା ବିଶ୍ୱକୁ ଜଣାଇବା ପାଇଁ ଭାରତ ଏବେ ପ୍ରୟାସ କରୁଛି। ଅନ୍ୟପକ୍ଷେ ୟୁସୁଫ ପଠାନ ଭାରତ ସରକାରଙ୍କ ଏହି ଅଭିଯାନରେ ସାମିଲ ହେବାକୁ ମନା କରିବା ପରେ ଟିଏମ୍‌ସି ନିଜ ପ୍ରତିକ୍ରିୟାରେ କହିଛି ଯେ, ବିଦେଶ ନୀତି ଭାରତ ସରକାରଙ୍କ ବିଷୟ ଅଟେ। ଏହାର ପୂରା ଦାୟିତ୍ୱ ଭାରତ ସରକାର ନେବା ଉଚିତ୍। କେବଳ ସେତିକି ନୁହେଁ, ତୃଣମୂଳ କଂଗ୍ରେସର କୌଣସି ସାଂସଦ ସର୍ବଦଳୀୟ ପ୍ରତିନିଧି ଭାବେ ବିଦେଶ ଯିବେ ନାହିଁ ବୋଲି ସ୍ପଷ୍ଟ କରାଯାଇଛି। ପ୍ରକାଶ, ପୂର୍ବରୁ ଟିଏମ୍‌ସି ସାଂସଦ ସୁଦୀପ ବନ୍ଦୋପାଧ୍ୟାୟ ମଧ୍ୟ ସ୍ୱାସ୍ଥ୍ୟଗତ କାରଣ ଦର୍ଶାଇ ଏହି ପ୍ରତିନିଧି ଦଳରେ ଯୋଗଦେବାକୁ ମନା କରିଥିଲେ ।

ଶ୍ରୀଲଙ୍କା ନାଗରିକଙ୍କ ଆବେଦନ ସୁପ୍ରିମ୍‌କୋର୍ଟରେ ଖାରଜ

# 'ଭାରତ କୌଣସି ଧର୍ମଶାଳା ନୁହେଁ'; ସମସ୍ତଙ୍କୁ ଆଶ୍ରୟ କାହିଁକି ?



**ନୂଆଦିଲ୍ଲୀ, ୧୯।୫/ଏଜେନ୍ସି:** ଭାରତ କୌଣସି ଧର୍ମଶାଳା ନୁହେଁ, ଯିଏ ଚାରିଆଡୁ ଆସୁଥିବା ଶରଣାର୍ଥୀଙ୍କୁ ଆଶ୍ରୟ ଦେଇପାରିବ। ଶ୍ରୀଲଙ୍କାର ଜଣେ ନାଗରିକଙ୍କୁ ଶରଣ ଦେବା ନେଇ ଆଗତ ପିଟିସନକୁ ଖାରଜ କରି ସୁପ୍ରିମକୋର୍ଟ ସୋମବାର ଏହା କହିଛନ୍ତି। ସୁପ୍ରିମକୋର୍ଟ ଅଗ୍ରାହ୍ୟ କରିଥିବା ଆବେଦନ ଶ୍ରୀଲଙ୍କାର ଜଣେ ନାଗରିକ କରିଥିଲେ ଯିଏକି ଭାରତରେ ଜେଲ୍ ଦଣ୍ଡ ଭୋଗ କରିବା ପରେ ନିଜ ଦେଶକୁ ପ୍ରତ୍ୟର୍ପଣ ହେବାକୁ ଚାହୁଁନାହାନ୍ତି। ସେ ତାଙ୍କ ପ୍ରତ୍ୟର୍ପଣ ନିଷ୍ପତ୍ତିକୁ ଭାରତୀୟ ସୁପ୍ରିମ୍‌କୋର୍ଟରେ ଚ୍ୟାଲେଞ୍ଜ କରିଥିଲେ। ଏହା ଉପରେ ସୋମବାର ସୁପ୍ରିମକୋର୍ଟ ଶୁଣାଣି କରି ଏପରି କହିଛନ୍ତି। ସୁପ୍ରିମକୋର୍ଟ ଏହି ଅବସରରେ କହିଛନ୍ତି ଯେ, ଆମେ ଏମିତିରେ ବି ୧୪୦ କୋଟି ଜନସଂଖ୍ୟା ସହିତ ସଂଘର୍ଷ କରୁଛୁ। ଭାରତ ଏକ ଧର୍ମଶାଳା ନୁହେଁ ଯେଉଁଠାରେ ଆମେ ବିଭିନ୍ନ ସ୍ଥାନରୁ ଆସୁଥିବା ବିଦେଶୀ ନାଗରିକମାନଙ୍କ ମନୋରଞ୍ଜନ କରିପାରିବୁ। ଜଷ୍ଟିସ ଦୀପଙ୍କର ଦତ୍ତ ଏବଂ ଜଷ୍ଟିସ୍ କେ ବିନୋଦ ଚନ୍ଦ୍ରନଙ୍କୁ ନେଇ ଗଠିତ ଖଣ୍ଡପୀଠ ଏହି ମାମଲାର ଶୁଣାଣି କରିବାକୁ ଯାଇ ଏପରି କହିଛନ୍ତି।

ଶ୍ରୀଲଙ୍କାର ଏହି ନାଗରିକଜଣକ କୌଣସି ଅପରାଧରେ ଭାରତରେ ଗିରଫ ହୋଇଥିଲେ। ଶ୍ରୀଲଙ୍କାରେ ମଧ୍ୟ ତାଙ୍କ ନାମରେ ଏକାଧିକ ଅପରାଧିକ ମାମଲା ରହିଛି। ତେବେ ଭାରତ ସରକାରଙ୍କୁ ଅନୁରୋଧ ପୂର୍ବକ ଶ୍ରୀଲଙ୍କା ସରକାର ଯେତେବେଳେ ଏହି ନାଗରିକଙ୍କ ପ୍ରତ୍ୟର୍ପଣ କରାଯିବା ନେଇ ଆଲୋଚନା କରୁଛନ୍ତି ସେତେବେଳେ ସେ ନିଜ ଦେଶରେ ତାଙ୍କ ଜୀବନ ପ୍ରତି ବିପଦ ଥିବା ଦର୍ଶାଇ ପ୍ରର୍ତପ୍ରଣ ଆବେଦନକୁ ଚ୍ୟାଲେଞ୍ଜ୍ କରିଛନ୍ତି। ତେବେ ଖଣ୍ଡପୀଠ ଏହି ଆବେଦନକାରୀଙ୍କୁ ପରାମର୍ଶ ଦେଇ କହିଛନ୍ତି ଯଦି ନିଜ ଦେଶରେ ଜୀବନ ପ୍ରତି ବିପଦ ରହିଥିବା ନେଇ ଅନୁଭବ ହେଉଛି ତେବେ ସେ ଅନ୍ୟ ଦେଶକୁ ମଧ୍ୟ ଯାଇପାରିବେ, କିନ୍ତୁ ଭାରତରେ ରହିବାକୁ ଅନୁରୋଧ କରିବା ବୃଥା।

ପ୍ରକାଶ, ସୁପ୍ରିମକୋର୍ଟ, ମାଡ୍ରାସ ହାଇକୋର୍ଟର ଏକ ଆଦେଶକୁ ଚ୍ୟାଲେଞ୍ଜ କରୁଥିବା ଏକ ଆବେଦନର ଶୁଣାଣି କରୁଥିଲେ, ଯେଉଁଥିରେ ଆବେଦନକାରୀଙ୍କୁ, ଯିଏକି ବେଆଇନ କାର୍ଯ୍ୟକଳାପ (ନିଷେଧ) ଅଧିନିୟମ ଅନୁଯାୟୀ ଦୋଷୀ ସାବ୍ୟସ୍ତ ହୋଇଥିଲେ, ୭ ବର୍ଷର ଦଣ୍ଡ ଶେଷ ହେବା ପରେ ତୁରନ୍ତ ନିଷ୍କାସନ କରାଯିବା ନିର୍ଦ୍ଦେଶ ଦିଆଯାଇଥିଲା। ସୁପ୍ରିମକୋର୍ଟଙ୍କ ସମ୍ମୁଖରେ ଆବେଦନକାରୀଙ୍କ ଆଇନଜୀବୀ ଯୁକ୍ତି ବାଢ଼ିଥିଲେ ଯେ, ଆବେଦନକାରୀ ଜଣେ ଶରଣାର୍ଥୀ ଏବଂ ତାଙ୍କ ପତ୍ନୀ ଏବଂ ସନ୍ତାନମାନେ ପୂର୍ବରୁ ଭାରତରେ ବସବାସ କରୁଛନ୍ତି। କିନ୍ତୁ ଏହା ଖଣ୍ଡପୀଠଙ୍କ ଉପରେ କୌଣସି ପ୍ରଭାବ ପକାଇନଥିଲା।ଜଷ୍ଟିସ ଦତ୍ତ, ଆବେଦନକୁ ଖାରଜ କରି, କହିଥିଲେ ଯେ ଧାରା ୧୯ ଅନୁଯାୟୀ ଭାରତରେ ବସବାସ କରିବାର ମୌଳିକ ଅଧିକାର କେବଳ ଭାରତୀୟ ନାଗରିକମାନଙ୍କ ପାଇଁ ସଂରକ୍ଷିତ।

# ଜନ ସୂରଜ ପାର୍ଟିକୁ ମିଳିଲା ପ୍ରଥମ ରାଷ୍ଟ୍ରୀୟ ସଭାପତି



**ପାଟନା, ୧୯।୫/ଏଜେନ୍ସି:** ନିଜକୁ ଜଣେ ପୋଖତ ରାଜନୈତିକ ପରାମର୍ଶଦାତା ତଥା ନିର୍ବାଚନ ଷ୍ଟ୍ରାଟେଜିଷ୍ଟ ଭାବେ ପ୍ରତିପାଦିତ କରୁଥିବା ପ୍ରଶାନ୍ତ କିଶୋରଙ୍କ ନିଜ ଦଳ 'ଜନ ସୂରଜ ପାର୍ଟି'ର ପ୍ରଥମ ରାଷ୍ଟ୍ରୀୟ ସଭାପତି ଭାବେ ଉଦୟ ସିଂହଙ୍କୁ ଦାୟିତ୍ୱ ମିଳିଛି। ସେ ପୂର୍ବରୁ ବିଜେପିର ସାଂସଦ ଥିଲେ। ସୋମବାର ପ୍ରଶାନ୍ତ ନିଜ ଦଳର ରାଷ୍ଟ୍ରୀୟ ସଭାପତିଙ୍କ ନାମ ଘୋଷଣା କରିବା ପୂର୍ବରୁ ଉଦୟଙ୍କ ଛବି କାହା ମନକୁ ମଧ୍ୟ ଆସିନଥିଲା। କିନ୍ତୁ ଏବେ ସବୁକିଛି ସ୍ପଷ୍ଟ ହୋଇଯାଇଛି। ପ୍ରଶାନ୍ତ ନିଜ ଦଳର ଜାତୀୟ ସଭାପତି ଭାବେ ଉଦୟଙ୍କ ନାମ ଘୋଷଣା କରିବା ସହ ଆଗାମୀ ବିହାର ବିଧାନସଭା ନିର୍ବାଚନ ଲାଗି ଜନ ସୂରଜ ପାର୍ଟି, ପ୍ରଶାନ୍ତ କିଶୋର ଏବେ ପ୍ରସ୍ତୁତ ହୋଇଥିବା ଚର୍ଚ୍ଚା ଆରମ୍ଭ ହୋଇଛି।

ପ୍ରଶାନ୍ତ କିଶୋର ଦୀର୍ଘ ସମୟ ଧରି ନିଜ ଦଳ ଜନ ସୂରଜ ପାର୍ଟି ଗଠନ କରିଥିଲେ ମଧ୍ୟ ଦଳର ସଭାପତି ଭାବେ କାହାକୁ ଅବସ୍ଥାପିତ କରାଯାଇନଥିଲା। ସେତେବେଳେ ଅନୁମାନ କରାଯାଉଥିଲା ଯେ, ହୁଏତ ସେ ନିଜେ ନିଜ ଦଳର ସଭାପତି ହେବେ ବୋଲି, କିନ୍ତୁ ପ୍ରଶାନ୍ତ ନିଜେ ଦଳର କୌଣସି ପଦବୀ ଗ୍ରହଣ କରିବେ ନାହିଁ ବୋଲି ସ୍ପଷ୍ଟ କରିଥିଲେ। ଦଳ ଗଠନ ହେବା ପରେ ଦଳର କାର୍ଯ୍ୟକାରୀ ସଭାପତି ରୂପେ ପୂର୍ବତନ ଆଇପିଏସ ଅଧିକାରୀ ମନୋଜ ଭାରତୀଙ୍କୁ ନିଯୁକ୍ତ କରାଯାଇଥିଲା। ସେବେଠାରୁ କୌଣସି ସ୍ଥାୟୀ ସଭାପତି ନିଯୁକ୍ତ ହୋଇନଥିଲେ। ପ୍ରକାଶ, ଗତବର୍ଷ ଜୁଲାଇ ମାସରେ ଏକ କାର୍ଯ୍ୟକ୍ରମରେ ପ୍ରଶାନ୍ତ କହିଥିଲେ ଯେ, ଏହି ଦଳର ନେତା ସେ ନୁହନ୍ତି। ବିହାରର ସବୁଠୁ ଦକ୍ଷ ରାଜନେତା ଏହି ଦଳର ସଭାପତି ହେବେ, ଯାହାଙ୍କୁ ସମସ୍ତେ ସମର୍ଥନ କରୁଥିବେ ବୋଲି ପ୍ରଶାନ୍ତ କହିଥିଲେ। ଗତବର୍ଷ ବିହାରରେ ୩ଟି ବିଧାନସଭା ଆସନରେ ଉପନିର୍ବାଚନ ହୋଇଥିଲା। କିନ୍ତୁ ଜନ ସୂରଜ ପାର୍ଟି କୌଣସି ଗୋଟିଏ ବି ଆସନ ହାତେଇବାରେ ସମର୍ଥନ ହୋଇନଥିଲା। ବିଜେପି ୩ଟି ଯାକ ଆସନରେ ବିଜୟୀ ହୋଇଥିଲା।

# ଭାରତରେ ବଢ଼ୁଛି ଟ୍ରାଫିକ୍ ନିୟମ ଉଲ୍ଲଂଘନ

୧୨,୦୦୦ କୋଟି ଟଙ୍କା ଛୁଇଁଲା ଜୋରିମାନା ସଂଗ୍ରହ



**ନୂଆଦିଲ୍ଲୀ, ୧୯।୫/ଏଜେନ୍ସି:** ସରକାରଙ୍କ ପକ୍ଷରୁ ବ୍ୟାପକ ସଚେତନତା ଅଭିଯାନ, ଜୋରିମାନା ଭୟ ସତ୍ତ୍ୱେ ଭାରତରେ ବଢ଼ୁଛି ଟ୍ରାଫିକ୍ ନିୟମ ଉଲ୍ଲଂଘନ। କେବଳ ଜୋରିମାନା ବାବଦ ସଂଗ୍ରହ କରାଯାଇଥିବା ଅର୍ଥ ପରିମାଣ ୧୨ହଜାର କୋଟିକୁ ଛୁଇଁଛି। କାର୍ସ-୨୪ ଦ୍ୱାରା ପ୍ରକାଶିତ ଏକ ସାମ୍ପ୍ରତିକ ସର୍ଭେ ରିପୋର୍ଟରୁ ଏପ୍ରକାର ଚାଞ୍ଚଲ୍ୟକର ତଥ୍ୟ ସାମ୍ନାକୁ ଆସିଛି। କାର୍ସ ରିପୋର୍ଟ ଅନୁଯାୟୀ ଭାରତରେ ଟ୍ରାଫିକ୍ ନିୟମ ଉଲ୍ଲଂଘନ ପାଇଁ ଆଦାୟ କରାଯାଇଥିବା ଏହି ଜରିମାନା ପରିମାଣ ଅନେକ ଛୋଟ ଦେଶର ଜିଡିପିକୁ ମଧ୍ୟ ଅତିକ୍ରମ କରିଯାଇଛି। ତେବେ ୧୨ହଜାର ଟଙ୍କାର ଜୋରିମାନା ଅର୍ଥର ଏକ ବଡ଼ ଅଂଶ (୯,୦୦୦ କୋଟି ଟଙ୍କା) ଏପର୍ଯ୍ୟନ୍ତ ଅନାଦାୟ ରହିଛି। ଭାରତରେ ବସବାସ କରୁଥିବା ୧୪୦ କୋଟି ଲୋକଙ୍କ ମଧ୍ୟରୁ ମାତ୍ର ୧୧ କୋଟି ଲୋକଙ୍କ ପାଖରେ ଗାଡ଼ି ରହିଛି। ଏହା ଦର୍ଶାଏ ଯେ ଜନସଂଖ୍ୟାର ଏକ ଛୋଟ ଅଂଶ ବହୁ ସଂଖ୍ୟକ ନିୟମ ଉଲ୍ଲଂଘନ ପାଇଁ ଦାୟୀ, ଯାହା ଟ୍ରାଫିକ ଶୃଙ୍ଖଳା ଏବଂ ଦାୟିତ୍ୱହୀନତା ସମ୍ବନ୍ଧରେ ଚିନ୍ତା ଉପୁଜାଉଛି। ସର୍ଭେରେ ଯେଉଁ ଗାଡି ଚାଳକଙ୍କୁ ସାମିଲ କରାଯାଇଥିଲା ସେମାନଙ୍କ ମଧ୍ୟରୁ ୪୩.୯% ଦାବି କରିଛନ୍ତି ଯେ ସେମାନେ ପୁଲିସ୍ ଉପସ୍ଥିତ ଥାଉ କି ନଥାଉ, ସର୍ବଦା ଟ୍ରାଫିକ ନିୟମ ପାଳନ କରନ୍ତି। ସେହିପରି ୩୧.୨% ଲୋକ ପୁଲିସ୍ ଅଛନ୍ତି କି ନାହିଁ ଯାଞ୍ଚ କରି ଗାଡ଼ି ଚଳାନ୍ତି। ଆଉ ୧୭.୬% ଲୋକ ସ୍ୱୀକାର କରିଛନ୍ତି ଯେ ସେମାନେ ଜରିମାନାରୁ ବଞ୍ଚିବା ପାଇଁ ଟ୍ରାଫିକ୍ ପୁଲିସ୍ ଦେଖିବା ମାତ୍ରେ ଅନ୍ୟ ଉପାୟ ଆପଣାଇଥାନ୍ତି। ରାସ୍ତା ଓ ପରିବହନ ମନ୍ତ୍ରଣାଳୟର ତଥ୍ୟ ମୁତାବକ, ୨୦୨୨ ମସିହାରେ ଟ୍ରାଫିକ ନିୟମ ଉଲ୍ଲଂଘନ ହେତୁ ୧,୬୮,୪୯୧ ଲୋକଙ୍କର ମୃତ୍ୟୁ ହୋଇଥିଲା।

● ଉପମୁଖ୍ୟମନ୍ତ୍ରୀଙ୍କ ଭୁଟାନ ଗସ୍ତ

# ଅନ୍ତର୍ଜାତୀୟ ସମ୍ମିଳନୀରେ କରିବେ ଭାରତର ପ୍ରତିନିଧିତ୍ୱ

**ଭୁବନେଶ୍ୱର,୧୯।୫/ଏନ୍ଏନ୍ଏସ୍:** ବିଶ୍ୱବ୍ୟାଙ୍କ ଦ୍ୱାରା ଆୟୋଜିତ ଦକ୍ଷିଣ ଏସିଆ ଲେବର୍ ମୋବିଲିଟି କନଫରେନ୍ସରେ ଯୋଗଦେବାକୁ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ଭୁଟାନ ଗସ୍ତ କରିଛନ୍ତି। ଆସନ୍ତା ୨୦ ଓ ୨୧ ତାରିଖରେ ଦୁଇଦିନ ଧରି ଦକ୍ଷିଣ ଏସିଆ ଲେବର୍ ମୋବିଲିଟି କନଫରେନ୍ସ ଭୁଟାନର ଥିମ୍ପୁ ଠାରେ ବିଶ୍ୱବ୍ୟାଙ୍କ ଦ୍ୱାରା ଆୟୋଜିତ ହେଉଛି। ଏଥିରେ ଓଡ଼ିଶାର ଉପମୁଖ୍ୟମନ୍ତ୍ରୀ ଶ୍ରୀ ସିଂହଦେଓ ଭାରତକୁ ପ୍ରତିନିଧିତ୍ୱ କରିବେ। ଉପମୁଖ୍ୟମନ୍ତ୍ରୀ ତଥା କୃଷି ଓ କୃଷକ ସଶକ୍ତିକରଣ ଏବଂ ଶକ୍ତିମନ୍ତ୍ରୀ ଶ୍ରୀ ସିଂହଦେଓ ବର୍ତ୍ତମାନ ଓଡ଼ିଶାର ଦାଦନ ଶ୍ରମିକ ବିସ୍ଥାପନ ଟାସ୍କଫୋର୍ସର ଚେୟାରମ୍ୟାନ ଅଛନ୍ତି। ଏହି ପରିପ୍ରେକ୍ଷୀରେ ବିଶ୍ୱବ୍ୟାଙ୍କ ଦ୍ୱାରା ଆୟୋଜିତ ଅନ୍ତର୍ଜାତୀୟ ସମ୍ମିଳନୀରେ ଶ୍ରୀ ସିଂହଦେଓ ଭାରତର ପ୍ରତିନିଧିତ୍ୱ କରି ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିବେ। ଏଥିରେ ଯୋଗଦାନ ଦାଦନ ଶ୍ରମିକ ଭଳି ସମସ୍ୟାର ସ୍ଥାୟୀ ସମାଧାନ ପନ୍ଥା, ନୀତି ନିରୂପଣ କରିବାରେ ବିଶେଷ ସହାୟକ ହେବ। ପ୍ରମୁଖ ଶାସନ ସଚିବ, ଶ୍ରମିକ ଓ କର୍ମଚାରୀ ରାଜ୍ୟ ବୀମା ଚିତ୍ରା ଅରୁମୁଗମ ମଧ ଉପମୁଖ୍ୟମନ୍ତ୍ରୀ ଶ୍ରୀ ସିଂହଦେଓଙ୍କ ସହ ଉପସ୍ଥିତ ଅଛନ୍ତି। ଭୁଟାନ, ମଧ୍ୟପ୍ରାଚ୍ୟ ରାଷ୍ଟ୍ର, ଉତ୍ତର ଆଫ୍ରିକା, ଇଟାଲୀ, ଅଷ୍ଟ୍ରେଲିଆ, ଆରବ ଦେଶ, ଫିଲିପାଇନ୍ସ, ପପୁଆ ନିଉ ଗିନିଆ, ମାଳଦ୍ୱୀପ, ଶ୍ରୀଲଙ୍କା, ନେପାଳ, ଜାମାଇକା, ବାଂଲାଦେଶରୁ ପ୍ରତିନିଧି, ବିଶ୍ୱବ୍ୟାଙ୍କର ପ୍ରତିନିଧି ଓ ସରକାରୀ ଅଧିକାରୀଙ୍କ ସମେତ ପ୍ରାୟ ୧୦୦ ଜଣ ଏହି ସମ୍ମିଳନୀରେ ଅଂଶଗ୍ରହଣ କରିବେ।



ଦକ୍ଷିଣ ଏସିଆ ଲେବର୍ ମୋବିଲିଟି କନଫରେନ୍ସରେ ଯୋଗଦେବେ

# ବିଜେଡିର ଗଣ ବିକ୍ଷୋଭ ପ୍ରସ୍ତୁତି



**ଭୁବନେଶ୍ୱର,୧୯।୫/ଏନ୍ଏନ୍ଏସ୍:** ବିଜୁ ଜନତା ଦଳ ପକ୍ଷରୁ ଆସନ୍ତା ୨୧ ତାରିଖରେ ରାଜଭବନ ସମ୍ମୁଖରେ ଗଣ ବିକ୍ଷୋଭ ଅନୁଷ୍ଠିତ ହେବ। ଏହି ସାମାଜିକ ନ୍ୟାୟ ଗଣ ବିକ୍ଷୋଭ ପାଇଁ ବିଜୁ ଛାତ୍ର ଜନତା ଦଳ ପକ୍ଷରୁ ଏକ ପ୍ରସ୍ତୁତି ବୈଠକ ଶଙ୍ଖ ଭବନ ପରିସରରେ ଅନୁଷ୍ଠିତ ହୋଇଯାଇଛି। ବିଜୁ ଜନତା ଦଳର ଓବିସି ସେଲ୍ ମୁଖ୍ୟ ତଥା ଉପସଭାପତି ଅରୁଣ କୁମାର ସାହୁ, ବିଜୁ ଜନତା ଦଳ ବରିଷ୍ଠ ସାଧାରଣ ସମ୍ପାଦକ ପ୍ରଣବ ବଳବନ୍ତରାୟ, ପୂର୍ବତନ ବିଜୁ ଛାତ୍ର ଜନତା ଦଳ ସଭାପତି ଦେବୀ ରଞ୍ଜନ ତ୍ରିପାଠୀ ପ୍ରମୁଖ ଉପସ୍ଥିତ ରହି ବୈଠକକୁ ପରିଚାଳନା କରିଥିଲେ। ଏହି ବୈଠକରେ ଓବିସିଙ୍କୁ ଶିକ୍ଷା କ୍ଷେତ୍ରରେ ୨୭ ପ୍ରତିଶତ ସଂରକ୍ଷଣ ବ୍ୟବସ୍ଥା ରଖିବା ସହ ଇଞ୍ଜିନିୟର ଓ ମେଡିକାଲ ଶିକ୍ଷାରେ ସଂରକ୍ଷଣ ବ୍ୟବସ୍ଥା କରିବାକୁ ରାଜ୍ୟ ସରକାରଙ୍କ ନିକଟରେ ଦାବି ରଖିବା ସହ ସାମାଜିକ ନ୍ୟାୟ ଗଣ ବିକ୍ଷୋଭ କିପରି ଭାବରେ ସଫଳ ହେବ ସେନେଇ ଆଲୋଚନା କରାଯାଇଛି। ତତ୍ ସହିତ ଛାତ୍ରଛାତ୍ରୀଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ଆଗାମୀ ଦିନରେ କିପରି ଏହି ଗଣ ବିକ୍ଷୋଭ କିପରି ଅଧିକ ସକ୍ରିୟ କରାଯିବ ସେ ଦିଗରେ ଆଲୋଚନା କରାଯାଇଥିଲା।ଏହି ବୈଠକରେ ବିଜୁ ଛାତ୍ର ଜନତା ଦଳର ସମସ୍ତ କର୍ମକର୍ତ୍ତା ଯୋଗଦାନ କରିଥିଲେ।

ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର କାର୍ଯ୍ୟାନ୍ୱୟନ ସମୀକ୍ଷା କଲେ କେନ୍ଦ୍ରମନ୍ତ୍ରୀ

# ଓଡ଼ିଶାର ଡ୍ରପ୍ଆଉଟ୍ ସର୍ଭେ ଦେଶ ପାଇଁ ଉଦାହରଣ: ଧର୍ମେନ୍ଦ୍ର

**ଭୁବନେଶ୍ୱର,୧୯।୫/ଏନ୍ଏନ୍ଏସ୍:** କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓଡ଼ିଶା ସରକାରଙ୍କ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର କାର୍ଯ୍ୟାନ୍ୱୟନ ସମୀକ୍ଷା କରିଛନ୍ତି। ଏହି ଅବସରରେ ଶ୍ରୀ ପ୍ରଧାନ ରାଜ୍ୟରେ ଶିକ୍ଷାର ସମୃଦ୍ଧ ଯୋଜନା ପ୍ରସ୍ତୁତି ଓ ଡ୍ରପ୍ ଆଉଟ୍ ହାର ରୋକିବା ପାଇଁ ଘରକୁ ଘର ବୁଲି ୦-୧୮ ବର୍ଷ ବୟସ ପର୍ଯ୍ୟନ୍ତ ପିଲାମାନଙ୍କର ଚାଲିଥିବା ସର୍ବେକ୍ଷଣର ଉଚ୍ଚ ପ୍ରଶଂସା କରିଛନ୍ତି । ଏହି ସର୍ବେକ୍ଷଣ ଦ୍ୱାରା ବିଦ୍ୟାଳୟ ବାହାରେ ଥିବା ପିଲାମାନଙ୍କୁ ଚିହ୍ନଟ କରିବା ସଙ୍ଗେ ସଙ୍ଗେ ସେମାନଙ୍କୁ ଶିକ୍ଷାର ମୁଖ୍ୟସ୍ରୋତରେ ସାମିଲ କରିବା ପାଇଁ ରାଜ୍ୟ ସରକାରଙ୍କ ଉଦ୍ୟମ ଦେଶ ପାଇଁ ଉଦାହରଣ ସୃଷ୍ଟି କରିବ। ଏହି ସର୍ଭେ ଦ୍ୱାରା ପିଲାଙ୍କ ମାତୃଭାଷା ତଥା ଭିନ୍ନକ୍ଷମ ଶିଶୁ ସମ୍ପର୍କିତ ସୂଚନା ମଧ ଉପଲବ୍ଧ ହୋଇପାରିବ ଓ ଆଗାମୀ ବର୍ଷରେ ବିଦ୍ୟାଳୟରେ ନାମ ଲେଖାଇବାକୁ ଥିବା ପିଲାଙ୍କ ସୂଚନା ମିଳିପାରିବ। ଅନ୍ୟପକ୍ଷରେ ଶ୍ରୀ ପ୍ରଧାନ ରାଜ୍ୟର ବିଦ୍ୟାଳୟ ଶିକ୍ଷା ପରିପୁଷ୍ଟ, ସ୍କୁଲ ଭିତ୍ତିଭୂମିର ଉନ୍ନତିକରଣ, ଜାତୀୟ ପାଠ୍ୟକ୍ରମ ରୂପରେଖ ସହିତ ସମନ୍ୱୟ ରଖି ପାଠ୍ୟପୁସ୍ତକ ଏବଂ ଶିକ୍ଷଣ ସାମଗ୍ରୀ ପ୍ରସ୍ତୁତ କରିବା, ଶିକ୍ଷକଙ୍କ ଦକ୍ଷତା ବିକାଶ, ଜାତୀୟ ଶିକ୍ଷା ନୀତି ୨୦୨୦ ର କାର୍ଯ୍ୟାନ୍ୱୟନ, ପ୍ରଧାନମନ୍ତ୍ରୀ ପୋଷଣ ଏବଂ ସମଗ୍ର ଶିକ୍ଷା ସମେତ ଅନ୍ୟାନ୍ୟ କ୍ଷେତ୍ରୀୟ ଯୋଜନାଗୁଡ଼ିକର ସମୀକ୍ଷା କରିଛନ୍ତି।



ବୈଠକରେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଉପସ୍ଥିତ ଥିବା ସହ କେନ୍ଦ୍ର ଶିକ୍ଷା ମନ୍ତ୍ରାଳୟର ସଚିବ ସଞ୍ଜୟ କୁମାର, ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ସଚିବ ଶାଳିନୀ ପଣ୍ଡିତ, ଓସେପା ରାଜ୍ୟ ପ୍ରକଳ୍ପ ନିର୍ଦ୍ଦେଶିକା ଅନନ୍ୟା ଦାସଙ୍କ ସମେତ କେନ୍ଦ୍ର ସରକାରଙ୍କ ଉଚ୍ଚ ପଦସ୍ଥ ଅଧିକାରୀ ଓ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ପିଏମ-ପୋଷଣ ନିର୍ଦ୍ଦେଶକ ଅନୁଜ ଦାସ ପଟ୍ଟନାୟକ, ଏସସିଇଆରଟି ନିର୍ଦ୍ଦେଶକ ମନୋଜ କୁମାର ପାଢ଼ୀ, ଉଚ୍ଚ ମାଧ୍ୟମିକ ନିର୍ଦ୍ଦେଶକ ରଘୁରାମ୍ ଆର୍ ଆୟର ପ୍ରମୁଖ ଯୋଗ ଦେଇଥିଲେ।

ବୈଠକରେ ଓଡ଼ିଶାରେ କେନ୍ଦ୍ରୀୟ ପ୍ରବର୍ତ୍ତିତ ଯୋଜନାର ସଫଳ କାର୍ଯ୍ୟାନୟନ ସମ୍ପର୍କରେ ଆଲୋଚନା କରାଯାଇଥିଲା। ରାଜ୍ୟରେ ଜାତୀୟ ଶିକ୍ଷା ନୀତି-୨୦୨୦ ର କାର୍ଯ୍ୟକାରିତାକୁ ତ୍ୱରାନ୍ୱିତ କରିବା ପାଇଁ ନିଆଯାଇଥିବା ବିଭିନ୍ନ ପଦକ୍ଷେପ ସମ୍ପର୍କରେ ଆଲୋଚନା କରାଯାଇଛି। ରାଜ୍ୟରେ ପ୍ରତ୍ୟେକ ପ୍ରାଥମିକ ବିଦ୍ୟାଳୟରେ ଖୋଲାଯାଇଥିବା ଶିଶୁ ବାଟିକାର ସୁପରିଚାଳନା, ଜାତୀୟ ପାଠ୍ୟକ୍ରମ ରୂପରେଖର ସମନ୍ୱୟରେ ରାଜ୍ୟ ପାଠ୍ୟକ୍ରମକୁ ବିକଶିତ କରିବା ଏବଂ ଏଥିରେ ସ୍ଥାନୀୟ ପ୍ରାସଙ୍ଗୀକରଣକୁ ପ୍ରାଧାନ୍ୟ ଦେବା ପର୍ଯ୍ୟନ୍ତ ଉନ୍ନୀତ କରି ଅଧିକରୁ ଅଧିକ ସଂଯୁକ୍ତ ବିଦ୍ୟାଳୟ ଗଠନ ସମ୍ପର୍କରେ ଆଲୋଚନା କରାଯାଇଥିଲା । ଏଥିସହ ଚଳିତ ଶିକ୍ଷା ବର୍ଷରୁ ପିଏମ-ପୋଷଣ ସମନ୍ୱୟରେ ମୁଖ୍ୟମନ୍ତ୍ରୀ ପୋଷଣ ଯୋଜନାକୁ ଗ୍ରହଣ କରିଥିବା ନେଇ ସୂଚନା ଦିଆଯାଇଥିଲା, ଯେଉଁଥିରେ ଶିଶୁ

## ପିଏମ୍-ଶ୍ରୀ, ଜାତୀୟ ଶିକ୍ଷା ନୀତି ଓ ପାଠ୍ୟପୁସ୍ତକ ପ୍ରସ୍ତୁତି ସମ୍ପର୍କରେ ବିସ୍ତୃତ ଆଲୋଚନା

ଉଦ୍ଦେଶ୍ୟରେ ଏକ ଷ୍ଟିୟରିଂ କମିଟି ଗଠନ କରାଯାଇଥିବା ନେଇ ଆଲୋଚନା କରାଯାଇଛି।

ପ୍ରାଥମିକ ଶିକ୍ଷାଠାରୁ ଆରମ୍ଭ କରି ଉଚ୍ଚ ମାଧ୍ୟମିକ ଶିକ୍ଷା ପର୍ଯ୍ୟନ୍ତ ସମସ୍ତ ଭିତ୍ତିଭୂମିର ବିକାଶ, ରାଜ୍ୟରେ ପିଏମ-ଶ୍ରୀ ଯୋଜନାର ସଫଳ କାର୍ଯ୍ୟକାରିତା, ନେତାଜୀ ସୁଭାଷ ଚନ୍ଦ୍ର ବୋଷ ଆବାସିକ ବିଦ୍ୟାଳୟ ଓ କସ୍ତୁରବା ଗାନ୍ଧୀ ବାଳିକା ବିଦ୍ୟାଳୟକୁ ଅଧିକରୁ ଅଧିକ ପିଲାଙ୍କ ନିକଟରେ ପହଞ୍ଚାଇବା, ପ୍ରାକ୍-ବିଦ୍ୟାଳୟ ଶିକ୍ଷାକୁ ଗୁରୁତ୍ୱ ଦେବା, ପାଠ୍ୟପୁସ୍ତକ ପ୍ରସ୍ତୁତିରେ ରାଜ୍ୟର ଯୋଗଦାନ, ଆଇସିଟି ଓ ଡିଜିଟାଲ ଶିକ୍ଷାର ପ୍ରସାର, ପ୍ରାଥମିକ ଠାରୁ ଉଚ୍ଚ ମାଧ୍ୟମିକ ବାଟିକାରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ପିଲାଙ୍କୁ ମଧ୍ୟାହ୍ନ ଭୋଜନ, ସପ୍ତାହକୁ ତିନି ଦିନ ପୁଷ୍ଟିକର ଲଡ୍ଡୁ ପ୍ରଦାନ ଏବଂ ଗୋଟିଏ ଅତିରିକ୍ତ ଅଣ୍ଡା ପ୍ରଦାନ କରାଯାଉଛି। ସୂଚନାନୁସାରେ, ତିନି ଦିନ ଧରି ନୂଆଦିଲ୍ଲୀସ୍ଥିତ ଆଇସିଏଆର୍ ଠାରେ ସମସ୍ତ ରାଜ୍ୟର ଶିକ୍ଷା ସଚିବଙ୍କୁ ନେଇ ଜାତୀୟ ସମ୍ମିଳନୀର ଆୟୋଜନ କରାଯାଇଥିଲା । ଏହି ସମ୍ମିଳନୀରେ ଶିକ୍ଷା ସମ୍ପର୍କିତ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ସମ୍ପର୍କରେ ଆଲୋଚନା କରାଯାଇଛି। ଏହି ବୈଠକରେ ବିଭିନ୍ନ ରାଜ୍ୟଗୁଡ଼ିକ ନିଜ ନିଜର ସଫଳ ଯୋଜନାକୁ ଉପସ୍ଥାପନ କରିଥିଲେ।

ୟୁଟ୍ୟୁବରଙ୍କ ପାକିସ୍ତାନ ଲିଙ୍କ୍ ପ୍ରସଙ୍ଗ

# କାହାରିକୁ ଛଡ଼ାଯିବ ନାହିଁ: ଆଇନମନ୍ତ୍ରୀ

**ଭୁବନେଶ୍ୱର,୧୯।୫/ଏନ୍ଏନ୍ଏସ୍:** ୟୁଟ୍ୟୁବରଙ୍କ ପାକିସ୍ତାନୀ ଗୁପ୍ତଚର ଲିଙ୍କ୍ ପ୍ରସଙ୍ଗରେ ଖୋଳତାଡ଼ ଜୋର୍‌ଦାର୍ ହୋଇଛି। କୌଣସି ବି ପରିସ୍ଥିତିରେ କହାରିକୁ ଛଡ଼ାଯିବ ନାହିଁ। ଏନ୍ଆଇଏ ତଦନ୍ତ ପରେ ସବୁ ଗୁମର ଫିଟିବ। ଯେତେ ଯାହାର ଲିଙ୍କ୍ ଥିବ, ସବୁ ବାହାରିବ।

ସୋମବାର ଗଣମାଧମକୁ ଏହା କହିଛନ୍ତି ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ। ସେ କହିଛନ୍ତି ଯେ, ପାକିସ୍ତାନ ଗୁପ୍ତଚର ଜ୍ୟୋତି ମାଲହୋତ୍ରାଙ୍କ ପୁରୀ ଲିଙ୍କ୍ ମାମଲାରେ ତଦନ୍ତକୁ ଅଧିକ ଜୋରଦାର କରାଯାଇଛି। ମାମଲାର ଅଧିକ ତଦନ୍ତ ପାଇଁ ଖୁବ୍‌ଶୀଘ୍ର ପୁରୀ ଯାଇ ତଦନ୍ତ କରିପାରେ ଏନ୍ଆଇଏ। ସେହିପରି ହରିୟାଣା ପୁଲିସ ମଧ ପୁରୀ ଆସିବାର ସମ୍ଭାବନା ରହିଛି। ପୁରୀର ଯୁବତୀ ପ୍ରିୟଙ୍କା ସେନାପତିଙ୍କୁ ପୁରୀ ନଛାଡ଼ି ଯିବାକୁ ନିର୍ଦ୍ଦେଶ ଦିଆଯାଇଛି। ଏବେ ପୁଲିସ୍ ସ୍କାନରରେ ରହିଛି ପ୍ରିୟଙ୍କାଙ୍କ ପୂରା ପରିବାର। ପୁରୀ ଆସିଥିବା ବେଳେ ଜ୍ୟୋତି ଯାଇଥିବା ସ୍ଥାନକୁ ମଧ ସ୍କାନରରେ ରଖିଛି ପୁଲିସ। ପ୍ରିୟଙ୍କାଙ୍କଠାରୁ ତଥ୍ୟ ନେଇ ସେସବୁ ସ୍ଥାନକୁ ଯାଇ ତଦନ୍ତ କରାଯିବ। ଏହି ମାମଲାରେ ଯେଉଁମାନେ ଦୋଷୀ ସାବ୍ୟସ୍ତ ହେବେ ସେମାନଙ୍କୁ କଠିନ ଦଣ୍ଡରେ ଦଣ୍ଡିତ କରାଯିବ। ପୁରୀ ବେଳାଭୂମି, ଶ୍ରୀମନ୍ଦିର ସହ ଅନ୍ୟାନ୍ୟ ସ୍ଥାନ ବୁଲିଥିଲେ ଜ୍ୟୋତି। ପୁରୀ ଆସିଥିବା ସମୟରେ ଜ୍ୟୋତି କେଉଁଠିକୁ ଯାଇଥିଲେ, କାହା କାହକୁ ଭେଟିଥିଲେ ସେସଂପର୍କରେ ତଦନ୍ତ କରିପାରେ ଜାତୀୟ ତଦନ୍ତକାରୀ ସଂସ୍ଥା। ଯେଉଁମାନେ ପଡ଼ୋଶୀ ଦେଶ ପାଇଁ ଗୁଇନ୍ଦାଗିରି କରୁଛନ୍ତି ବା ସହାୟତା କରୁଛନ୍ତି, ସେମାନଙ୍କୁ କେବେ ବି ଛଡ଼ା ଯିବନାହିଁ। ଦୋଷୀ ସାବ୍ୟସ୍ତ ହେଲେ ସେମାନଙ୍କୁ କଠିନ ଦଣ୍ଡରେ ଦଣ୍ଡିତ କରାଯିବ ବୋଲି ଶ୍ରୀ ହରିଚନ୍ଦନ ପ୍ରକାଶ କରିଛନ୍ତି।



ପୁରୀ ଯାଇ ତଦନ୍ତ କରିପାରେ ଏନ୍ଆଇଏ

# ଲିଙ୍ଗରାଜ ମନ୍ଦିର ଉପରେ ଉଡ଼ିଲା ଡ୍ରୋନ୍

**ଭୁବନେଶ୍ୱର,୧୯।୫/ଏନ୍ଏନ୍ଏସ୍:** ଭୁବନେଶ୍ୱରର ଲିଙ୍ଗରାଜ ମନ୍ଦିର ଉପରେ ସୋମବାର ଉଡ଼ିଛି ସନ୍ଦିଗ୍ଧ ଡ୍ରୋନ। ପ୍ରାୟ ୧୫ ମିନିଟ୍ ଧରି ଏକ ସନ୍ଦିଗ୍ଧ ଡ୍ରୋନ୍ ଉଡୁଥିବାର ଦେଖାଯାଇଥିବା ଜଣାପଡ଼ିଛି। ଏହା ପରେ ମନ୍ଦିରରେ ସୁରକ୍ଷା ନେଇ ଆଶଙ୍କା ସୃଷ୍ଟି ହୋଇଛି।କିଛି ସେବାୟତ ସନ୍ଧ୍ୟା ୫.୧୫ ରୁ ୫.୩୦ ପର୍ଯ୍ୟନ୍ତ ପ୍ରାୟ ୧୫ ମିନିଟ୍ ପାଇଁ ଲିଙ୍ଗରାଜ ମନ୍ଦିର ଉପରେ ସନ୍ଦିଗ୍ଧ ଡ୍ରୋନ୍ ଉଡୁଥିବାର ଦେଖି ଲିଙ୍ଗରାଜ ପୁଲିସକୁ ଜଣାଇଥିଲେ।ତଥାପି, କିଏ ଏବଂ କେଉଁ ପରିସ୍ଥିତିରେ ମନ୍ଦିର ଉପରେ ଡ୍ରୋନ୍ ଉଡ଼ାଇଥିଲା ତାହା ଜଣାପଡିନାହିଁ। ଓଡ଼ିଶା ପୁଲିସ ମନ୍ଦିର ଭିତରେ ଏବଂ ଏହାର ଚତୁଃପାର୍ଶ୍ୱରେ ଏବଂ ଉପରେ ଏପରି ଡ୍ରୋନ୍ ଉଡ଼ାଇବା ନେଇ କଟକଣା ଜାରି କରିଛି।

ସୁଗମ ନିର୍ବାଚନ ନେଇ ସଂଚାଳନା କମିଟି ବୈଠକ

# ବୁଥ୍‌କୁ ଦିବ୍ୟାଙ୍ଗଙ୍କ ଉପଯୋଗୀ କରିବାକୁ ନିର୍ଦ୍ଦେଶ



**ଭୁବନେଶ୍ୱର,୧୯।୫/ଏନ୍ଏନ୍ଏସ୍:** ରାଜ୍ୟରେ ମୁକ୍ତ, ଅବାଧ ଓ ନିରପେକ୍ଷ ନିର୍ବାଚନ ପରିଚାଳନା ଉପରେ ନିର୍ବାଚନ ଆୟୋଗ ସବୁବେଳେ ଗୁରୁତ୍ୱ ଦେଇ ଆସିଛି। ଭାରତ ନିର୍ବାଚନ କମିସନ୍‌ର ସମସ୍ତ ନିର୍ଦ୍ଦେଶାବଳୀକୁ ଅନୁପାଳନ କରି ରାଜ୍ୟରେ ଶାନ୍ତିଶୃଙ୍ଖଳା ସହ ସମସ୍ତ ଭୋଟରଙ୍କୁ ସହଜ ଢଙ୍ଗରେ ନିର୍ବାଚନ ପ୍ରକ୍ରିୟାରେ ସାମିଲ କରିବା ମୁଖ୍ୟ ନିର୍ବାଚନ ଆୟୋଗଙ୍କ ପ୍ରାଥମିକ ଲକ୍ଷ୍ୟ। ତେଣୁ ନିର୍ବାଚନ ସମୟରେ ଦିବ୍ୟାଙ୍ଗମାନେ ଯେପରି ସହଜରେ ବୁଥ୍‌କୁ ଆସି ସେମାନଙ୍କର ବହୁମୂଲ୍ୟ ମତଦାନ ସାବ୍ୟସ୍ତ କରିପାରିବେ ସେଥି ପ୍ରତି ଗୁରୁତ୍ୱ ଦେବାକୁ ମୁଖ୍ୟ ନିର୍ବାଚନ ଆୟୋଗ, ଓଡ଼ିଶା ଆର. ଏସ୍. ଗୋପାଳନ କମିଟିର ସଦସ୍ୟମାନଙ୍କୁ ପରାମର୍ଶ ଦେଇଛନ୍ତି।

ଇସିଆଇର ମାର୍ଗଦର୍ଶିକା ଅନୁଯାୟୀ ଆଜି ମୁଖ୍ୟ ନିର୍ବାଚନ ଆୟୋଗଙ୍କ ସମ୍ମିଳନୀ କକ୍ଷରେ 'ସୁଗମ ନିର୍ବାଚନ' ନେଇ ସଂଚାଳନା କମିଟିର ପ୍ରଥମ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ଦିବ୍ୟାଙ୍ଗ ଭୋଟରଙ୍କ ଚିହ୍ନଟ, ନିର୍ବାଚନ ବୁଥ୍‌ର ଦିବ୍ୟାଙ୍ଗଙ୍କ ଲାଗି ରାମ୍ପ, ସୂଚନା ଫଳକ, ଶୌଚାଳୟ, ପାନୀୟଜଳ ବ୍ୟବସ୍ଥା, ଆଇଇସି ଜରିଆରେ ସଚେତନତା ସୃଷ୍ଟି, ବିଭିନ୍ନ ସ୍ୱେଚ୍ଛାସେବୀ ଅନୁଷ୍ଠାନର ଉପଯୋଗ ଏବଂ ନିର୍ବାଚନ ଦିବ୍ୟାଙ୍ଗମାନଙ୍କ ସୁବିଧା ଲାଗି କି କି ପଦକ୍ଷେପ ଗ୍ରହଣ କରାଯାଇପାରିବ ସେ ନେଇ ବିସ୍ତୃତ ଆଲୋଚନା ହୋଇଥିଲା। ଏହି ବୈଠକରେ ଅତିରିକ୍ତ ମୁଖ୍ୟ ନିର୍ବାଚନ ଅଧିକାରୀ ସୁଶାନ୍ତ କୁମାର ମିଶ୍ର, ଉପ ନିର୍ବାଚନ ଅଧିକାରୀ ଡ. ଲକ୍ଷ୍ମୀପ୍ରସାଦ ସାହୁ, ମହିଳା ଓ ଶିଶୁ ବିକାଶ ବିଭାଗର ଅତିରିକ୍ତ ଶାସନ ସଚିବ ନିଲୁ ମହାପାତ୍ର, ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ଅତିରିକ୍ତ ଶାସନ ସଚିବ ରଜନୀ ଜାନୀ, ଓସେପାର ଯୁଗ୍ମ ନିର୍ଦ୍ଦେଶକ ଶୁଚିସ୍ମିତା ସାହୁ, ନେହେରୁ ଯୁବକେନ୍ଦ୍ରର ଶିବାଜୀ ଖରାତ, ଉଚ୍ଚଶିକ୍ଷା ବିଭାଗର ଉପଶାସନ ସଚିବ ଡ. ରମେଶ ଚନ୍ଦ୍ର ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

ସମୀକ୍ଷା କଲେ ଉପମୁଖ୍ୟମନ୍ତ୍ରୀ

# ପ୍ରସ୍ତୁତ ହେବ ସମାଜ କଲ୍ୟାଣ ବୋର୍ଡର ପୁନରୁଦ୍ଧାର ରୋଡ଼ମ୍ୟାପ୍

**ଭୁବନେଶ୍ୱର,୧୯।୫/ଏନ୍ଏନ୍ଏସ୍:** ସୋମବାର ମହିଳା ଓ ଶିଶୁ ବିକାଶ ବିଭାଗର ସମ୍ମିଳନୀ କକ୍ଷରେ ଉପ-ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ାଙ୍କ ଅଧ୍ୟକ୍ଷତାରେ ସମାଜ କଲ୍ୟାଣ ବୋର୍ଡର ଗଠନ ଓ କାର୍ଯ୍ୟପ୍ରଣାଳୀ ସମ୍ବନ୍ଧରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ସମାଜ କଲ୍ୟାଣ ବୋର୍ଡ ତୃଣମୂଳ ସ୍ତରରେ ରାଜ୍ୟସରକାରଙ୍କ ଲୋକାଭିମୁଖୀ କାର୍ଯ୍ୟକ୍ରମଗୁଡ଼ିକୁ ସଠିକ ଭାବରେ ପହଞ୍ଚାଇବା ଦିଗରେ କାର୍ଯ୍ୟ କରିବ ବୋଲି ଶ୍ରୀମତୀ ପରିଡ଼ା ମତ ପ୍ରକାଶ କରିଛନ୍ତି। ରାଜ୍ୟର ବିଭିନ୍ନ କ୍ଷେତ୍ରରେ କାର୍ଯ୍ୟରତ ସୁପ୍ରତିଷ୍ଠିତ ଅଣସରକାରୀ ସଂଗଠନକୁ ସମାଜ କଲ୍ୟାଣ ବୋର୍ଡ ଦ୍ୱାରା ତାଲିକାଭୁକ୍ତ କରାଯାଇ ସେମାନଙ୍କ ମାଧ୍ୟମରେ ଗାଁ ଗାଁ ରେ ଜନସଚେତନତା ସୃଷ୍ଟି କରାଯିବ ବୋଲି ସେ ଦୃଢ଼ମତ ରଖିଛନ୍ତି। ବୋର୍ଡକୁ କାର୍ଯ୍ୟ ପରିସରକୁ ଆହୁରି ବୃଦ୍ଧି କରିବା ନିମନ୍ତେ ବାର୍ଷିକ କାର୍ଯ୍ୟାବଳୀ କ୍ୟାଲେଣ୍ଡର ପ୍ରସ୍ତୁତ କରିବା ପାଇଁ ଉପ-ମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡ଼ା ନିର୍ଦ୍ଦେଶ ଦେଇଛନ୍ତି। ବୋର୍ଡର ଭିତ୍ତିଭୂମି ବିକାଶ ଉପରେ ମଧ ସେ ଗୁରୁତ୍ୱାରୋପ କରିଥିଲେ। ଏହି ବୈଠକରେ ମହିଳା ଓ ଶିଶୁ ବିକାଶ ବିଭାଗର ପ୍ରମୁଖ ଶାସନ ସଚିବ ଶୁଭା ଶର୍ମା, ସମାଜ କଲ୍ୟାଣ ବୋର୍ଡ ନିର୍ଦ୍ଦେଶିକ ମୋନିଶା ବାନାର୍ଜୀ ଓ ବିଭାଗୀୟ ଅନ୍ୟ ଅଧିକାରୀବୃନ୍ଦ ଉପସ୍ଥିତ ଥିଲେ।



# ହାତୀ ଆକ୍ରମଣରେ ବୃଦ୍ଧା ମୃତ

**କେନ୍ଦୁଝର,୧୯।୫/ଏନ୍ଏନ୍ଏସ୍:** କେନ୍ଦୁଝର ସଦର ବନାଞ୍ଚଳ କୁସୁମିତା ଗ୍ରାମରେ ସୋମବାର ସକାଳେ ଜଣେ ବୃଦ୍ଧା ହାତୀ ଆକ୍ରମଣ ମୃତ୍ୟୁବରଣ କରିଛନ୍ତି। ମୃତକ ହେଲେ ସୁନାଫୁଲ ପ୍ରଧାନ(୬୦)। ସୋମବାର ସେ ଆମ୍ବ ତୋଟାକୁ ଆମ୍ବ ଗୋଟାଇବାକୁ ଯାଇଥିବାବେଳେ ହାତୀ ହାବୁଡ଼ରେ ପଡିଯାଇଥିଲେ। ଫଳରେ ଶୁଣ୍ଢରେ କଚାଡ଼ି ଦେବାରୁ ତାଙ୍କର ମୁଣ୍ଡରେ ଶକ୍ତ ଆଘାତ ଲାଗିଥିଲା। ଗୁରୁତର ଅବସ୍ଥାରେ ତାଙ୍କୁ କେନ୍ଦୁଝର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲେ ହେଁ ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ସୁନାଫୁଲଙ୍କ ମୃତ୍ୟୁ ଘଟିଥିଲା। ଖବରପାଇ ପଳାସପଙ୍ଗା ଫରେଷ୍ଟର ଜୟକୃଷ୍ଣ ଦାସ ଓ ସଦର ଏସ୍ ଆଇ ନିହାର ରଞ୍ଜନ ରାଉତ ପହଞ୍ଚି ତଦନ୍ତ ଚଳାଇଥିଲେ। ଏନେଇ କେଶ ନଂ ୩୨/୨୫ରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି। କେନ୍ଦୁଝର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଶବ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଥିବାବେଳେ ତୁରନ୍ତ ବନବିଭାଗ ପକ୍ଷରୁ ମୃତକ ପରିବାରଙ୍କୁ ସରକାରୀ ସହାୟତା ଯୋଗାଇ ଦେବାକୁ ଦାବି ହୋଇଛି।

ଓଡ଼ିଆ ଚଳଚ୍ଚିତ୍ର ଜଗତର ବିକାଶ ନିମନ୍ତେ ସଂସ୍କୃତି ବିଭାଗର ବୈଠକ

# ପ୍ରତିବର୍ଷ ଓଡ଼ିଶା ରାଜ୍ୟ ଚଳଚ୍ଚିତ୍ର ପୁରସ୍କାର ପ୍ରଦାନ କରାଯିବାକୁ ନେଇ ଆଲୋଚନା

**ଭୁବନେଶ୍ୱର ,୧୯।୫/ଏନ୍ଏନ୍ଏସ୍:** ଓଡ଼ିଆ ଚଳଚ୍ଚିତ୍ର ଜଗତର ସର୍ବାଙ୍ଗୀନ ବିକାଶ, ଓଡ଼ିଆ ଚଳଚ୍ଚିତ୍ରର ବହୁଳ ପ୍ରଚାର ଓ ପ୍ରସାର, ଓଡ଼ିଶା ରାଜ୍ୟ ଚଳଚ୍ଚିତ୍ର ପୁରସ୍କାର ପ୍ରଦାନ ଏବଂ ଚଳଚ୍ଚିତ୍ର ଜଗତ ସହିତ ସଂଶ୍ଳିଷ୍ଟ ବିଭିନ୍ନ ପ୍ରସଙ୍ଗକୁ ନେଇ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ସଂସ୍କୃତି ଭବନ ସମ୍ମିଳନୀ କକ୍ଷରେ ଆଜି ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଓଡ଼ିଆ ଚଳଚ୍ଚିତ୍ର ଜଗତର ବିଶିଷ୍ଟ ଅଭିନେତା ତଥା ଦିଗପହଣ୍ଡି ବିଧାୟକ ସିଦ୍ଧାନ୍ତ ମହାପାତ୍ର ବୈଠକରେ ଅଧ୍ୟକ୍ଷତା କରିଥିଲେ। ଓଡ଼ିଆ ଚଳଚ୍ଚିତ୍ର ଜଗତର ନିର୍ମାତା, ନିର୍ଦ୍ଦେଶକ, ଅଭିନେତା, ଅଭିନେତ୍ରୀ, ଲେଖକ, ସଂଗୀତଜ୍ଞ ପ୍ରମୁଖ ବୈଠକରେ ଯୋଗଦେଇ ଚଳଚ୍ଚିତ୍ର ଜଗତର ବିକାଶ ଦିଗରେ ନିଜର ସୁଚିନ୍ତିତ ମତାମତ ପ୍ରଦାନ କରିଥିଲେ।



ବୈଠକରେ ଓଡ଼ିଶା ରାଜ୍ୟ ଚଳଚ୍ଚିତ୍ର ପୁରସ୍କାରକୁ ପ୍ରତିବର୍ଷ ନିୟମିତ ଭାବରେ ପ୍ରଦାନ କରାଯିବାକୁ ନେଇ ଆଲୋଚନା କରାଯାଇଥିଲା। ଏଥିସହିତ ରାଜ୍ୟ ଚଳଚ୍ଚିତ୍ର ପୁରସ୍କାର ନିମନ୍ତେ ବିଚାରମଣ୍ଡଳୀର ସଦସ୍ୟ ଏବଂ ଅଧ୍ୟକ୍ଷଙ୍କ ଚୟନ, କଳା ଏବଂ ଚଳଚ୍ଚିତ୍ର ଜଗତ ସହିତ ସମ୍ପୃକ୍ତ ଥିବା ବ୍ୟକ୍ତି ଓ ବିଶେଷ ଭାବରେ ଯୁବବର୍ଗରୁ ଆସୁଥିବା କଳାପ୍ରେମୀମାନଙ୍କୁ ବିଚାରମଣ୍ଡଳୀରେ ସାମିଲ କରିବା, ପୁରସ୍କାର ରାଶିକୁ ବୃଦ୍ଧି କରିବା, ବର୍ତ୍ତମାନ ୩୩ଟି ବର୍ଗରେ ରାଜ୍ୟ ଚଳଚ୍ଚିତ୍ର ପୁରସ୍କାର ପ୍ରଦାନ କରାଯାଉଥିବା ବେଳେ ଆଗକୁ ଆହୁରି ଅଧିକ ବର୍ଗ ପାଇଁ ପୁରସ୍କାର ପ୍ରଦାନ କରିବାର ବ୍ୟବସ୍ଥା କରିବା, ରାଜ୍ୟ ଚଳଚ୍ଚିତ୍ର ପୁରସ୍କାର ନିମନ୍ତେ ଏକ ସ୍ୱତନ୍ତ୍ର ୱେବସାଇଟ୍ ନିର୍ମାଣ କରି ପୁରସ୍କାର ସମ୍ବନ୍ଧୀୟ ସମସ୍ତ ତଥ୍ୟ, ମନୋନୀତ ହୋଇଥିବା ଏବଂ ପୁରସ୍କାର ପାଇଥିବା ସମସ୍ତ ଚଳଚ୍ଚିତ୍ର ଏବଂ କଳାକାରମାନଙ୍କର ବିବରଣୀକୁ ୱେବସାଇଟରେ ସ୍ଥାନିତ କରିବା ଆଦିକୁ ନେଇ ଆଲୋଚନା କରାଯାଇଥିଲା।

ଏହିସହିତ ଏକ ନୂତନ ଚଳଚ୍ଚିତ୍ର ନୀତିର (ଫିଲ୍ମ ପଲିସି) ପ୍ରଣୟନ କରିବା, ଚଳଚ୍ଚିତ୍ର ନିର୍ମାଣ ପାଇଁ ସରକାରୀ ପ୍ରୋତ୍ସାହନ ରାଶି ପ୍ରଦାନ କରିବା, ଓଡ଼ିଶା ଚଳଚ୍ଚିତ୍ର ଉନ୍ନୟନ ନିଗମ ଲିମିଟେଡ଼ (ଓଡ଼ିଶା ଫିଲ୍ମ ଡେଭେଲପ୍‌ମେଣ୍ଟ କର୍ପୋରେସନ୍ ଲିମିଟେଡ୍)କୁ ସଶକ୍ତ କରିବା ସହ ଏହାର କାର୍ଯ୍ୟ ପ୍ରଣାଳୀକୁ ସରଳୀକରଣ କରିବା, କଳିଙ୍ଗ ଷ୍ଟୁଡ଼ିଓର ବିକାଶ କରିବା ଆଦି ସମ୍ବନ୍ଧରେ ମଧ ଆଲୋଚନା କରାଯାଇଥିଲା।

ରାଜ୍ୟରେ ଚଳଚ୍ଚିତ୍ର ନିର୍ମାଣ କରିବା ପାଇଁ ଆବଶ୍ୟକୀୟ ଭିତ୍ତିଭୂମିକୁ ସୁଦୃଢ଼ କରିବା, ଚଳଚ୍ଚିତ୍ର ପ୍ରେକ୍ଷାଳୟ ସଂଖ୍ୟାକୁ ବୃଦ୍ଧି କରିବା, ଚଳଚ୍ଚିତ୍ର ପାଇଁ ରହିଥିବା ଟିକେଟ୍‌କୁ ଦର୍ଶକମାନଙ୍କୁ ସୁଲଭ ମୂଲ୍ୟରେ ପ୍ରଦାନ କରିବା ପାଇଁ ବ୍ୟବସ୍ଥା ରହିବା, ଏକ ସ୍ୱତନ୍ତ୍ର ଚଳଚ୍ଚିତ୍ର ଅଭିଲେଖାଗାର ରଖିବା, ଓଟିଟି ଏବଂ ଡିଜିଟାଲ୍ କଣ୍ଟେଣ୍ଟକୁ ପ୍ରୋତ୍ସାହନ ଦେବା ସହ ସେଥିପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରିବା ଆଦି ସମ୍ବନ୍ଧରେ ଚଳଚ୍ଚିତ୍ର ଜଗତର ବ୍ୟକ୍ତିବିଶେଷମାନେ ପ୍ରସ୍ତାବ ରଖିଥିଲେ।

ରାଜ୍ୟରେ ଓଡ଼ିଆ ଚଳଚ୍ଚିତ୍ର ଜଗତର ବିକାଶ ସହିତ ଦର୍ଶକମାନଙ୍କ ମନୋରଞ୍ଜନ ପାଇଁ ଓଡ଼ିଆ ନିଚ୍ଛକ କାହାଣୀକୁ ଆଧାର କରି ଚଳଚ୍ଚିତ୍ର ନିର୍ମାଣ କରିବା ଏବଂ ଚଳଚ୍ଚିତ୍ର ସମାଜ ସହିତ ଜଡ଼ିତ ବ୍ୟକ୍ତିବିଶେଷଙ୍କୁ ସଶକ୍ତ କରିବା ନିମନ୍ତେ ସରକାରଙ୍କ ତରଫରୁ ପଦକ୍ଷେପ ନିଆଯିବାକୁ ନେଇ ମଧ ବୈଠକରେ ଆଲୋଚନା କରାଯାଇଥିଲା।

ଆଜିର ବୈଠକରେ ଓଡ଼ିଆ ଚଳଚ୍ଚିତ୍ର ଜଗତର ବିଶିଷ୍ଟ ଅଭିନେତା ଅରିନ୍ଦମ ରାୟ, ଶ୍ରୀତମ ଦାସ, ସବ୍ୟସାଚୀ ମିଶ୍ର, ହରିହର ମହାପାତ୍ର, ବିଶିଷ୍ଟ ଅଭିନେତ୍ରୀ ଅର୍ଚ୍ଚିତା ସାହୁ, ପିଙ୍କି ପ୍ରଧାନ, ଅନୁ ଚୌଧୁରୀ, ସଂଗୀତଜ୍ଞ ଦେବାଶିଷ ମହାପାତ୍ର, ପଞ୍ଚାନନ ନାୟକ, ଦୂରଦର୍ଶନର ପୂର୍ବତନ ନିର୍ଦ୍ଦେଶକ ଦୀପ୍ତି ମିଶ୍ର, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ନିର୍ଦ୍ଦେଶକ ବିଜୟ କେତନ ଉପାଧ୍ୟାୟ, ସ୍ୱତନ୍ତ୍ର ଶାସନ ସଚିବ ଦେବ ପ୍ରସାଦ ଦାଶ, ଉପନିର୍ଦ୍ଦେଶକ ସୁଶ୍ରୀ ଦେବଯାନୀ ଭୂୟାଁ, ଓଡ଼ିଶା ସାହିତ୍ୟ ଏକାଡେମୀ ସଚିବ ଡ଼. ଚନ୍ଦ୍ରଶେଖର ହୋତା ପ୍ରମୁଖ ଉପସ୍ଥିତ ଥିଲେ।

# ଜଙ୍ଗଲ ଜମିର ଜିଓ-ରେଫରେନ୍ସିଂ ପ୍ରକଳ୍ପ ନେଇ ସମୀକ୍ଷା

**ଭୁବନେଶ୍ୱର,୧୯।୫/ଏନ୍ଏନ୍ଏସ୍:** ରାଜ୍ୟରେ ଜଙ୍ଗଲ ଜମିର ଜିଓ-ରେଫରେନ୍ସିଂ ପ୍ରକଳ୍ପ କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଏହି ଜିଓ-ରେଫରେନ୍ସିଂ କାର୍ଯ୍ୟ ଦ୍ୱାରା ଜଙ୍ଗଲ ଜମିର ସଂରକ୍ଷଣ, ଉନ୍ନୟନମୂଳକ କାର୍ଯ୍ୟ ତ୍ୱରାନ୍ୱିତ, ଜଙ୍ଗଲ ଜମି ଉପରେ ଆଦିବାସୀଙ୍କ ଅଧିକାରର ସୁରକ୍ଷା, ଜଙ୍ଗଲ ଉପକଣ୍ଠରେ ରହୁଥିବା ଲୋକମାନଙ୍କର ଅଣଜଙ୍ଗଲଜାତ ଉତ୍ପାଦ ସଂଗ୍ରହ ଏବଂ ଜଙ୍ଗଲ ଜମିକୁ ନେଇ ବିଭିନ୍ନ ସମୟରେ ସୃଷ୍ଟି ହେଉଥିବା ବିବାଦର ଅବସାନ କରାଯାଇପାରିବ। ବିଭିନ୍ନ ମାମଲାକୁ ବିଚାରକୁ ନେଇ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶକ୍ରମେ କେନ୍ଦ୍ର ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟ ପକ୍ଷରୁ ଗଠିତ କେନ୍ଦ୍ରୀୟ କ୍ଷମତାସଂପନ୍ନ କମିଟି ନିର୍ଦ୍ଦେଶରେ ଏହି କାର୍ଯ୍ୟ ଜାରି ରହିଛି। କମିଟିର ଅଧ୍ୟକ୍ଷ ସିଦ୍ଧାନ୍ତ ଦାସଙ୍କ ଅଧ୍ୟକ୍ଷତାରେ ଆଜି ଅନୁଷ୍ଠିତ ସମୀକ୍ଷା ବୈଠକରେ ରାଜ୍ୟ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁ, ପ୍ରଧାନ ମୁଖ୍ୟ ବନ ସଂରକ୍ଷକ ସୁରେଶ ପନ୍ଥ, ପ୍ରଧାନ ମୁଖ୍ୟ ବନ୍ୟଜନ୍ତୁ ସଂରକ୍ଷକ ପ୍ରେମ କୁମାର ଝା, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ସଦସ୍ୟ ସଚିବ ଉମା ନନ୍ଦୁରୀ, ବନ ସଂରକ୍ଷଣ ଆଇନ ନୋଡାଲ ଅଧିକାରୀ ଡଃ କେ. ମୁରୁଗେସନ, ଓଏସଡି ଲିଙ୍ଗରାଜ ଓତା ଏବଂ ବିଭାଗୀୟ ନିର୍ଦ୍ଦେଶକ ଜି. ରାଜେଶଙ୍କ ସମେତ ବିଭିନ୍ନ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ। ଏହି ପ୍ରକଳ୍ପ ମାଧ୍ୟମରେ ରାଜ୍ୟର ୬୦ ହଜାର ବର୍ଗ କିଲୋମିଟର ଜଙ୍ଗଲ ଜମିର ଜିଓ-ରେଫରେନ୍ସିଂ କାର୍ଯ୍ୟ ଜାରି ରହିଥିବାବେଳେ ଏଥି ମଧ୍ୟରୁ ପ୍ରାୟ ୯୫ ପ୍ରତିଶତ କାର୍ଯ୍ୟ ଶେଷ ହୋଇଛି। ଏହି ପ୍ରକ୍ରିୟାକୁ ଐତିହାସିକ ଭାବେ ଅଭିହିତ କରି କମିଟିର ଅଧ୍ୟକ୍ଷ ଶ୍ରୀ ଦାସ କହିଛନ୍ତି ଯେ ଏହା ଦ୍ୱାରା ରାଜ୍ୟର ବିକାଶ ପ୍ରକ୍ରିୟା ତ୍ୱରାନ୍ୱିତ ହୋଇପାରିବ। ସମଗ୍ର ଦେଶରେ ଏହି ପ୍ରକଳ୍ପକୁ କାର୍ଯ୍ୟକାରୀ କରିବାରେ ଓଡ଼ିଶା ଉଲ୍ଲେଖନୀୟ ସଫଳତା ସହ ସର୍ବାଗ୍ରେ ଥିବାରୁ ଏହାକୁ ଅନ୍ୟ ରାଜ୍ୟରେ କାର୍ଯ୍ୟକାରୀ କରାଯିବ। ଏହି ପ୍ରକଳ୍ପର ସଠିକ କାର୍ଯ୍ୟକାରିତା ଓ ସହଯୋଗ ପାଇଁ ସେ ରାଜ୍ୟ ସରକାରଙ୍କୁ ଭୂୟସୀ ପ୍ରଶଂସା କରିଛନ୍ତି।

## ଏନ୍‌ଆର୍‌ଆଇ ମାର୍ଗଦର୍ଶିକାକୁ ନେଇ ଦ୍ୱନ୍ଦ୍ୱରେ ଛାତ୍ରଛାତ୍ରୀ

**ଭୁବନେଶ୍ୱର,୧୯।୫/ଏନ୍‌ଏନ୍‌ଏସ୍:** କେନ୍ଦ୍ର ସରକାରଙ୍କ ବିଭ୍ରାନ୍ତିକର ନୀତି ଯୋଗୁଁ ଚଳିତ ବର୍ଷ ମେଡିକାଲ ପାଠ ପଢିବାକୁ ଆଗ୍ରହୀ ଛାତ୍ରଛାତ୍ରୀ ଦ୍ୱନ୍ଦ୍ୱରେ ଅଛନ୍ତି। ବିଶେଷ କରି ଏନଆରଆଇ କୋଟାରେ ନାମ ଲେଖାଇବାକୁ ଅପେକ୍ଷା କରିଥିବା ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ଏବେ ଅନିଶ୍ଚିତତାକୁ ଠେଲି ହୋଇଯାଇଛି। କାରଣ ମେଡିକାଲ କାଉନସିଲ ଅଫ ଇଣ୍ଡିଆ (ଏମସିଆଇ) ଓ ମେଡିକାଲ କାଉନସେଲିଂ କମିଟି ଗୋଟେ କଥା କହୁଥିବା ବେଳେ କେନ୍ଦ୍ର ସରକାରଙ୍କ ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ ଗାଇଡଲାଇନ ଭିନ୍ନ ମାନଦଣ୍ଡ ଧାର୍ଯ୍ୟ କରିଛି। ଦେଶରେ ବିଭିନ୍ନ ସରକାରୀ ଓ ଘରୋଇ ମେଡିକାଲ କଲେଜରେ ୧ଲକ୍ଷ ୧୨ ହଜାର ୧୧୨ଟି ସିଟ ଉପଲବ୍ଧ। ସେମଧ୍ୟରୁ ୪୩୪ ସରକାରୀ ମେଡିକାଲ କଲେଜରେ ସିଟ ସଂଖ୍ୟା ୫୫ହଜାର ୬୪୮ ଥିବା ବେଳେ ୩୨୦ ଘରୋଇ ମେଡିକାଲ କଲେଜର ସିଟ ସଂଖ୍ୟା ହେଉଛି ୫୩ହଜାର ୨୫୬। ୧୫ ପ୍ରତିଶତ ସିଟ ସର୍ବଭାରତୀୟ ମେଡିକାଲ କଲେଜ ବା ଏମଏସ ଓ ଜେଆଇପଏମଆର ପାଇଁ ସଂରକ୍ଷିତ। ଡିମଡ୍ ମେଡିକାଲ କଲେଜ ଗୁଡିକରେ ୧୫ ପ୍ରତିଶତ ସିଟ ବିଦେଶରେ ରହୁଥିବା ଭାରତୀୟ ବା ଏନଆରଆଇଙ୍କ ପାଇଁ ସଂରକ୍ଷିତ। ୨୦୨୪ରେ ଡିମଡ ମେଡିକାଲ କଲେଜରେ ୧୦୬୭ଟି ସିଟ ଏନଆରଆଇ ମାନଙ୍କ ପାଇଁ ସଂରକ୍ଷିତ ଥିଲା। ତେବେ ଚଳିତ ବର୍ଷ ବିଦେଶରେ ରହୁଥିବା ଭାରତୀୟ ଛାତ୍ରଛାତ୍ରୀମାନେ ଏନଆରଆଇ କୋଟାରେ ନିଜ ଦେଶରେ ପଢିବାର ସୁଯୋଗ ପାଇବା କାଠିକର ହୋଇପଡିବ। ଗତବର୍ଷ ଏନଆରଆଇ କୋଟାରେ ହୋଇଥିବା ଜାଲିଆତି ପାଇଁ କେନ୍ଦ୍ର ସରକାର ନିଜ ଗାଇଡଲାଇନରେ ପରିବର୍ତ୍ତନ କରିଦେଇଛନ୍ତି। ଏମସିଆଇର ଗାଇଡାଲାଇନ କହୁଛି ଛାତ୍ରଛାତ୍ରୀମାନେ ବିଦେଶରେ ରହୁଥିବା ନିଜ ସମ୍ପର୍କୀୟଙ୍କ ସୁପାରିଶ ଓ ଏନଆରଆଇ କୋଟାରେ ଭାରତର ଯେକୌଣସି ଡିମଡ ମେଡିକାଲ କଲେଜରେ ପାଠ ପଢିବାର ସୁଯୋଗ ପାଇପାରିବେ। ସମ୍ପର୍କୀୟମାନେ ମଧ୍ୟ ନିଜ ଭଣଜା, ଭାଣିଜୀ ପୁତୁରା, ଝିଆରୀଙ୍କ ପାଇଁ ପଣ୍ଟି ମଧ୍ୟ କରିପାରିବେ। କିନ୍ତୁ ଚଳିତ ବର୍ଷ ବୈଦଶିକ ବ୍ୟାପର ମନ୍ତ୍ରଣାଳୟର ପରିବର୍ତ୍ତିତ ଗାଇଡଲାଇନ କହୁଛି ବିଦେଶରେ ରହୁଥିବା ବାପା-ମା ମାନେ ହିଁ କେବଳ ନିଜ ପିଲାଙ୍କ ପାଇଁ ଏନଆରଆଇ କୋଟାର ସୁବିଧା ପାଇପାରିବେ। ପ୍ରଶ୍ନ ଉଠୁଛି ବାପା-ମା ଯଦି ବିଦେଶରେ ରହୁଥିବେ ତେବେ ସେମାନେ ନିଜ ପିଲାଙ୍କୁ ବିଦେଶରେ ମେଡିକାଲ ନପଢେଇ ଭାରତକୁ କାହିଁକି ପଠେଇବେ। ସେହିଭଳି ଭାରତରେ ଏନଆରଆଇ କୋଟାରେ ପାଠ ପଢିବାକୁ ହେଲେ ବର୍ଷରେ ଅନ୍ୟୁନ ୧୮୨ ଦିନ ରହିଥିବାର ପ୍ରମାଣପତ୍ର ସାଙ୍ଗକୁ ଭାରତର ପାର୍ସପୋର୍ଟ ଦାଖଲ କରିବାକୁ ପଡିବ। ଏହାଦ୍ୱାରା ବହୁ ଆଗ୍ରହୀ ଛାତ୍ରଛାତ୍ରୀ ଏନଆର କୋଟାରେ ନାମ ଲେଖାଇପାରିବେ ନାହିଁ। ସାଧାରଣତଃ ଏହି କୋଟାର ସୁବିଧା ସେଇମାନେ ପାଇଥାନ୍ତି ଯେଉଁମାନଙ୍କ ନିକଟ ସମ୍ପର୍କୀୟମାନେ ବିଦେଶରେ ରହୁଛନ୍ତି ଏବଂ ସେମାନେ ନିଜ ପିଲାଙ୍କୁ ମେଡିକାଲ ପଢେଇବାକୁ ଆଗ୍ରହୀ। କିନ୍ତୁ ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟର ପରିବର୍ତ୍ତିତ ଗାଇଡାଲାଇନରୁ ବହୁ ଛାତ୍ରଛାତ୍ରୀ ଚଳିତ ବର୍ଷ ଏହି ସୁବିଧା ପାଇବାର ବଞ୍ଚିତ ହେବାକୁ ଯାଉଛନ୍ତି। ଡିମଡ୍ ମେକାଲ କଲେଜଗୁଡିକ ମଧ୍ୟ ଏହାଦ୍ୱାରା ବ୍ୟାପକଭାବେ ପ୍ରଭାବିତ ହେବାକୁ ଯାଉଛନ୍ତି। ତେଣୁ ଆଗ୍ରହୀ ଛାତ୍ରଛାତ୍ରୀ ଓ ମେଡିକାଲ କଲେଜଗୁଡିକ ଏବେଠୁ କେନ୍ଦ୍ର ସରକାରଙ୍କ ନିକଟରେ ଏଭଳି ଦ୍ୱନ୍ଦ୍ୱାତ୍ମକ ଗାଇଡଲାଇନରେ ସଂଶୋଧନ ପାଇଁ ଦାବି କରୁଛନ୍ତି।

## ଇଣ୍ଡିଆନ୍ ଫର୍ଟିଲିଟି ସୋସାଇଟି ପକ୍ଷରୁ କର୍ମଶାଳା

**ଭୁବନେଶ୍ୱର,୧୯।୫/ଏନ୍‌ଏନ୍‌ଏସ୍:** ଇଣ୍ଡିଆନ ଫର୍ଟିଲିଟି ସୋସାଇଟି (ଆଇଏଫଏସ) ଏବଂ ଭୁବନେଶ୍ୱର ଓବ୍‌ଷ୍ଟେଟ୍ରିକ ଆଣ୍ଡ ଗାଇନାକୋଲୋଜିକାଲ ସୋସାଇଟି (ବିଓଜିଏସ୍) ସହ ସହଭାଗିତାରେ ଏକ କର୍ମଶାଳା ଆୟୋଜିତ ହୋଇଯାଇଛି। ଏହି କର୍ମଶାଳା ଫର୍ଟିଲିଟି ପ୍ରଫେସନାଲଙ୍କୁ ଆଇୟୁଆଇ ପଦ୍ଧତି କ୍ଷେତ୍ରରେ ନୂତନ କ୍ଲିନିକାଲ ପ୍ରୋଟୋକଲ ଓ ବ୍ୟବହାରିକ ଅଭିଜ୍ଞତା ସହ ସୁସଜ୍ଜିତ କରିବା ପାଇଁ ଲକ୍ଷ୍ୟ ରଖିଥିଲା। ଏହି କାର୍ଯ୍ୟକ୍ରମରେ ବିଶେଷଜ୍ଞଙ୍କ ନେତୃତ୍ୱାଧୀନ ବକ୍ତୃତା, ଆଲୋଚନା ଏବଂ ସିମେନ ପ୍ରସ୍ତୁତି ଓ ଆଇୟୁଆଇ ପଦ୍ଧତି ପାଇଁ ଏକ ଭର୍ଚୁଆଲ ସିମୁଲେଟରର ବ୍ୟବହାର କରି ତାଲିମ ପ୍ରଦାନ କରିବା ସାମିଲ ଥିଲା। ଡା. ସୌମ୍ୟା ଦାସ ଏହି ବୈଜ୍ଞାନିକ କାର୍ଯ୍ୟକ୍ରମର ନେତୃତ୍ୱ ନେଇଥିଲେ ଏବଂ 'ଆସ୍କ ଦ ଏକ୍ସପର୍ଟସ ପ୍ୟାନେଲ'ର ପରିଚାଳନା କରିଥିଲେ। ସେ "ଆଇୟୁଆଇ : ହ୍ୱାଟ ଇଜ୍ ଏସେନ୍ସିଆଲ ଟୁ ନୋ" ପ୍ରସଙ୍ଗ ଉପରେ ଏକ ପ୍ରମୁଖ ଅଧିବେଶନର ପରିଚାଳନା କରିଥିଲେ ଯାହା ବ୍ୟବହାରିକ ଓ ପ୍ରମାଣ ଭିତିକ ଆଭିମୁଖ୍ୟଗୁଡିକ ଉପରେ ଗୁରୁତ୍ୱ ଦେଇଥିଲା। ଏହି କର୍ମଶାଳାରେ ଡା. ନିର୍ଝିଆ ଓ୍ୱାଲେଚା, ଡା. ଅଞ୍ଜୁ ମାଧବନ ଏବଂ ସତ୍ୟ ନାରାୟଣ ସାମନ୍ତରାୟ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ଓ ମାର୍ଗଦର୍ଶନ ପ୍ରଦାନ କରିଥିଲେ।

## ଆର୍ଥିକ ପରିଚାଳନାକୁ ସରଳ ଲାଗି ବ୍ୟବସ୍ଥା

**ଭୁବନେଶ୍ୱର,୧୯।୫/ଏନ୍‌ଏନ୍‌ଏସ୍:** ଆର୍ଥିକ ପରିଚାଳନାକୁ ସରଳ କରିବାକୁ ବିଜ୍‌ନେସ୍ ଅଟୋମେଶନ ସଫ୍ଟୱେୟାର ପକ୍ଷରୁ ସ୍ୱତନ୍ତ୍ର ବ୍ୟବସ୍ଥା ହୋଇଛି। ତେବେ ଏନେଇ ଟାଲିପ୍ରାଇମ ୬.୦ର ଆରମ୍ଭ ହୋଇଛି। ଏହି ଅତ୍ୟାଧୁନିକ ଅପ୍‌ଗ୍ରେଡ ବ୍ୟବସାୟ ଓ ଆକାଉଂଟାଂଟଙ୍କ ପାଇଁ ବ୍ୟାଙ୍କ ସମନ୍ୱୟ, ବ୍ୟାଙ୍କିଙ୍ଗ ଅଟୋମେଶନ ଓ ଆର୍ଥିକ ପରିଚାଳନାକୁ ସହଜ କରିବ। ଇ-ଇନ୍‌ଭଏସିଂ, ଇ-ୱେ ବିଲ୍ ଜେନେରେଶନ ଓ ଜିଏସ୍‌ଟି କମ୍ପ୍ଲିଆନ୍ସ ଭଳି କନେକ୍ଟେଡ ସର୍ଭିସ ପ୍ରଦାନ କରିବା କ୍ଷେତ୍ରରେ ନିଜର ବିଶେଷଜ୍ଞତାକୁ ଉପଯୋଗ କରି ଟାଲି, ଇଣ୍ଟିଗ୍ରେଟେଡ ବ୍ୟାଙ୍କିଙ୍ଗ କ୍ଷମତା ସହ ଏସ୍‌ଏମଇଗୁଡିକୁ ସଶକ୍ତ କରିବା ଦିଗରେ ଆଉ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଗ୍ରହଣ କରିଛି ବୋଲି ନିର୍ଦ୍ଦେଶକ ତେଜସ ଗୋଏଙ୍କା କହିଛନ୍ତି। ସେ କହିଛନ୍ତି ଯେ, ବ୍ୟବସାୟ ପରିଚାଳନାକୁ ସରଳ କରିବାରେ ସାହାଯ୍ୟ କରୁଥିବା ଟେକ୍ନୋଲୋଜିର ନିର୍ମାଣ କରିବା ଗୁରୁତ୍ୱ ଦିଆଯିବା ଉଚିତ ବୋଲି ସେ କହିଛନ୍ତି।

# ମହିଳାଙ୍କ ସାମଗ୍ରିକ ବିକାଶ ଆମର ଲକ୍ଷ୍ୟ: ଉପମୁଖ୍ୟମନ୍ତ୍ରୀ

### ଓଡ଼ିଶାର ସ୍ୱୟଂ ସହାୟକ ଗୋଷ୍ଠୀର ଉତ୍ପାଦ ପାଇଁ ସୁଭଦ୍ରା ଶକ୍ତି ହେବ ଏକ ବ୍ରାଣ୍ଡ୍




**ଭୁବନେଶ୍ୱର,୧୯।୫/ଏନ୍‌ଏନ୍‌ଏସ୍:** ଭୁବନେଶ୍ୱରସ୍ଥିତ ମିଶନ ଶକ୍ତି ଭବନରେ ଆଜି 'କର୍ପୋରେଟ୍ ସାମାଜିକ ଦାୟିତ୍ୱ(ସିଏସଆର) ପଦକ୍ଷେପ ମାଧ୍ୟମରେ ମହିଳା ନେତୃତ୍ୱାଧୀନ ଉଦ୍ୟୋଗଗୁଡ଼ିକର ପ୍ରୋତ୍ସାହନ' ଶୀର୍ଷକ ଏକ ଗୁରୁତ୍ୱପୂର୍ଣ୍ଣ ଉଚ୍ଚସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ଉପ-ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା ଏହି ବୈଠକରେ ଅଧ୍ୟକ୍ଷତା କରି ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟାଙ୍କ ଉଦ୍ୟୋଗୀ ହେବା ଯାତ୍ରାରେ ତଥା ଲକ୍ଷପତି ଦିଦି ସୃଷ୍ଟି କରିବାରେ ଓଡ଼ିଶାକୁ ଏକ ନମ୍ବର କରିବାରେ କର୍ପୋରେଟ୍ ସାମାଜିକ ଦାୟିତ୍ୱ ପ୍ରତିଷ୍ଠାନ ଏବଂ ବ୍ୟାଙ୍କିଙ୍ଗ୍ କ୍ଷେତ୍ରର ଭୂମିକାକୁ ପ୍ରଶଂସା କରିଥିଲେ। ଗାଁର ମହିଳା ଉଦ୍ୟୋଗୀମାନେ କିଭଳି ନିରନ୍ତର ବିକାଶ କରିବେ ସେ ବିଷୟରେ ଫୋକସ ଦେବା ପାଇଁ ସେ ଆହ୍ୱାନ ଦେଇଥିଲେ। ୱାନ ଡିଷ୍ଟ୍ରିକ୍ଟ ୱାନ ପ୍ରଡକ୍ଟ୍ କୁ ଗୁରତ୍ୱ ଦେଇ ପ୍ରତ୍ୟେକ ଜିଲ୍ଲାର ବିଶେଷ ଉତ୍ପାଦ ଉପରେ ସ୍ୱୟଂ ସହାୟକ ଗୋଷ୍ଠୀ କାର୍ଯ୍ୟ କରିବା ସହ ସ୍ୱୟଂ ସହାୟକ ଗୋଷ୍ଠୀର ଉତ୍ପାଦ ସୁଭଦ୍ରା ଶକ୍ତି ବ୍ରାଣ୍ଡ ଭାବେ ପ୍ରତିଷ୍ଠିତ କରିବାକୁ ସେ ମତ ପ୍ରକାଶ କରିଥିଲେ। ମହିଳାମାନଙ୍କ ମାନସିକ ସ୍ୱାସ୍ଥ୍ୟ, ସ୍ୱଚ୍ଛତା ଉପରେ ଫୋକସ ଦେବା ପାଇଁ ସେ ଆହ୍ୱାନ ଦେଇଥିଲେ।

### ମହିଳାଙ୍କ ମାନସିକ ସ୍ୱାସ୍ଥ୍ୟ ଓ ୱେଲ୍‌ନେସ୍ ଉପରେ କାର୍ଯ୍ୟ କରିବାକୁ ନିର୍ଦ୍ଦେଶ

ଏହି ବୈଠକ ଅତିରିକ୍ତ ସଚିବ ସୁମିତ୍ରା ପଟ୍ଟନାୟକଙ୍କ ସ୍ୱାଗତ ଭାଷଣ ସହ ଆରମ୍ଭ ହୋଇଥିଲା, ଏହା ପରେ ରାଜ୍ୟ ମିଶନ ନିର୍ଦ୍ଦେଶିକା, ଓ ଏଲ୍ ଏମ୍ ତଥା ମିଶନ ଶକ୍ତି ବିଭାଗର ନିର୍ଦ୍ଦେଶିକା ଡ. ମୋନିକା ପ୍ରିୟଦର୍ଶିନୀ, ବିଭାଗର ଉଦ୍ଦେଶ୍ୟ,ଆଭିମୁଖ୍ୟ ସହ ପ୍ରମୁଖ କାର୍ଯ୍ୟକ୍ରମ ଏବଂ ମହିଳାମାନଙ୍କ ଆର୍ଥିକ ସଶକ୍ତିକରଣ ପାଇଁ ସମନ୍ୱିତ ପଦ୍ଧତି ବିଷୟରେ ଉପସ୍ଥାପନା ପ୍ରଦର୍ଶନ କରିଥିଲେ। ଏଥି ସହିତ ସେ ଲକ୍ଷପତି ଦିଦି ପଦକ୍ଷେପର ଉଲ୍ଲେଖନୀୟ ସଫଳତା ଏବଂ ପ୍ରଗତିକୁ ଆଲୋକପାତ କରିବା ସହ କର୍ପୋରେଟ୍ ସାମାଜିକ ଦାୟିତ୍ୱ ସହଭାଗିତା ମାଧ୍ୟମରେ ମହିଳା-ନେତୃତ୍ୱାଧୀନ ଉଦ୍ୟୋଗଗୁଡ଼ିକର ପ୍ରୋତ୍ସାହନ ପାଇଁ ଏକ ସୁଚିନ୍ତିତ ରୋଡମ୍ୟାପ୍ ପ୍ରସ୍ତୁତି ସମ୍ବନ୍ଧରେ ଅଭିଭାଷଣ ରଖିଥିଲେ। ଏହି ସହଭାଗିତା ନିମନ୍ତେ ସେ ଉଦ୍ୟୋଗ ଭିତ୍ତିଭୂମି, ବଜାର ବିକାଶ, କ୍ଷୁଦ୍ର-ଉଦ୍ୟୋଗ, ଉତ୍ପାଦନ ୟୁନିଟ୍, ଏବଂ କ୍ଲଷ୍ଟର୍ ଆଧାରିତ ବିକାଶ ପ୍ରକଳ୍ପ ଭଳି ପ୍ରମୁଖ କ୍ଷେତ୍ରଗୁଡ଼ିକୁ ଚିହ୍ନଟ କରି ଦୀର୍ଘକାଳୀନ, ସ୍ଥାୟୀ ଏବଂ ମହିଳାଙ୍କ ଦ୍ୱାରା ପରିଚାଳିତ ଆର୍ଥିକ ବିକାଶ ନିମନ୍ତେ ସମ୍ଭାବିତ ମାର୍ଗ ଉପସ୍ଥାପନ କରିଥିଲେ। ଏହି ବୈଠକରେ ଭାରତର ପ୍ରମୁଖ ଶିଳ୍ପ ସଂସ୍ଥାଗୁଡ଼ିକ ଯଥା: ଆଦିତ୍ୟ ବିର୍ଲା ଗ୍ରୁପ ଅନ୍ତର୍ଗତ ଏସେଲ ମାଇନିଙ୍ଗ ଆଣ୍ଡ ଇଣ୍ଡଷ୍ଟ୍ରୀ ଲିମିଟେଡ, ଆଦିତ୍ୟ ଆଲୁମିନିଅମ ଇଷ୍ଟ , ଜେଏସଡବ୍ଲ୍ୟୁ ଫାଉଣ୍ଡେସନ, ଟାଟା ଷ୍ଟିଲ୍ ଫାଉଣ୍ଡେସନ ,ନାଲକୋ ଇତ୍ୟାଦି ପ୍ରତିଷ୍ଠାନର କର୍ପୋରେଟ୍ ସାମାଜିକ ଦାୟିତ୍ୱ ବିଭାଗର ଅଧିକାରୀଙ୍କ ସକ୍ରିୟ ଅଂଶଗ୍ରହଣ କରି ଥିଲେ। ଏହା ସହିତ ଦେଶର ଅଗ୍ରଣୀ ଜାତୀୟ ଏବଂ ଆଞ୍ଚଳିକ ବ୍ୟାଙ୍କଗୁଡ଼ିକର ବରିଷ୍ଠ ଅଧିକାରୀ ମାନେ ମଧ୍ୟ ମହିଳା-ନେତୃତ୍ୱାଧୀନ ଉଦ୍ୟୋଗଗୁଡ଼ିକର ଋଣ ପ୍ରାପ୍ତି ଏବଂ ଆର୍ଥିକ ସେବା ବ୍ୟବସ୍ଥାକୁ ସୁଦୃଢ଼ କରିବା ବିଷୟରେ ଗୁରୁତ୍ୱପୂର୍ଣ୍ଣ ଆଲୋଚନାରେ ସକ୍ରିୟ ଭାଗ ନେଇଥିଲେ। ଏଥିରେ ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ, ୟୁକୋ ବ୍ୟାଙ୍କ, ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କ, ପଞ୍ଜାବ ନ୍ୟାସନାଲ୍ ବ୍ୟାଙ୍କ, ଏଚଡିଏଫସି ବ୍ୟାଙ୍କ, ସେଣ୍ଟ୍ରାଲ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ, ବ୍ୟାଙ୍କ ଅଫ୍ ବରୋଦା, ଇଣ୍ଡିଆନ୍ ଓଭରସିଜ୍ ବ୍ୟାଙ୍କ, ଫେଡେରାଲ୍ ବ୍ୟାଙ୍କ, ଆଇସିଆଇସିଆଇ ବ୍ୟାଙ୍କ, ୟୁନିୟନ ବ୍ୟାଙ୍କ ଅଫ୍ ଇଣ୍ଡିଆ, କାନାରା ବ୍ୟାଙ୍କ, ଏବଂ ଅନ୍ୟାନ୍ୟ ପ୍ରମୁଖ ଆର୍ଥିକ ଅନୁଷ୍ଠାନଗୁଡ଼ିକ ଅନ୍ତର୍ଭୁକ୍ତ ଥିଲେ।

## ଅବସରକାଳୀନ ଯୋଜନାର ଗୁରୁତ୍ୱ ସଂକ୍ରାନ୍ତ ଆଲୋଚନା




**ଭୁବନେଶ୍ୱର,୧୯।୫/ଏନ୍‌ଏନ୍‌ଏସ୍:** ଭୁବନେଶ୍ୱରରେ 'ଅବସରକାଳୀନ ଯୋଜନାର ଗୁରୁତ୍ୱ- ଏନ୍‌ପିଏସର ଭୂମିକା' ପ୍ରସଙ୍ଗ ଉପରେ ଏକ ଇଣ୍ଟାରାକ୍ଟିଭ ଅଧିବେଶନ ଆୟୋଜିତ ହୋଇଯାଇଛି। ପେନସନ ଫଣ୍ଡ ରେଗୁଲେଟୋରୀ ଆଣ୍ଡ ଡେଭ୍‌ଲପମେଂଟ ଅଥୋରିଟି (ପିଏଫଆରଡିଏ) ଏବଂ ଇଣ୍ଡିଆନ ଚାମ୍ବର ଅଫ କମର୍ସ (ଆଇସିସି) ସହ ସହଭାଗିତାରେ ଆୟାଜିତ ଏହି କାର୍ଯ୍ୟକ୍ରମ, ଅବସରକାଳୀନ ଆର୍ଥିକ ସୁରକ୍ଷା ସମ୍ପର୍କରେ ସଚେତନତା ବୃଦ୍ଧି କରିବାକୁ ଲକ୍ଷ୍ୟ ରଖିଛି। ଏହାସହିତ ନ୍ୟାସନାଲ ପେନସନ ସିଷ୍ଟମ (ଏନପିଏସ୍) ଏବଂ କର୍ପୋରେଟ ତଥା ବ୍ୟକ୍ତିଗତ କ୍ଷେତ୍ରରେ ଏନପିଏସ୍‌ର ବଢୁଥିବା ଗୁରୁତ୍ୱ ଉପରେ ସ୍ୱତନ୍ତ୍ର ଧ୍ୟାନ ପ୍ରଦାନ କରାଯାଇଛି। ପିଏଫଆରଡିଏର ଅଧ୍ୟକ୍ଷ ଡା. ଦୀପକ ମହାନ୍ତି ଏବଂ ଏଏଫସିଟିର ଅଧ୍ୟକ୍ଷ ଡି ମିଶ୍ରଙ୍କ ସମେତ ସମ୍ମାନିତ ବ୍ୟକ୍ତିବିଶେଷଙ୍କ ଉପସ୍ଥିତିରେ ଏହି ଅଧିବେଶନକୁ ଉଦ୍‌ଘାଟନ କରାଯାଇଥିଲା। ଏହି ଅବସରରେ ପିଏଫଆରଡିଏର ଡେପୁଟି ଜେନେରାଲ ମ୍ୟାନେଜର ଦେବେଶ ମିତଲ ଓ ଚାର୍ଟାର୍ଡ ଆକାଉଂଟାଂଟ ଚିତ୍ତରଞ୍ଜନ ବେହେରାଙ୍କ ଭଳି ବରିଷ୍ଠ ଅଧିକାରୀମାନେ ଏନପିଏସର ସୁବିଧା ଓ ଏହାର ଟିକସ ଲାଭଗୁଡିକ ସମ୍ପର୍କରେ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ପ୍ରଦାନ କରିଥିଲେ। ଓଡିଶାର ରଣନୈତିକ ମହତ୍ୱକୁ ଆଲୋକପାତ କରି କୁହାଯାଇଥିଲା ଯେ, ରାଜ୍ୟ ଏନପିଏସ ଅଧିନରେ ୭୩୮୦୦ରୁ ଅଧିକ କର୍ପୋରେଟ ସେକ୍ଟର ସବ୍‌ସ୍କ୍ରାଇବର ଅଛନ୍ତି ଯାହାକି ଭାରତର ମୋଟ ହାର ତୁଳନାରେ କେବଳ ୩.୧% । ଯଦିଓ ବର୍ତ୍ତମାନ ସୁଦ୍ଧା ଓଡିଶାରୁ କେବଳ ୫୬ଟି କର୍ପୋରେଟ ପଞ୍ଜୀକରଣ କରାଇଛନ୍ତି। କେବଳ ଭୁବନେଶ୍ୱରରେ ୩୫,୦୦୦ ଏନପିଏସ ସବ୍‌ସ୍କ୍ରାଇବର ଅଛନ୍ତି ଏବଂ ସେମାନଙ୍କ ମଧ୍ୟରୁ ୫୦%ରୁ ଅଧିକ ବ୍ୟକ୍ତିଙ୍କ ବୟସ ୩୦ ଅଟେ, ଯାହା ଯୁବ ପେଶାଦାରମାନଙ୍କ ମଧ୍ୟରେ ଏହାର ଶୀଘ୍ର ଗ୍ରହଣୀୟତାକୁ ସୂଚାଉଛି। ଉଲ୍ଲେଖନୀୟ ଭାବେ ଭୁବନେଶ୍ୱରରୁ ଏନପିଏସରେ ମହିଳାଙ୍କ ଅଂଶଗ୍ରହଣ ୨୬% ରହିଛି ଯାହା ଜାତୀୟ ହାରାହାରିକୁ ଅତିକ୍ରମ କରିଛି, ଏହା ସହରର ପ୍ରଗତିଶୀଳ କର୍ପୋରେଟ ପରିବେଶକୁ ଦର୍ଶାଉଛି। ଏହି କାର୍ଯ୍ୟକ୍ରମରେ ଏନପିଏସ ବାତ୍ସଲ୍ୟ, କର୍ପୋରେଟ ସେକ୍ଟର ଆସେଟ୍ସ ଅଣ୍ଡର ମ୍ୟାନେଜମେଣ୍ଟ ଏବଂ ପ୍ରୋଜେକ୍ଟ ଟ୍ରେସ ମାଧ୍ୟମରେ ଡିଜିଟାଲ ପରିବର୍ତନ ଭଳି ଗୁରୁତ୍ୱପୂର୍ଣ୍ଣ ସଫଳତା ଓ ନୀତିଗତ ପଦକ୍ଷେପଗୁଡିକ ଉପରେ ଆଲୋକପାତ କରାଯାଇଥିଲା। କାର୍ଯ୍ୟକ୍ରମରେ ବକ୍ତାମାନେ ଭାରତର ନିମ୍ନ ପେନ୍‌ସନ ଅନ୍ତର୍ଭୁକ୍ତୀକରଣ ସମସ୍ୟାର ତତ୍କାଳ ସମାଧାନ ଉପରେ ଗୁରୁତ୍ୱ ଦେଇଥିଲେ। ଅଧିବେଶନରେ ଅବସରକାଳିନ ସ୍ଥିରତା ନିର୍ମାଣ କରିବାକୁ ଏକ ଜରୁରୀ ଆବଶ୍ୟକତା ବୋଲି ଗୁରୁତ୍ୱାରୋପ କରାଯାଇଥିଲା। ଏଠାରେ ଏକ ପ୍ରଶ୍ନୋତର ଅଧିବଶେନ ମଧ୍ୟ ଆୟୋଜିତ ହୋଇଥିଲା ଯେଉଁଥିରେ କର୍ପୋରେଟ, ଏମଏସଏମଇ ଓ ବିତୀୟ ଅନୁଷ୍ଠାନଗୁଡିକର ଅଂଶଗ୍ରହଣକାରୀମାନେ ଅଂଚଳରେ ଏନ୍‌ପିଏସର ଗ୍ରହଣୀୟତା ପାଇଁ ରହିଥିବା ସୁଯୋଗ ଓ ଆହ୍ୱାନଗୁଡିକ ସମ୍ପର୍କରେ ଆଲୋଚନା କରିଥିଲେ। ଶେଷରେ ଆଇସିସି ଓଡିଶାର ପ୍ରତିନିଧିତ୍ୱ କରୁଥିବା ବିଶ୍ୱରଞ୍ଜନ ସୁତାର ଉପସ୍ଥିତ ଅତିଥିମାନଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

## ବିଧାୟକଙ୍କ ଚିଠିକୁ ତୁରନ୍ତ କାର୍ଯ୍ୟକାରୀ ପାଇଁ ଦାବି

**ଭୁବନେଶ୍ୱର,୧୯।୫/ଏନ୍‌ଏନ୍‌ଏସ୍:** ବିଜେଇମ ସ୍କୁଲ ଅଭିଭାବକ ସଂଘ ପକ୍ଷରୁ ଆଜି ଏକ ୧୦ ଜଣିଆ ପ୍ରତିନିଧି ଦଳ ସଧାରଣ ସମ୍ପାଦକ ନିତ୍ୟାନନ୍ଦ ବେହେରାଙ୍କ ନେତୃତ୍ୱ ମୁଖ୍ୟମନ୍ତ୍ରୀଙ୍କୁ ଭେଟିଥିଲେ। ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ ରେ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡଙ୍କ ପ୍ରାୟ ୧୦ ମିନିଟ ଆଲୋଚନା କରିଥିଲେ। ସଂଘ ପକ୍ଷରୁ ଦିଆ ଯାଇଥିବା ଦାବିପତ୍ର କୁ ତୁରନ୍ତ ହସ୍ତକ୍ଷେପ କରିବା ପାଇଁ ଶିକ୍ଷା ସଚିବଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଜଷ୍ଟିସ କେ ପି ମହାପାତ୍ରଙ୍କ ସବ କମିଟି ରିପୋର୍ଟକୁ ଫାଇନାଲ ରିପୋର୍ଟ ଦର୍ଶାଇ ପ୍ରତ୍ୟେକ ୨୦ ଶତକଡା ଫି ବୃଦ୍ଧି କରିବା ବିଷୟରେ ଶିକ୍ଷାମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ ରେ ହୋଇଥିବା ତଦନ୍ତ ରିପୋର୍ଟ ଓ ବିଧାୟକ ବାବୁ ସିଂଙ୍କ ଚିଠି କୁ ଶିକ୍ଷାମନ୍ତ୍ରୀଙ୍କ ଦୃଷ୍ଟିକୁ ଆଣିଥିଲେ। ତଦନ୍ତ ରିପୋର୍ଟ ଉପରେ ଉଚ୍ଚସ୍ତରୀୟ ତଦନ୍ତ ନିର୍ଦ୍ଦେଶ ଦେବାକୁ ଅନୁରୋଧ କରିଥିଲେ ଅଭିଭାବକ ସଂଘ ର ୧୦ ଜଣ ବରିଷ୍ଠ କର୍ମକର୍ତ୍ତା ତଦନ୍ତ ନ ସରିବା ପର୍ଯ୍ୟନ୍ତ ଚଳିତ ବର୍ଷ ୨୦୨୫-୨୦୨୬ ଫି ବୃଦ୍ଧି କୁ ବନ୍ଦ କରିବା ପାଇଁ ମନ୍ତ୍ରୀ ଙ୍କୁ ସଂଘ ପକ୍ଷରୁ ଦାବି ଉପସ୍ଥାପନ କରାଯାଇଥିଲା। ଅଭିଯୋଗ ଉପରେ ଖୁବ୍ ଶୀଘ୍ର ଏକ ଉଚ୍ଚସ୍ତରୀୟ ତଦନ୍ତ ପାଇଁ ସଚୀବ ଙ୍କୁ ନିର୍ଦ୍ଦେଶ ଦେଇଥିଲେ। ବିଜେଇମ ସ୍କୁଲ ଅଭିଭାବକ ସଂଘ ପକ୍ଷରୁ ନିତ୍ୟାନନ୍ଦ ବେହେରା, ଶୁଭେନ୍ଦୁ କୁମାର ସାମନ୍ତ, ସତ୍ୟ ନାରାୟଣ ସାହୁ, ଶକ୍ତି ପ୍ରାସାଦ ମହାନ୍ତି, ସଞ୍ଜୟ କୁମାର ବେହେରା, ତରଜିତ୍ ଖାନା, ଦେବିକା ସାମଲ, ସାଗରିକା ସାହୁ, ନିବେଦିତା ଦାସ, ସୁଚିସ୍ମିତା ସାମଲ,ଅଙ୍କିତା ନାୟକ, ତନ୍ମୟ , ଦୀପକ ଆଜି ମୁଖ୍ୟମନ୍ତ୍ରୀଙ୍କୁ ଭେଟି ଆଲୋଚନା କରିବା ସହ ଦୁଇଗୋଟି ଦାବି ପତ୍ର ପ୍ରଦାନ କରିଥିଲେ ବୋଲି ସଂଘର ସଭାପତି ରଂଜନ କୁମାର ଦାସ ସୂଚନା ଦେଇଛନ୍ତି।

## ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶରେ ଏକ ଦଶନ୍ଧିର ସମସ୍ୟା ୭ ଘଣ୍ଟାରେ ହେଲା ସମାଧାନ

**ଭୁବନେଶ୍ୱର,୧୯।୫/ଏନ୍‌ଏନ୍‌ଏସ୍:** କେନ୍ଦ୍ରାପଡା ଜିଲ୍ଲା ମହାକାଳପଡ଼ା ବ୍ଲକ ଅନ୍ତର୍ଗତ ତେର ଗାଁର ସରୋଜକାନ୍ତ ସାହୁଙ୍କ ଝିଅ ସୁଶ୍ରୀ ସଂଗୀତା ସାହୁ ଭିନ୍ନକ୍ଷମ ପ୍ରମାଣପତ୍ର ନଥିବା ହେତୁ ସରକାରଙ୍କ ଦ୍ୱାରା ପ୍ରଦତ୍ତ ଭତ୍ତା ଓ ଅନ୍ୟାନ୍ୟ ଯୋଜନାର ସୁଫଳ ପାଇବାରୁ ବହୁବର୍ଷ ଧରି ସୁଶ୍ରୀ ସଂଗୀତା ବଞ୍ଚିତ ହେଉଥିବା ଖବର ସାମାଜିକ ଗଣମାଧ୍ୟମ ଓ ଖବରକାଗଜ ମାଧ୍ୟମରୁ ଜାଣିଲା ପରେ ଓଡିଶା ସରକାରଙ୍କ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଡ଼ଃ ମୁକେଶ ମହାଲିଙ୍ଗ ସୁଶ୍ରୀ ସଂଗୀତାଙ୍କ ଆବଶ୍ୟକୀୟ ଡାକ୍ତରୀ ପରୀକ୍ଷା କରି ତୁରନ୍ତ ତାଙ୍କୁ ଭିନ୍ନକ୍ଷମ ପ୍ରମାଣପତ୍ର ପ୍ରଦାନ କରିବା ପାଇଁ କେନ୍ଦ୍ରାପଡା ସିଡିଏମଓଙ୍କୁ ନିର୍ଦ୍ଦେଶ ଦେଇଥିଲେ । ସ୍ୱାସ୍ଥ୍ୟ ମନ୍ତ୍ରୀଙ୍କ ନିର୍ଦ୍ଦେଶ କ୍ରମେ ସୁଶ୍ରୀ ସଂଗୀତାଙ୍କ ଡାକ୍ତରୀ ପରୀକ୍ଷା କରାଯାଇ ମାତ୍ର ୭ ଘଣ୍ଟା ମଧ୍ୟରେ ଭିନ୍ନକ୍ଷମ ପ୍ରମାଣପତ୍ର ପ୍ରଦାନ କରାଯାଇଛି ଏକ ଦଶନ୍ଧିର ସମସ୍ୟାକୁ ମାତ୍ର କେଇ ଘଣ୍ଟା ମଧ୍ୟରେ ସମାଧାନ କରିଥିବାରୁ ସୁଶ୍ରୀ ସଂଗୀତାଙ୍କ ପରିବାର ଓ ମହାକାଳପଡ଼ାର ସମାଜସେବୀମାନେ ସ୍ୱାସ୍ଥ୍ୟ ମନ୍ତ୍ରୀଙ୍କୁ ସାଧୁବାଦ ଜ୍ଞାପନ କରିଛନ୍ତି। ଭିନ୍ନକ୍ଷମ ଭାଇଭଉଣୀମାନଙ୍କୁ ସାଧ୍ୟମତେ ଆନ୍ତରିକ ସାହାଯ୍ୟ-ସହଯୋଗ କରିବାପାଇଁ ସ୍ୱାସ୍ଥ୍ୟ ମନ୍ତ୍ରୀ ସ୍ୱାସ୍ଥ୍ୟ ବିଭାଗର କର୍ମଚାରୀ ଓ ଜନସାଧାରଣଙ୍କୁ ଅନୁରୋଧ କରିଛନ୍ତି।

### ସିବିଏସ୍‌ଇ ସ୍କୁଲ୍‌କୁ ଚିଠି

## ଗଠନ ହେବ ସୁଗାର ବୋର୍ଡ

**ଭୁବନେଶ୍ୱର,୧୯।୫/ଏନ୍‌ଏନ୍‌ଏସ୍:** ସିବିଏସ୍‌ଇ ଦ୍ୱାରା ପରିଚାଳିତ ହେଉଥିବା ରାଜ୍ୟର ସମସ୍ତ ସ୍କୁଲଗୁଡ଼ିକରେ ଖୁବ୍‌ଶୀଘ୍ର ଗଠନ ହେବ ସୁଗାର ବୋର୍ଡ। ଏନେଇ ସମସ୍ତ ସିବିଏସଇ ସ୍କୁଲକୁ ଚିଠି କରାଯାଇଛି। ଏହି ବୋର୍ଡ଼ ପିଲାଙ୍କର ରକ୍ତ ସର୍କରା ନିୟନ୍ତ୍ରଣ ପାଇଁ ନିୟମିତ ଯାଞ୍ଚ କରିବ। ମିଳିଥିବା ସୂଚନା ଅନୁସାରେ ଅଧିକ ସର୍କରା ଜାତୀୟ, ଅଧିକ ମାତ୍ରରେ ମୃଦୁ ପାନୀୟ, ବିଭିନ୍ନ ଫାଷ୍ଟ ଫୁଡ, ବାରମ୍ୱାର ବାହାର ଖାଦ୍ୟ ଖାଇବା ଦ୍ୱାରା ମଧୁମେହ ଦେଖା ଯାଇଥାଏ। ସର୍କରା ଯୁକ୍ତ ଖାଦ୍ୟ କେବଳ ମଧୁମେହ ସୃଷ୍ଟି କରେ ନାହିଁ, ପିଲାଙ୍କ ଅତ୍ୟଧିକ ମୋଟା ହେବାର କାରଣ ସାଜିଥାଏ। ଏହାଛଡ଼ା ଦାନ୍ତ ସମସ୍ୟା, ଖାଦ୍ୟ ହଜମ ନହେବା ଭଳି ସମସ୍ୟା ଆଶଙ୍କା ସୃଷ୍ଟି କରିଥାଏ। ଦୀର୍ଘ ଦିନ ଧରି ପିଲାଙ୍କ ଏହିପରି ସ୍ୱାସ୍ଥ୍ୟଗତ ସମସ୍ୟା ରହିଲେ ଶିକ୍ଷାରେ ନୈରାଶ୍ୟଜନକ ପ୍ରଦର୍ଶନ ହୋଇପାରେ। ତେବେ ପିଲାଙ୍କ ସ୍ୱାସ୍ଥ୍ୟଗତ ସୁରକ୍ଷା ପାଇଁ ସିବିଏସ୍‌ଇ ସ୍କୁଲରେ ସୁଗାର ବୋର୍ଡ ପ୍ରତିଷ୍ଠା କରାଯିବା ନେଇ ଯୋଜନା କରାଯାଉଛି। ଯେଉଁଥିରେ ପିଲାମାନଙ୍କୁ ସର୍କରା ଯୁକ୍ତ ଖାଦ୍ୟରୁ ଦୂରେଇ ରହିବା ପାଇଁ ଶିକ୍ଷା ଦିଆଯିବ। ସର୍କରା ଯୁକ୍ତ ଖାଦ୍ୟ ଖାଇବା କେତେ ବିପଦ ତାହା ପିଲାଙ୍କୁ ସଚେତନ କରାଯିବ। ଯେପରି କି ଜଙ୍କ୍ ଫୁଡ, ଥଣ୍ଡା ପାନୀୟରୁ ଦୂରେଇ ରହିବାକୁ କୁହାଯିବ, କେଉଁ ପ୍ରକାରର ଖାଦ୍ୟ ପିଲାଙ୍କ ପାଇଁ ସ୍ୱାସ୍ଥ୍ୟକର ସେନେଇ ସଚେତନ କରାଯିବ। ଏହା ସହିତ ପିଲାଙ୍କୁ ନେଇ କର୍ମଶାଳା, ସଚେତନତା କାର୍ଯ୍ୟକ୍ରମ ଆୟୋଜନ ମଧ୍ୟ ହେବ। ବିଶେଷଜ୍ଞଙ୍କ କହିବା ଅନୁସାରେ ଏହା ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ ଅଟେ। ପିଲାଙ୍କର ଜୀବନ ଶୈଳୀ ପରିବର୍ତ୍ତନ କରିବାକୁ ପଡ଼ିବ। ଜଙ୍କ ଫୁଡ ବା କୋଲଡ୍ରିଙ୍କ୍ସ ଆଦି ସେବନ କରୁଛନ୍ତି। ଯାହା ସ୍ୱାସ୍ଥ୍ୟ ପ୍ରତି ବହୁତ ଖରାପ ଅଟେ। ଟିକେ ସଚେତନତା ହେଲେ ସବୁ କିଛି ସମାଧାନ ହୋଇପାରିବ। ପିଲାଦିନେ ମୋଟାପଣ ବିଭିନ୍ନ ରୋଗର କାରଣ ହୋଇପାରେ। ଏହି କାରଣରୁ କମ୍ ବୟସରେ ବା ଛୋଟ ଛୋଟ ପିଲାଙ୍କୁ ମଧୁମେହ, ହୃଦରୋଗ ଏବଂ ଶ୍ୱାସକ୍ରିୟା ସମସ୍ୟା ଆଦି ଦେଖାଯାଇଥାଏ।

## ୨୩ରୁ ଜନତା ମଇଦାନ୍‌ରେ ଏକାଦଶ ଭୁବନେଶ୍ୱର ଅନ୍ତର୍ଜାତୀୟ ବାଣିଜ୍ୟ ମେଳା




**ଭୁବନେଶ୍ୱର, ୧୯।୫/ଏନ୍‌ଏନ୍‌ଏସ୍:** 'ଏକାଦଶ ଭୁବନେଶ୍ୱର ଆନ୍ତର୍ଜାତୀୟ ବାଣିଜ୍ୟ ମେଳା - ୨୦୨୫' ଗୁପ୍ତା ଇଭେଣ୍ଟ ମ୍ୟାନେଜମେଣ୍ଟ ପ୍ରା.ଲି ପକ୍ଷରୁ ମେ ୨୩ ତାରିଖରୁ ଜୁନ୍ ୨ ତାରିଖ ପର୍ଯ୍ୟନ୍ତ ସ୍ଥାନୀୟ ଜନତା ମଇଦାନରେ ଅନୁଷ୍ଠିତ ହେବ। ଏହି ମଲ୍ଟି ସେକ୍ଟର ବି୨ବି ଏବଂ ବି୨ସି ପ୍ରଦର୍ଶନୀ ଭୁବନେଶ୍ୱରରେ ଏକ ମାଇଲଖୁଣ୍ଟ ଇଭେଣ୍ଟ। ଏଥିରେ ୨୨ଟି ରାଜ୍ୟ ଏବଂ ୧୦ଟି ଦେଶ ଅଂଶଗ୍ରହଣ କରିବେ। ଡିଜାଇନ୍ ହୋଇଥିବା ଆଉଟଲେଟ ଗୁଡିକ ଶୀତତାପ ନିୟନ୍ତ୍ରିତ ହ୍ୟାଙ୍ଗର ସଂରଚନାରେ ଅନ୍ତର୍ଭୁକ୍ତ । ଏହି ମେଳାରେ ରିଏଲ୍ ଇଷ୍ଟେଟ୍, ଷ୍ଟାର୍ଟ ଅପ୍ କମ୍ପାନୀ, ଉତ୍ପାଦକ, ବିକାଶକାରୀ, ବ୍ୟାଙ୍କ, ନିର୍ମାଣ ସାମଗ୍ରୀ, ହାର୍ଡୱେୟାର, ଆସବାବପତ୍ର, ଆଭ୍ୟନ୍ତରୀଣ, ଶିକ୍ଷା, ଘର ସାଜସଜ୍ଜା ଉତ୍ପାଦମାନ ସହିତ ଘରୋଇ ଉପକରଣ, ଇଲେକ୍ଟ୍ରୋନିକ୍ସ, ଆର୍ଟିଷ୍ଟିକ୍ସ ପରିଦର୍ଶକମାନେ ରିଅଲ୍ ଇଷ୍ଟେଟ୍, ଷ୍ଟାର୍ଟ-ଅପ୍, ଉତ୍ପାଦନ, ବ୍ୟାଙ୍କିଙ୍ଗ୍, ନିର୍ମାଣ ସାମଗ୍ରୀ, ଆସବାବପତ୍ର, ଆଭ୍ୟନ୍ତରୀଣ ଡିଜାଇନ୍, ହୋମ ଇଲେକ୍ଟ୍ରୋନିକ୍ସ, ସ୍ୱାସ୍ଥ୍ୟ ଏବଂ ସୁସ୍ଥତା, ଏବଂ ଥାଇ ଫୁଲ, ଆଫଗାନିସ୍ତାନ ଶୁଖିଲା ଫଳ, ରାଜସ୍ଥାନୀ ମାର୍ବଲ, ଇରାନୀ ପର୍ସିଆନ କାର୍ପେଟ, କାଶ୍ମୀରୀ ଫର୍ଣିଚର, ଇରାନୀ ଗହଣା, ମାଲେସିଆର ଫାଉଏନ୍ଟନ୍ ଏବଂ ବାଂଲାଦେଶୀ ହ୍ୟାଣ୍ଡଲୁମ୍ ସହ ଭାରତୀୟ ହସ୍ତତନ୍ତ ଭଳି ଉତ୍ପାଦମାନ ଏହି ମେଳାରେ ଅଛି । ବିସ୍ତୃତ ଉତ୍ପାଦ ପ୍ରଦର୍ଶନୀ ସହିତ, ଉପସ୍ଥିତ ଲୋକମାନେ ଖାଦ୍ୟ ଜୋନ୍‌ରେ ଉପଲବ୍ଧ ବିଭିନ୍ନ ପ୍ରକାରର ସୁସ୍ୱାଦୁ ଏବଂ ସ୍ୱଚ୍ଛ ଖାଦ୍ୟ ପାଇପାରିବେ । ୫୦୦,୦୦୦ ରୁ ଅଧିକ ପରିଦର୍ଶକ ଏହି ୧୧ ଦିନିଆ ଇଭେଣ୍ଟର ଭରପୁର ଲାଭ ଉଠାଇବା ସହ, ଅନେକ କ୍ଷେତ୍ରରୁ ଗୁଣାତ୍ମକ ଉତ୍ପାଦମାନ ଏହି ପ୍ରଦର୍ଶନୀରେ ସୁଲଭ ମୂଲ୍ୟରେ ପାଇପାରିବେ ବୋଲି କମ୍ପାନୀ ପରିଚାଳନା ନିର୍ଦ୍ଦେଶକ ସୁଜିତ କୁମାର ଗୁପ୍ତା କହିଛନ୍ତି । ଏହି ମେଳା ଉଭୟ ଗ୍ରାହକ ଏବଂ ବ୍ୟବସାୟୀଙ୍କ ପାଇଁ ଅର୍ଥପୂର୍ଣ୍ଣ ସଂଯୋଗ ଏବଂ ବ୍ୟବସାୟିକ ସୁଯୋଗ ସୃଷ୍ଟି କରିବ ବୋଲି ଲକ୍ଷ୍ୟ ରଖାଯାଇଛି । ଗୁପ୍ତା ଇଭେଣ୍ଟ ମ୍ୟାନେଜମେଣ୍ଟ ପ୍ରା. ଲିମିଟେଡ୍ କମ୍ପାନୀର ପରିଚାଳନା ନିର୍ଦ୍ଦେଶକ ସୁଜିତ କୁମାର ଗୁପ୍ତା ଏବଂ ପାୟଲ ଆଚାର୍ଯ୍ୟ ଗୁପ୍ତାଙ୍କ ନେତୃତ୍ୱରେ ଏହି ବିଶ୍ୱବ୍ୟାପୀ ବାଣିଜ୍ୟ ଏବଂ ଉପଭୋକ୍ତା ଯୋଗାଯୋଗ ପାଇଁ ଅତୁଳନୀୟ ପ୍ଲାଟଫର୍ମ ସୃଷ୍ଟି କରାଯାଇଛି । ଏହା ଏକ ବୃହତ ଇଭେଣ୍ଟ ଯେଉଁଥିରେ କି ୧ ଲକ୍ଷ ରୁ ଅଧିକ ଜାତୀୟ ଏବଂ ଅନ୍ତର୍ଜାତୀୟ ପ୍ରଡକ୍ଟ ବିଶ୍ୱ ର ବିଭିନ୍ନ ପ୍ରାନ୍ତ ରୁ ଅଂଶ ଗ୍ରହଣ କରୁଛନ୍ତି । ଡାଇନିଂ ସେଟ ଏବଂ କାର୍ଭିଙ୍ଗ ଝୁଲା , ଆଫଗାନିସ୍ତାନ ର ୧୦୦ ପ୍ରକାର ର ଶୁଖିଲା ଫଳ, ଜର୍ମାନୀ ଲ୍ୟାମ୍ପ ବାଂଲାଦେଶ ହ୍ୟାଣ୍ଡଲୁମ୍ ର ଜମଦାନୀ ଶାଢ଼ି, ଇରାନ ରୁ ଇରାନୀ ଖଜୁରୀ, ଦୁବାଇର ଅତର, ଥାଇଲାଣ୍ଡର ଗହଣା ଏବଂ ଚପଲ କୋରିଆ ର ପ୍ରସାଧନ ସାମଗ୍ରୀ, ଭାରତୀୟ ହସ୍ତକଳା ଏବଂ ହସ୍ତତନ୍ତ ସାମଗ୍ରୀ, ଆଣ୍ଟିକ ମେଟାଲ ଏବଂ ବିଭିନ୍ନ ପଥର ର ଗହଣା ଇରାନ ର ଇରାନୀ ଗାଲିଚା, ପୃଥିବୀ ର ବିଭିନ୍ନ ପ୍ରାନ୍ତ ରୁ ଆଣ୍ଟିକ କଂସା ଓ ପିତଳ ର ସାମଗ୍ରୀ, ଦୁବାଇ ର ପରିଧାନ ଆଣ୍ଟିକ ଘର ସଜ୍ଜା ଓ କାନ୍ଥ ସଜ୍ଜା ଫ୍ରେମ, ଉତ୍ତର ପ୍ରଦେଶ ରୁ ଚମଡା ରେ ପ୍ରସ୍ତୁତ ଜିନିଷ, ସିଙ୍ଗାପୁର ର ସାମଗ୍ରୀ ଖଦି ଏବଂ କୁରେସିଆ ସାମଗ୍ରୀ, ଭାଗଲପୁର, ପଞ୍ଜାବ, ବନାରସ, ଯଇପୁର, ବାଙ୍ଗଲାଦେଶ, ସମ୍ବଲପୁର ରୁ କପଡା ଏବଂ ଶାଢ଼ୀ, ଚମ୍ପାରନ ର ପ୍ରସିଦ୍ଧ ଚମ୍ପାରନ ମଟନ, ସୌନ୍ଦର୍ଯ୍ୟ ପ୍ରସାଧନ, ଇଲେକ୍ଟ୍ରୋନିକ୍ସ, କଂଜୁମର ଗୁଡ଼ସ, ମାର୍ବଲ ର ମୂର୍ତ୍ତି ଏବଂ ଆହୁରି ଅନେକ ଅନେକ ମନ ମୁଗ୍ଧ କଳା ଭଳି ଜିନିଷ ସବୁ ଉପଲବ୍ଧ ହେବ। ମେଳା ଛଡ଼ା ପ୍ରତେକ ସନ୍ଧ୍ୟା ରେ କଲଚରାଲ ପ୍ରୋଗ୍ରାମ ନିଜର ଟ୍ରାଡିସନ, କଳା, ସଂସ୍କୃତି ସହ ଫ୍ୟାସିଅନ ଶୋଷର ଆୟୋଜନ କରାଯାଇଛି।ଏହି ବାଣିଜ୍ୟ ମେଳା ସମ୍ବନ୍ଧିତ ସବିଶେଷ ବିବରଣୀ ପାଇଁ ୯୬୯୨୮୧୪୩୭୬ ନମ୍ବରରେ ଯୋଗାଯୋଗ କରିବା ପାଇଁ କୁହାଯାଇଛି।

ନିତିଦିନ NITIDIN
ଆମ ଜିଲ୍ଲା

## ପାଣି ପମ୍ପ ଚୋରି

**ନୟାହାଟ,୧୯।୫/ଏନ୍‌ଏନ୍‌ଏସ୍:** ନୟାହାଟ ଫାଣ୍ଡିରେ ଗାଡ଼ି ନଥିବାରୁ ପାଟ୍ରୋଲିଂ ନହେବା ଫଳରେ ଘନ ଘନ ଚୋରି ଯୋଗୁଁ ପୁଲିସର ମୁଣ୍ଡବ୍ୟଥାର କାରଣ ପାଲଟିଛି । ପ୍ରକାଶ ଯେ, ନୟାହାଟ ଫାଣ୍ଡିର ଦେଶୁଣ୍ଡି ଛକ ଆମପଡ଼ା ରାସ୍ତାରେ କୋଠା ଘର କରିଥିବା ଅଜୟ କୁମାର ଦଳେଇଙ୍କ ପାଣି ମଟର ଚୋରି ହେବା ଫାଣ୍ଡିରେ ଅଭିଯୋଗ ହୋଇଥିଲା । ସୋମବାର ଫାଣ୍ଡି ଅଧିକାରୀ ଶ୍ରୀଧର ମଲ୍ଲିକ ତଦନ୍ତ କରିବାକୁ ଯାଇ ଜାଣିବାକୁ ପାଇଥିଲେ ଯେ ପାଣି ମଟର ଚୋରିରେ ଏକ ଗ୍ୟାଙ୍ଗ କାର୍ଯ୍ୟ କରୁଛି । ଗାଡ଼ି ନଥିବାରୁ ଅଭିଯୁକ୍ତମାନଙ୍କୁ ଧରିବା ବିଳମ୍ବ ହେବ ବୋଲି ପ୍ରକାଶ କରିଛନ୍ତି ।

### ମରଣଯନ୍ତା ପାଲଟିଛି କଏରାପାରୀ ଛକ

# ହାଇୱା ଚକାତଳେ ବାଇକ୍, ଅଳ୍ପକେ ବର୍ତ୍ତିଲେ ଚାଳକ

**ଟାଙ୍ଗୀ,୧୯।୫/ଏନ୍‌ଏନ୍‌ଏସ୍:** ଅଞ୍ଚଳର ବ୍ୟସ୍ତବହୁଳ ଛକ କୁହାଯାଉଥିବା ଟାଙ୍ଗୀ ଥାନା ୧୬ନଂ ଜାତୀୟ ରାଜପଥ କଏରାପାରୀ ଛକ ଏବେ ମରଣଯନ୍ତା ପାଲଟିଥିବା ଜଣାପଡ଼ିଛି । ଏଠାରେ ଟ୍ରାଫିକ୍ ବ୍ୟବସ୍ଥା ପ୍ରତି କର୍ତ୍ତୃପକ୍ଷଙ୍କ ଅଣଦେଖା ସାଧାରଣରେ ତୀବ୍ର ଅସନ୍ତୋଷ ସୃଷ୍ଟି କରିଛି । ଏହି ରାସ୍ତା ପାରି ହୋଇ ଟାଙ୍ଗୀ ମହାବିଦ୍ୟାଳୟ, ଡ୍ରିମ୍ସ ୟୁନିଭରସିଟି, ଘରୋଇ ମେଡିକାଲ, ଟ୍ରେଟାହେଡନ୍ କେଲଜ, ଭଟିମୁଣ୍ଡା ପଟରୁ ଆସିଲେ ରାସ୍ତା ପାରା ହୋଇ ବ୍ଲକ, ଥାନା, ମେଡିକାଲ ଯିବାକୁ ପଡୁଛି । ଗୁରୁତ୍ୱପୂର୍ଣ୍ଣ ରାସ୍ତା ହୋଇଥିଲେ ମଧ ନା ଅଛି ଓଭର ବ୍ରିଜ୍ ନା ଅଛି ଟ୍ରାଫିକ ବ୍ୟବସ୍ଥା । ତାହା ସହ ଅଣଚଉଡ଼ା ରାସ୍ତା ପାଇଁ ଉକ୍ତ ସ୍ଥାନ ଏବେ ମୃତ୍ୟୁର କୂଅ ପାଲଟିଛି । ନେତାଙ୍କ ଭାଷଣରେ ସମିତି ଓଭର ବ୍ରିଜ୍ କାର୍ଯ୍ୟ ଅଟକିଥିବା ବେଳେ ଟ୍ରାଫିକ ପୋଷ୍ଟ ମଧ ନିର୍ମାଣ କରାଯାଉ ନାହିଁ । ଯାହାଫଳରେ ପ୍ରତ୍ୟେକ ଦିନ ଦୁର୍ଘଟଣା ଘଟି ଅନେକ ଜୀବନ ଅକାଳରେ ଯାଉଥିବା ବେଳେ ଅନେକ ଗୁରୁତର ମଧ ହେଉଛନ୍ତି । ତେବେ ଆଜି ମଧ ଜଣେ ବ୍ୟକ୍ତି ମୃତ୍ୟୁମୁଖରୁ ଅଳ୍ପକେ ବର୍ତ୍ତିଯାଇଛନ୍ତି । ବ୍ୟକ୍ତି ଜଣଙ୍କ ହେଲେ ଟାଙ୍ଗୀ ଚୌଦ୍ୱାର ବ୍ଲକ କହ୍ନେପୁର ଗ୍ରାମର ତପନ ମହାରଣା । ଘଟଣାରୁ ପ୍ରକାଶ ତପନ ଭଟିମୁଣ୍ଡା ପଟରୁ ଆସି ରାସ୍ତା ପାର ହେଉଥିବା ବେଳେ ପଛପଟୁ ଆସୁଥିବା ହାଇୱା ମଧ ରାସ୍ତା ପାର୍ ହେବାକୁ ଯାଉଥିବା ସମୟରେ ବାଇକ୍‌କୁ ଧକ୍କା ଦେଇଥିଲା । ଫଳରେ ବାଇକ୍ ସହ ଚାଳକ ହାଇୱା ଆଗ ଚକା ତଳେ ପଡ଼ିଯାଇଥିଲେ । ସେଠାରେ ଥିବା ଲୋକମାନେ ତୁରନ୍ତ ପାଟି କରିବାରୁ ହାଇୱା ଚାଳକ ଗାଡ଼ିକୁ ଅଟକାଇ ଦେଇଥିଲେ । ଯାହାଫଳରେ ସୌଭାଗ୍ୟ ବଶତଃ ବାଇକ ଚାଳକଙ୍କ ଜୀବନ ଅଳ୍ପକେ ବର୍ତ୍ତିଯାଇଥିଲା । ବାରମ୍ବାର ଏଭଳି ଗୁରୁତ୍ୱପୂର୍ଣ୍ଣ ସ୍ଥାନରେ ଦୁର୍ଘଟଣା ଘଟୁଥିଲେ ମଧ କାହିଁକି ଟ୍ରାଫିକ୍ ବ୍ୟବସ୍ଥା କରାଯାଉ ନାହିଁ ତା'ର ଉତ୍ତର କାହାରି ପାଖରେ ନାହିଁ । ସମସ୍ୟା ପ୍ରତି ସମସ୍ତେ ଆଖି ବୁଜି ଦେଉଥିବାବେଳେ ଏହି ରାସ୍ତା କେତେ ମା'ଙ୍କ କୋଳ ଖାଲି କଲାଣି ଆଉ କେତେ ନାରୀଙ୍କ ମଥାରୁ ସିନ୍ଦୁର ପୋଛିଲାଣି ସବୁ ଜାଣିବି ନେତା ନିରବଦ୍ରଷ୍ଟା ସାଜିଛନ୍ତି ବୋଲି ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି । ତୁରନ୍ତ ଉଚ୍ଚକର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟିଦେବାକୁ ଦାବି ହେଉଛି ।

- ଭାଷଣରେ ଅଟକିଛି ଓଭର ବ୍ରିଜ୍ ନିର୍ମାଣ
- ପ୍ରତିଦିନ ଘଟୁଛି ଦୁର୍ଘଟଣା, କର୍ତ୍ତୃପକ୍ଷ ନିରବ
- ଓସାରିଆ ରାସ୍ତା ପାଇଁ ନାହିଁ ଟ୍ରାଫିକ୍ ବ୍ୟବସ୍ଥା




## ଦୟାଣାଚୋରି ବଗିଚାରେ ହାଇମାଷ୍ଟ ଖେଳୁଛି ଲୁଚକାଳି

**କଣ୍ଟିଲୋ,୧୯।୫/ଏନ୍‌ଏନ୍‌ଏସ୍:** ସମ୍ପ୍ରତି କଣ୍ଟିଲୋରେ ଚାଲିଥିବା ବିକାଶ ପ୍ରକଳ୍ପ କାର୍ଯ୍ୟ, ଆଜିକା ଦିନକୁ ତିନି ବର୍ଷରୁ ଊର୍ଦ୍ଧ୍ୱ ସମୟ ଅତିବାହିତ ହୋଇଥିଲେ ମଧ ଦୟାଣା ଚୋରି ବଗିଚାରେ ଲାଗିଥିବା ହାଇମାଷ୍ଟ ଲାଇଟ୍ ଆଜ ସୁଦ୍ଧା ଠିକ୍ ଭାବେ ସର୍ବସାଧାରଣ ଜନତାଙ୍କୁ ସେବା ଯୋଗାଇବାରେ ସମ୍ପୂର୍ଣ୍ଣ ବିଫଳ ହୋଇ ଲୁଚକାଳି ଖେଳୁଛି । ଏବେ ମାତ୍ର ୩/୪ ଦିନ ହେଲା ଦେଖିବାକୁ ମିଳୁଛି । ପ୍ରତିଦିନ ସନ୍ଧ୍ୟା ସାତଟାରୁ ମାତ୍ର ପନ୍ଦର ମିନିଟ୍ ପାଇଁ ହାଇ ମାକ୍ସ ଲାଇଟ୍ ଲାଗେ ଏବଂ ରାତି ସାରା ଅନ୍ଧାର ରହେ । ଏହା କେବଳ ଓବିସିସି ଓ ବଂଶଲ୍ ଠିକା ସଂସ୍ଥାର ଅଣକୁଶଳୀ ଅନଭିଜ୍ଞ ଓ ଅପାରଗ ଯନ୍ତ୍ରୀ ଓ କର୍ମଚାରୀମାନଙ୍କ ନିଚ ମାନସିକତାର ଜ୍ୱଳନ୍ତ ପ୍ରମାଣ । ସୂଚନାରୁ ଜଣାପଡିଛି ଯେ, କଣ୍ଟିଲୋ ନୀଳମାଧବ ଜିଉଙ୍କ କ୍ଷେତ୍ରର ଉନ୍ନତି ପାଇଁ ତତ୍କାଳୀନ ବିଜେଡି ସରକାର ଗତ ୨୦୨୨ ମସିହାରେ ଘୋଷଣା କରିଥିବା ୧୦୦ କୋଟି ଅନୁଦାନ ରାଶି ମଧ୍ୟରୁ, ମାତ୍ର ୩୦କୋଟି ଟଙ୍କା ପ୍ରଦାନ କରି, ଓବିସିସି ମାଧମରେ ବନ୍ସଲ ଠିକା ସଂସ୍ଥା ଦ୍ୱାରା ସମସ୍ତ କାର୍ଯ୍ୟକୁ ୧୮ମାସ ମଧ୍ୟରେ ଶେଷ କରିବାକୁ ଚୁକ୍ତି ସ୍ୱାକ୍ଷରିତ କରିଥିବା ନଜିର ଅଛି । ଅବଶିଷ୍ଟ ୭୦କୋଟି ଟଙ୍କା କଅଣ ହୋଇଛି ତାହା ବର୍ତ୍ତମାନର ଡବଲ ଇଞ୍ଜିନ ସରକାରଙ୍କ ଦ୍ୱାରା ତଦନ୍ତ ସାପେକ୍ଷ । ସାଧାରଣରେ ପ୍ରଶ୍ନ ହେଉଛି ଆଉ କେତେ ମାସ ସମୟ ନେଲେ କାର୍ଯ୍ୟ ଶେଷ ହେବ । ତେଣୁ ବିକାଶ ପ୍ରକଳ୍ପ ର ପ୍ରତ୍ୟେକ କାର୍ଯ୍ୟକୁ ତ୍ୱରାନ୍ୱିତ କରି ଯଥାଶୀଘ୍ର ଶେଷକରି ଭକ୍ତ, ଶ୍ରଦ୍ଧାଳୁ ଓ ପର୍ଯ୍ୟଟକମାନଙ୍କୁ ସେବା ଯୋଗାଇବା ପାଇଁ ନୟାଗଡ଼ ଜିଲ୍ଲାପାଳ ଓ ରାଜ୍ୟ ସରକାର ତଦାରଖ କରିବାକୁ ଦାବି କରିଛନ୍ତି ।



## ୩୮ଲିଟର ଦେଶୀମଦ ଜବତ, ୨ ଗିରଫ

**ଖଣ୍ଡପଡ଼ା,୧୯।୫/ଏନ୍‌ଏନ୍‌ଏସ୍:** ଖଣ୍ଡପଡ଼ା ଅବକାରୀ ବିଭାଗ ପକ୍ଷରୁ ଫତେଗଡ ଥାନା ଅଧୀନ ଗୋବର୍ଦ୍ଧନପ୍ରସାଦ ଗ୍ରାମରେ ସୋମବାର ଅଚାନକ ଚଢ଼ଉ କରାଯାଇ କବି ମଲ୍ଲିକ(୪୮)ଙ୍କ ଠାରୁ ୨୪ଲିଟର ଓ ଉପେନ୍ଦ୍ର ସାହୁଙ୍କ ଠାରୁ ୧୪ଲିଟର ଦେଶୀମଦ ଜବତ କରାଯାଇଥିବା ଅବକାରୀ ଥାନାଧିକାରୀ ଦୀପକ କୁମାର ଜେନାଙ୍କଠାରୁ ପ୍ରକାଶ । ନିଶା ବେପାରୀ କବି ଓ ଉପେନ୍ଦ୍ର ବାଇକ ଯୋଗେ ଦେଶୀ ମଦ ଚୋରାରେ ଚାଲାଣ କରୁଥିବା ବେଳେ ଅବକାରୀ ବିଭାଗ କର୍ମଚାରୀମାନଙ୍କ ଦ୍ୱାରା ଧରାପଡ଼ିଥିଲେ । ଏ ସଂପର୍କରେ ମାମଲା ରୁଜୁ କରାଯାଇ ଉଭୟଙ୍କୁ ଅଦାଲତ ଚାଲାଣ କରାଯାଇଥିବା ଜଣାପଡିଛି । ଉଭୟଙ୍କ ଠାରୁ ୩୮ ଲିଟର ଦେଶୀ ମଦ ଓ ୨ଟି ବାଇକ ଜବତ ହୋଇଛି । ଚଢ଼ଉ ଅଭିଯାନରେ ଏସଆଇ ପ୍ରତ୍ୟୁଷ ରଞ୍ଜନ ଦେହୁରୀ, ଲକ୍ଷ୍ମୀଧର ବେହେରା, ଶୁଭଶ୍ରୀ ପାଣିଗ୍ରାହୀ ପ୍ରମୁଖ ସାମିଲ ହୋଇଥିଲେ ।

### ପାଣି ପାଇପ୍ ଫାଟି ଜଳଯୋଗାଣ ବନ୍ଦ

## ପଞ୍ଚାୟତ ଅଫିସ ତାଲା ପକାଇଲେ ଗ୍ରାମବାସୀ

**ଡେଲାଙ୍ଗ,୧୯।୫/ଏନ୍‌ଏନ୍‌ଏସ୍:** ଡେଲାଙ୍ଗ ବ୍ଲକ ଖେଲଉର ଗ୍ରାମ ପଞ୍ଚାୟତ ଅର୍ନ୍ତଗତ ବ୍ରାହ୍ମଣତରବୋଇ ଗ୍ରାମରେ ପାଇପ ଫାଟି ପାନୀୟ ଜଳ ଯୋଗାଣ ବନ୍ଦ ହୋଇଥିବା ନେଇ ଗ୍ରାମବାସୀ ଅଭିଯୋଗ କରିଛନ୍ତି । ପାନୀୟ ଜଳ ଯୋଗାଣ ବନ୍ଦ ହେବାରୁ ଗ୍ରାମରେ ଉତ୍ତେଜନା ପ୍ରକାଶ ପାଇଛି । ନିରବଚ୍ଛିନ୍ନ ପାନୀୟ ଜଳ ଯୋଗାଣ ଦାବିକରି ଗ୍ରାମର କେତେକ ଲୋକମାନେ ପଞ୍ଚାୟତ ଅଫିସ କାର୍ଯ୍ୟାଳୟରେ ତାଲା ପକାଇ ଜଳଯୋଗାଣ ସମସ୍ୟା ସମାଧାନ କରିବା ପାଇଁ ଆନ୍ଦୋଳନ କରିଥିଲେ । ଖବର ପାଇ ପିପିଲି ପୁଲିସ ଘଟଣାସ୍ଥଳରେ ପହଞ୍ଚି ପଞ୍ଚାୟତ ଅଫିସ ତାଲା ଖୋଲିଥିବା ସୂଚନା ମିଳିଛି । ପ୍ରଚଣ୍ଡ ଗ୍ରୀଷ୍ମପ୍ରବାହ ସାଙ୍ଗକୁ ଅସହ୍ୟ ଗୁଳଗୁଳି ଜାରି ରହିଥିବା ବେଳେ ପିଇବା ପାଣି ଟିକିଏ ନ ପାଇ ଲୋକମାନେ ନାହିଁ ନଥିବା ହଇରାଣ ଭୋଗୁଛନ୍ତି । ଏହି ସମୟରେ ଜଳ ଯୋଗାଣ ବନ୍ଦ ନେଇ ବ୍ରାହ୍ମଣତରବୋଇ ଗ୍ରାମବାସୀ ବିଡିଓ ଠାରୁ ଜିଲ୍ଲାପାଳଙ୍କ ପର୍ଯ୍ୟନ୍ତ ଦୃଷ୍ଟି ଆକର୍ଷଣ କରିଥିଲେ ମଧ କୌଣସି ସମାଧାନ ହୋଇପାରୁ ନଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି । ଅନ୍ୟପଟେ ବସୁଧା ଗ୍ରାମ୍ୟ ପାନୀୟଜଳ ଯୋଗାଣ ବିଭାଗର ଯନ୍ତ୍ରୀ ରଞ୍ଜନ ମିଶ୍ରଙ୍କୁ ପଚାରିବାରେ ସେ କୁହନ୍ତି ବାରମ୍ବାର ପାଇପ ପାଣି ଫାଟୁଛି । ଏବେ ଦୁଇଟି ସ୍ଥାନରେ ପାଣି ପାଇପ ଫାଟିଛି । ସେଥିପାଇଁ ଶେଷଭାଗରେ ପାଣି ପହଞ୍ଚିବାରେ ଅସୁବିଧା ହେଉଛି । ଦିନେ ଦୁଇ ଦିନ ମଧ୍ୟରେ ପାଣି ପାଇପ୍ ମରାମତି ହୋଇ ଏହାର ସମାଧାନ କରାଯିବ । ଅନ୍ୟପଟେ ଭୂତଳ ଜଳର ସ୍ତର କମିବାରେ ଲାଗିଛି । ଓଭର ହେଡ୍ ପାଣି ଟାଙ୍କୀରେ ପାଣି ଲୋଡ ହେବାକୁ ବହୁ ସମୟ ଲାଗୁଛି । ଗ୍ରାମକୁ ପାଇପ ଯୋଗେ ପାନୀୟ ଜଳ ଯିବାକୁ ପ୍ରେସର ହେଉନଥିବାରୁ ପ୍ରର୍ଯ୍ୟାପ୍ତ ପରିମାଣ ପାନୀୟଜଳ ଯୋଗାଣ ଶେଷଭାଗରେ ପହଞ୍ଚି ପାରୁନଥିବା ଶ୍ରୀ ମିଶ୍ର କହିଥିଲେ ।



## ବରିଷ୍ଠ କଂଗ୍ରେସକର୍ମୀଙ୍କ ବିୟୋଗରେ ଶୋକ

**କୁଆଁପାଳ,୧୯।୫/ଏନ୍‌ଏନ୍‌ଏସ୍:** ମାହାଙ୍ଗା ନିର୍ବାଚନୀମଣ୍ଡଳୀ ଅର୍ନ୍ତଗତ ପଲ୍ଲୀସାହି ପଞ୍ଚାୟତ ଖନ୍ଦୋଳ ଗ୍ରାମର ବରିଷ୍ଠ କଂଗ୍ରେସ କର୍ମୀ ସ୍ୱର୍ଗତ ନଗେନ୍ଦ୍ରନାଥ ମହାନ୍ତିଙ୍କ ହୃଦ୍‌ଘାତ ଜନିତ ମୃତ୍ୟୁ ଖବର ପାଇ ମାହାଙ୍ଗାର ବରିଷ୍ଠ କଂଗ୍ରେସ ନେତା ଦେବେନ୍ଦ୍ର କୁମାର ସାହୁ ସ୍ୱର୍ଗତ ନଗେନ୍ଦ୍ରନାଥ ମହାନ୍ତିଙ୍କ ଖନ୍ଦୋଳସ୍ଥିତ ବାସଭବନରେ ପହଂଚି ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିବା ସହ ଭଗବାନଙ୍କ ନିକଟରେ ସ୍ୱର୍ଗତ ମହାନ୍ତିଙ୍କ ଅମର ଆତ୍ମାର ସଦ୍‌ଗତି କାମନା କରିବା ସହିତ ଶୋକସନ୍ତପ୍ତ ପରିବାରବର୍ଗଙ୍କ ପ୍ରତି ସମବେଦନା ଜ୍ଞାପନ କରିଥିଲେ । ଶ୍ରୀ ସାହୁଙ୍କ ସହିତ ମାହାଙ୍ଗା ବ୍ଲକ କଂଗ୍ରେସ କମିଟିର ପୂର୍ବତନ ସଭାପତି ଅଲେଖ ପ୍ରସାଦ ସ୍ୱାଇଁ, ଯୁବସଂଗଠକ ଉତ୍ତମ କୁମାର ବେହେରା, ବାନାମ୍ବର ମହାନ୍ତି, କାହ୍ନୁଚରଣ ଦାସ, ଧରଣୀଧର ପାତ୍ର ପ୍ରମୁଖ ଉପସ୍ଥିତ ରହି ସ୍ୱର୍ଗତ ମହାନ୍ତିଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ ।

## ସାଲେପୁରରେ ତ୍ରିରଙ୍ଗା ଶୋଭାଯାତ୍ରା




**ସାଲେପୁର,୧୯।୫/ଏନ୍‌ଏନ୍‌ଏସ୍:** ଭାରତୀୟ ସେନାର ଏହି ଅସୀମ ତ୍ୟାଗ ଓ ବଳିଦାନକୁ ସମ୍ମାନ ଜଣାଇ ଆଜି ସାଲେପୁରଠାରେ ତ୍ରିରଙ୍ଗା ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି । ରାଷ୍ଟ୍ରୀୟ ସୁରକ୍ଷା ନାଗରିକ ସମାଜ ଟାଙ୍ଗୀ ସାଲେପୁର ନିର୍ବାଚନ ମଣ୍ଡଳୀ ପକ୍ଷରୁ ଆୟୋଜିତ ତ୍ରିରଙ୍ଗା ଶୋଭାଯାତ୍ରାରେ ବିଜେପି ନେତା ହିମାଂଶୁ ମହାନ୍ତିଙ୍କ ନେତୃତ୍ୱରେ ଶହ ଶହ ଲୋକ ଯୋଗ ଦେଇଥିଲେ । ଏହି ଶୋଭାଯାତ୍ରା ମାଛୁଆତି ତାରିଣୀ ଛକ ନିକଟରୁ ବାହାରି ବଜାର ପରିକ୍ରମା କରି ସାଲେପୁର ମା' ସାହେଶ୍ୱରୀ ମନ୍ଦିର ପର୍ଯ୍ୟନ୍ତ ଆସିଥିଲା । ଏଥିରେ ବହୁ ସଂଖ୍ୟକ ପୁରୁଷ ମହିଳା ହାତରେ ତ୍ରିରଙ୍ଗା ଧରି ରାସ୍ତାରେ ଚାଲି ଚାଲି ଯାଇଥିଲେ । ଏହି ଶୋଭାଯାତ୍ରାରେ ଅନ୍ତର୍ଯ୍ୟାମୀ ସାହୁ, ମାନସ କରଣ, ତୀର୍ଥାଂଶୁ ସାହୁ, ଅଜୟ ସ୍ୱାଇଁ, ସୁକାନ୍ତ ବେହେରା, ରାଜୀବ ଦ୍ୱିବେଦୀ, ସମରେନ୍ଦ୍ର ଷଡ଼ଙ୍ଗୀ, ରାଜକିଶୋର ନାୟକ, ରଶ୍ମିରଞ୍ଜନ ପରିଡା, ସୁକାନ୍ତ ଷଡ଼ଙ୍ଗୀ, ନିର୍ମଳା ସିଂ, ପୁଷ୍ପଲତା ଦତ୍ତ, ରେଣୁବାଳା ରାଉତ, ରୀନା ବରାଳ, ତୁଳସୀରାଣୀ ଦାସ, ରିତେଶ ଦାସ, ବସନ୍ତ ବେହେରା, ଶଶିକାନ୍ତ ମହାନ୍ତି, ଲୋକନାଥ ସାହୁ ପରିଚାଳନା କରିଥିଲେ ।

# ଡେଲାଙ୍ଗରେ ରାଜ୍ୟସ୍ତରୀୟ କବିତା ଆସର



**ଡେଲାଙ୍ଗ,୧୯।୫/ଏନ୍‌ଏନ୍‌ଏସ୍:** ପିତାମାତାଙ୍କ ଆଶୀର୍ବାଦ ହିଁ ପୁତ୍ର କନ୍ୟାଙ୍କ ସଫଳତାର ସଞ୍ଜିବନୀ ଏବଂ ପୁତ୍ର କନ୍ୟାଙ୍କ ପାଇଁ ସେମାନଙ୍କର ପିତା ହେଉଛନ୍ତି ସ୍ୱର୍ଗ,ତପ ଓ ଜୀବନ୍ତ ଦେବତା ବୋଲି ସତ୍ୟବାଦୀ ସାହିତ୍ୟ ସଂସଦ ଆସର ଆନୁକୂଲ୍ୟରେ ଅତିଥିମାନେ ଯୋଗଦେଇ ମତବ୍ୟକ୍ତ କରିଥିଲେ । ଡେଲାଙ୍ଗ ହାଟ ବଜାର ସ୍ଥିତ ବାଲୁଙ୍କେଶ୍ୱର ମନ୍ଦିର ପ୍ରାଙ୍ଗଣରେ ଆୟୋଜିତ ରାଜ୍ୟ ସ୍ତରୀୟ କବିତା ପାଠୋତ୍ସବରେ ଅନୁଷ୍ଠିତ ହୋଇଯାଇଛି । ସଂସ୍କୃତି ପ୍ରେମୀ ଶିକ୍ଷକ ଅଭୟ ଚରଣ ସାହୁଙ୍କ ଅଧକ୍ଷତାରେ ଆୟୋଜିତ ଏହି ସାରସ୍ୱତ ସମାରୋହରେ ମୁଖ୍ୟ ଅତିଥି ଭାବେ ଖୋର୍ଦ୍ଧା କଣ୍ଟାବାଡ ଅଞ୍ଚଳର ଅବସରପ୍ରାପ୍ତ ରାଜ୍ୟପାଳ ପୁରସ୍କାର ପ୍ରାପ୍ତ ଶିକ୍ଷକ ସାହିତ୍ୟିକ ପ୍ରକୃତି ବନ୍ଧୁ ରାଜକିଶୋର ପାଣିଗ୍ରାହୀ, ଡଃ ହେମନ୍ତ ଛୋଟରାୟ, ଆଇନଜୀବୀ ତଥା ଲେଖକ ବିପିନି ଦଳାଇ, ସାଧୁ ବୈଷ୍ଣବ ତ୍ରି ଦାସ ପ୍ରମୁଖ ଯୋଗଦେଇ ପିତାମାତାଙ୍କ ସେବାରେ ଯେଉଁ ଆଶୀର୍ବାଦ ମିଳେ ପୁତ୍ର କନ୍ୟାଙ୍କୁ ତାହା ପ୍ରକୃତ ଶାନ୍ତି ଦେଇଥାଏ ବୋଲି ମତପ୍ରକାଶ କରିଥିଲେ । ଅନୁଷ୍ଠାନର ସମ୍ପାଦକ ଶିକ୍ଷକ ତଥା କବି ପ୍ରଭାତ କୁମାର ସେଠୀ ସମସ୍ତଙ୍କୁ ସ୍ୱାଗତ କରି ଅନୁଷ୍ଠାନର ଦୀର୍ଘ ସୁତ୍ରୀ ଲକ୍ଷ୍ୟ ସମ୍ପର୍କରେ ସୂଚନା ଦେଇଥିଲେ । କବିତା ପାଠୋତ୍ସବକୁ ବିପ୍ଳବୀ କବି ଅଜୟ ବଳିୟାର ସିଂହ, କବୟିତ୍ରୀ ଜ୍ୟୋସ୍ନାମୟୀ ସ୍ୱାଇଁ, କବି ବିପିନି ବେହେରା ମିଳିତଭାବେ ସଂଯୋଜନା କରିଥିଲେ । ଏଥିରେ ମାଲକାନଗିରି, ଜଟଣୀ, ଖୋର୍ଦ୍ଧା,କଣାସ, ବାଙ୍କୀ, ନିମାପଡ଼ା, ସାକ୍ଷୀଗୋପାଳ ଆଦି ଅଞ୍ଚଳରୁ ପ୍ରାୟ ୫୦ରୁ ଊର୍ଦ୍ଧ୍ୱ କବି କବୟିତ୍ରୀ ଯୋଗଦେଇଥିଲେ । ଏହି ଅବସରରେ ଅନୁଷ୍ଠାନ ତରଫରୁ ଡେଲାଙ୍ଗ ୟୁଜିୟୁପି ସ୍କୁଲ୍‌ର ଶିକ୍ଷକ ଶ୍ରୀ ସାହୁଙ୍କୁ ଶିକ୍ଷକ ରତ୍ନ, ଅବସରପ୍ରାପ୍ତ ଶିକ୍ଷକ ରମେଶ ଚନ୍ଦ୍ର ବଳବନ୍ତ ରାୟଙ୍କୁ ଶିକ୍ଷକ ଗୌରବ, ସମ୍ମାନରେ ସମ୍ମାନିତ କରାଯାଇଥିଲା । ଏଥିରେ ଆଇନଜୀବୀ ବିକ୍ରମ ଚମ୍ପତି, ଗୀତିକାର ନାରାୟଣ ମନୋହରୀ,କବି ଅରବିନ୍ଦ ମହାପାତ୍ର, ବ୍ୟଙ୍ଗ କବି ଶ୍ରୀ ଚନ୍ଦ୍ରଶେଖର, ଶ୍ରୀମାନ ଗବା, ଶରତ ମହାପାତ୍ର, ଜଗନ୍ନାଥ ସଂସ୍କୃତି ପ୍ରଚାରକ ଶରତ ଚନ୍ଦ୍ର ରାଉତ, କବି ଗଙ୍ଗାଧର ଓଝା, ରୋହିତ ଚମ୍ପତି, ଜଗନ୍ନାଥ ନାୟକ, ନର୍ମଦା ଦୋରା ପ୍ରମୁଖ ପିତୃ କବିତା ଗାଇ କବିତା ଆସରକୁ ପିତୃମୟ କରିଥିଲାବେଳେ ଗନ୍ଧିତତ୍ତ୍ୱ ପ୍ରଚାରକ ଅନାମ ମଲ୍ଲିକ, ବରିଷ୍ଠ ସାମ୍ବାଦିକ ତଥା ଆଇନଜୀବୀ ରାଜକିଶୋର ସ୍ୱାଇଁ, ପ୍ରଫୁଲ୍ଲ ମିଶ୍ର, କାଶୀନାଥ ମହାପାତ୍ର, ନରେନ୍ଦ୍ର ମୁଦୁଲି ପ୍ରମୁଖ ଉପସ୍ଥିତ ରହି ପିତାଙ୍କ ମହିମା ଉପରେ ଆଲୋକପାତ କରିଥିଲେ । କବି କିଶୋର ଜେନା, ଶିକ୍ଷକ ପ୍ରଦୀପ କୁମାର ସେଠୀ, ବିଶ୍ୱଜନ୍ମା ସଠୀ, ଅଲିପ୍ତା ସେଠୀ କାର୍ଯ୍ୟକ୍ରମ ପରିଚାଳନରେ ସହଯୋଗ କରିଥିଲେ । ସଭାରେ ପହଲଗାମ୍ ମୃତକ ଓ ସମ୍ପାଦକଙ୍କ ପିତା ସତ୍ୟବାଦୀ ଉଦ୍ଦେଶ୍ୟରେ ନିରବ ପ୍ରାର୍ଥନା କରାଯାଇଥିଲା । ଏହି ସମାବେଶରେ ଯୋଗଦେଇଥିବା କବି, କବୟିତ୍ରୀ ଓ ଲେଖକମାନଙ୍କୁ ଅନୁଷ୍ଠାନ ତରଫରୁ ଆଶିଷପତ୍ର ପ୍ରଦାନ କରାଯାଇଥିଲା । ଅତିଥି ଶ୍ରୀ ପାଣିଗ୍ରାହୀଙ୍କ ପକ୍ଷରୁ ସ୍ୱରଚିତ ପୁସ୍ତକ ପ୍ରତ୍ୟେକଙ୍କୁ ପୁସ୍ତକ ବିତରଣ କରାଯାଇଥିଲା । ଏହି ପରିପ୍ରେକ୍ଷୀରେ ଅତିଥିଙ୍କ ଦ୍ୱାରା ବିଭିନ୍ନ ଚାରା ରୋପଣ କରାଯାଇଥିଲା ।

## ଫେସନ୍ ଷ୍ଟୋର୍‌ରୁ ୩ଲକ୍ଷ ଟଙ୍କାର ସାମଗ୍ରୀ ଚୋରି

**ବଲଙ୍ଗା,୧୯।୫/ଏନ୍‌ଏନ୍‌ଏସ୍:** ଗତକାଲି ବିଳମ୍ବିତ ରାତିରେ ବଲଙ୍ଗା ବଜାରରେ ଥିବା ଓମ୍ ଫେସନ ଷ୍ଟୋରରୁ ଦୋକାନ ଉପରୁ ଆଜବେଷ୍ଟସକୁ କାଟି ତା' ତଳେ ଥିବା ପ୍ଲାଇକୁ କାଟି ଦୋକାନ ଭିତରେ ଥିବା ଲୁଗାପଟା, ଡ୍ରେସ୍ ଓ ଟଙ୍କା ଚୋରି ହୋଇଥିବା ନେଇ ବଲଙ୍ଗା ଥାନାରେ ଅଭିଯୋଗ ହୋଇଛି । ସୂଚନା ମୁତାବକ ଓମ୍ ଫେସନ ଷ୍ଟୋରର ମାଲିକ ଓମ୍ ପ୍ରକାଶ ସାହୁ କରିଥିବା ଅଭିଯୋଗ ଅନୁଯାୟୀ ସବୁଦିନ ଭଳି ରାତି ୧୦ଟା ୩୦ ଘଟିକାରେ ଦୋକାନ ବନ୍ଦ କରି ଘରକୁ ଯାଇଥିଲେ । ସବୁଦିନ ପରି ସୋମବାର ସକାଳ ଆଠଟା ସମୟରେ ଦୋକାନ ଖୋଲି ଭିତରକୁ ଯାଇ ଦେଖନ୍ତି ଯେ ଦୋକାନରେ ଥିବା ଶାଢୀ ଓ ଡ୍ରେସ୍ ସବୁ ଆଡ଼େସାଡ଼େ ତଳେ ପଡ଼ିଛି । ଭିତରକୁ ଯାଇ ଦେଖିଲାବେଳକୁ ଥାକରେ ଥିବା ଲୁଗାପଟା ଡ୍ରେସ୍ ଗୁଡ଼ିଏ ନାହିଁ ଓ କ୍ୟାସ ବାକ୍ସ ଭିତରେ ଥିବା ୩ହଜାର ଟଙ୍କା ମଧ ନାହିଁ । ଏହାକୁ ଦେଖି ଓମ ବଲଙ୍ଗା ଥାନାରେ ଅଭିଯୋଗ କରିବା ପରେ ବଲଙ୍ଗା ପୁଲିସ ଘଟଣାସ୍ଥଳରେ ପହଞ୍ଚି ସିସିଟିଭି ଯାଞ୍ଚ କରିବା ସହିତ ତଦନ୍ତ ଜାରି ରଖିଛି ।



## ଇନ୍ଦ୍ରଧନୁ ଥିଏଟର୍‌ର ସମ୍ବର୍ଦ୍ଧନା ଉତ୍ସବ



**ମୁଣ୍ଡମୁହାଣ,୧୯।୫/ଏନ୍‌ଏନ୍‌ଏସ୍:** ଦୀର୍ଘ ୩୩ବର୍ଷ ଧରି ନିରବଚ୍ଛିନ୍ନ ଭାବରେ ଯାଁଳାର ଇନ୍ଦ୍ରଧନୁ ଥିଏଟର ଓଡ଼ିଶା ତଥା ଓଡ଼ିଶା ବାହାରେ ନାଟକ ପରିବେଷଣ କରି ଅନେକ ପ୍ରଶଂସା ମାନପତ୍ର ସହିତ ଅନେକ କଳାକାର ସୃଷ୍ଟିକରି ମଞ୍ଚନାଟକ ଆନ୍ଦୋଳନରେ ସୁନାମ ଅର୍ଜନ କରିଛି । ଗତ ରବିବାର ସଂଧ୍ୟାରେ ସ୍ଥାନୀୟ ମଦନପୁରର ଦେବ୍ସ ଗାର୍ଡେନ ପ୍ରେକ୍ଷାଳୟରେ ଆୟୋଜିତ ସମ୍ବର୍ଦ୍ଧନା ଉତ୍ସବରେ ଦାତାରାମ ଅଶୋକ ମଙ୍ଗରାଜ ପୌରୋହିତ୍ୟ କରିଥିଲେ । ସଭାରେ ରବି ରାୟ, ପ୍ରଶାନ୍ତ ମହାନ୍ତି, ବାମଦେବ ପ୍ରଧାନ, ବିଶିଷ୍ଟ ସଂଗୀତ ନିର୍ଦ୍ଦେଶକ ବିକାଶ ଶୁକ୍ଳା ମୁଖ୍ୟ ଅତିଥି ଭାବରେ ଯୋଗଦେଇ ଇନ୍ଦ୍ରଧନୁ ଥିଏଟର ବିଷୟରେ ଅନେକ ଉପାଦେୟ ବକ୍ତବ୍ୟ ରଖି ନିଜର ସଂଗୀତକୁ ସଜେଇଥିବା ଦୁଃଖ ଦେଇ ଗଲା ଦରଦୀ ବନ୍ଧୁ ଗୀତକୁ ନିଜ କଣ୍ଠରେ ଶୁଣେଇ ଉପସ୍ଥିତ ଥିବା ଦର୍ଶକମାନଙ୍କୁ ମନ୍ତ୍ରମୁଗ୍ଧ କରିଦେଇଥିଲେ । ପରେ ଦୁଇଜଣ ବିଶିଷ୍ଟ ବର୍ଷିଆନ କଳାକାର ମୁଣ୍ଡମୁହାଣର ମହେନ୍ଦ୍ର ପରିଡା ଓ ତମାଣ୍ଡୋର ମହେନ୍ଦ୍ର ପଟ୍ଟନାୟକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଗଣମାଧ୍ୟମ ପ୍ରତିନିଧି ବୁଲା ବାରିକ୍, ମାନସ ଦାସ୍, ପରାମାନନ୍ଦ ସାମନ୍ତସିଂହାର, ସୁରେଶ ପ୍ରଧାନଙ୍କୁ ଏହି ଅବସରରେ ସମ୍ବର୍ଦ୍ଧିତ କରାଯାଇଥିଲା । କଳାକାର ଅମରେନ୍ଦ୍ର ମହାନ୍ତି ଧନ୍ୟବାଦ ଦେଇଥିଲେ ।

### ୪ଦିନ ବ୍ୟାପି ରାଜ୍ୟସ୍ତରୀୟ ମଧୁବାବୁ ଜୟନ୍ତୀ

# 'ମଧୁବାବୁଙ୍କ ବାଣୀ ଘରେ ଘରେ ପହଞ୍ଚାଇବା ମୁଖ୍ୟ ଲକ୍ଷ୍ୟ'

**ସାଲେପୁର,୧୯।୫/ଏନ୍‌ଏନ୍‌ଏସ୍:** ମଧୁବାବୁ ଜୟନ୍ତୀ କମିଟି ପକ୍ଷରୁ ସାଲେପୁର ହାଇସ୍କୁଲ ପଡିଆ ଠାରେ ୪ଦିନ ବ୍ୟାପି ରାଜ୍ୟସ୍ତରୀୟ ମଧୁବାବୁ ଜୟନ୍ତୀ ପାଳିତ ହୋଇଯାଇଛି । ଏହି ଅବସରରେ ଅନୁଷ୍ଠିତ ହୋଇଥିବା ବିଭିନ୍ନ ପ୍ରତିଯୋଗିତାରେ କୃତୀ ପ୍ରତିଯୋଗୀ ମାନଙ୍କୁ କମିଟି ପକ୍ଷରୁ ସାଲେପୁର ହାଇସ୍କୁଲ ଅଡିଟୋରିୟମରେ ପୁରସ୍କାର ପ୍ରଦାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ମଧୁବାବୁ ଜୟନ୍ତୀ କମିଟି ଉପ ସଭାପତି ଶ୍ରୀକାନ୍ତ ପଣ୍ଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମଧୁବାବୁ ଜୟନ୍ତୀ କମିଟିର ପ୍ରତିଷ୍ଠାତା ସଭାପତି ତଥା ପୂର୍ବତନ ବିଧାୟକ ପ୍ରକାଶ ବେହେରା ମୁଖ୍ୟ ଅତିଥି ଭାବେ ଯୋଗଦେଇ ମଧୁବାବୁଙ୍କ ବାଣୀକୁ ଲୋକଙ୍କ ପାଖରେ ପହଞ୍ଚାଇବା ଆମର ମୁଖ୍ୟ ଲକ୍ଷ୍ୟ ବୋଲି କହିଥିଲେ । ଏହା ନେଇ ଆମେ ରାଜନୀତି କରୁନାହୁଁ । ମଧୁବାବୁଙ୍କ ଅବଦାନ ଆମ ଉତ୍ତରପିଢ଼ି କିଭଳି ମନେ ରଖିବେ ସେ ନେଇ ଏହି କାର୍ଯ୍ୟକ୍ରମ କରାଯାଇଛି ବୋଲି କହିଥିଲେ । ମୁଖ୍ୟବକ୍ତା ଭାବେ କବି ସଦାଶିବ ଦାଶ ଯୋଗଦେଇ ମଧୁବାବୁ ଜୟନ୍ତୀ କମିଟି ମଧୁବାବୁଙ୍କ ବାର୍ତ୍ତାକୁ ଘରେ ଘରେ ପହଞ୍ଚିବା ପାଇଁ ଯେଉଁ ଉଦ୍ୟମ ଜାରି ରଖିଛନ୍ତି ତାହା ପ୍ରଶଂସନୀୟ ବୋଲି ପ୍ରକାଶ କରିଥିଲେ । ସମ୍ମାନିତ ଅତିଥି ଭାବେ ଆଇନଜୀବୀ ପ୍ରବୀଣ କୁମାର କାନୁନ୍‌ଗୋ, ପୂର୍ବତନ ସରପଞ୍ଚ ଗଣେଶ୍ୱର ରାଉତ ଯୋଗଦେଇଥିଲେ । ଅନୁଷ୍ଠାନର ସମ୍ପାଦକ ଅଶ୍ୱନୀ କୁମାର ଦାସ ଧନ୍ୟବାଦ ଦେଇଥିଲେ । ଏହି ଅବସରରେ ମଧୁବାବୁ ଜୟନ୍ତୀ କମିଟି ପକ୍ଷରୁ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାରେ ପ୍ରାୟ ୩ଶହରୁ ଊର୍ଦ୍ଧ୍ୱ ପ୍ରତିଯୋଗୀ ଓ ବହୁ ସ୍ୱୟଂ ସହାୟକ ଗୋଷ୍ଠୀର ମହିଳା ଏବଂ ରାଲିରେ ଭାଗ ନେଇଥିବା ବିଭିନ୍ନ ପଞ୍ଚାୟତର ବ୍ୟକ୍ତି ବିଶେଷମାନଙ୍କୁ ଅତିଥିମାନେ ମାନପତ୍ର, ଉତ୍ତରୀୟ ଓ ଟ୍ରଫି ପ୍ରଦାନ କରି ପୁରସ୍କୃତ କରିଥିଲେ । ସ୍ଥାନୀୟ କଳାକାରମାନଙ୍କ ଦ୍ୱାରା ଉଚ୍ଚକୋଟୀର ସଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା ।

ଏହି କାର୍ଯ୍ୟକ୍ରମକୁ ସରୋଜ କୁମାର କର, ଆଶୁତୋଷ ପଟ୍ଟନାୟକ, ଆଜମଲ ଖାନ, ଗୌରାଙ୍ଗ ପରିଡ଼ା, ଫରଜାନ ଖାନ, ଶେଖପିର ବକ୍ସ,ବୁଧେଶ୍ୱର ଦାସ,ଚିତ୍ତରଞ୍ଜନ ନନ୍ଦୀ, ବିସ୍ମିତ ରଞ୍ଜନ ବିଶ୍ୱାଳ, ରୁଦ୍ର ନାରାୟଣ ମିଶ୍ର, ଦୁର୍ଲ୍ଲଭ ମଲ୍ଲିକ, ରଘୁପତି ରାଉତ, ଗୋଲଖ ନାୟକ, ଧର୍ମବିର ଦାଶ, ସନ୍ତୋଷ ଭୂୟାଁ,ଦୁର୍ଗା ମାଧବ ସାହୁ, ମୁସ୍ତାକିନ ଖାନ, ଦୁର୍ଗା ମାଧବ ଜେନା, ସମ୍ରାଟ କେଶରୀ ଲେଙ୍କା, ଅମ୍ବିକା କର, ମିଳନ ସାମଲ, ବିଜୟ ଲକ୍ଷ୍ମୀ ଦାଶ, ପୂର୍ଣ୍ଣିମା ବସ୍ତିଆ, ଦୀପକ କର, ସୁଜିତ ଭୂୟାଁ, ଅମନ ବେହେରା, ସୁବାଷ ମହାପାତ୍ର, ପ୍ରତ୍ୟୁଷ ପଙ୍କଜ ସାହୁ ପ୍ରମୁଖ ପରିଚାଳନା କରିଥିଲେ ।



**ନିତି ଭାରତୀ**

ସମ୍ପୃକ୍ତି ବିନା ସଫଳତା ମିଳେନାହିଁ। କୌଣସି କାର୍ଯ୍ୟରେ ସମ୍ପୃକ୍ତ ରହିଲେ ବିଫଳ ହେବାର ସମ୍ଭାବନା କ୍ଷୀଣ।
- ଡକ୍ଟର ଏପିଜେ ଅବ୍ଦୁଲ୍ କଲାମ୍

ନିତିଦିନ NITIDIN

ମଙ୍ଗଳବାର, ୨୦ ମେ ,୨୦୨୫

# ଆତଙ୍କବାଦଜନିତ ଜଟିଳ ପରିସ୍ଥିତି

ଭାରତ ପାକିସ୍ତାନ ମଧ୍ୟରେ କ୍ରିକେଟ ଖେଳ ଭଳି 'ଅପରେସନ ସିନ୍ଦୂର' ମାଧ୍ୟମରେ ହୋଇଥିବା ଗୋଳାବାରୁଦ କାର୍ଯ୍ୟାନୁଷ୍ଠାନ ପ୍ରତି ଭାରତୀୟଙ୍କ ଆବେଗ ରହିଥିଲା। ଅଚାନକ ଅଘୋଷିତ ଯୁଦ୍ଧରେ ଆମେରିକୀୟ ବଡ଼ଭାଇପଣିଆର ଛାଟ ଉଭୟ ପକ୍ଷଙ୍କୁ ମାତ୍ର ଚାରି ଦିନ ପରେ ଚୁପ୍ ରହିବାକୁ ବାଧ କରିଦେଲା। ହେଲେ ଅମାନିଆ ପାକିସ୍ତାନ ତାକୁ ମଧ କିଛି ସମୟ ପରେ ନମାନି ପରେ ଚୁପ୍ ରହିବାକୁ ବାଧ ହୋଇଛି। ନିୟନ୍ତ୍ରିତ ଗଣମାଧ୍ୟମଠାରୁ ଯୁଦ୍ଧ ସମ୍ପର୍କିତ କୌଣସି ଠୋସ୍ ଖବର ଭାରତୀୟ ଜନତା ନପାଇ ନିଜର ଉତ୍କଣ୍ଠାକୁ ମାରି ଦେଲେଣି। ହେଲେ ପାକିସ୍ତାନ ମିଠା ବାଣ୍ଟି ଭାରତ ଉପରେ ନିଜର ବିଜୟ ଉତ୍ସବ ପାଳନ କରୁଥିବା ଖବର ଶୁଣିବା ପରେ ଭାରତୀୟଙ୍କ ମନରେ ଭଙ୍ଗା ପଡୁଥିବା ଦେଖାଯାଏ। ଏଥର ପ୍ରତ୍ୟେକ ଭାରତୀୟ ବୋଧେ ମନେ



**ମାନସ ରଞ୍ଜନ ଶତପଥୀ**

ମନେ ସଂକଳ୍ପ ନେଇଥିଲେ ଯେ ଦିନକୁ ଗୋଟିଏ ଓଳି ଖାଇବୁ ପଛେ ପାକିସ୍ତାନ ଭାରତୀୟ ମାନଚିତ୍ର ସଙ୍ଗେ ଯୋଡ଼ିହେବା ନିତାନ୍ତ ଆବଶ୍ୟକ। କାରଣ, ପହଲଗାଁ ଭଳି ମର୍ମନ୍ତୁଦ ଦୁଃଖର ଭାରତ ମାଟିରେ ପୁନରାବୃତ୍ତି ନହେବା ଓ ଶାନ୍ତିରେ ଭାରତୀୟମାନେ ନିଃଶ୍ୱାସ ନେବା ସମସ୍ତଙ୍କର ପ୍ରମୁଖ ଲକ୍ଷ୍ୟ।

ପହଲଗାଁଠାରେ ଘଟିଥିବା ନରସଂହାର ଧର୍ମ ନାମରେ ଏକ କଳଙ୍କିତ ଅଧ୍ୟାୟ ସୃଷ୍ଟି କରି ଏକ ନିର୍ଦ୍ଦିଷ୍ଟ ସମ୍ପ୍ରଦାୟ ପ୍ରତି ସାଧାରଣରେ ଅବିଶ୍ୱାସ ବଢ଼ାଇବାକୁ ପୁଣି ଖୋରାକ ଯୋଗାଇଲା। ଏପରିକି ପ୍ରସିଦ୍ଧ ଲେଖିକା ତସଲିମା ନସରିନ ଟିପ୍ପଣୀ ରଖି କହିଛନ୍ତି, 'ମୁସଲମାନ ସମ୍ପ୍ରଦାୟ ଥିବା ପର୍ଯ୍ୟନ୍ତ ଆତଙ୍କବାଦ ରହିଥିବ।' ଏହା ଅଗଣିତ ନିରୀହ, ସ୍ୱଚ୍ଛ ମୁସଲମାନ ଲୋକଙ୍କ ପାଇଁ ଲଜ୍ଜାଜନକ ହେଲେ ମଧ୍ୟ ବାରମ୍ବାର କତିପୟ ସେହି ସମ୍ପ୍ରଦାୟ ଆତଙ୍କବାଦୀଙ୍କ ଦ୍ୱାରା ଘଟୁଥିବା ରକ୍ତରଞ୍ଜିତ ଘଟଣାମାନ ସାଧାରଣରେ ଘୃଣା ଭାବ ସୃଷ୍ଟି କରିବାକୁ ବାଧ କରୁଛି। ଏପରି ହେବା ଦ୍ୱାରା ଭାଇ ଭାଇ ହୋଇ ଚଳି ଆସୁଥିବା ଦୁଇ ସମ୍ପ୍ରଦାୟର ଜନତା ନିଜକୁ ସନ୍ଦେହ ଓ ଘୃଣା ଚକ୍ଷୁରେ ଦେଖୁଛନ୍ତି, ଯଦ୍ୱାରା ଏକଦା ଗୋଟିଏ ଦେଶରୁ ଭାଗ ଭାଗ ହୋଇ ଭାରତ ପାକିସ୍ତାନ ଲୋକ ଆଜି ଚିର ଶତ୍ରୁ।

କଳି ଯୁଗରେ କୁହାଯାଏ, ଯାହାକୁ ସାହାଯ୍ୟ କରିଥିବ, ସେହି ବ୍ୟକ୍ତି ତୁମର ବଡ଼ ଶତ୍ରୁ ଭାବେ ଉଭା ହେବା ନିଶ୍ଚିତ। ଚାରିଦିନିଆ ଯୁଦ୍ଧରେ ଏହା ତୁର୍କୀ ପ୍ରମାଣ କରି ଦେଖାଇଲା। ୨୦୨୩ ମସିହାରେ ହୋଇଥିବା ଭୟାନକ ଭୂକମ୍ପରେ ତୁର୍କୀ ବିଶେଷ କ୍ଷୟକ୍ଷତିର ସାମ୍ନା କରୁଥିବା ବେଳେ 'ଅପରେସନ ଦୋସ୍ତ' ଆରମ୍ଭ କରି ଭାରତ ଅବିଳମ୍ବେ ସମସ୍ତ ସହାୟତା ସହିତ ଲୋକଙ୍କ ପାଖରେ ଛିଡ଼ା ହୋଇଥିଲା। ସେସବୁ ପାସୋରି ପ୍ରତିବଦଳରେ ତୁର୍କୀ ପାକିସ୍ତାନକୁ ନିଃସର୍ତ୍ତ ସମର୍ଥନ ଦେଇ ଯୁଦ୍ଧ ବେଳେ ପ୍ରାୟ ୩୫୦-୪୦୦ ଡ୍ରୋନ୍ ନିଜର ବିଶେଷଜ୍ଞ ସୈନ୍ୟମାନଙ୍କ ସହିତ ଏହାର ସଫଳ ପରିଚାଳନା ପାଇଁ ନିୟୋଜିତ କରିଥିଲା। ତେଣୁ ପାକିସ୍ତାନ 'ବାରକ୍ତର ଟିବି-୨ ଓ ୟିହା-୩' ନାମ୍ନୀ ଦୁଇଟି ଡ୍ରୋନ୍ ସାହାଯ୍ୟ ନେଇ ଭାରତକୁ ଶାଣିତ ଆକ୍ରମଣ କରିଥିଲା। ୟିହା-୩ ଗୁଡ଼ିକ ମଣିଷ ବିହୀନ କ୍ଷେପଣାସ୍ତ୍ର ବହନକାରୀ ଆତ୍ମଘାତୀ ହୋଇଥିବା ବେଳେ ଏହାର ଗତିବିଧି ରାଡାର ସନ୍ଧାନ କରିବା କଷ୍ଟସାଧ। କ୍ଷେପଣାସ୍ତ୍ର ଓ ସାମରିକ ଭାବେ ଅପେକ୍ଷାକୃତ ଦୁର୍ବଳ ପାକିସ୍ତାନକୁ ବିଶେଷ ଭାବେ ଚୀନ୍, ତୁର୍କୀ ଓ କିଛି ପାଶ୍ଚାତ୍ୟ ଦେଶଙ୍କ ସମର୍ଥନ ବଳଶାଳୀ କରୁଥିବା କୁହାଯାଏ। ଯୁଦ୍ଧ ପରବର୍ତ୍ତୀ ଅବସ୍ଥାରେ ତୁର୍କୀର ଅସଲ ଚେହେରା ପଦାରେ ପଡ଼ି ଯାଇଛି, ଯାହା ମହଙ୍ଗା ସାବ୍ୟସ୍ତ ହେଉଛି। ଭାରତୀୟଙ୍କ 'ବୟକଟ୍ ତୁର୍କୀ' ଡାକରା ଦ୍ୱାରା ଏହି ଦେଶ ସହିତ ସମସ୍ତ ବ୍ୟବସାୟିକ ସମ୍ପର୍କ ପ୍ରାୟ ଛିନ୍ନ ହେବାରେ ଲାଗିଛି। ୨୦୨୩-୨୪ରେ ତୁର୍କୀଠାରୁ ଭାରତ ୬.୩ ବିଲିୟନ ଡଲାର ମୂଲ୍ୟର ଜିନିଷ ଆମଦାନୀ କରିଥିବା ବେଳେ ୩.୭୯ ବିଲିୟନ ଡଲାରର ସାମଗ୍ରୀ ରପ୍ତାନୀ କରିଥିଲା। ତୁର୍କୀରୁ ମାର୍ବଲ, ସେଓ ଆମଦାନୀ ବନ୍ଦ ହେବା ପରେ ମେକ ମାଇଁ ଟ୍ରିପ୍ ସଂସ୍ଥା ୨୫୦ କୋଟି ଟଙ୍କାର କାରବାର ବାତିଲ କରିଛି ଏବଂ ତୁର୍କୀକୁ ଭ୍ରମଣ ଲକ୍ଷ୍ୟସ୍ଥଳୀ ଭାବେ ଭାରତୀୟମାନେ ନାପସନ୍ଦ କଲେଣି। ତୁର୍କୀରେ ଭାରତୀୟ ଫିଲ୍ମ ସୁଟିଂ ଓ ଧନୀକ ଶ୍ରେଣୀ ବ୍ୟକ୍ତିମାନେ ବିବାହ ଉତ୍ସବ ମନେଇବା ପାଇଁ ଆକର୍ଷଣୀୟ ସ୍ଥାନ ଭାବେ ବିବେଚନା କରୁଥିଲେ। ଏପରିକି ଭୁବନେଶ୍ୱର ଫଳ ବଜାରରେ 'ଗାଲା ଓ ଚିଲି' ଭେରାଇଟି ସେଓ ଉଭାନ ହୋଇଯାଇଛି। କୁହାଯାଉଛି, ତୁର୍କୀ ପଥର ଗୋଟାଉ ଥିବା ବେଳେ ହୀରାକୁ ଭୁଲି ଯାଇଛି।

ଆତଙ୍କବାଦ ବିରୋଧରେ ପ୍ରଧାନମନ୍ତ୍ରୀ ମୋଦୀ କଠୋର ଓ ଶାଣିତ ଗୋଟି ଚାଳନା କରୁଥିବା ବେଳେ ସମସ୍ତ ବନ୍ଧୁ ରାଷ୍ଟ୍ର ତଥା ଜାତିସଂଘକୁ ଏହା ଅବଗତ କରାଇବାକୁ ଭୁଲି ନାହାନ୍ତି। ନିଜର ଦାରିଦ୍ର୍ୟ ଭିତରେ ପ୍ରତିଦିନ ଜର୍ଜରିତ ପାକିସ୍ତାନ ଆତଙ୍କବାଦୀ ସଂଗଠନମାନଙ୍କୁ ପ୍ରୋତ୍ସାହନ ଦେଉଥିବା ବିଶ୍ୱ ସମୂହ ଆଗରେ ଅଛପା ନୁହେଁ। ଧର୍ମର ଦ୍ୱାହି ଦେଇ ଯୁବ ବର୍ଗଙ୍କୁ ବିପଥଗାମୀ କରାଇ ଦେଶର ଦାରିଦ୍ର୍ୟ ସ୍ତର ଆହୁରି ତଳକୁ ଖସାଉଛି। ନଗଦ ଇଣ୍ଟରନ୍ୟାସନାଲ ମନିଟାରୀ ଫଣ୍ଡଠାରୁ ୧୦୨୩ ମିଲିଅନ ଡଲାର ଆର୍ଥିକ ଋଣ ଦେଶ ଚଳାଇବା ପାଇଁ ଆଣିଛନ୍ତି। ସୂଚନାଯୋଗ୍ୟ, ପାକିସ୍ତାନର ଅନ୍ତର୍ଜାତିକ ଋଣ ପରିମାଣ ୨୦୨୪ରେ ନିଜ ଜିଡିପିର ଶତକଡ଼ା ୩୫.୧ ହୋଇଥିବା ବେଳେ ଘରୋଇ ଋଣକୁ ମିଶାଇଲେ ୨୦୨୩ ସୁଦ୍ଧା ସମୁଦାୟ ଜିଡିପିର ଶତକଡ଼ା ୭୪.୩ ଥିଲା। ନିଜର ଆର୍ଥିକ ଅବସ୍ଥା ପ୍ରତି ଅପାଠୁଆ, ଗରିବ ପାକିସ୍ତାନ ଜନତାଙ୍କୁ ଅନ୍ଧାରରେ ରଖି ରାଜତନ୍ତ୍ର ଦାୟିତ୍ୱରେ ଥିବା ରାଜନେତାମାନେ ଭାରତ ବିରୋଧୀ ସ୍ଲୋଗାନ୍ ଦେଇ କିଳାପୋତେଇ ଓ ଦୁର୍ନୀତିରେ ଲିପ୍ତ ରୁହନ୍ତି ଯଦ୍ୱାରା ପ୍ରତ୍ୟେକ ରାଜନେତା ବିଦେଶରେ ଯଥା ଦୁବାଇ, ଇଂଲଣ୍ଡ ଇତ୍ୟାଦି ଦେଶରେ ନିଜ ନିଜର ଆଲିଶାନ ବଙ୍ଗଳା ସହିତ ପ୍ରଚୁର ସମ୍ପତ୍ତିର ଅଧିକାରୀ ଅଟନ୍ତି। ଯେଉଁଠାରେ କ୍ଷୀର ଲିଟର ୨୭୦-୩୫୦ ଟଙ୍କା, ଅଣ୍ଡା ଡଜନ ପ୍ରତି ୩୫୦-୫୦୦ ଟଙ୍କା, ଆଳୁ ୩୪-୭୦ ଟଙ୍କା କିଲୋଗ୍ରାମ୍ ପ୍ରତି, ଚିକେନ ୪୧୧ ଟଙ୍କା କିଲୋଗ୍ରାମ୍ ପ୍ରତି, ମାଛ କିଲୋଗ୍ରାମ୍ ପ୍ରତି ୬୦୦ ଟଙ୍କା ରହିଛି, ଯୁଦ୍ଧ କି ପ୍ରକାର ଭୋକିଲା ପରିସ୍ଥିତି ପାକିସ୍ତାନ ପାଇଁ ପହଞ୍ଚାଇଥାନ୍ତା, ତାହା ସହଜରେ ଅନୁମେୟ।

ଶାନ୍ତିପ୍ରିୟ ଭାରତରେ ଆତଙ୍କବାଦ କିମ୍ବା ହିଂସାର ସ୍ଥାନ ନଥିବା ବେଳେ ଏହାକୁ ପାକିସ୍ତାନ ନଷ୍ଟ କରୁଥିବାରୁ ଭାରତ ସରକାର ଇଣ୍ଡସ ଜଳ ବୁଝାମଣା ୧୯୬୦କୁ ବାତିଲ କରି ପହଲଗାଁ ଘଟଣା ପରବର୍ତ୍ତୀ ସମୟରୁ ନଦୀ ଜଳ ଯୋଗାଣ ବନ୍ଦ ନିଷ୍ପତ୍ତି ନେଇଛନ୍ତି। ଏହି ବୁଝାମଣା ଯଦି ବାତିଲ ହୁଏ, ତେବେ ପାକିସ୍ତାନର କୃଷି, ଜଳ ସମ୍ପଦ, ଇଲେକ୍ଟ୍ରିସିଟି ତଥା ଦେଶୀୟ ଆର୍ଥିକ ମେରୁଦଣ୍ଡ ସମ୍ପୂର୍ଣ୍ଣ ଭୁଶୁଡ଼ି ପଡ଼ିବା ଆଶଙ୍କା କରାଯାଏ। ଏପରିକି କିଛି ରାଜନୈତିକ ବ୍ୟକ୍ତିତ୍ୱ ଭାରତ ଜଳ ବନ୍ଦ କଲେ ରକ୍ତାକ୍ତ ପରିସ୍ଥିତି ଭୋଗିବାକୁ ପଡ଼ିବା ଭଳି ଧମକ ଦେବା ଆରମ୍ଭ କରିଛନ୍ତି। କିନ୍ତୁ ଭାରତର ପ୍ରଧାନମନ୍ତ୍ରୀ ସ୍ୱଷ୍ଟୋକ୍ତି ରଖିଛନ୍ତି ଯେ 'ରକ୍ତ ଏବଂ ପାଣି ଏକ ସଙ୍ଗେ ପ୍ରବାହ କରିବା ଅସମ୍ଭବ'। ଆନ୍ତର୍ଜାତିକ ସ୍ତରରେ ଆତଙ୍କବାଦକୁ ସବୁ ଦେଶ ନିନ୍ଦା କରୁଥିବା ବେଳେ ପାକିସ୍ତାନ ଏପରି ଆନୁଷଙ୍ଗିକ କଟକଣାର ସମ୍ମୁଖୀନ ହେଲେ ମଧ ବିଭିନ୍ନ ଆତଙ୍କୀ ସଂଗଠନକୁ ପୃଷ୍ଠପୋଷକତା ଯୋଗାଇବା ପରିତାପର ବିଷୟ। ଅପର ପକ୍ଷରେ, ବେଲୁଚିସ୍ତାନ ନିଜକୁ ପାକିସ୍ତାନଠାରୁ ଅଲଗା ଘୋଷଣା କରି ଭାରତକୁ ନିଜର ସମର୍ଥନ ଘୋଷଣା କରି ଚାରି ଦିନ ଯୁଦ୍ଧ ବେଳେ ପାକିସ୍ତାନୀ ସୈନ୍ୟଙ୍କୁ ଆକ୍ରମଣ କରୁଥିଲେ। ଚୀନ୍ ଲୁକ୍କାୟିତ ଭାବେ ପାକିସ୍ତାନକୁ ସହଯୋଗ ଜାରି ରଖିଥିବା ବେଳେ ଉପରେ ଆତଙ୍କବାଦକୁ ବିରୋଧ କରୁଥିଲା। ଯୁଦ୍ଧ ବେଳେ ଚୀନ୍ ନିର୍ମିତ ମିସାଇଲର ଅଂଶବିଶେଷ ଭାରତ ମାଟିରେ ଠାବ ହେବାରୁ ଚୀନ୍‌ର ସମ୍ପୃକ୍ତିର ପ୍ରମାଣିତ ହେଉଥିଲା। କିନ୍ତୁ ପାକିସ୍ତାନକୁ ଯୁଦ୍ଧାସ୍ତ୍ର ଓ ରିଲିଫଭରା ବିମାନ ପଠାଇ ଥିବା ଖବରକୁ ଚୀନ୍ ବୈଦେଶିକ ମନ୍ତ୍ରଣାଳୟ ଖଣ୍ଡନ କରିଛନ୍ତି। ବନ୍ଧୁ ରାଷ୍ଟ୍ର ଭାବେ ରୁଷ୍ ଭାରତକୁ ଖୋଲାଖୋଲି ସମର୍ଥନ କରିଥିବା ବେଳେ ପ୍ରଧାନମନ୍ତ୍ରୀ ମୋଦୀଙ୍କୁ ସର୍ବ ସମ୍ମୁଖରେ 'ମାଇଁ ଫ୍ରେଣ୍ଡ୍' ସମ୍ବୋଧନ କରିଥିବା ଆମେରିକାର ରାଷ୍ଟ୍ରପତି ଟ୍ରମ୍ପଙ୍କ ମତିଗତି ସନ୍ଦେହପୂର୍ଣ୍ଣ ରହିଥିଲା।

ପ୍ରତି ମୁହୂର୍ତ୍ତରେ ପରମାଣୁ ବୋମା ଧମକ ଦେଉଥିବା ପାକିସ୍ତାନ ଭୁଲି ଯାଉଛି ଯେ ତା'ର ବହୁତ ପୂର୍ବରୁ ଭାରତ ଏପରି ଶକ୍ତିର ଅଧିକାରୀ। ପାକିସ୍ତାନ ପାଖରେ ୧୭୦ଟି ପରମାଣୁ ଶକ୍ତିସମ୍ପନ୍ନ ମିସାଇଲ ଥିଲେ ମଧ ତା'ଠାରୁ ଅଧିକ ଭାରତ ପାଖରେ ମହଜୁଦ ରହିଛି। ହେଲେ ଭାରତ ଶାନ୍ତିପ୍ରିୟ ରାଷ୍ଟ୍ର ଭାବେ 'ପ୍ରଥମେ ବ୍ୟବହାର କରିବୁ ନାହିଁ' ନିୟମକୁ ଅକ୍ଷରେ ଅକ୍ଷରେ ପାଳନ କରିବାକୁ ପ୍ରତିଶ୍ରୁତିବଦ୍ଧ, କାରଣ ପରମାଣୁ ବୋମା କାହାର ଭଲ କରିପାରି ନାହିଁ; ବରଂ ୧୯୪୫ ବିଶ୍ୱ ଯୁଦ୍ଧରେ ଜାପାନ ଭୋଗିଥିବା କ୍ଷୟକ୍ଷତି ବିଷୟରେ ସମସ୍ତେ ଅବଗତ ଅଛନ୍ତି। ଶକ୍ତିଶାଳୀ ହାଇଡ୍ରୋଜେନ ବୋମା ଭାରତର ସୈନ୍ୟବାହିନୀ ପାଖେ ମହଜୁଦ ଥିବା ବେଳେ ପାକିସ୍ତାନ ପାଖେ ଏହା ନାହିଁ। ଅଳ୍ପ ବିଦ୍ୟା ଭୟଙ୍କରୀ ଭଳି ପାକିସ୍ତାନର ମୁହଁ ଟାଣ ଛାଡ଼ିନାହିଁ, କାରଣ ସେମାନେ ଭାରତ ତୁଳନାରେ ସେମାନଙ୍କ ନିଜର ସାମରିକ ଶକ୍ତି କେତେ, ନିଜେ ଜାଣିଛନ୍ତି। ଭାରତରେ ପ୍ରାୟ ୫୫ ଲକ୍ଷ ସୈନ୍ୟ ବଳ ମହଜୁଦ ଥିବା ବେଳେ ପାକିସ୍ତାନର ମାତ୍ର ୧୭ ଲକ୍ଷ। ଏହା ବ୍ୟତୀତ ପାରା ମିଲିଟାରୀ ସଂଖ୍ୟା ମଧ ପାକିସ୍ତାନଠାରୁ ଅନେକ ଅଧିକ। ଏକ ତଥ୍ୟରୁ ଜଣାପଡ଼େ, ଭାରତୀୟ ପ୍ରତିରକ୍ଷା ବଜେଟ୍‌ର ପ୍ରାୟ ୧୦ ଗୁଣ କମ୍ ପାକିସ୍ତାନର ଖର୍ଚ୍ଚ। ସର୍ବୋପରି, ଭାରତରେ ବସବାସ କରୁଥିବା ମୁସଲମାନମାନଙ୍କ ସଂଖ୍ୟା ପାକିସ୍ତାନଠାରୁ ବହୁତ ଅଧିକ।




ଚାରି ଦିନ ମଧ୍ୟରେ ହୋଇଥିବା ଖର୍ଚ୍ଚର ଆକଳନ ଯଦିଓ ଏବେ ସରକାରୀ ସୂତ୍ରରୁ ପ୍ରକାଶ କରା ଯାଇନାହିଁ, ତଥାପି ଏହା ନିଶ୍ଚିତ ବ୍ୟୟ ବହୁଳ ହୋଇଥିବ। କାରଣ, ୨୦୦୨ କାର୍ଗିଲ ଯୁଦ୍ଧ ସମୟରେ ଦୈନିକ ଭାରତ ୧୪.୬ ବିଲିୟନ ଟଙ୍କା ଖର୍ଚ୍ଚ କରୁଥିବା ବେଳେ ପାକିସ୍ତାନ ୩.୭ ବିଲିୟନ କରିଥିଲା। କୌଣସି ଛୋଟ ସାମରିକ ପରିସ୍ଥିତିରେ ଭାରତ ଦୈନିକ ୧୪୬୦ରୁ ୫୦୦୦ କୋଟି ଟଙ୍କା ବ୍ୟୟ କରିଥାଏ। ଇକୋନୋମିକ ଟାଇମ୍ସ ସୂତ୍ରରୁ ପ୍ରକାଶ, ଆର୍ଥିକ ଭାବେ ସୁପରିଚାଳିତ ଭାରତ ସରକାର ନିଜର ପ୍ରତିରକ୍ଷା ଖର୍ଚ୍ଚ ୨୦୨୪-୨୫ରେ ୮୬.୧ ବିଲିୟନ ଡଲାର କରୁଥିବା ବେଳେ ପାକିସ୍ତାନ ୧୦.୨ ବିଲିୟନ କରିଥାନ୍ତି। କିଛି ବର୍ଷ ପୂର୍ବେ ନିଜର ଦୁର୍ବଳ ଆର୍ଥିକ ପରିସ୍ଥିତି, ଦୁର୍ନାମ, ଆତଙ୍କବାଦ କାର୍ଯ୍ୟକଳାପ ଯୋଗୁଁ ପାକିସ୍ତାନ ପ୍ରଧାନମନ୍ତ୍ରୀ ଇମ୍ରାନ ଖାଁଙ୍କୁ ଆମେରିକା ରାଷ୍ଟ୍ରପତି ସାକ୍ଷାତ କରିବା ପାଇଁ ଅନିଚ୍ଛା ପ୍ରକାଶ କରୁଥିଲେ, କିନ୍ତୁ ପ୍ରଧାନମନ୍ତ୍ରୀ ମୋଦୀଙ୍କ ସହିତ 'ମାଡିସନ ସ୍କୋୟାର'ଠାରେ ଭାଷଣ ରଖି ଭାରତର ପ୍ରଶଂସା କରୁଥିଲେ। ଭାରତ ଆଗାମୀ ବର୍ଷମାନଙ୍କରେ ବିଶ୍ୱର ତୃତୀୟ ବୃହତ ଅର୍ଥନୀତି ହେବାକୁ ଯାଉଥିବା ବେଳେ ପାକିସ୍ତାନ ଜନତାଙ୍କ ବୁଭୁକ୍ଷୁ ଅବସ୍ଥା ଏହାର ରାଜନେତାମାନଙ୍କୁ ବୁଝେଇ ଦେବା ଉଚିତ ଯେ ଭାରତ ସହ କି ପ୍ରକାର ବ୍ୟବହାର କରାଯିବା ନ୍ୟାୟସଙ୍ଗତ; ଅନ୍ୟଥା ପୁଣି କେବେ ପ୍ରଧାନମନ୍ତ୍ରୀ ମୋଦୀ 'ମିଡ୍‌ନାଇଟ ଅପରେସନ୍' କରି ପାକିସ୍ତାନକୁ ପୃଥିବୀ ମାନଚିତ୍ରରୁ ହଜାଇ ଦେବେ। ■

**ଅଧ୍ୟକ୍ଷ, ମଡେଲ ଡିଗ୍ରୀ କଲେଜ, ନୟାଗଡ଼**
**ମୋ: ୯୪୩୭୪୭୯୦୪୫**

# କୂଟନୀତିକ ପ୍ରଚାର

ପହଲଗାମ୍ ଆତଙ୍କବାଦୀ ଆକ୍ରମଣ ପରେ ପାକିସ୍ତାନ ସହିତ ସଦ୍ୟ ସୃଷ୍ଟ ଉତ୍ତେଜନା ଏବଂ 'ଅପରେସନ୍ ସିନ୍ଦୂର' ନାମରେ ଦ୍ରୁତ ପ୍ରତିକ୍ରିୟା ପ୍ରକାଶ କରିବା ପରେ ମୋଦୀ ସରକାର ଏକ ସାହସିକ ତଥା କୌଶଳପୂର୍ଣ୍ଣ କୂଟନୀତିକ ପ୍ରଚାର ଆରମ୍ଭ କରିବାକୁ ଯାଉଛନ୍ତି। ଏହି ପ୍ରଚାର କାର୍ଯ୍ୟ ଅଧୀନରେ ସରକାର ବିଶ୍ୱର ପ୍ରମୁଖ ରାଷ୍ଟ୍ରମାନଙ୍କଠାରୁ ଭାରତର ସମର୍ଥନ ଲାଭ କରିବା ଆଶାରେ ବିଭିନ୍ନ ଦେଶକୁ ଏକ ସାତଜଣିଆ ପ୍ରତିନିଧି ମଣ୍ଡଳୀ ପଠାଇବା ନେଇ ଘୋଷଣା କରିଛନ୍ତି। ଏହି ପ୍ରତିନିଧି ମଣ୍ଡଳୀରେ ଦେଶର ବିଭିନ୍ନ ରାଜନୀତିକ ଦଳର ପ୍ରତିନିଧି, କୂଟନୀତିଜ୍ଞ ଏବଂ ରଣକୌଶଳ ବିଶେଷଜ୍ଞମାନେ ସ୍ଥାନ ପାଇବାକୁ ସ୍ଥିର ହୋଇଥିବା ବେଳେ ଏହା ସମଗ୍ର ବିଶ୍ୱ ସମ୍ମୁଖରେ ପାକିସ୍ତାନ ଦ୍ୱାରା ପ୍ରାୟୋଜିତ ସାମ୍ପ୍ରଦାୟିକ ଆତଙ୍କବାଦ ବିରୁଦ୍ଧରେ ଭାରତର ଏକତା ଓ ବୈଶିଷ୍ଟ୍ୟକୁ ପ୍ରଦର୍ଶିତ କରିବାର ଲକ୍ଷ୍ୟ ବହନ କରୁଛି। ଏହି ପରିଭ୍ରମଣ କେବଳ ଏକ ଚିରାଚରିତ ବା ରୁଟିନ୍ କୂଟନୀତିକ କାର୍ଯ୍ୟ ନୁହେଁ- ଏହା ହେଉଛି ଭାରତର ସମଗ୍ର ବିଶ୍ୱ ପାଇଁ ରହିଥିବା ମନୋଭାବ, ସୁରକ୍ଷା ଚିନ୍ତା, ଏବଂ ଆଭ୍ୟନ୍ତରୀଣ ଗଣତାନ୍ତ୍ରିକ ସ୍ୱଭାବ ସହିତ ସୁଦୂରପ୍ରସାରୀ ନିହିତାର୍ଥ ବହନ କରୁଥିବା ଏକ ସୁଚିନ୍ତିତ ପଦକ୍ଷେପ। ଏହି ଭ୍ରମଣରେ ଯେଉଁମାନେ ଭାରତର ପ୍ରତିନିଧିତ୍ୱ କରିବାକୁ ଯାଉଛନ୍ତି, ସେମାନେ ଏକାଧିକ ରାଜନୀତିକ ଦଳ, ଧର୍ମ, ଜାତି ଏବଂ ଆଞ୍ଚଳିକ ପୃଷ୍ଠଭୂମିର ଯାହା ସ୍ୱୟଂ ଭାରତର ପ୍ରତିଷ୍ଠିତ ଦୃଷ୍ଟିକୋଣର ଏକ ବର୍ଣ୍ଣିଳ ଶୋଭାର ପ୍ରତୀକ। ନିଜ ପାଇଁ ଆଧୁନିକ ଭାରତ ଏଇ ନୀତିକୁ ଗ୍ରହଣ କରି ନେଇଛି ଯେ ସବୁ ପ୍ରକାରର ବିବିଧତା ଏକାଠି ମିଳିମିଶି ରହି ପାରିବେ ଏବଂ ସମୃଦ୍ଧି ଲାଭ କରି ପାରିବେ। ପାକିସ୍ତାନ କିନ୍ତୁ ଏହାର ସମ୍ପୂର୍ଣ୍ଣ ବିପରୀତ। ପାକିସ୍ତାନ ସହିତ ଭାରତର ସମ୍ପର୍କ ସବୁବେଳେ ଅତି ତରଳ ଅବସ୍ଥାରେ ରହି ଆସିଛି; ଯାହା ପ୍ରାୟତଃ ବାର୍ତ୍ତାଳାପ ଏବଂ ବାହୁର ଶକ୍ତି ପ୍ରଦର୍ଶନ ଭିତରେ ଦୋଳାୟମାନ ଅବସ୍ଥାରେ ରହିଥାଏ। ତେବେ ପହଲଗାମ୍‌ରେ ସାମ୍ପ୍ରତିକ ଆକ୍ରମଣ ଏବଂ ତା'ର ଜବାବ ଦେବାକୁ ଯାଇ ଭାରତର ପାକିସ୍ତାନ ଉପରେ ସାମରିକ କାର୍ଯ୍ୟାନୁଷ୍ଠାନ ପରେ ଭାରତ ପାଇଁ ଆନ୍ତର୍ଜାତିକ ସ୍ତରରେ ସମସ୍ତ କଥାକୁ ଅବଗତ କରାଇବା ଭାରତ ପାଇଁ ଏକ ଜରୁରୀ ଆବଶ୍ୟକତା ଭାବରେ ରହିଛି। ଜାତିସଂଘ ସୁରକ୍ଷା ପରିଷଦର ସଦସ୍ୟ ରାଷ୍ଟ୍ର ତଥା ଭାରତର ଅନ୍ୟାନ୍ୟ କୌଶଳପୂର୍ଣ୍ଣ ଭାଗିଦାର ରାଷ୍ଟ୍ରମାନଙ୍କୁ ଉଚ୍ଚସ୍ତରୀୟ ପ୍ରତିନିଧି ମଣ୍ଡଳୀ ପଠାଇ ଭାରତ ସେମାନଙ୍କୁ ଏକ ଏକୀକୃତ ଜାତୀୟ ବାର୍ତ୍ତା ପ୍ରଦାନ କରିବାକୁ ଚାହୁଁଛି: ଆତଙ୍କବାଦ, ବିଶେଷକରି ସୀମା-ପାର ଆତଙ୍କବାଦ ଭାରତ ଉପରେ ଏକ ଆକ୍ରମଣ ଏବଂ ସେଥିପାଇଁ ଏହାର ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିବା ସହିତ ପ୍ରତିଆକ୍ରମଣ କରିବା ନିମନ୍ତେ ଭାରତର ସମସ୍ତ ପ୍ରକାରର ଅଧିକାର ରହିଛି। ଭାରତର ପହଞ୍ଚ ଶୂନ୍ୟ ସହନଶୀଳତା ଉପରେ ଗୁରୁତ୍ୱାରୋପ କରିବା ସଙ୍ଗେ ସଙ୍ଗେ ବିଶ୍ୱ ସମୁଦାୟକୁ ଏହି ବାର୍ତ୍ତା ଜଣାଇ ଦେବାକୁ ଚାହେଁ ଯେ ଏଭଳି ବିପଦଗୁଡ଼ିକର ସାମ୍ନା କରିବାକୁ ସବୁ ଭାରତୀୟ ରାଜନୀତିକ ଦଳ ଏକ ହୋଇ ଛିଡ଼ା ହୁଅନ୍ତି; ଗୋଟିଏ ବାକ୍ୟରେ କହିଲେ ମଇଁଷି ଶିଙ୍ଗ ଭଳି ଦେଶ ଭିତରେ ଭାରତୀୟମାନଙ୍କ ମଧ୍ୟରେ ମତପାର୍ଥକ୍ୟ ଥାଇପାରେ, କିନ୍ତୁ ବିଦେଶୀମାନେ ଏହାର ଫାଇଦା ଉଠାଇବାକୁ ଉଦ୍ୟମ କଲେ, ସେମାନେ ଏକାଠି ହୋଇ ତା'ର ଉପଯୁକ୍ତ ଜବାବ ଦେବାକୁ ପଛଘୁଞ୍ଚା ଦେଇ ନଥାନ୍ତି। ପାକିସ୍ତାନ ଉପରେ ଭାରତର ଆକ୍ରମଣ ପରେ ଏହା ନିଜର ପ୍ରତିବାଦ-ବାର୍ତ୍ତା ବିଶ୍ୱକୁ ପ୍ରଦାନ କରିବା ଆଶା କରାଯାଉଥିବା ବେଳେ ଭାରତର ଏ ବାବଦରେ ସକ୍ରିୟ କାର୍ଯ୍ୟ ତୃଣମୂଳ ସ୍ତରର ବାସ୍ତବତା ଏବଂ ଏହାର ନୈତିକ ଓ କୌଶଳପୂର୍ଣ୍ଣ ସ୍ଥିତି ଜାହିର କରିବା ନିମନ୍ତେ ଏକ ଅତ୍ୟାବଶ୍ୟକତା ହୋଇ ପଡ଼ିଛି।

ପହଲଗାମ୍‌ର ମର୍ମନ୍ତୁଦ ଘଟଣା ପରେ ତା'ର ଭାରତ ଦେଇଥିବା ଜବାବ ବାବଦରେ ବିଶ୍ୱରେ ଅନେକ ଦେଶର ରାଜଧାନୀରେ କ୍ୱଚିତ୍ ସଠିକ୍ ମୂଲ୍ୟାୟନ କରା ଯାଇଥିଲା। ସେଥିପାଇଁ ଭାରତ ନିଜ ସପକ୍ଷରେ ବିଶ୍ୱ ମତକୁ ସଂଗ୍ରହ କରିବା ନିମନ୍ତେ ଅନେକଗୁଡ଼ିଏ କାରଣ ରହିଛି। ବିଶ୍ୱର କେତେକ ରାଷ୍ଟ୍ରର ନେତା ଭାରତ ଏବଂ ପାକିସ୍ତାନକୁ ସମାନ ଦୃଷ୍ଟିରେ ବିବେଚନା କରି ମନ୍ତବ୍ୟମାନ ପ୍ରଦାନ କରିଥିବା ଦେଖିବାକୁ ମିଳିଛି। ସେମାନଙ୍କ ମନରୁ ସେହି ଭାବନା ଦୂର କରାଯିବା ଜରୁରୀ। ପ୍ରତିନିଧି ମଣ୍ଡଳୀରେ ବିରୋଧୀ ଦଳର ନେତାମାନଙ୍କୁ ଅନ୍ତର୍ଭୁକ୍ତ କରିବା ପ୍ରଦର୍ଶିତ କରିଥାଏ ଯେ ଜାତୀୟ ସ୍ୱାର୍ଥର ପ୍ରସଙ୍ଗ ଉଠିଲେ ଭାରତ ବିଭାଜନକାରୀ ତତ୍ତ୍ୱରୁ ଉପରକୁ ଉଠି ଏକାଠି ତା'ର ମୁକାବିଲା କରିବାକୁ ଆଗେଇ ଆସିଥାଏ। ଏହା ହେଉଛି ଭାରତର ଏକ ବିଶେଷତ୍ୱ, ଯାହା ଭାରତକୁ ବିଶ୍ୱ ବକ୍ଷରେ ଏକ ପରିପକ୍ୱ ଗଣତନ୍ତ୍ରର ମାନ୍ୟତା ପ୍ରଦାନ କରିଥାଏ। ବରିଷ୍ଠ କଂଗ୍ରେସ ନେତା ତଥା ପୂର୍ବତନ ଜାତିସଂଘ କୂଟନୀତିଜ୍ଞ ଶଶୀ ଥରୁରଙ୍କୁ ଏକ ପ୍ରତିନିଧି ମଣ୍ଡଳୀର ନେତୃତ୍ୱ ନେବାକୁ ମୋଦୀ ସରକାର ଆମନ୍ତ୍ରଣ କରିବାକୁ ପର୍ଯ୍ୟାପ୍ତ ପରିମାଣରେ ପ୍ରଶଂସା କରାଯାଇଛି, ଯଦିଓ ଏହି କାର୍ଯ୍ୟ ସମ୍ପୂର୍ଣ୍ଣ ବିବାଦମୁକ୍ତ ହୋଇପାରି ନାହିଁ। ଥରୁର ମଧ୍ୟ ମୋଦୀ ସରକାରଙ୍କ ଅନେକ କାର୍ଯ୍ୟର ଦୃଢ଼ ସମାଲୋଚକ ହେବା ସତ୍ତ୍ୱେ ତାଙ୍କର ଏହି ଭୂମିକାକୁ ଅକୁଣ୍ଠିତ ଚିତ୍ତରେ ଗ୍ରହଣ କରିଛନ୍ତି। ଏହା ବାଦ୍ ଅନେକ ସମୟରେ ବିବାଦରେ ଛନ୍ଦି ହୋଇ ପଡୁଥିବା ତଥା ନିଜର ଚତୁର ଏବଂ ବେଳେବେଳେ ଧ୍ରୁବୀକରଣ ମନ୍ତବ୍ୟଗୁଡ଼ିକରେ ବ୍ୟାପୃତ ରହୁଥିବା ମଣିଶଙ୍କର ଆୟାରଙ୍କୁ ଆରବ ଦେଶମାନଙ୍କୁ ଗସ୍ତ କରିବାକୁ ଥିବା ପ୍ରତିନିଧି ମଣ୍ଡଳୀର ନେତୃତ୍ୱ ନେବାକୁ ଆମନ୍ତ୍ରଣ କରାଯିବାକୁ କଂଗ୍ରେସ ଦଳ ଭିତରେ କେତେକ ପରିମାଣରେ ଆଭ୍ୟନ୍ତରୀଣ ସମାଲୋଚନା କରାଯାଇଛି। କେତେକ ଦଳର ନେତା ମୋଦୀ ସରକାରଙ୍କର ଏପରି ନିଷ୍ପତ୍ତି ଉପରେ ଅସନ୍ତୋଷ ବ୍ୟକ୍ତ କରିଥିଲେ ସୁଦ୍ଧା କଂଗ୍ରେସ ନେତୃବୃନ୍ଦ କୌଣସି ପ୍ରକାରର ଆନୁଷ୍ଠାନିକ କ୍ଷୋଭ ବ୍ୟକ୍ତ କରିବାକୁ ପସନ୍ଦ କରି ନାହାନ୍ତି। ରାଜନୀତିକ ଆଦର୍ଶବାଦରେ ବିଭେଦତା ସତ୍ତ୍ୱେ ଗୁରୁତ୍ୱପୂର୍ଣ୍ଣ ଜାତୀୟ ପ୍ରସଙ୍ଗ ଉପରେ ସମସ୍ତେ ସହଯୋଗ କରିବା ନିତାନ୍ତ ଆବଶ୍ୟକ ବୋଲି ଏହା କୌଶଳପୂର୍ଣ୍ଣ ଭାବରେ ନିଜର ନିରବତା ଦ୍ୱାରା ଦର୍ଶାଇ ପାରିଛି। ଯେଉଁମାନେ ଏହାକୁ ଏକ ନୂଆ କାର୍ଯ୍ୟ ସଙ୍ଗେ ସଙ୍ଗେ ରାଜନୀତିକ ଉଦ୍ଦେଶ୍ୟ ପ୍ରଣୋଦିତ କାର୍ଯ୍ୟ ଭାବରେ ବିବେଚନା କରି ସମାଲୋଚନା କରିବାକୁ ଆଗେଇ ଆସୁଛନ୍ତି, ସେମାନେ ଜାଣି ରଖିବା ଉଚିତ ଯେ ଏହା ଆଦୌ ଏକ ଅଭୂତପୂର୍ବ କାର୍ଯ୍ୟ ନୁହେଁ। ଆନ୍ତର୍ଜାତିକ କୂଟନୀତିରେ ଦଳମତ ନିର୍ବିଶେଷରେ ଭାରତର ସହଯୋଗର ଏକ ଦୀର୍ଘକାଳୀନ ଇତିହାସ ରହି ଆସିଛି। ଏହାର ଏକ ପ୍ରକୃଷ୍ଟ ଉଦାହରଣ ହେଉଛି ଜବାହାରଲାଲ ନେହରୁଙ୍କ ଶାସନ କାଳ, ଯେତେବେଳେ କି ସେ ବିରୋଧୀ ଦଳର ଜଣେ ଉଦୀୟମାନ ନେତା ଅଟଳ ବିହାରୀ ବାଜପେୟୀଙ୍କୁ ଏକ ଘଡ଼ିସନ୍ଧି ମୁହୂର୍ତ୍ତରେ ଜାତିସଂଘରେ ଭାରତର ପକ୍ଷ ରଖିବା ନିମନ୍ତେ ପଠାଇ ଥିଲେ। ମୋଟାମୋଟି ଗୋଟିଏ ବାର୍ତ୍ତା ହିଁ ବର୍ତ୍ତମାନ ଭାରତ ବିଶ୍ୱକୁ ପ୍ରଦାନ କରିବାକୁ ଚାହୁଁଛି, ଆଉ ତାହା ହେଉଛି- ଭାରତର ସାର୍ବଭୌମତ୍ୱ, ସୁରକ୍ଷା ଏବଂ ବିଶ୍ୱ ଦରବାରରେ ଯେତେବେଳେ ନିଜର ସ୍ଥିତିର କଥା ଉଠେ, ସେତେବେଳେ ସବୁ ଭାରତୀୟ ଏକ ସ୍ୱରରେ କଥା କହିଥାନ୍ତି।■

# ହାତପାଆନ୍ତାରୁ ଛାଡ଼ ସୁଯୋଗ !

ବେଳେବେଳେ ହାତ ପାଆନ୍ତାରେ ମିଳୁଥିବା ସୁଯୋଗକୁ ଆମେ ନାପସନ୍ଦ କରିଥାଉ। ସହଜରେ ମିଳି ଯାଉଥିବା ଜିନିଷକୁ ବେଶୀ ଗୁରୁତ୍ୱ ଦେଇ ନଥାଉ। ଯଦିଓ ଏହା ସମସ୍ତଙ୍କ କ୍ଷେତ୍ରରେ ହୁଏନାହିଁ, ତଥାପି କିଛି ଲୋକଙ୍କ କ୍ଷେତ୍ରରେ ଏମିତି ଭାବନାଟିଏ ଆସିଥାଏ। ମନେକର ଶୋ' ରୁମ୍‌ରୁ ଯେଉଁ ଲୁଗାକୁ ଆମେ ପାଞ୍ଚ ହଜାର ଟଙ୍କା ଦେଇ କିଣିଥାଉ, ସେହି ଲୁଗାକୁ ଜଣେ ଫେରିବାଲା ଆମ ଦ୍ୱାରମୁହଁକୁ ଆଣି ତିନି ହଜାର ଟଙ୍କାରେ ଦେଲା। ଆମର ଧାରଣା ହୁଏ, ଏ ନକଲି କମ୍ପାନୀର ଲୁଗା। ନହେଲେ ଶୋ' ରୁମ୍‌ରେ ପାଞ୍ଚ ହଜାର ଟଙ୍କା, ଆଉ ଏ ନେଉଛି ତିନି ହଜାର ? କେବଳ ଲୁଗାଟିଏ କଥା ନୁହେଁ; କିଛି ଲୋକ ଅନେକ ବସ୍ତୁ ତଥା ମଣିଷଙ୍କୁ ବି ଏମିତି କଳ୍ପନାର ନିକିତିରେ ତଉଲି ଥାଆନ୍ତି। ନିଜ ପଡ଼ିଶା, ଘର ଲୋକ ଉଚ୍ଚଶିକ୍ଷିତ ହୋଇଥିଲେ ହେଁ ପିଲାଏ ଅନ୍ୟ ଲୋକଙ୍କଠାରୁ ଶିକ୍ଷା ଗ୍ରହଣ କରି ଥାଆନ୍ତି। ଗୋଟିଏ ସହରରେ ରହୁଥିବା ଲୋକ ଅନ୍ୟ ସହରକୁ ଅଧିକ ଗୁରୁତ୍ୱ ଦିଅନ୍ତି। ଘର ପାଖରେ ଭଲ ଡାକ୍ତରଙ୍କୁ ନାପସନ୍ଦ କରି ଦୂରରେ ଚିକିତ୍ସା କରିବାକୁ ପସନ୍ଦ କରନ୍ତି। ଘର ପାଖ ଭଲ ବିଦ୍ୟାଳୟକୁ ଛାଡ଼ି ଦୂର ବିଦ୍ୟାଳୟରେ ପଢ଼ନ୍ତି। ଏହା କିଛି ମଣିଷଙ୍କର ଏକ ପ୍ରବୃତ୍ତି। କିନ୍ତୁ କିଛି ମଣିଷ କେବେ ବି ଦୂର- ପାଖ, ସହଜରେ ମିଳୁଛି କି କଷ୍ଟରେ, ଦାମ୍‌ରେ ବେଶୀ ବା କମ୍- ଏସବୁ ବିଚାର କରନ୍ତି ନାହିଁ। ସେମାନେ ଗୁଣବତ୍ତାକୁ ଗୁରୁତ୍ୱ ଦେଇ ଥାଆନ୍ତି। ବ୍ୟକ୍ତି ବା ବସ୍ତୁର ଗୁଣବତ୍ତାକୁ ଗୁରୁତ୍ୱ ଦେଉଥିବା ମଣିଷ ସଂସାର ଦୌଡ଼ରେ ଅନ୍ୟମାନଙ୍କ ଅପେକ୍ଷା ଟିକିଏ ଆଗରେ ରହନ୍ତି।

ପଦାରବିନ୍ଦ

ପୁରୁଣା କାଳର କଥା। ସେତେବେଳେ ପାଞ୍ଚ, ଦଶ, ପଚିଶ ପଇସା ଆଦି ମୁଦ୍ରାର ବ୍ୟବହାର ଥିଲା। ଆଦୌ ପାଠ ପଢ଼ି ନଥିବା ଏବଂ ମୁଦ୍ରା ଚିହ୍ନି ନଥିବା ପିଲାକୁ ଜଣେ କିଛି ଦଶ ପଇସା ଓ ପଚିଶ ପଇସା ଦେଲେ। ପିଲାଟି ପଇସାର ମୂଲ୍ୟକୁ ବୁଝୁ ନଥିଲା। ବରଂ ଆକାରକୁ ଦେଖୁଥିଲା। ସେ ବୁଝିଥିଲା, ବଡ଼ ପଇସାରେ ବେଶୀ ଜିନିଷ ଓ ଛୋଟ ପଇସାରେ କମ୍ ଜିନିଷ ମିଳିଥାଏ। ଗୋଟିଏ ଦୋକାନରୁ କିଛି ଜିନିଷ କିଣିଲା ବେଳେ ଦେଖିଲା ବଡ଼ ପଇସା (ଦଶ ପଇସା) ଅପେକ୍ଷା ଛୋଟ ପଇସା (ପଚିଶ ପଇସା)ରେ ଅଧିକ ଜିନିଷ ମିଳୁଛି।

ଆମ ଭିତରେ ଅନେକ ଲୋକ ଏହି ପିଲାଟି ଭଳି। ପାଖରେ ସୁଯୋଗଟିଏ ଥିଲେ ବି ତା' ଉପରେ ଗୁରୁତ୍ୱ ନଦେଇ ଅନ୍ୟ କାହାକୁ ଖୋଜିଥାଏ। ସେଭଳି ମଣିଷ ମନେ ରଖିବା ଉଚିତ୍, ପ୍ରଥମେ ହାତ ପାଆନ୍ତା ସ୍ଥିତିକୁ ଗୁରୁତ୍ୱ ଦେବା ଉଚିତ୍। ■

# ସୌରମଣ୍ଡଳ ବାହାରେ ଜୀବଜଗତର ନୂତନ ପଦଚିହ୍ନ

ପୃଥିବୀ ବାହାରେ ଅନ୍ୟ ଗ୍ରହମାନଙ୍କରେ ଜୀବ ଜଗତର ପରିକଳ୍ପନା ଜନମାନସକୁ ଆଲୋଡ଼ିତ କରିଆସିଛି ମହାକାଶ ଯୁଗର ଆରମ୍ଭରୁ। ପ୍ରଥମେ ସୌର ମଣ୍ଡଳ ମଧ୍ୟରେ, ବିଶେଷକରି ବୁଧ ଓ ମଙ୍ଗଳ ଗ୍ରହରେ ଏବଂ ବିଭିନ୍ନ ଉପଗ୍ରହମାନଙ୍କରେ ଏହା ଥାଇପାରେ ବୋଲି ଅନୁମାନ କରାଯାଉଥିଲା। ତେବେ ପରବର୍ତ୍ତୀ ଅବସ୍ଥାରେ ସେଠାରେ ଅନ୍ତତଃ ବିକଶିତ ଜୀବ ଜଗତ ନାହିଁ ବୋଲି ଜଣା ପଡ଼ିଲା। ବର୍ତ୍ତମାନ ମହାକାଶ ବିଜ୍ଞାନର ବିକାଶ ସଙ୍ଗେ ସଙ୍ଗେ ସୌର ମଣ୍ଡଳ ବାହାରେ, ଏପରିକି ହଜାର ହଜାର ଆଲୋକ ବର୍ଷ ଦୂରରେ ଥିବା ଶହ ଶହ ଗ୍ରହ ଆବିଷ୍କାର ହୋଇ ସାରିଲାଣି। ସେଗୁଡ଼ିକ ଉପରେ ହେଉଥିବା ଅଧ୍ୟୟନର ଅନ୍ୟତମ ଗୁରୁତ୍ୱପୂର୍ଣ୍ଣ ବିଷୟ ହେଉଛି ସେଠାରେ ଜୀବ ଜଗତ ଥିବାର ସମ୍ଭାବନା ଅନ୍ୱେଷଣରେ ବିଶ୍ୱ ବ୍ରହ୍ମାଣ୍ଡରେ ଥିବା ଟ୍ରିଲିୟନ୍- ଟ୍ରିଲିୟନ୍



**କନକଲତା ପରିଡ଼ା**

ସଂଖ୍ୟକ ଏବଂ ଆମ ଛାୟାପଥରେ ଥିବା ବିଲିୟନ୍-ବିଲିୟନ୍ ସଂଖ୍ୟକ ଗ୍ରହ ମଧ୍ୟରୁ ଅନେକରେ ଏହା ଥିବାର ସମ୍ଭାବନା ଉଜ୍ଜ୍ୱଳ। କାରଣ, ସେଗୁଡ଼ିକରୁ ବହୁ ସଂଖ୍ୟାରେ ସେମାନଙ୍କ ତାରକାଗୁଡ଼ିକୁ ପରିକ୍ରମା କରୁଛନ୍ତି, ଏପରି ଦୂରତାରୁ ଯେ ସେଠାରେ ତାହା ସମ୍ଭବ ହୋଇ ପାରିବ। ଏହି ଦୂରତାକୁ କୁହାଯାଉଛି 'ବାସୋପଯୋଗୀ ଅଞ୍ଚଳ' ବା 'ହାବିଟେବଲ୍ ଜୋନ୍'। ଏଥିରେ ଥିବା ଗ୍ରହମାନଙ୍କରେ ଜୀବନ ପାଇଁ ଅତ୍ୟାବଶ୍ୟକ ଜଳ ଏବଂ ଉପଯୁକ୍ତ ପରିବେଶ ଥିବାର ମନେ କରାଯାଏ।

ଗ୍ରହମାନଙ୍କ ମଧ୍ୟରୁ କେତେକାଂଶର ଜୀବ ଜଗତଟିଏ ଧାରଣ କରିବାର ସମ୍ଭାବନା ରହିଛି, ତାହାର ତାତ୍ତ୍ୱିକ ଗଣନା ଲାଗି ଗାଣିତିକ ସୂତ୍ରଟିଏ ୧୯୬୧ ମସିହାରେ ପ୍ରସ୍ତୁତ କରିଥିଲେ ଜ୍ୟୋତିର୍ବିଜ୍ଞାନୀ ଫ୍ରାଙ୍କ୍ ଡିରେକ୍। ଏଥି ଅନୁଯାୟୀ ଆକଳନ କରାଗଲେ ଆମ ଛାୟାପଥରେ ୧୦୦୦ରୁ ୧୦,୦୦୦୦ ପର୍ଯ୍ୟନ୍ତ ଗ୍ରହରେ ଜୀବ ଜଗତ ଥାଇପାରେ। ତେବେ ଏହାର ଯଥାର୍ଥତା ଅଦ୍ୟାବଧି ପ୍ରମାଣିତ ହୋଇପାରି ନାହିଁ।

ଅନ୍ୟ ପକ୍ଷରେ, ବିବିଧ ମହାକାଶ ଦୂରବୀକ୍ଷଣ ଯନ୍ତ୍ର ତଥା ଅନ୍ୟାନ୍ୟ ପ୍ରଯୁକ୍ତିବିଦ୍ୟାର ପ୍ରୟୋଗ ଫଳରେ ସୌର ମଣ୍ଡଳ ବାହାରେ ଆବିଷ୍କୃତ ଗ୍ରହମାନଙ୍କରେ ଜୀବ ଜଗତର ସମ୍ଭାବନା ସଂପର୍କରେ ବୈଜ୍ଞାନିକମାନେ ଅଧ୍ୟୟନ ଚଳାଇଛନ୍ତି। ତହିଁରୁ ସେମାନଙ୍କୁ ମିଳୁଥିବା ଆଶା ସୃଷ୍ଟିକାରୀ ସମ୍ଭାବନାଗୁଡ଼ିକ ମଧ୍ୟରୁ ସଦ୍ୟତମ ସୂଚନାଟିଏ ଲାଭ କରାଯାଇଛି ଜେମସ୍ ୱେବ୍ ମହାକାଶ ଦୂରବୀକ୍ଷଣ ଯନ୍ତ୍ରରୁ। ତହିଁରୁ ବୈଜ୍ଞାନିକମାନେ ଏକ ଗ୍ରହର ବାୟୁମଣ୍ଡଳରେ ଜୀବ ଜଗତର ରାସାୟନିକ ପଦଚିହ୍ନ ରୂପେ ପରିଗଣିତ ଦୁଇଟି ବାଷ୍ପ ଚିହ୍ନଟ କରିଛନ୍ତି। ପୃଥିବୀ ପୃଷ୍ଠରେ ଏହା ଉତ୍ପନ୍ନ ହୋଇଥାଏ କେବଳ ଜୈବିକ କ୍ରିୟା ପ୍ରକ୍ରିୟାରୁ। ସାଧାରଣତଃ 'ଆଲ୍‌ଜି' ଭଳି 'ଫାଇଟୋ-ପ୍ଲାଙ୍କଟନ୍' ଜାତୀୟ ସୂକ୍ଷ୍ମ ଜୀବମାନେ ଏହା ସୃଷ୍ଟି କରିଥାନ୍ତି।

ଏହି ବାଷ୍ପ ଦୁଇଟି ହେଲା 'ଡାଇ ମିଥାଇଲ୍ ସଲ୍‌ଫାଇଡ୍' (ଡିଏମ୍‌ଏସ୍) ଏବଂ 'ଡାଇମିଥାଇଲ୍ ଡାଇସଲ୍‌ଫାଇଡ୍' (ଡିଏମ୍‌ଡିଏସ୍)। ଯେଉଁ ସୌରମଣ୍ଡଳ ବାହାରର ଗ୍ରହରେ ଏହାକୁ ଚିହ୍ନଟ କରାଯାଇଛି, ତାକୁ ନାମିତ କରାଯାଇଛି 'କେ୨-୧୮ ବି' ରୂପେ। ଗବେଷକମାନଙ୍କ ମତରେ ଏହି ଆବିଷ୍କାରରୁ ସମ୍ଭବତଃ ଗ୍ରହଟି ଅନ୍ତତଃ ସୂକ୍ଷ୍ମ ଜୀବମାନଙ୍କରେ ଭରପୂର ବୋଲି ମନେହୁଏ। ଏଣୁ ସେମାନେ ଏହି ଆବିଷ୍କାରକୁ ପୃଥିବୀ ଏବଂ ସୌର ମଣ୍ଡଳ ବାହାରେ ଜୀବ ଜଗତର ସମ୍ଭାବନା ଦିଗରେ ଏକ ବଳିଷ୍ଠ ସୂଚନା ବୋଲି କହୁଛନ୍ତି। ତଥାପି ଏହାକୁ ନିଶ୍ଚିତ କରିବାକୁ ହେଲେ ଆହୁରି ଅଧିକ ପର୍ଯ୍ୟବେକ୍ଷଣ ଓ ଅଧ୍ୟୟନ ଲୋଡ଼ା ବୋଲି ତାଙ୍କର ମତ।

ଏହା ସତ୍ତ୍ୱେ ବି ଏହି ଆବିଷ୍କାରକୁ ନେଇ ସେମାନେ ଅତ୍ୟନ୍ତ ଉତ୍ସାହ ପ୍ରକଟ କରନ୍ତି। ଏଣୁ ଏହି ଗବେଷକ ଦଳର ମୁଖ୍ୟ ତଥା କେମ୍ବ୍ରିଜ୍ ବିଶ୍ୱବିଦ୍ୟାଳୟର ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଆଷ୍ଟ୍ରୋନୋମିର ଭାରତୀୟ ବଂଶୋଦ୍ଭବ ଖଗୋଳ ପଦାର୍ଥବିଜ୍ଞାନୀ ନିକୁ ମଧୁସୂଦନ 'ଆଷ୍ଟ୍ରୋଫିଜିକାଲ୍ ଜର୍ଣ୍ଣାଲ୍ ଅଫ୍ ଲେଟରସ୍' (ଏପ୍ରିଲ,୨୦୨୫)ରେ ପ୍ରକାଶିତ ଗବେଷଣାପତ୍ରରେ 'ସୌରମଣ୍ଡଳ ବାହାରେ ଏକ ଗ୍ରହରେ ଜୀବ ଜଗତଟିଏ ଥିବା ସଂପର୍କରେ ଏହା ଏକ ବଳିଷ୍ଠ ସମ୍ଭାବନା ପ୍ରତିପାଳିତ କରୁଛି' ବୋଲି ମତ ପ୍ରକାଶ କରିଛନ୍ତି। ତଦନୁଯାୟୀ ସୌରମଣ୍ଡଳ ଭିତରେ ମଙ୍ଗଳ, ଶୁକ୍ର ତଥା ବରଫର ସନ୍ଧାନ ମିଳିଥିବା ଅନ୍ୟ କେତେକ ଉପଗ୍ରହରେ କୌଣସି ପ୍ରକାର ଜୀବ ଜଗତକୁ ସୁହାଇଲା ଭଳି ପରିବେଶଟିଏର



ଏବେ ବି ସନ୍ଧାନ ଚାଲିଛି। ଆଜି ପର୍ଯ୍ୟନ୍ତ ତହିଁରୁ କୌଣସି ନିଶ୍ଚିତ ସୂଚନା ମିଳିପାରି ନାହିଁ। ଏପରି ସ୍ଥଳେ, କେ୨-୧୮ବି ଗ୍ରହରେ ଜୈବ ପ୍ରକ୍ରିୟା ଚାଲିଥିବାର ସନ୍ଧାନ ଏ ଦିଗରେ ଗୁରୁତ୍ୱପୂର୍ଣ୍ଣ ସଫଳତା।

ଏ ଗ୍ରହଟି ପୃଥିବୀ ତୁଳନାରେ ପ୍ରାୟ ୨.୬ ଗୁଣ ବଡ଼। ଏହା 'ବାସୋପଯୋଗୀ ଅଞ୍ଚଳରେ ରହି ଏକ ଲାଲ୍ ରଙ୍ଗର, ସୂର୍ଯ୍ୟଠାରୁ ସାନ ଏବଂ କମ୍ ଉଜ୍ଜ୍ୱଳ ହୋଇଥିବା ତଥା ପୃଥିବୀଠାରୁ ୧୨୪ ଆଲୋକ ବର୍ଷ ଦୂରରେ ଥିବା ଲେଓ୍ ନକ୍ଷତ୍ର ପୁଞ୍ଜର ଅନ୍ତର୍ଭୁକ୍ତ ଏକ ତାରକାକୁ ପରିକ୍ରମା କରୁଛି।' ଅତଏବ, ଏଥିରେ ଜଳ ମଧ ଥିବାର ସମ୍ଭାବନା ରହିଛି।

ବିଗତ ୧୯୯୦ ମସିହାରୁ ବର୍ତ୍ତମାନ ମଧ୍ୟରେ ବୈଜ୍ଞାନିକମାନେ ସୌର ମଣ୍ଡଳ ବାହାରେ ପ୍ରାୟ ୫୮୦୦ ଗ୍ରହମାନଙ୍କର ଆବିଷ୍କାର କରି ସାରିଲେଣି। ଏଗୁଡ଼ିକୁ କୁହାଯାଉଛି 'ବାହ୍ୟ ଗ୍ରହ' ବା 'ଏକ୍ସୋ ପ୍ଲାନେଟ୍'। ତନ୍ମଧ୍ୟରୁ କେତେକରେ ତରଳ ଜଳ ବିଶିଷ୍ଟ ସମୁଦ୍ର, ସୂକ୍ଷ୍ମ ଜୀବ ଏବଂ ଉଦ୍‌ଜାନ ସମୃଦ୍ଧ ବାୟୁମଣ୍ଡଳ ଥିବାର ଅନୁମାନ କରାଯାଉଛି। ଅତଏବ, ସେଗୁଡ଼ିକ କୌଣସି ନା କୌଣସି ପ୍ରକାର ଜୀବଜଗତ ଧାରଣ କରି ପାରୁଥାନ୍ତି କିମ୍ବା ସେଠାରେ ସେଥିପାଇଁ ଅନୁକୂଳ ପରିବେଶ ରହିଛି। ପୂର୍ବରୁ ୱେବ୍ ଦୂରବୀକ୍ଷଣ ଯନ୍ତ୍ର କେ୨-୧୮ବିର ବାୟୁମଣ୍ଡଳରେ ଅଙ୍ଗାରକାମ୍ଳ ଏବଂ ମିଥେନ୍ ବାଷ୍ପ ଥିବା ଚିହ୍ନଟ କରିଥିଲା। ଏହା ଥିଲା- 'ବାସୋପଯୋଗୀ ଅଞ୍ଚଳରେ ଥିବା କୌଣସି ବାହ୍ୟ ଗ୍ରହରେ ଅଙ୍ଗାରଭିତ୍ତିକ ଅଣୁମାନ ଚିହ୍ନଟ ହେବାରେ ପ୍ରଥମ। ଏବେ ଏଠାରେ 'ଡାଇମିଥାଇଲ୍ ସଲ୍‌ଫାଇଡ୍' ଏବଂ 'ଡାଇମିଥାଇଲ୍ ଡାଇସଲ୍‌ଫାଇଡ୍'ର ଆବିଷ୍କାର ଏକ ସମ୍ଭାବ୍ୟ ଜୀବ ଜଗତଧାରୀ ଗ୍ରହ ରୂପେ ତା'ର ଗୁରୁତ୍ୱ ବୃଦ୍ଧି କରିଛି।■

**ଶ୍ରୀନନ, ଯମପଡ଼ା (ମାର୍ଶାଘାଇ), କେନ୍ଦ୍ରାପଡ଼ା**
**ମୋ: ୯୯୩୭୩୦୧୪୬୦**

## ମଧୁପୁର ପୁରାତନ ଛାତ୍ରଛାତ୍ରୀଙ୍କ ବନ୍ଧୁମିଳନ

**କୁଆଖିଆ, ଧର୍ମଶାଳା,୧୯।୫/ଏନ୍‌ଏନ୍‌ଏସ୍:** ସୁକୁପୁର ବ୍ଲକ ଅଞ୍ଚଳର ବନ୍ଧୁ ପୁରାତନ ଶିକ୍ଷା ଅନୁଷ୍ଠାନ କଇଶ ସ୍ଥିତ ମଧୁପୁର ସରକାରୀ ଉଚ୍ଚ ବିଦ୍ୟାଳୟରେ ଆଜି ପୁରାତନ ବିଦ୍ୟାର୍ଥୀଙ୍କର ବାର୍ଷିକ ଉତ୍ସବ ଓ ବନ୍ଧୁ ମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ପୁରାତନ ବିଦ୍ୟାର୍ଥୀମାନେ ବିଦ୍ୟାଳୟ ପରିସରରେ ଥିବା ପ୍ରଭୁ ରଘୁନାଥଙ୍କ ନିକଟରେ ସମ୍ମାନ ଯୋଗଦେଇ ନିଜ ନିଜର ବକ୍ତବ୍ୟ ରଖିଥିଲେ। ସଭା ପ୍ରାରମ୍ଭରେ ସ୍ୱାଗତ ସଂଗୀତ ଗାନ କରାଯାଇ ଥିଲା। ପରେ ଜଗନ୍ନାଥଙ୍କ ଫୋଟୋ ଚିତ୍ରରେ ଅତିଥିମାନେ ପୁଷ୍ପମାଲ୍ୟ ଦେଇ ପ୍ରଦୀପ ପ୍ରଜ୍ୱଳନ କରିଥିଲେ। ଏହି ଅବସରରେ ଅତିଥିମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପୁରାତନ ଛାତ୍ର ଡା. ବିଜୟ କୁମାର ଶତପଥୀ ସ୍ୱାଗତ ଭାଷଣ ଦେଇଥିବା



ପ୍ରଦୀପ ପ୍ରଜ୍ୱଳନ କରିବା ସହିତ ପୂଜାର୍ଚ୍ଚନା କରି ଧ୍ୱଜା ଉତ୍ତୋଳନ କରିଥିଲେ। ପରେ ବିଦ୍ୟାଳୟର ସମସ୍ତ ଧରା ଧାମ ତ୍ୟାଗ କରିଥିବା ଅବସର ପ୍ରାପ୍ତ ଶିକ୍ଷକ, ଶିକ୍ଷୟିତ୍ରୀ ଓ ଛାତ୍ର ଛାତ୍ରୀମାନଙ୍କ ଉଦ୍ଦେଶ୍ୟରେ ୨ମିନିଟ ନିରବ ପ୍ରାର୍ଥନା କରାଯାଇଥିଲା। ପୁରାତନ ବିଦ୍ୟାର୍ଥୀମାନଙ୍କ ମଧ୍ୟରେ ଭାବର ଆଦାନ ପ୍ରଦାନ ହୋଇଥିଲା ବହୁ ଦିନ ପରେ ଭେଟଘାଟ ହେବା ପରେ ଅଧିକାଂଶ ବିଦ୍ୟାର୍ଥୀ ଭାବ ବିହ୍ୱଳ ହୋଇପଡ଼ିଥିଲେ। ବିଦ୍ୟାଳୟ ଆରମ୍ଭରୁ ଆଜି ପର୍ଯ୍ୟନ୍ତ ସମସ୍ତ ପ୍ରଧାନଶିକ୍ଷକ ଓ ଶିକ୍ଷକମାନଙ୍କୁ ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ଦେଇ ସମ୍ମାନିତ କରାଯାଇଥିଲା। ଏହି ଅବସରରେ ପୁରାତନ ବିଦ୍ୟାର୍ଥୀଙ୍କ ଉଦ୍ଦେଶ୍ୟରେ ସମ୍ବର୍ଦ୍ଧିତ ଶିକ୍ଷକମାନେ ବକ୍ତବ୍ୟ ରଖିଥିଲେ। ପରେ ସଭାସଙ୍ଗ କରାଯାଇଥିଲା। ଦ୍ୱିତୀୟ ସୋପାନ କାର୍ଯ୍ୟକ୍ରମ। ପୁରାତନ ବିଦ୍ୟାର୍ଥୀ ସଂସଦର ସଭାପତି ବସନ୍ତ କୁମାର ଶତପଥୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା। ଏହି ସଭାରେ ମୁଖ୍ୟ ଅତିଥି ଭାବେ କୋରେଇ ବିଧାୟକ ଆକାଶ ଦାଶ ନାୟକ, ବିଶିଷ୍ଟ ଅତିଥି ଭାବେ ଧର୍ମଶାଳା ବିଧାୟକ ହିମାଂଶୁ ଶେଖର ସାହୁ, ମୁଖ୍ୟ ବକ୍ତା ଭାବେ ବୈଷ୍ଣବ ଚରଣ ବେଳେ, ଅତିଥି ପରିଚୟ ପ୍ରଦାନ ସଞ୍ଜୟ କୁମାର ସାହୁ କରିଥିଲେ। ପୁରାତନ ବିଦ୍ୟାର୍ଥୀ ସଂସଦର ସମ୍ପାଦକ ଅମୂଲ୍ୟ କୁମାର ସାହୁ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ବସନ୍ତ କୁମାର ଶତପଥୀ ସଭାପତିତ୍ୱ ଅଭିଭାଷଣ ରଖିଥିବା ବେଳେ ମନୋଜ କୁମାର ସାହୁ ମଞ୍ଚ ପରିଚାଳନା କରିଥିଲେ। ସହ ସମ୍ପାଦକ ଧୀରେନ୍ଦ୍ର କୁମାର ସାହୁ ଧନ୍ୟବାଦ ପ୍ରଦାନ କରିଥିଲେ। ଛାତ୍ର ସଂସଦ ପକ୍ଷରୁ ଦୁଇ ବିଧାୟକଙ୍କୁ ସରକାରୀ ଛକ ଠାରୁ ଏକ ଭବ୍ୟ ରଥରେ ମହାସମାରୋହରେ ଶୋଭାଯାତ୍ରାରେ ବିଦ୍ୟାଳୟ ପରିସରକୁ ଅଣାଯାଇଥିଲା। ୧୯୯୦ମସିହାରେ ପ୍ରତିଷ୍ଠା ହୋଇଥିବା ଏହି ବିଦ୍ୟାଳୟର ସମସ୍ତ ପୁରାତନ ବିଦ୍ୟାର୍ଥୀ ଯୋଗଦେଇ ନିଜ ନିଜ ଭିତରେ ଖୁସି ବାଣ୍ଟିବାର ଆନନ୍ଦ ଅନୁଭବ କରିଥିଲେ। ପୁରାତନ ବିଦ୍ୟାର୍ଥୀ ସଂସଦର ସମସ୍ତ କର୍ମକର୍ତ୍ତା ଓ ସଦସ୍ୟମାନେ ଉକ୍ତ ପରିଚାଳନାରେ ସହଯୋଗ କରିଥିଲେ। ଅଧ୍ୟାପକ ଡ. ସତ୍ୟପ୍ରିୟ ସାହୁ ପୁରୁଷୋତ୍ତମ ଖୁଣ୍ଟିଆ ମନୋଜ ଶତପଥି ଅମରେନ୍ଦ୍ର ସାହୁ କାଶୀନାଥ ସାହୁ ଅମର ସାହୁ ବସନ୍ତ ଷଡ଼ଙ୍ଗୀ ଧୀରେନ୍ଦ୍ର ସାହୁ ପ୍ରମୁଖ ସମସ୍ତେ ମିଶି କାର୍ଯ୍ୟକ୍ରମ ସମ୍ପାଦନ କରିଥିଲେ।

## ଯୁବ ସମାଜସେବୀଙ୍କ ପ୍ରତିମୂର୍ତ୍ତି ଅନାବରଣ

**ମୃଷାଟିକିରି,୧୯।୫/ଏନ୍‌ଏନ୍‌ଏସ୍:** ପ୍ରାଚୀ ବୌଦ୍ଧ ପୀଠ ଉଦୟଗିରି ସନ୍ନିକଟ ,ବାହାଦୁରନଗର ସ୍ଥିତ,ଗୋପୀନାଥ ବିଦ୍ୟାମନ୍ଦିର ପ୍ରତିଷ୍ଠାତା ଯୁବ ସମାଜସେବୀ,ଶିକ୍ଷାପ୍ରେମୀ ତଥା ସମବାୟବିତ ଶୈଳେନ୍ଦ୍ର ନାରାୟଣ ସାମଲଙ୍କପ୍ରଥମ ବାର୍ଷିକ ଶ୍ରାଦ୍ଧ ଦିବସରେ ଗୋପୀନାଥ ବିଦ୍ୟାମନ୍ଦିର ପ୍ରକୋଷ୍ଠରେ ଆବକ୍ଷ ପ୍ରତିମୂର୍ତ୍ତି ଓ ଶିକ୍ଷାବିତ ଗୋପୀନାଥ ସାମଲଙ୍କ ପ୍ରତିମୂର୍ତ୍ତି ,ଦ୍ୱୟଙ୍କୁ ମାନ୍ୟବର ପୂର୍ବତନ ସାଂସଦ ରାମଚନ୍ଦ୍ର ଖୁଣ୍ଟିଆ ଓ ଓଡିଶାର ପୂର୍ବତନ ମନ୍ତ୍ରୀ ଅମର ପ୍ରସାଦ ଶତପଥିଙ୍କ ସଦୟ ଉପସ୍ଥିତିରେ ଅନାବରଣ କରାଯାଇଛି । ବିଦ୍ୟାମନ୍ଦିର ପ୍ରକୋଷ୍ଠରେ ଶ୍ରଦ୍ଧାନିବେଦନ ସଭା ଅନୁଷ୍ଠିତ ହୋଇଥିଲା। ବଡଚଣା କଂଗ୍ରେସ ନେତା ଅଜୟ ସାମଲ ଏହି ସଭାମଞ୍ଚରେ ଅଧକ୍ଷତା କରି ସ୍ୱର୍ଗତ ସାମଲଙ୍କ ବହୁମୁଖୀ ପ୍ରତିଭାର ଗୁଣଗାନ କରିଥିଲେ। ଅବସର ପ୍ରାପ୍ତ ବ୍ୟାଙ୍କ କର୍ମଚାରୀ ଉମେଶ ସାମଲ ସ୍ୱାଗତ ଅଭିଭାଷଣ ପ୍ରଦାନ କରି ,ଅତିଥିଙ୍କ ପରିଚୟ ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପ୍ରାକ୍ତନ ଜିଲ୍ଲା ପରିଷଦ ସଦସ୍ୟ ରବୀନ୍ଦ୍ର ନାଥ ଶାନ୍ତି,ପ୍ରାକ୍ତନ ସରପଞ୍ଚ ରିୟାସତ ଅଲ୍ଲୀ,ବିଳାସ ଚନ୍ଦ୍ର ବାରିକ,ବାଲିପଡିଆ ସରପଞ୍ଚ କିଶୋର ଚନ୍ଦ୍ର ବେହୁରିଆ, ରାମଚନ୍ଦ୍ର ସାମଲ, କିଶୋର ଚନ୍ଦ୍ର ଦାଶ, ଭାଗ୍ୟଧର ସାହୁ, ଦୀନବନ୍ଧୁ ମହାରଣା, ତ୍ରିଲୋଚନ ସାମଲ, ଜନାର୍ଦ୍ଦନ ବଳ, ଫକୀର ମୋହନ ସାମଲ, ଗଦାଧର ଦାସ, ପ୍ରମୁଖ ଦିବଂଗତ ଯୁବ ସମାଜସେବୀ ସ୍ୱର୍ଗତ ସାମଲଙ୍କ କାର୍ଯ୍ୟଧାରା ସମ୍ବନ୍ଧରେ ବକ୍ତବ୍ୟ ରଖି ଶ୍ରଦ୍ଧା ସୁମନ ପ୍ରଦାନ କରିଥିଲେ। ବିଦ୍ୟାମନ୍ଦିର ପ୍ରଧାନ ଶିକ୍ଷକ,ଦିଲ୍ଲୀପ କୁମାର ଦାସ ସମସ୍ତ ଆଗନ୍ତୁକ ଅତିଥି ଓ ମାନ୍ୟଗଣ୍ୟ ବ୍ୟକ୍ତିମାନଙ୍କୁ ଧନ୍ୟବାଦ ପ୍ରଦାନ କରିଥିଲେ।

## ଦିବ୍ୟରଞ୍ଜନ ରାଉତ ହେଲେ ଜିଲ୍ଲା ଛାତ୍ର କଂଗ୍ରେସ ସଭାପତି



**ଆଳି,୧୯।୫/ଏନ୍‌ଏନ୍‌ଏସ୍:** କେନ୍ଦ୍ରାପଡ଼ା ଜିଲ୍ଲା ଛାତ୍ର କଂଗ୍ରେସର ସଭାପତି ଭାବେ ଆଳି ବ୍ଲକ ମଧୁବନ ଗ୍ରାମର ଇଞ୍ଜିନିୟରିଂ ଛାତ୍ର ଦିବ୍ୟରଞ୍ଜନ ରାଉତଙ୍କୁ ନିଯୁକ୍ତି ମିଳିଛି । ଜାତୀୟ ଛାତ୍ର କଂଗ୍ରେସ ସଭାପତି ବରୁଣ ଚୌଧୁରୀ, ଏଆଇ ସିସି ଛାତ୍ର କଂଗ୍ରେସ ଦାୟିତ୍ୱରେ ଥିବା କହ୍ନେୟା କୁମାର, ଓଡିଶା ଦାୟିତ୍ୱରେ ଥିବା ଚୁନୁ ସିଂହ କେନ୍ଦ୍ରାପଡ଼ା ଜିଲ୍ଲା ଛାତ୍ର କଂଗ୍ରେସ ସଭାପତି ଭାବେ ଶ୍ରୀ ରାଉତଙ୍କ ନାମ ଘୋଷଣ କରିଛନ୍ତି । ଓଡିଶା ଛାତ୍ର କଂଗ୍ରେସ ସଭାପତି ଉଦିତ ପ୍ରଧାନ ଏକ ପ୍ରେସ୍ ବିଜ୍ଞପ୍ତିରେ ସୂଚନା ଦେଇଛନ୍ତି। ଏହି ଅବସରରେ ଶ୍ରୀ ରାଉତ ତାଙ୍କ ପ୍ରତିକ୍ରିୟାରେ ଦଳ ପକ୍ଷରୁ ତାଙ୍କୁ ଯେଉଁ ଦାୟିତ୍ୱ ମିଳିଛି ତାହା ପାଳନ କରିବା ସହ ଛାତ୍ର କଂଗ୍ରେସର ସଂଗଠନକୁ ସୁଦୃଢ କରିବେ ବୋଲି କହିଛନ୍ତି ।

## ଶାଳ ପଟା ବୋଝେଇ ପିକପ୍ ଜବତ



**କଣିହାଁ,୧୯।୫/ଏନ୍‌ଏନ୍‌ଏସ୍:** କଣିହାଁ ବନାଞ୍ଚଳ ଅନ୍ତର୍ଗତ କୁମୁଣ୍ଡା ରାସ୍ତାରେ ବନ ବିଭାଗ ପକ୍ଷରୁ ସୋମବାର ଶାଳ ପଟା ବୋଝେଇ ପିକପ୍‌କୁ ଜବତ କରାଯାଇଛି। ଏଥିରେ ୭୮ପିସ୍ ଶାଳ ପଟା ସହ ମୋଟ ୩୨ ସିଫ୍ଟ ପିକପ୍‌ରେ ବୋଝେଇ ଥିବା ବେଳେ ରାସ୍ତା କଡରେ ଗାଡି ଛାଡି ଚାଳକ ଚମ୍ପଟ ମାରିଥିବା ଜଣାପଡିଛି। ତେବେ ପିକପ୍ ଗାଡିଟି କୋଶଳା ଆଡୁ କୁମୁଣ୍ଡା ଅଭିମୁଖେ ଯାଉଥିବା ବିଶେଷ ସୂତ୍ରରୁ ଖବର ପାଇ କଣିହାଁ ବନବିଭାଗ ପହଞ୍ଚିଥିଲେ। ବନପାଳ ଦୀପକ କୁମାର ସେଠୀ, ବନରକ୍ଷକ ଦୀପକ କୁମାର ସାହୁ, ରଞ୍ଜନ ପ୍ରଧାନ, ଧ୍ରୁବ ସାହୁ, ସଂସାର ସାହୁ, ପ୍ରଶାନ୍ତ ପ୍ରଧାନ ପ୍ରମୁଖ ବିଭାଗ କର୍ମଚାରୀ ସାମିଲ ଥିଲେ।

## ରାତି ଅଧରେ ରାସ୍ତା ମରାମତି



**ପରଜଙ୍ଗ,୧୯।୫/ଏନ୍‌ଏନ୍‌ଏସ୍:** ପରଜଙ୍ଗ ଦେଇ ଯାଇଥିବା ୫୩ ନଂ ଜାତୀୟ ରାଜପଥ ଏତେ ନିମ୍ନ ମାନର କାର୍ଯ୍ୟ। ଏକ ବର୍ଷ ନପୁରୁଣୁ ରାସ୍ତାରୁ ପିଚୁ ଉଠିଯାଉଛି। ଯେତେବେଳେ ରାସ୍ତା ମରାମତି କରୁଛି ତାହାପୁଣି ରାତି ଅଧରେ କାର୍ଯ୍ୟ କରଛନ୍ତି। ଯାହା ମରାମତି ପରେ ରାସ୍ତା ସ୍ଥାୟୀତ୍ୱ ଉପରେ ପ୍ରଶ୍ନ ଉଠୁଛି। କାର୍ଯ୍ୟ ତଦାରଖ କରୁଥିବା କର୍ମଚାରୀଙ୍କୁ ପଚାରିଲେ ଆମକୁ ରାତିରେ କାମ କରିବାକୁ ନିର୍ଦ୍ଦେଶ ଅଛି। ଏଭଳି କାମ ହେଲେ ରାସ୍ତାର ଅବସ୍ଥା ବିପର୍ଯ୍ୟୟ ହେବାକୁ ବେଶୀଦିନ ଲାଗିବ ନାହିଁ।

# ମିଳିତ ଜନଶୁଣାଣି : ୬୨ ଅଭିଯୋଗରେ କାର୍ଯ୍ୟାନୁଷ୍ଠାନ ନିର୍ଦ୍ଦେଶ




**ପଟ୍ଟାମୁଣ୍ଡାଇ,୧୯।୫/ଏନ୍‌ଏନ୍‌ଏସ୍:** ରାଜ୍ୟ ସରକାରଙ୍କ ନିର୍ଦ୍ଦେଶରେ ପ୍ରଶାସନକୁ ଲୋକଙ୍କ ନିକଟରେ ପହଞ୍ଚାଇବା ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ଆଜି ପଟ୍ଟାମୁଣ୍ଡାଇ ବ୍ଲକରେ ମିଳିତ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଥିଲା। ଏଥିରେ କେନ୍ଦ୍ରାପଡ଼ା ଅତିରିକ୍ତ ଜିଲ୍ଲାପାଳ ରବୀନ୍ଦ୍ର ମଲ୍ଲିକ, ଜିଲ୍ଲା ପ୍ରକଳ୍ପ ନିର୍ଦ୍ଦେଶକ ଅଜାମ୍ବର ମହାନ୍ତି, ସହକାରୀ ଜିଲ୍ଲାପାଳ ତୃପ୍ତି ମହାନ୍ତି, ପଟ୍ଟାମୁଣ୍ଡାଇ ତହସିଲଦାର ପଞ୍ଚାନନ ନାୟକ, ବ୍ଲକ ଅଧକ୍ଷ ପ୍ରଦ୍ୟୁମ୍ନ ସାମନ୍ତରାୟ, ବିଡିଓ ଅଶୋକ ମହାନ୍ତି, ପୌର ପରିଷଦ ନିର୍ବାହୀ ଅଧିକାରୀ ପ୍ରଫୁଲ୍ଲ ବିଶ୍ୱାଳ ପ୍ରମୁଖ ଯୋଗଦେଇ ଜନସାଧାରଣଙ୍କ ଆପତ୍ତି ଅଭିଯୋଗ ଶୁଣିଥିଲେ। ସିଂହଗାଁ ସରପଞ୍ଚ ଗଣେଶ ଦାସ ଓ ସମିତି ସଭ୍ୟ ଅଭୟ ସ୍ୱାଇଁ ସିଂହଗାଁ ପଞ୍ଚାୟତର ରାଉଳିଆଡିଆ ପାଳିମି ସେତୁ ନିର୍ମାଣ ତ୍ୱରାନ୍ୱିତ କରି ତୁରନ୍ତ ଶେଷ କରିବା ଦିଗରେ ପଦକ୍ଷେପ ନେବାକୁ ଦାବୀ କରିଥିଲେ ଓ ଏହାଛଡା ସିଂହଗାଁ ପଞ୍ଚାୟତ ନୂଆପାଟଣା ଗ୍ରାମର ନନ୍ଦି ଦାସ ଘର ତାଳ ଗଛରେ ବିପଦଜନକ ଅବସ୍ଥାରେ ବିଦ୍ୟୁତ ସଂଯୋଗ ସମ୍ପର୍କରେ ଜିଲ୍ଲା ପ୍ରଶାସନ ଦୃଷ୍ଟି ଆକର୍ଷଣ କରିଥିଲେ ଓ ଶ୍ରୀରାମପୁର ପଞ୍ଚାୟତରେ ଥିବା ସିଦ୍ଧ ରାମ ଚଣ୍ଡୀ ମହିଳା ମହାସଂଘ ବହୁ ଅନିୟମିତତାରେ ସମ୍ପୃକ୍ତ ଥିବା ଓ ଲକ୍ଷ ଲକ୍ଷ ଟଙ୍କା ହଡପ କରିଥିବା ନେଇ ସଞ୍ଜୟ ରାଉତ,ପ୍ରେମ ରଞ୍ଜନ ପଣ୍ଡା, ଅନନ୍ତ ପରିଡା, ପ୍ରେମାନନ୍ଦ ସେଠୀ, ବଳରାମ କୁଣ୍ଡ, ବିପିନ ସେଠୀ,ପ୍ରକାଶ କୁଣ୍ଡ, ପର୍ଶୁରାମ ସାହୁ ନବ ପରିଡା ପ୍ରମୁଖ ବହୁ ଗ୍ରାମବାସୀ ମିଳିତ ଜନ ଶୁଣାଣୀ ଶିବିରରେ ଲିଖିତ ଅଭିଯୋଗ କରିବା ସହିତ ଉପଯୁକ୍ତ ତଦନ୍ତ ଓ କାର୍ଯ୍ୟାନୁଷ୍ଠାନ ଦାବି କରିଥିଲେ। ବଳଭଦ୍ରପୁର ପଞ୍ଚାୟତ ବାଲିପାଟଣା ଗ୍ରାମରେ ନିର୍ମାଣାଧୀନ ଗ୍ରାମ୍ୟ ଉନ୍ନୟନ ବିଭାଗ ରାସ୍ତା ଦୀର୍ଘ ଦିନ ଧରି ଅଧା ପନ୍ତରିଆ ଭାବେ ପଡି ରହିଛି। ଜବରଦଖଲ ଯୋଗୁଁ ରାସ୍ତା କାର୍ଯ୍ୟ ଆଗେଇ ପାରୁନାହିଁ ବୋଲି ପ୍ରଶାସନ ଅନୁଭବ କରିବା ପରେ ସ୍ଥାନୀୟ ତହସିଲଦାର ଓ ରାଜସ୍ୱ ନିରୀକ୍ଷକ ପୋଲିସ ପ୍ରଶାସନ ସହଯୋଗରେ ଜବରଦଖଲ ଉଚ୍ଛେଦ କରିବାର ୭ମାସ ପରେ ମଧ ଉକ୍ତ ରାସ୍ତା ନିର୍ମାଣ କାର୍ଯ୍ୟ ଯଥା ପୂର୍ବଂ ତଥା ପରଂ ଅବସ୍ଥାରେ ରହିଛି ଓ ଯାହା ଫଳରେ ଜନସାଧାରଣ ସ୍କୁଲ କଲେଜ ଛାତ୍ରଛାତ୍ରୀ ଓ ଅଙ୍ଗନବାଡି ଶିଶୁମାନେ ଯାତାୟାତ କ୍ଷେତ୍ରରେ ନାହିଁନଥିବା ଅସୁବିଧା ଭୋଗ କରୁଥିବାରୁ ବଳଭଦ୍ରପୁର ସରପଞ୍ଚ ପ୍ରିୟବ୍ରତ ଓଝା ଜିଲ୍ଲା ପ୍ରଶାସନ ଦୃଷ୍ଟି ଆକର୍ଷଣ କରି ତୁରନ୍ତ ରାସ୍ତା ନିର୍ମାଣ ସଂପୂର୍ଣ୍ଣ କରିବାକୁ ଦାବି କରିଥିଲେ। ପେଣ୍ଡପାଳ ସରପଞ୍ଚ ଅନ୍ନପୂର୍ଣ୍ଣା ସେଠୀ ବନ୍ୟା ବିପନ୍ନ ପେଣ୍ଡପାଳ ପଞ୍ଚାୟତବାସୀଙ୍କୁ ଉପଯୁକ୍ତ ତ୍ୱରିତ ନ୍ୟାୟ ପ୍ରଦାନ ପାଇଁ ୧୯୯୨ ମସିହାରୁ ପ୍ରସ୍ତାବିତ ଓ ଜିଲ୍ଲା ପ୍ରଶାସନର ବିଚାରାଧୀନ କୂଳସାହି, କୋଳଥିଆ ଓ ନାହିଆଡିଆ ଗ୍ରାମକୁ ଅବିଳମ୍ବେ ରାଜସ୍ୱ ଗ୍ରାମର ମାନ୍ୟତା ଦେବା ପାଇଁ ଦାବି କରିଥିଲେ। ବଡ଼ ମୂଳବସନ୍ତ ସରପଞ୍ଚ ସନ୍ତୋଷ ସେଠୀ ପୋହଳ ପାଟନାଳୀ ଉପରେ ପୋଲ ନିର୍ମାଣ ପାଇଁ ଦାବୀପତ୍ର ପ୍ରଦାନ କରିଥିଲେ। ପଟ୍ଟାମୁଣ୍ଡାଇ ବିକାଶ ପରିଷଦ ପକ୍ଷରୁ ସଭାପତି ଗୋପୀବଲ୍ଲଭ ନାୟକ, ସମ୍ପାଦକ ଗୋପୀନାଥ ତ୍ରିପାଠୀ,ଆମ୍ବେଦକର ସ୍ମୃତି ସଂସଦ ସଭାପତି ବାରେଣୀ ସେଠୀ, ପୂର୍ବତନ କାଉନସିଲର ଗୋବିନ୍ଦ ସେଠୀ,ଚନ୍ଦନ ପାତ୍ର, ଶରତ ଜେନା ରବୀନ୍ଦ୍ର ସାହୁ, ପ୍ରଭାତ ମଲିକ ପ୍ରମୁଖ ଏକ ପ୍ରତିନିଧିଦଳ ଅତିରିକ୍ତ ଜିଲ୍ଲାପାଳଙ୍କୁ ଭେଟି ତୁରନ୍ତ ପଟ୍ଟାମୁଣ୍ଡାଇ ବାଇପାସ ଓ କଚେରୀ ପୋଖରୀ ନିର୍ମାଣ କାର୍ଯ୍ୟ ସଂପୂର୍ଣ୍ଣ କରିବା,ରାସ୍ତା ଉପରେ ବସି ପରିବାର ବେପାର କରୁଥିବା ବ୍ୟବସାୟୀଙ୍କୁ ପରିବା ମାର୍କେଟ କରି ଥଇଥାନ କରିବା,ବାଇପାସ ବିଜୁ ପଟ୍ଟନାୟକ ଛକରେ ଦୁର୍ଘଟଣା ଏଡାଇବା ପାଇଁ ଟ୍ରାଫିକ ପୋଲିସ ମୁତୟନ ଓ ସ୍ପିଡ୍ ବ୍ରେକର ଲଗାଇବା ପଟ୍ଟାମୁଣ୍ଡାଇ ସହର ସମେତ ବିଭିନ୍ନ ୱାର୍ଡରେ ଥିବା ଅଚଳ ଷ୍ଟ୍ରିଟ ଲାଇଟକୁ ସଚଳ କରିବା,ବିଭିନ୍ନ ବିଦ୍ୟାଳୟ ଶ୍ରେଣୀ ଗୃହ ମରାମତି ଓ ଖାଲି ପଡ଼ିଥିବା ଶିକ୍ଷକ ପଦବୀ ପୂରଣ କରିବା, ବର୍ଷା ଦିନ ପୂର୍ବରୁ ଜଳ ନିଷ୍କାସନ ପାଇଁ ନୂତନ ଡ୍ରେନ୍ ନିର୍ମାଣ ଓ ପୁରାତନ ଡ୍ରେନ ସଫା କରିବା, ସରକାରୀ ବାଳିକା ହାଇସ୍କୁଲ ଓ ଆକ୍ସିସ ବ୍ୟାଙ୍କ ସମ୍ମୁଖ ରାସ୍ତାରେ ଜମି ରହୁଥିବା ଜଳ ନିଷ୍କାସନ ଦିଗରେ ପଦକ୍ଷେପ ନେବା, ସରକାରୀ ଜମି ଜବରଦଖଲ ମୁକ୍ତ କରିବା ସହିତ ଜନସାଧାରଣଙ୍କ ଉତ୍ତମ ଗମନାଗମନ ପାଇଁ ରାସ୍ତା ଅବରୋଧ ହଟାଇବା ଆଦି ବିଭିନ୍ନ ଦାବି ସମ୍ପର୍କରେ ଦାବିପତ୍ର ପ୍ରଦାନ କରି ଅବିଳମ୍ବେ କାର୍ଯ୍ୟାନୁଷ୍ଠାନ ଦାବି କରିଥିଲେ। ଏହି ମିଳିତ ଜନଶୁଣାଣୀ ଶିବିରରେ ଚନ୍ଦନ ନଗର ପଞ୍ଚାୟତ ଗୁପ୍ତିରା ଗ୍ରାମର ଭୂମିହୀନ ବିଧବା ମହିଳା ବିମ୍ବଳି ବେଓ୍ୱାଙ୍କୁ ସରକାରୀ ଜମି ପଟ୍ଟା ପ୍ରଦାନ କରାଯାଇଥିଲା। ଏହି ଶିବିରରେ ଆଗତ ୬୨ଟି ଅଭିଯୋଗ ଉପରେ ତତ୍କାଳ କାର୍ଯ୍ୟାନୁଷ୍ଠାନ ନିର୍ଦ୍ଦେଶ ଦିଆଯାଇଥିଲା ଓ ଏହି ଜନ ଶୁଣାଣୀ ଶିବିରରେ ଜିଲ୍ଲା ଉଦ୍ୟାନ କୃଷି ଉପନିର୍ଦ୍ଦେଶକ ଅଶୋକ ସାମଲ, ଜିଲ୍ଲା ସମାଜମଙ୍ଗଳ ଅଧିକାରିଣୀ ମନୋରମା ସ୍ୱାଇଁ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରିଣୀ ରୁପାଲୀ ପ୍ରିୟ ଦର୍ଶନୀ, ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ପ୍ରମୋଦ ପ୍ରହରାଜ ପଟ୍ଟାମୁଣ୍ଡାଇ ବ୍ଲକ ଅତିରିକ୍ତ ବିଡିଓ ସନ୍ତୋଷ କୁମାର ମନ୍ତ୍ରୀ,ଏସଡିପିଓ କ୍ଷମା ସାଗର ପଣ୍ଡା, ସବ ଡିଭିଜନ ହସ୍ପିଟାଲ ମୁଖ୍ୟ ଚିକିତ୍ସା ଅଧିକାରୀ ଡା. ନିରାକାର ପରିଡା, ଗ୍ରାମ୍ୟ ଉନ୍ନୟନ ସହନିର୍ବାହୀଯନ୍ତ୍ରୀ ଅୟସକାନ୍ତ ମହାପାତ୍ର,ପଟ୍ଟାମୁଣ୍ଡାଇ ଗ୍ରାମ୍ୟ ଜଳଯୋଗାଣ ଓ ପରିମଳ ବିଭାଗ ସହକାରୀ ଯନ୍ତ୍ରୀ ଅଶୋକ ସାହୁ, ଜଳସମ୍ପଦ ସହକାରୀ ଯନ୍ତ୍ରୀ ମନୋରଞ୍ଜନ ସାହୁ, ବିଦ୍ୟୁତ୍ ବିଭାଗ ସହକାରୀଯନ୍ତ୍ରୀ ସ୍ମୃତି ରଞ୍ଜନ ରଥ,ବ୍ଲକ ସହକାରୀ ଯନ୍ତ୍ରୀ ବିନୟ ମିଶ୍ର ଓ ପ୍ରସନ୍ନ ରାଉତ ପୂର୍ତ୍ତ ବିଭାଗ ସହନିର୍ବାହୀ ଯନ୍ତ୍ରୀ କୃପାସିନ୍ଧୁ ଧଳ, ସହକାରୀ ଯନ୍ତ୍ରୀ ଜ୍ୟୋତି ରଞ୍ଜନ ବେହେରା, ଜନସ୍ୱାସ୍ଥ୍ୟ ବିଭାଗ ସହକାରୀ ଯନ୍ତ୍ରୀ ସୁଦାମ ସାହୁ, ବ୍ଲକ ଉଦ୍ୟାନ କୃଷି ଅଧିକାରୀ ସୌମ୍ୟ ରଞ୍ଜନ ସେଠୀ ସିଡିପି ଓ ଲକ୍ଷ୍ମୀମଣି ସିଂ, ଯୋଗାଣ ନିରୀକ୍ଷକ ପୁଷ୍ପଲତା ଗାହାଣ,ବ୍ଲକ ସହକାରୀ ଶିକ୍ଷା ଅଧିକାରୀଣୀ ସୁନିତୀ ଦାଶ ପ୍ରମୁଖ ଜିଲ୍ଲା ଓ ବ୍ଲକ ସ୍ତରୀୟ ପ୍ରଶାସନିକ ଅଧିକାରୀ ଯୋଗ ଦେଇ ଜନସାଧାରଣଙ୍କ ଆପତ୍ତି ଅଭିଯୋଗ ଶୁଣିଥିଲେ। ଶେଷରେ ବ୍ଲକ ଉପାଧ୍ୟକ୍ଷା ଜୟନ୍ତୀ ସ୍ୱାଇଁ ଧନ୍ୟବାଦ ଦେଇଥିଲେ। ଏହି ଶିବିରକୁ ଜିଲ୍ଲା କାର୍ଯ୍ୟାଳୟର ଦେବାଶିଷ ପଣ୍ଡା ଓ ଲାସା ହେମ୍ବ୍ରମ, ପଟ୍ଟାମୁଣ୍ଡାଇ ବ୍ଲକ ମୁଖ୍ୟ କିରାଣୀ ଗୌରୀ ବେହେରା, ସିପି ପ୍ରିୟ ରଞ୍ଜନ ସ୍ୱାଇଁ, ପ୍ରଭାତ ମଲ୍ଲିକ ଓ ରଞ୍ଜିତ ପରିଡା ପରିଚାଳନା କରିଥିଲେ।

## ସୁକିନ୍ଦା ବ୍ଲକ୍‌ରେ ଯୁଗ୍ମ ଜନ ଅଭିଯୋଗ ଶୁଣାଣି



**ଯାଜପୁର,୧୯।୫/ଏନ୍‌ଏନ୍‌ଏସ୍:** ଆଜି ଯାଜପୁର ଜିଲ୍ଲା ପ୍ରଶାସନ ପକ୍ଷରୁ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଶିବିର ସୁକିନ୍ଦା ବ୍ଲକ କାର୍ଯ୍ୟାଳୟ ଠାରେ ଅନୁଷ୍ଠିତ ହୋଇଯାଇଅଛି। ଏହି ଅଭିଯୋଗ ଶିବିର ରେ ଉପସ୍ଥିତ ରହି ଜିଲ୍ଲାପାଳ ପି. ଅନ୍ୱେଷା ରେଡ୍ଡୀ ଜନସାଧାରଣଙ୍କ ବିଭିନ୍ନ ଆପତ୍ତି ଅଭିଯୋଗର ଶୁଣାଣି କରିଥିଲେ। ବିଭାଗୀୟ ଅଧିକାରୀମାନେ ଏହି ଅଭିଯୋଗ ଗୁଡିକ ଯାଞ୍ଚ କରିବେ ଓ ଯେଉଁମାନେ ଯୋଗ୍ୟ ଅଛନ୍ତି ସେମାନଙ୍କର ଯଥାସମ୍ଭବ ସମସ୍ୟାର ସମାଧାନ କରାଯିବ ବୋଲି ଜିଲ୍ଲାପାଳ ପ୍ରକାଶ କରିଥିଲେ। ଆଜି ମୋଟ ୭୮ ଟି ଅଭିଯୋଗ ପଞ୍ଜୀକୃତ ହୋଇଥିଲା। ସେଥିମଧ୍ୟରୁ ବ୍ୟକ୍ତିଗତ ସମସ୍ୟା ସମ୍ପର୍କୀୟ ୩୧ ଗୋଟି, ଗୋଷ୍ଠୀଗତ ସମସ୍ୟା ସମ୍ପର୍କୀୟ /ଗ୍ରାମ୍ୟ ସମସ୍ୟା ସମ୍ପର୍କୀୟ ୦୪ ଗୋଟି, ମୁଖ୍ୟମନ୍ତ୍ରୀ ଙ୍କ ରିଲିଫ ପାଣ୍ଠି ରୁ ସହାୟତା ନିମନ୍ତେ ୪୩ ଗୋଟି ଅଭିଯୋଗର ଶୁଣାଣି କରାଯାଇଥିଲା। ୪୫ ଟି ଅଭିଯୋଗର ତତ୍କାଳ ଫଇସଲା କରାଯାଇଥିଲା। ଏହି ମିଳିତ ଜନ ଅଭିଯୋଗ ଶୁଣାଣି ଶିବିର ରେ ଆରକ୍ଷୀ ଅଧିକ୍ଷକ ଶ୍ରୀ ଯଶପ୍ରତାପ ଶ୍ରୀମାଲ୍, ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ଯୁଧିଷ୍ଠିର ନାୟକ, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ ଶ୍ରୀ ଅଶୋକ କୁମାର ବେହୁରିଆ, ଉପ ଜିଲ୍ଲାପାଳ ଶ୍ରୀ ତାପସ ରଞ୍ଜନ ଦେହୁରୀ, ତହସିଲଦାର, ସୁକିନ୍ଦା ଶ୍ରୀ ମାନସ ରଞ୍ଜନ ତ୍ରିପାଠୀ, ଓ ଜିଲ୍ଲା ସ୍ତରୀୟ ଅଧିକାରୀ, କ୍ଷେତ୍ରୀୟ ଅଧିକାରୀ, ବ୍ଲକ ସ୍ତରୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ରହି ଜନସାଧାରଣଙ୍କର ଆପତ୍ତି ଅଭିଯୋଗ ର ଶୁଣାଣି କରିଥିଲେ।ଉକ୍ତ ଜନ ଅଭିଯୋଗ ଶୁଣାଣି ଶିବିରରେ ସୁକିନ୍ଦା ବ୍ଲକ ପିଙ୍ଗଳ ଗ୍ରାମ ପଞ୍ଚାୟତର ଦିବ୍ୟାଙ୍ଗ ପ୍ରେମଲତା ବେହେରାଙ୍କୁ ଏକ ଟ୍ରାଇ ସାଇକଲ ବଣ୍ଟନ କରାଯାଇଥିଲା।

## ଉଦୟଗିରିରେ ବୁଦ୍ଧ ଜୟନ୍ତୀ ସମାରୋହ



**ମୃଷାଟିକିରି,୧୯।୫/ଏନ୍‌ଏନ୍‌ଏସ୍:** ବଡଚଣା ବ୍ଲକ ପ୍ରାଚୀ ବୌଦ୍ଧ ପୀଠ ଉଦୟଗିରିରେବୁଦ୍ଧ ଜୟନ୍ତୀ ସମାରୋହ ଉଦୟଗିରି -ରତ୍ନଗିରି ଉନ୍ନୟନ ଓ ସାଂସ୍କୃତିକ ପରିଷଦ ଆନୁକୂଲ୍ୟରେ ଚଳିତ ମାସ ୧୨ ତାରିଖ ସୋମବାର ଦିନ ଅନୁଷ୍ଠିତ ହୋଇଯାଇଛି। ପରିଷଦର ସଭାପତି ଶିକ୍ଷାବିତ ରାମଚନ୍ଦ୍ର ସାମଲ ଓ ସମ୍ପାଦକ କବି ,ସାହିତ୍ୟିକ ହରିଶ୍ଚନ୍ଦ୍ର ମହାରଣାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସମ୍ମିଳୀତ ଅତିଥିଙ୍କ ଗହଣରେ ଓଡିଶାର ପ୍ରାକ୍ତନ ମନ୍ତ୍ରୀ ତଥା ବୁଦ୍ଧ ଜୟନ୍ତୀ ପରିଷଦର ପୃଷ୍ଠପୋଷକ ବର୍ଷିୟାନ ରାଜନେତା ସୀତାକାନ୍ତ ମହାପାତ୍ର ଆନୁଷ୍ଠାନିକ ଭାବରେ ଯୋଗଦେଇ ବୁଦ୍ଧ ଦେବ ଉଚ୍ଚମାଧ୍ୟମିକ ବିଦ୍ୟାଳୟ ପରିସରରେ ଭଗବାନ ବୁଦ୍ଧଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିବା ସହ ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମକୁ ଶୁଭ ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ମୁଖ୍ୟ ଅତିଥି ଅବସର ପ୍ରାପ୍ତ ପ୍ରାଧ୍ୟାପକ ମନୋରଞ୍ଜନ ମହାନ୍ତି ,ବୁଦ୍ଧଦେବ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଉଦୟଗିରି ଅଧ୍ୟକ୍ଷ ସରୋଜ କୁମାର ନାୟକ ସମ୍ବର୍ଦ୍ଧିତ ବ୍ୟକ୍ତିତ୍ୱ ବଡଚଣା ବ୍ଲକ ପୂର୍ବତନ ଅଧ୍ୟକ୍ଷ କବି ପ୍ରଭାକର ଶତପଥି ସନ୍ଥ ଶ୍ରୀ ଶ୍ରୀ କମଲ ମହାପ୍ରଭୁଜୀ ଭାରତ ସରକାରଙ୍କ (ଓଡିଶା ଶାଖା )ବୁଦ୍ଧ ପର୍ଯ୍ୟଟକଙ୍କ ସହଯୋଗୀ ଗାଇଡ ପ୍ରକାଶ ନାୟକ ପ୍ରମୁଖ ମଞ୍ଚାସୀନ ଥାଇ ତଥାଗତ ବୁଦ୍ଧଙ୍କ ଜୀବନାଦର୍ଶ ସମ୍ବନ୍ଧ୍ୟ ମୂଲ୍ୟବୋଧ ତଥ୍ୟ ମାନବ ସମାଜ ପାଇଁ ଶାନ୍ତି ର ବାର୍ତ୍ତା ଆଲୋଚନା କରିଥିଲେ। ପହଲଗାମର ସହୀଦ ପର୍ଯ୍ୟଟକଙ୍କ ସ୍ମୃତିରେ ଅମର ଆତ୍ମାର ଶାନ୍ତି ପାଇଁ ଏକ ମିନିଟ ସମୂହ ପ୍ରାର୍ଥନା କରାଯିବା ସହ ଅନ୍ୟତମ କର୍ତ୍ତବ୍ୟରତ ବିଜ୍ଞାନ ଶିକ୍ଷକ ପାବକ ମହାପାତ୍ର ଙ୍କ ଅସମୟରେ ପରଲୋକ ପାଇଁ ଜୟନ୍ତୀ ସମାରୋହ ତରଫରୁ ଶ୍ରଦ୍ଧାଞ୍ଜଳି ପ୍ରଦାନ କରାଯାଇଥିଲା । ବିଶିଷ୍ଟ କବି ତଥା ପରିଷଦର ପ୍ରମୁଖ ପୃଷ୍ଠପୋଷକ ସମ୍ପାଦକ ପ୍ରଭାକର ଶତପଥିଙ୍କୁ ଉତ୍ତୋରୀୟ ଓ ମାନପତ୍ର ମୁଖ୍ୟ ଅତିଥିଙ୍କ ଗହଣରେ ପ୍ରଦାନ କରି ସମ୍ବର୍ଦ୍ଧିତ କରାଯାଇଥିଲା । ବୁଦ୍ଧ ଦେବ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଅଧକ୍ଷ ସରୋଜ କୁମାର ନାୟକ ସେବା ନିବୃତ୍ତ ପାଇଁ ପ୍ରାକ୍ତନ ମନ୍ତ୍ରୀ ସୀତାକାନ୍ତ ମହାପାତ୍ରଙ୍କ ଦ୍ୱାରା ସମ୍ବର୍ଦ୍ଧିତ କରାଯାଇଥିଲା । ଅନ୍ୟମାନଙ୍କ ମଧ୍ୟରେ ଯୁଗାନ୍ତର ସଭାପତି କିଶୋର ଚନ୍ଦ୍ର ଦାସ, ସମ୍ପାଦକ ଡା. ଭାଗ୍ୟଧର ସାହୁ, ଅବସର ପ୍ରାପ୍ତ ପ୍ରାଧ୍ୟାପକ ରବୀନ୍ଦ୍ର କୁମାର ସାମଲ, ଦୟାନିଧି ସାମଲ, ଉମାକାନ୍ତ ବଳ, ବିଧାନ ଚନ୍ଦ୍ର ସାମଲ, ରାଖାଲ ଚନ୍ଦ୍ର ଜେନା, ହୃଷୀକେଶ ରାୟ ପ୍ରମୁଖ ମଞ୍ଚାସୀନ ରହି ବକ୍ତବ୍ୟ ରଖିଥିଲେ ।

## ‘ସିନ୍ଦୂର’ସଫଳତାକୁ ସମ୍ମାନ ଜଣାଇ ତ୍ରିରଙ୍ଗା ଶୋଭାଯାତ୍ରା




**ମାର୍ଶାଘାଇ,୧୯।୫/ଏନ୍‌ଏନ୍‌ଏସ୍:** ଭାରତୀୟ ବୀର ଜବାନମାନଙ୍କ ବୀରତ୍ୱ, ପରାକ୍ରମ ତଥା ଅପରେସନ ସିନ୍ଦୂରର ସଫଳତାକୁ ସମ୍ମାନ ଜଣାଇ ମାର୍ଶାଘାଇରେ ଆଜି ଏକ ବିଶାଳ ତ୍ରିରଙ୍ଗା ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି । ଏହି ତ୍ରିରଙ୍ଗା ଶୋଭାଯାତ୍ରା ମାର୍ଶାଘାଇ ଜଳ ନିକାସନ ଡାକ ବଙ୍ଗଳା ନିକଟରୁ ବାହାରି ଲକ ଛକ, ମାର୍ଶାଘାଇ ବଜାର, ମେଡିକାଲ ଛକ, କଲେଜ ଛକ ପରିକ୍ରମା କରି ଜୁଣ ଛକ ନିକଟରେ ପହଞ୍ଚିଥିଲେ। ସେଠାରେ ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ପରେ ବସ ଷ୍ଟାଣ୍ଡ ପରିସରରେ ଏକ ସଭା କରାଯାଇଥିଲା। ଉପସ୍ଥିତ ବକ୍ତାମାନେ ଭାରତୀୟ ଯବାନଙ୍କ ସାହସ ଓ ପରାକ୍ରମ ଉପରେ ଆଲୋଚନା କରିଥିଲେ। ଏହି କାର୍ଯ୍ୟକ୍ରମରେ ଯୁବ ନେତା ପ୍ରଶାନ୍ତ ସେଠୀ, ବିଜେପି ନେତା ନିଗମ ପ୍ରସାଦ ରଥ , ପଚିଶ ନମ୍ବର ଜୋନ ସଭାପତି ରଶ୍ମୀ ରଞ୍ଜନ ରାଉତରାୟ, ଭାଜପା ନେତା ସରୋଜ କାନ୍ତ ସାହୁ, ରାଜୀବ ପୃଷ୍ଟି, ନାରୀ ନେତ୍ରୀ ପ୍ରତିମା ନାୟକ, ଯୁବ ନେତା ଜ୍ଞାନ ରଞ୍ଜନ ବସନ୍ତିଆ, ଅରୁଣ ରାଉତ, ରଜନୀକାନ୍ତ ନାୟକ,ଗୋପୀନାଥ ବେହେରା, ବଳଭଦ୍ର ଦାସ, ଯଶୋବନ୍ତ ରାଉତ, ଅଜୟ କର ପ୍ରମୁଖ ଉପସ୍ଥିତ ଥିଲେ।

## ଶିଶୁବିକାଶ ପ୍ରକଳ୍ପରେ ସୁପରଭାଇଜରଙ୍କ ବଦଳି କେବେ ?

**ରାଜନଗର,୧୯।୫/ଏନ୍‌ଏନ୍‌ଏସ୍:** ରାଜନଗର ବ୍ଲକ ଶିଶୁ ବିକାଶ ପ୍ରକଳ୍ପ କାର୍ଯ୍ୟାଳୟ ଦୁର୍ନୀତିର ଗନ୍ତାଘର ପାଲଟିଛି । ଏହି ବ୍ଲକରେ ଛତୁଆ ଦୁର୍ନୀତି ସାଙ୍ଗକୁ ଛତୁଆ ଯୋଗାଣ କରାନଯାଇ ଜାଲ ବିଲ ଉଠାଇବାରେ ସୁପରଭାଇଜରମାନେ ସୂତ୍ରଧର ସାଜିଥିବା ଅଭିଯୋଗ ହେଉଛି । ୨୦୨୪ ଅଗଷ୍ଟ, ସେପ୍ଟେମ୍ବର ଓ ଅକ୍ଟୋବର ମାସରେ କିଛି ଅଙ୍ଗନବାଡିକେନ୍ଦ୍ରକୁ ଛତୁଆ ଯୋଗାଣ କରାଯାଇନଥିବା ବେଳେ ଏହି ସୁପରଭାଇଜରମାନେ ବିଭାଗୀୟ ଅଧିକାରୀଙ୍କୁ ନଜଣାଇ ଛତୁଆ ବିଲକୁ ଅନୁମୋଦନ କରିଥିବା ଖବର ଗଣମାଧ୍ୟମରେ ପ୍ରକାଶ ପାଇଥିଲା । ଏହାର ତଦନ୍ତ ପରେ ଛତୁଆ ଯୋଗାଣକାରୀ ସଂସ୍ଥାକୁ ବାଦ ଦିଆଯାଇଥିଲେ ମଧ୍ୟ ସଂପୃକ୍ତ ସୁପରଭାଇଜରମାନଙ୍କ ଉପରେ କୌଣସି କାର୍ଯ୍ୟାନୁଷ୍ଠାନ ହୋଇନଥିଲା । ପରବର୍ତ୍ତୀ ସମୟରେ ୨୦୨୫ ମସିହା ମାର୍ଚ୍ଚ ମାସର ଛତୁଆ କାଗଜପତ୍ରରେ ଯୋଗାଣ ହୋଇ ବିଲ ପାଇଁ ସୁପରଭାଇଜରମାନେ ଅନୁମୋଦନ କରିଥିଲେ। ଏପରିକି କିଛି କେନ୍ଦ୍ରରେ ଜାନୁଆରୀ, ଫେବୃଆରୀ ଓ ମାର୍ଚ୍ଚ ମାସର ଛତୁଆ ଆଦୌ ଦିଆଯାଇ ନଥିଲା। ଏନେଇ ଗଣମାଧ୍ୟମରେ ଖବର ପ୍ରକାଶ ପାଇବା ପରେ ବିଭାଗ ପକ୍ଷରୁ ତନାଘନା ହୋଇଥିଲା । ହିତାଧିକାରୀମାନଙ୍କ ନିକଟରେ ପରବର୍ତ୍ତୀ ସମୟରେ ଛତୁଆ ପହଞ୍ଚିଥିଲେ ମଧ୍ୟ ସଂପୃକ୍ତ ସୁପରଭାଇଜରମାନଙ୍କ ବିରୁଦ୍ଧରେ କିଛି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାନଯିବାରୁ ସେମାନେ ଦୁର୍ନୀତି ଓ ଅନିୟମିତତା କରିବାକୁ ପଛାଇଲେ ନାହିଁ । ଫଳରେ କିଶୋରୀ ମେଳା, ପୋଷଣ ପକ୍ଷ ଆଦି କାର୍ଯ୍ୟକ୍ରମ କାଗଜପତ୍ର କରି ହଜାର ହଜାର ଟଙ୍କା ଲୁଟିବାକୁ ମସୁଧା କରିଥିଲେ। ଏସଂପର୍କରେ ଗଣମାଧ୍ୟମରେ ବିସ୍ତୃତ ଖବର ପ୍ରକାଶ ପାଇବା ପରେ ସମୟ ଅତିକ୍ରାନ୍ତ ହୋଇଯାଇଥିଲେ ମଧ୍ୟ ଉପରୋକ୍ତ କାର୍ଯ୍ୟକ୍ରମଗୁଡିକ କେବଳ ଗୋଟିଏ ଲେଖାଏଁ ପଞ୍ଚାୟତରେ କରି ସାରି ଦେଇଥିଲେ। ଖାଲି ଏତିକି ନୁହେଁ, ଖେଳନା ବେପାର, ମେଡିସିନ କିଟ୍ ବେପାର ପ୍ରଭୃତିରେ ସଂପୃକ୍ତ ରହି ନିମ୍ନମାନର ସାମଗ୍ରୀ କେନ୍ଦ୍ରର କର୍ମୀମାନଙ୍କୁ ଯୋଗାଣ କରି ମାଲାମାଲ ହେଉଥିବା ବେଳେ କର୍ମୀଙ୍କଠାରୁ ବିଭିନ୍ନ ସମୟରେ ଚାନ୍ଦା ଆଦାୟ କରୁଥିବା ଅଭିଯୋଗ ହୋଇଆସୁଛି । ସବୁଠାରୁ ବଡକଥା ହେଲା, ଅଧିକାଂଶ ସୁପରଭାଇଜର ଏହି ବ୍ଲକରେ ପ୍ରଥମେ ଅଙ୍ଗନବାଡିକର୍ମୀ ଭାବେ ନିଯୁକ୍ତି ପାଇଥିଲେ। ପରବର୍ତ୍ତୀ ସମୟରେ ପଦୋନ୍ନତି ପାଇ ସୁପରଭାଇଜର ହୋଇ ଏହି ବ୍ଲକରେ ନିଯୁକ୍ତି ପାଇଥିବାରୁ ସେମାନଙ୍କ ମନମାନୀ ବଢି ଯାଇଥିବା ସାଧାରଣରେ ଚର୍ଚ୍ଚା ହେଉଛି । ଏସଂପର୍କରେ ଚଳିତ ମାସ ୧୩ରେ ରାଜନଗର ବ୍ଲକ ପରିସରରେ ଅନୁଷ୍ଠିତ ଜିଲ୍ଲାପାଳ ଓ ଆରକ୍ଷୀ ଅଧିକ୍ଷକଙ୍କ ମିଳିତ ଜନଶୁଣାଣୀ ଶିବିରରେ ଅଭିଯୋଗ ହୋଇଥିଲା । ଅଭିଯୋଗପତ୍ରରେ ଦୀର୍ଘ ୪ବର୍ଷରୁ ଉର୍ଦ୍ଧ୍ୱକାଳ ଧରି ରହିଥିବା ସୁପରଭାଇଜରମାନଙ୍କୁ ଅନ୍ୟତ୍ର ବଦଳି କରିବା ପାଇଁ ଉଲ୍ଲେଖ ଥିଲା। ସଂଗୃହୀତ ତଥ୍ୟରୁ ଜଣାଯାଏ ଯେ, ସାନବଡଗୋପାଳପୁର ସେକ୍ଟରର ସୁପରଭାଇଜର ପ୍ରତିଭା ମହାନ୍ତି ପଦୋନ୍ନତି ପାଇ ୨୦୧୨ମସିହା ଅଗଷ୍ଟ ମାସ ୨୪ତାରିଖଠାରୁ ରହିଛନ୍ତି । ରାଜନଗର ସେକ୍ଟରର ସୁପରଭାଇଜର ପଦୋନ୍ନତି ପାଇ ୨୦୧୩ ମସିହା ଅଗଷ୍ଟମାସ ୮ତାରିଖ, ବାଲିକଣା ସେକ୍ଟରର ସୁପରଭାଇଜର ମିନତୀ ମିଶ୍ର ପଦୋନ୍ନତି ପାଇ ୨୦୧୩ ଅଗଷ୍ଟ ମାସ ୨୦ତାରିଖ, ଚାନ୍ଦିବାଉଁଶମୂଳ ସେକ୍ଟରର ସୁପରଭାଇଜର ରଜନୀ ରାଉଳ ପଦୋନ୍ନତି ପାଇ ୨୦୧୩ ମସିହା ଅଗଷ୍ଟ ମାସ ୨୨ତାରିଖ, ଗୁପ୍ତି ସେକ୍ଟରର ସୁପରଭାଇଜର ବିଜୟାଲକ୍ଷ୍ମୀ ସ୍ୱାଇଁ ପଦୋନ୍ନତି ପାଇ ୨୦୧୮ ମସିହା ମେ ମାସ ୨୧ତାରିଖ, ହାତିନା ସେକ୍ଟରର ସୁପରଭାଇଜର ଶୈଳପ୍ରଭା ସ୍ୱାଇଁ ପଦୋନ୍ନତି ପାଇ ୨୦୨୧ ମସିହା ଡିସେମ୍ବର ମାସ ୧୨ତାରିଖରେ ଓ ଡାଙ୍ଗମାଳ ସେକ୍ଟରର ସୁପରଭାଇଜର ସ୍ୱାଗତିକା ତରାଇ ୨୦୧୮ ମସିହା ସେପ୍ଟେମ୍ବର ୧୨ତାରିଖରେ ରାଜନଗର ଶିଶୁ ବିକାଶ ପ୍ରକଳ୍ପ କାର୍ଯ୍ୟାଳୟରେ ଏଯାବତ କାର୍ଯ୍ୟ କରି ଆସୁଥିବାରୁ ସେମାନଙ୍କ ବଦଳି ପାଇଁ ଜନଶୁଣାଣୀ ଶିବିରରେ ଅଭିଯୋଗ ହୋଇଥିଲା। ଏହାକୁ କେନ୍ଦ୍ରାପଡା ଜିଲ୍ଲାପାଳ ଅନୁଧ୍ୟାନ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଅଭିଯୋଗକାରୀ ନିବେଦନ କରିଥିଲେ ।

## ଅପେରସନ ‘ସିନ୍ଦୂର’ ସଫଳତା ପରେ ତ୍ରିରଙ୍ଗା ଯାତ୍ରା



**ରସୁଲପୁର,୧୯।୫/ଏନ୍‌ଏନ୍‌ଏସ୍:** ଏନଏନଏସ :ଆତଙ୍କବାଦୀ ଲଢେଇ ଅଭିଯାନ ଅପେରସନ ସିନ୍ଦୂରର ସଫଳତା ପରେ ସବୁଠି ଉତ୍ସାହ ଦେଖିବାକୁ ମିଳୁଛି। ଭାରତୀୟ ସେନା ପରାକ୍ରମ ପାଇଁ ଆଜି ଦେଶବାସୀ ଗର୍ବୀତ। ଭାରତୀୟଙ୍କ ସୁରକ୍ଷା ପାଇଁ ସେନାବାହିନୀର ଦେଶଭକ୍ତି ଓ ବୀରତ୍ୱକୁ ସମ୍ମାନ ଜଣାଇ ରବିବାର ଏକ ବିଶାଳ ତ୍ରିରଙ୍ଗା ଯାତ୍ର ଅନୁଷ୍ଠିତ ହୋଇଥିଲା। କୋରେଇ ବିଧାୟକ ଆକାଶ ଦାସନାୟକ ଓ ଧର୍ମଶାଳ ବିଧାୟକ ହିମାଂଶୁ ଶେଖର ସାହୁଙ୍କ ନେତୃତ୍ୱରେ ଅନୁଷ୍ଠିତ ତ୍ରିରଙ୍ଗା ଶୋଭାଯାତ୍ରାରେ ଶହ ଶହ ସାଧାରଣ ଜନତା ସାମିଲି ହୋଉଥିଲେ। ଅପେରସନ ସିନ୍ଦୂରର ସଫଳତା ପରେ ଭାରତୀୟ ସୈନିଙ୍କ ପଦକ୍ଷେପକୁ ଉତ୍ସାହିତ କରିବା ପାଇଁ ପ୍ରଥମେ କୁଆଖିଆ ବଜାରର ସାରଙ୍ଗପୁର ମେଲନ ପଡିଆରୁ ତ୍ରିରଙ୍ଗା ଶୋଭାଯାତ୍ରା ବାହାରି କୁଆଖିଆ ବଜାର, ମଧୁବନ ସାଇଡ୍ ବଜାର ଦେଇ ଚଣ୍ଡୀପୁର ଛକ ଇତ୍ୟାଦି ଅଞ୍ଚଳ ପରିକ୍ରମା କରି ରସୁଲପୁର ବ୍ଲକ ପାଖରେ ପହଞ୍ଚିଥିଲେ। ପରିକ୍ରମା ସମୟର ଭାରତ ମାତା କି ଜୟ ନାରା ଓ ବନ୍ଦେ ମାତାରମରେ କୁଆଖିଆ ବଜାର ପ୍ରକମ୍ପିତ ହୋଉଥିଲା। ପରେ ଏକ ସଭାରେ ବିଧାୟକ ଆକାଶ ଦାସନାୟକ ଓ ହିମାଂଶୁ ଶେଖର ସାହୁ ଭାରତ ମାତା କି ଜୟରୁ ସ୍ଲୋଗାନ ଦେଇ ଭାରତୀୟ ଜବାନଙ୍କ ସାହସ ଓ ପରାକ୍ରମ ପାଇଁ ପ୍ରଣାମ ଓ ସମ୍ମାନ ଜଣାଇଥିଲେ ଏବଂ ଆତଙ୍କବାଦୀ ଓ ପାକିସ୍ତାନ ବିରୁଦ୍ଧରେ ନାରାବାଜି ସହ ତାଙ୍କୁ ନିନ୍ଦା କରିଥିଲେ।

## ପୁଅକୁ କଟୁରିରେ ହଣିଲା ବାପ

**ବଇଣ୍ଡା,୧୯।୫/ଏନ୍‌ଏନ୍‌ଏସ୍:** କିଶୋର ନଗର ବ୍ଲକ ଅନ୍ତର୍ଗତ ହଣ୍ଡପା ଥାନାର କଦଳୀ ମୁଣ୍ଡା ଗ୍ରାମର ସଦା ନନ୍ଦ ବେହେରା ତାଙ୍କ ପୁଅକୁ ଏକ ଧାରୁଆ ଅସ୍ତ୍ରରେ ଛାତିରେ ମାରିବାରୁ ପୁଅ ସୁନୀଲ ବେହେରା (୨୭) ସେଠାରେ ରକ୍ତାକ୍ତ ଅବସ୍ଥାରେ ଟଳି ପଡ଼ିଥିଲେ। ତାଙ୍କୁ ସ୍ଥାନୀୟ ଲୋକଙ୍କ ସହାୟତାରେ ଆମ୍ବୁଲାନ୍ସ ଯୋଗେ ଅନୁଗୋଳ ମୁଖ୍ୟାଳୟ ନିଆଯାଇ ଥିଲା। ଏପଟେ ବଇଣ୍ଡା ଫାଣ୍ଡି ଅଧିକାରୀ ସୌରଭ ପତ୍ରୀ ସଦଳେ ପହଞ୍ଚି ଅଭିଯୁକ୍ତକୁ ଧରି ବ୍ୟବହୃତ ହୋଇଥିବା କଟୁରିକୁ ଜବତ କରି ଅଭିଯୁକ୍ତ ବାପାକୁ କୋର୍ଟ ଚାଲାଣ କରିଛନ୍ତି।

# ଅବକାରୀ ଚଢ଼ଉ, ୨୨୧ ଲିଟର୍ ମଦ ଜବତ

## ଜଣେ ମହିଳାଙ୍କ ସମେତ ୭ ଗିରଫ



**କେନ୍ଦ୍ରାପଡ଼ା,୧୯/୫/ଏନ୍ଏନ୍ଏସ୍:** ଜିଲ୍ଲାପାଳଙ୍କ ନିର୍ଦ୍ଦେଶକ୍ରମେ କେନ୍ଦ୍ରାପଡ଼ା ଅବକାରୀ ବିଭାଗ ପକ୍ଷରୁ କେନ୍ଦ୍ରାପଡ଼ା ସଦର, ନିକିରେଇ, ଆଳି ଓ ମାର୍ଶାଘାଇ ଥାନା ଅଧୀନସ୍ଥ ବିଭିନ୍ନ ସ୍ଥାନରେ ଚଢ଼ଉ କରାଯାଇ ୭ ଜଣଙ୍କୁ ଗିରଫ କରାଯାଇଛି । ଅଭିଯୁକ୍ତ ଦଧିବାବନପୁରର ଗୁରୁଚରଣ ପରିଡ଼ା (୫୬)ଠାରୁ ୨୫ ଲିଟର ବିଦେଶୀମଦ, ମୋହନପୁର ଗ୍ରାମର ସୁମତି ମଳିକ (୬୫)ଠାରୁ ୩୦ ଲିଟର୍ ବିଦେଶୀମଦ, ହିଂସାଡ଼ା ଗ୍ରାମର ପ୍ରଶାନ୍ତ ମଳିକ (୪୫)ଠାରୁ ୨୯ ଲିଟର୍ ବିଦେଶୀ ମଦ, କଣ୍ଟିଆ ଗ୍ରାମର ଅଗଣି ଜେନା (୫୭)ଠାରୁ ୩୭ ଲିଟର ଦେଶୀମଦ, ପାଳକଣା ଗ୍ରାମର ଦୀପକ ସେଠୀ (୩୬)ଠାରୁ ୨୯ ଲିଟର ଦେଶୀମଦ, ନେମ୍ପରା ଗ୍ରାମର ବିଶ୍ୱଜିତ ସ୍ୱାଇଁ (୪୪)ଠାରୁ ୩୨ ଲିଟର୍ ବିଦେଶୀମଦ ଓ ମଙ୍ଗଳା ଛକ ଗ୍ରାମର ସନ୍ତୋଷ ବେହେରା (୩୫)ଠାରୁ ୩୯ ଲିଟର ବିଦେଶୀମଦ ଜବତ କରାଯାଇଛି । ଏମାନଙ୍କ ପାଖରୁ ସମୁଦାୟ ୨୨୧ ଲିଟର୍ ବିଦେଶୀ ଓ ଦେଶୀମଦ ଜବତ କରି କୋର୍ଟ ଚାଲାଣ କରାଯାଇଛି ବୋଲି କେନ୍ଦ୍ରାପଡ଼ା ଅବକାରୀ ଅଧୀକ୍ଷକ କହିଛନ୍ତି । ଏହି ଚଢ଼ଉରେ ଅବକାରୀ ନିରୀକ୍ଷକ ହିତାଂଶୁ ଶେଖର ମଳିକ, ଅବକାରୀ ଉପନିରୀକ୍ଷକ ଧର୍ମପଦ ଦାସ ଓ ନରେଶ କୁମାର ପଣ୍ଡାଙ୍କ ସମେତ ଅନ୍ୟ କର୍ମଚାରୀ ସାମିଲ ଥିଲେ ।

# ଚନ୍ଦନ ଯାତ୍ରାରେ ରାଧାକୃଷ୍ଣଙ୍କ ଚାପ ଖେଳ

**ବଇଣ୍ଡା,୧୯/୫/ଏନ୍ଏନ୍ଏସ୍:** ବଇଣ୍ଡାରେ ଆରମ୍ଭ ହୋଇଛି ଚନ୍ଦନ ଯାତ୍ରା ତଥା ପ୍ରଭୁ ଶ୍ରୀ ଶ୍ରୀ ରାଧାକୃଷ୍ଣଙ୍କ ଚାପ ଖେଳ । ଏହି ଅବସରରେ ବଇଣ୍ଡା ବିକାଶ ପରିଷଦ ଓ ଚନ୍ଦନ ଯାତ୍ରା କମିଟି, ବଇଣ୍ଡା ବଜାର କମିଟି ପକ୍ଷରୁ ବ୍ୟାପକ ପ୍ରସ୍ତୁତି କରାଯାଇଛି । ମିନା ବଜାର, ସହିତ ବ୍ରେକ୍ ଡାନ୍ସ, ରାମ ଦୋଳି, ବିଭିନ୍ନ ପ୍ରକାରର ଦୋକନ,ଅକ୍ଷୟ ତୃତୀୟା ପରଠାରୁ ଏହି ଗଣପର୍ବରେ କୃଷି ଭିତ୍ତିକ ସରଞ୍ଜାମ କିଣି ଚାଷୀ ତାର ଆଗାମୀ ଚାଷ କିପରି ଭଲରେ କଟିବ ମନସ୍କାମନା କରିଥାନ୍ତି । ସନ୍ଧ୍ୟାରେ ଶ୍ରୀ ଜୀଉଙ୍କୁ ସ୍ନାନ କରିବା ପାଇଁ ଚନ୍ଦନ ପୋଖରୀ ନିଆଯାଇ ଯାତ୍ରା ପଡ଼ିଆରେ ଥିବା ଅସ୍ଥାୟୀ ମଣ୍ଡପକୁ ନିଆଯାଇ ସେଠାରେ ପୂଜାର୍ଚ୍ଚନା ପରେ ଚନ୍ଦନ ନଗର ନିଆଯାଇ ଥାଏ । ସେଠାରୁ ମଧ ରାତ୍ରରେ ଶ୍ରୀ ଜୀଉଙ୍କ ଦୋଳ ଗୋବିନ୍ଦକୁ ତଥା ଶ୍ରୀ ଶ୍ରୀ ରାଧାକୃଷ୍ଣଙ୍କ ଯୁଗଳ ପ୍ରତିମାଙ୍କୁ ଏକ ସୁସଜ୍ଜିତ ରଥରେରେ ଭକ୍ତମାନଙ୍କ ଦ୍ୱାରା ଘଣ୍ଟ ବାଦ୍ୟ, ଲଉଡ଼ି ବାଡ଼ି, ଶଙ୍ଖ ବାଦ୍ୟ, ନାମ ସଂକୀର୍ତ୍ତନ, ବୌଦ୍ଧରୁ ଦୁଲ୍ ଦୁଲି ବାଦ୍ୟ, ପୁରୀରୁ , ନାଗା ନୃତ୍ୟ ଗ୍ରୁପ୍, ବିଭିନ୍ନ ପ୍ରକାର ପାରମ୍ପରିକ ନୃତ୍ୟକୁ ଡିଜେର ତାଳେ ତାଳେ ହଜାର ହଜାର ଯାତ୍ରା ପ୍ରେମୀ ନାଚ ଗୀତର ମଜା ନେଇଥିଲେ । ଏଥି ସହିତ ରଙ୍ଗବେରଙ୍ଗର ଆତଶ ବାଜି ଓ ଆଧ୍ୟାତ୍ମିକ ପରିବେଶ ମଧ୍ୟରେ ଚିନ୍ତାମଣି ସାହୁ, ଦୀପକ ସାହୁ, ବିଶ୍ୱଜିତ ପଟ୍ଟନାୟକ ସୁଚନା ଓ ଧାରା ବୀବରଣୀ ସହଯୋଗ କରିଥିଲେ । ଶ୍ରୀ ଜୀଉଙ୍କୁ ଚନ୍ଦନ ପୋଖରୀକୁ ନିଆଯାଇ ସେଠାରେ ପ୍ରାତଃରେ ଶ୍ରୀ ଜୀଉଙ୍କୁ ଡଙ୍ଗାରେ ଜଳକ୍ରୀଡ଼ା ତଥା ଚାପଖେଳା ରୀତି ନୀତି କରାଯାଇଥିଲା । ଏହି ଯାତ୍ରାରେ ଓଡ଼ିଶାର ଖ୍ୟାତନାମା ଲୁବୁନ ଡୁବୁନ ଡ୍ୟାନ୍ସ ଗ୍ରୁପ୍, ସୁନାମଧନ୍ୟ କଣ୍ଠଶିଳ୍ପୀ ଦିପ୍ତୀରେଖା ପାଢ଼ୀ ଓ ସାଥି ଓ ଦେବ ଶଙ୍କର, କଣ୍ଠ ଶିଳ୍ପୀ ଲିପ୍‌ସା ମହାପାତ୍ର ଓ ସାଥୀ ଯାତ୍ରାର ପରବର୍ତ୍ତୀ ଦିନମାନଙ୍କର କାର୍ଯ୍ୟକ୍ରମରେ ଦର୍ଶକଙ୍କ ଚନ୍ଦନ ମହୋତ୍ସବରେ ମନ ମୁଗ୍ଧ କରିବେ ବୋଲି କମିଟି ପକ୍ଷରୁ ସଭାପତି ଜିତେନ୍ଦ୍ର କୁମାର ବେହେରା, ଅଭିରାମ ସାହୁ, ବିନିତ୍ ସାହା,ଲକ୍ଷ୍ମୀ ଧର ବେହେରା ଜଣାଇଛନ୍ତି । ଗ୍ରାମ ସଭାପତି ରାଜ କୁମାର ଅଗ୍ରୱାଲ୍, ସନ୍ତୋଷ ଦେହୁରୀ, ଜନ୍ମେଶ୍ୱର ସାହୁ,ସଞ୍ଜୟ ସାହୁ, ଚିତ୍ରସେନ ପ୍ରଧାନ, ଉଗ୍ରସେନ ସେଠୀ, ଗିରିଶ ଚନ୍ଦ୍ର ବେହେରା ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ । ଯାତ୍ରାରେ ଶାନ୍ତି ଶୃଙ୍ଖଳା ରକ୍ଷା ପାଇଁ ଆଠମଲ୍ଲିକ ଏସ୍‌ଡିପିଓ ପ୍ରତ୍ୟକ୍ଷ ପରିଚାଳନାରେ ଠାକୁରଗଡ଼, ହଣ୍ଡପା, କିଶୋର ନଗର ଥାନା ଅଧିକାରୀମାନଙ୍କ ସହିତ ଦୁଇ ପ୍ଲାଟୁନ ପୁଲିସ୍ ଫୋର୍ସ ମୁତୟନ ହୋଇଥିଲେ । ଚଳିତ ବର୍ଷ ଏକ ପାଖିଆ ଟ୍ରାଫିକ୍ ବ୍ୟବସ୍ଥା ଯୋଗୁଁ ରାତ୍ରୀକାଳୀନ ବସ୍ ସେବା ବ୍ୟାହତ ହୋଇ ନଥିଲା ।

## ମନ୍ଦିରରୁ ଚୋରି ମାମଲା

# ବର୍ଷେ ଜେଲ୍ ସହ ଜୋରିମାନା

**ଆଳି,୧୯/୫/ଏନ୍ଏନ୍ଏସ୍:** ଗତ ଜାନୁୟାରୀରେ କଟକ-ଚାନ୍ଦବାଲି ରାସ୍ତାର ଆଳି ଥାନା ଅନ୍ତର୍ଗତ ମାଳପାଟଣାରେ ଥିବା ଭାତୁଆବଟ ମଠ ମନ୍ଦିରର ଗେଟ୍ ତାଡ଼ି ଲୁଟ୍ ଘଟଣାର ଅଭିଯୁକ୍ତକୁ ଆଳି ଜେଏମ୍ଏଫ୍‌ସି କୋର୍ଟ ବିଚାରପତି ଦେବାନ ସତ୍ୟଦର୍ଶୀ ନନ୍ଦ ଦୋଷୀ ସାବ୍ୟସ୍ତ କରିଛନ୍ତି । ଏହାସହ ବର୍ଷେ ଜେଲ୍ ଏବଂ ଜୋରିମାନା ଆଦାୟ ନିମନ୍ତେ କୋର୍ଟ ଆଦେଶ ଦେଇଛନ୍ତି । ସୂଚନାଥାଉକି ଆଳି ଥାନା ଅନ୍ତର୍ଗତ ମାଳପାଟଣା ଗ୍ରାମରେ ଥିବା ଭାତୁଆବଟ ମନ୍ଦିରର ପୂଜକ ପ୍ରଶାନ୍ତ ପାଢ଼ୀ ଜାନୁଆରୀ ୯ ତାରିଖ ସକାଳେ ମନ୍ଦିର ପୂଜା କରିବାକୁ ଯାଇଥିବା ବେଳେ ମନ୍ଦିର ତଡ଼ା ହୋଇ ଚୋରି ହୋଇଥିବା ଦେଖିବାକୁ ପାଇଥିଲେ । ପରେ ଗ୍ରାମବାସୀଙ୍କୁ ଡାକିଥିଲେ । ଗ୍ରାମବାସୀ ମନ୍ଦିରରେ ଥିବା ସିସି କ୍ୟାମେରା ଦେଖି ଲୁଟେରାକୁ ଚିହ୍ନଟ କରିଥିଲେ । ମନ୍ଦିରରେ ଥିବା ଦୁଇ ହଜାର ଟଙ୍କା ସହ ରୂପା ମୁକୁଟ ଓ ରୂପା ଅଣ୍ଟା ପଇତା ଚୋରି ହୋଇଥିବା ଜଣାପଡ଼ିଥିଲା । ଏହି ଲୁଟ୍‌ରେ ଅଞ୍ଚଳର ପ୍ରଦୀପ ସେଠୀ ଓ ଅନ୍ୟଜଣେ ସାମିଲ ଥିଲେ । ସେଦିନ ସନ୍ଧ୍ୟାରେ ପ୍ରଦୀପ ଗ୍ରାମ ନିକଟରେ ବୁଲୁଥିବା ଦେଖି ଗ୍ରାମବାସୀ ତାକୁ କାବୁ କରି ପୁଲିସ ଜିମା ଦେଇଥିଲେ । ପୂଜକ ପ୍ରଶାନ୍ତ ପାଢ଼ୀଙ୍କ ଏତଲାକୁ ଭିତ୍ତି କରି ଆଳି ଥାନାରେ ଏକ ମାମଲା ରୁଜୁ ହୋଇଥିଲା । ସରକାରୀ ଓକିଲ ଭାବେ ହରପ୍ରିୟା ସ ମାମଲା ପରିଚାଳନା କରୁଥିଲେ ।

# ତାଳଚେରର ବନ୍ଦକୁ ଜନତାଙ୍କ ସମର୍ଥନ



**ତାଳଚେର,କଣିହାଁ, ୧୯/୫/ଏନ୍ଏନ୍ଏସ୍:** ଦୁଷ୍କର୍ମ ପୀଡ଼ିତା ନାବାଳିକା ସୁଭଦ୍ରାଙ୍କୁ ନ୍ୟାୟ ପ୍ରଦାନ ଦାବିରେ ତାଳଚେରରେ ସୋମବାର ବନ୍ଦ ଡାକରା ଦିଆଯାଇଥିଲା । ପରିଣାମସ୍ୱରୂପ ବସ୍, ଟ୍ରକ୍ ଓ ଦୋକାନ ବଜାର ସହ ଖଣି ଖାଦାନ ବନ୍ଦ ରହିଥିବା ଦେଖିବାକୁ ମିଳିଥିଲା । ତେବେ ଦଳିତ ମହାସଂଘ, ଓଡ଼ିଶା ପରିସଂଘ, ଡ଼ଃ ବି ଆର୍ ଆମ୍ବେଦକର ସ୍ମୃତି ପରିଷଦ, ମହାନଦୀ କୋଇଲା ଠିକା ଶ୍ରମିକ ସଂଗଠନ, ରେଲୱେ ୟୁଜର କମିଟି, କଣିହାଁ ସୁରକ୍ଷା ମଞ୍ଚ, ଜନବିକାଶ କଲ୍ୟାଣ ସଂଘ, ଉତ୍କଳ ଆମ୍ବେଦକର୍ ସମାଜସେନା ଓ ମହିଳା ମଞ୍ଚ ଆରକ୍ଷୀ ଅଧୀକ୍ଷକ ରାହୁଲ ଜୈନ ଏକ ପ୍ରେସ୍ ବିଜ୍ଞପ୍ତିରେ ପ୍ରକାଶ କରିବା ସହିତ କୋର୍ଟ ଚାଲାଣ ପରେ ରିମାଣ୍ଡରେ ଆଣି ଅଧିକ ତଦନ୍ତ କରାଯିବ ବୋଲି ସ୍ପଷ୍ଟ କରିଛନ୍ତି । ବର୍ତ୍ତମାନ ସୁଦ୍ଧା ସେ ଏକାକୀ ଏପରି ଜଘନ୍ୟ ଘଟଣା ଘଟାଇଥିବା ତଦନ୍ତ ସମୟରେ ଜଣାପଡ଼ିଛି । କିନ୍ତୁ ଶବ ବ୍ୟବଚ୍ଛେଦ ରିପୋର୍ଟ ଆସିଲେ ଅନ୍ୟ କେହି ଏଥିରେ ସମ୍ପୃକ୍ତ ଅଛନ୍ତି କି ନାହିଁ କୁହାଯିବ ।

ତେବେ ଗଣଦୁଷ୍କର୍ମ କରାଯାଇ ପ୍ରମାଣ ନଷ୍ଟ କରିବା ଉଦ୍ଦେଶ୍ୟରେ ପେଟ୍ରୋଲ୍ ପକାଇ ଯେଉଁପରି ଭାବେ ଅମାନବୀୟ କାଣ୍ଡ ଘଟାଇଛି

## ରାସ୍ତାଘାଟ, ବସ୍, ଟ୍ରକ୍ ଓ ଦୋକାନ ବଜାର ବନ୍ଦ

ପକ୍ଷରୁ ଦିଆଯାଇଥିବା ବନ୍ଦ ଡାକରାକୁ ଜନତା ସମର୍ଥନ କରିଥିବା ଜଣାପଡ଼ିଛି ।

ପୂର୍ବରୁ ଉପରୋକ୍ତ ସଂଘ ଗୁଡ଼ିକ ପକ୍ଷରୁ ୧୦ ଦଫା ଦାବି ନେଇ ୧୯ ତାରିଖ ତାଳଚେର ବନ୍ଦ ଡାକରା ଦେଇଥିବା ବେଳେ ଏହି ଘଟଣାରେ ସମ୍ପୃକ୍ତ ଥିବା ଅନ୍ୟ ଅପରାଧୀଙ୍କୁ ତୁରନ୍ତ ଗିରଫ କରିବା ଏବଂ ଯେଉଁ ପୁଲିସ କର୍ମଚାରୀ ନିଜ କର୍ତ୍ତବ୍ୟରେ ଅବହେଳା କରିଛନ୍ତି ତାଙ୍କୁ କାହିଁକି ଏପର୍ଯ୍ୟନ୍ତ ନିଲମ୍ବିତ କରାଯାଇ ନାହିଁ ବୋଲି ମହିଳା ମଞ୍ଚ ସଭାନେତ୍ରୀ ଇଂ ସସ୍ମିତା ବେହେରା କହିଥିଲେ । ଅଭିଯୁକ୍ତକୁ ଯେପରି କୋଠରରୁ କୋଠର ଦଣ୍ଡବିଧାନ ହେବ ଏବଂ ମୃତ ସୁଭଦ୍ରାକୁ ଯେପରି ନ୍ୟାୟ ମିଳିବ ତାର ସମସ୍ତ କାର୍ଯ୍ୟାନୁଷ୍ଠାନ ତୁରନ୍ତ ଗ୍ରହଣ କରାଯିବ ବୋଲି ତାହା ଜଣେ ଲୋକ ଆଦୌ କରିପାରିବ ନାହିଁ ବୋଲି ମିଳିତ ସଂଘ ଦୃଢ଼ୋକ୍ତି ପ୍ରକାଶ କରିଛି । ତେଣୁ ଏସବୁ ଘଟଣାକୁ ଆଧାର କରି ୧୨ ଘଣ୍ଟିଆ ତାଳଚେର ବନ୍ଦ ଡାକରା ଦିଆଯାଇଥିଲା । ତାଳଚେର ବନ୍ଦ ଆନ୍ଦୋଳନରେ ଇଂ ସସ୍ମିତା ବେହେରା, ଏଲ୍ ମାଣିକପ୍ରଭା, କୁଞ୍ଜବିହାରୀ ବେହେରା, ରାଜକିଶୋର ସାହୁ, ସଂଗ୍ରାମୀ କେଶରୀ କୁଅଁର, ଅଭୟ ପାଣି, ଭୁପେନ ଅମ୍ପ, ସତ୍ୟବ୍ରତ ମହାନ୍ତି, ଭାରତୀ ବେହେରା, ନନ୍ଦିନୀ ନାଏକ, କେଶବ ଭୂତିଆ, ଟିକା ଗୋବିନ୍ଦ ଚନ୍ଦ୍ର ନାଏକ ଓ ମୋନଜ ନାଏକଙ୍କ ସମେତ ଶତାଧିକ ଜନସାଧାରଣ ଯୋଗଦେଇ ବିଭିନ୍ନ ସ୍ଥାନ ଗୁଡ଼ିକରେ ଦୋକାନ ବଜାର ବନ୍ଦ କରିବା ସହ ଯାନବାହାନ ଚଳାଚଳକୁ ବାରଣ କରିଥିଲେ ।

# ବାଲି ଉଠାଣ ପାଇଁ ବେଆଇନ ନଦୀବନ୍ଧ, ଯୁଗ୍ମ କମିଟିର ତଦନ୍ତ



## ନଦୀ ଗର୍ଭରେ କୃତ୍ରିମ ରାସ୍ତା ଓ ନଦୀବନ୍ଧକୁ ସମ୍ପୂର୍ଣ୍ଣ ଭାବେ ଉଚ୍ଛେଦ ଦାବି

**ପରଜଙ୍ଗ,୧୯/୫/ଏନ୍ଏନ୍ଏସ୍:** ପରଜଙ୍ଗ ତହସିଲ୍ ସରାଙ୍ଗ ରାଜସ୍ୱ ନୀରିକ୍ଷକ କାର୍ଯ୍ୟାଳୟ ଅନ୍ତର୍ଗତ ଜଟିଆ ଗ୍ରାମ ବ୍ରାହ୍ମଣୀ ନଦୀ ଗର୍ଭରେ ୩ଟି ଏସ୍କାଭେଟର୍ ସାହାଯ୍ୟରେ ଜଳସ୍ରୋତକୁ ପ୍ରତିବନ୍ଧକ କରାଯାଇ ବାଲି ଉଠାଣ ପାଇଁ ମସୁଧା ଚାଲିଛି । ଏନେଇ ଅଭିଯୋଗ ପାଇ ସୋମବାର ପରଜଙ୍ଗ ଅତିରିକ୍ତ ତହସିଲଦାର୍ ମଦନମୋହନ ଜେନାଙ୍କ ନେତୃତ୍ୱରେ ଏକ ଯୁଗ୍ମ କମିଟି କ୍ଷେତ୍ର ପରିଦର୍ଶନ କରି ଫେରିଛନ୍ତି ।

ଘଟଣାରୁ ପ୍ରକାଶ, ତାଳଚେର ଖଣି ଉପନିର୍ଦ୍ଦେଶକ କାର୍ଯ୍ୟାଳୟ ଅଧିନସ୍ଥ ସନ୍ଥପଡ଼ା-କ ବାଲିଘାଟରୁ ବାଲି ଉତ୍ତୋଳନ ପାଇଁ ନିଲାମଧାରୀ ଏସ୍କାଭେଟର୍ ସାହାଯ୍ୟରେ ପରଜଙ୍ଗ ତହସିଲ୍ ଅଞ୍ଚଳର ବ୍ରାହ୍ମଣୀ ନଦୀ ଅବବାହିକାର କିଛି ସ୍ଥାନରେ ବିରାଟକାୟ ନଦୀବନ୍ଧ ନିର୍ମାଣ କରୁଥିବା ତହସିଲ୍ କାର୍ଯ୍ୟାଳୟରେ ଅଭିଯୋଗ ହୋଇଥିଲା । ଏନେଇ ଅତିରିକ୍ତ ତହସିଲଦାର୍ ଶ୍ରୀ ଜେନା, ଢେଙ୍କାନାଳ ଜିଲ୍ଲା ଖଣି ଅଧିକାରୀ, ସରାଙ୍ଗ ଫାଣ୍ଡି ପୁଲିସ କର୍ମଚାରୀ, ତହସିଲ୍ କାର୍ଯ୍ୟାଳୟର ପରିଦର୍ଶକ ଓ ସ୍ଥାନୀୟ ରାଜସ୍ୱ ନୀରିକ୍ଷକ ମିଳିତଭାବେ ବ୍ରାହ୍ମଣୀ ନଦୀକୁ ଯାଇ କ୍ଷେତ୍ର ପରିଦର୍ଶନ କରିଛନ୍ତି । ଏନେଇ ଅତିରିକ୍ତ ତହସିଲଦାର୍ ଶ୍ରୀ ଜେନା କହିଛନ୍ତି ଯେ ତଦନ୍ତ ସମୟରେ ଉକ୍ତ ଏସ୍କାଭେଟର୍ ଗୁଡ଼ିକ ତାଳଚେର ରାଜସ୍ୱ ଅଞ୍ଚଳରେ ନଦୀବନ୍ଧ ନିର୍ମାଣ କରୁଥିବାରୁ ଏକ ରିପୋର୍ଟ ପ୍ରସ୍ତୁତ କରାଯାଇ ଉଚ୍ଚପଦସ୍ଥ ଅଧିକାରୀଙ୍କୁ ଅବଗତ କରାଯିବ । ନଦୀବନ୍ଧ ନିର୍ମାଣ ହେବା ଫଳରେ ଜଳସ୍ରୋତ ଗତିପଥ ପରିବର୍ତ୍ତନ ହେବାର ଆଶଙ୍କା ରହିଛି । ପରଜଙ୍ଗ ରାଜସ୍ୱ ବିଭାଗ ଅଞ୍ଚଳରେ ବାଲି ଖନନ କିମ୍ବା ନଦୀବନ୍ଧ ନିର୍ମାଣ କଲେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ନିଆଯିବ । ଢେଙ୍କାନାଳ ଜିଲ୍ଲା ଖଣି ଅଧିକାରୀ ଡମ୍ବରୁଧର ମହନ୍ତ କହିଛନ୍ତି ଯେ ଏ ସଂକ୍ରାନ୍ତରେ ଅନୁଗୁଳ ଜିଲ୍ଲା ଖଣି ଅଧିକାରିଣୀଙ୍କୁ ଅବଗତ କରାଯାଇଛି । ପୂର୍ବରୁ ବ୍ରାହ୍ମଣୀ ପୋଲ ନିର୍ମାଣ କରୁଥିବା ଠିକା ସଂସ୍ଥା ନଦୀରେ କୃତ୍ରିମ ରାସ୍ତା ନିର୍ମାଣ କରି କାର୍ଯ୍ୟ କରୁଥିବା ବେଳେ ସମ୍ପୂର୍ଣ୍ଣ ପରେ ଉକ୍ତ ରାସ୍ତାକୁ ଛାଡ଼ି ଚାଲିଯାଇଛି । ଫଳରେ ନଦୀର କୂଳ ଗ୍ରାମ ମୁହାଁ ହୋଇଛି । ଉକ୍ତ ବାଲିଘାଟରୁ ବାଲି ଉତ୍ତୋଳନ ପାଇଁ ଅନୁଗୁଳ ଶାଖା ଆଞ୍ଚଳିକ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ କାର୍ଯ୍ୟାଳୟ ପକ୍ଷରୁ ବ୍ରାହ୍ମଣୀ ପୋଲଠାରୁ ୨ରୁ ୫ ଶହ ମିଟର ଦୂରରୁ ବାଲି ଉତ୍ତୋଳନ ପାଇଁ ଅନୁମତି ଦିଆଯାଇଥିଲେ ମଧ ସମସ୍ତ ନିୟମକୁ ବେଖାତିର୍ କରି ନିଲାମଧାରୀ ବ୍ରାହ୍ମଣୀ ପୋଲ ତଳେ ରାସ୍ତା ନିର୍ମାଣ କରି ବାଲି ଉତ୍ତୋଳନ ପାଇଁ ରାସ୍ତା ନିର୍ମାଣ କରୁଛି । ଏଥିପ୍ରତି ଜିଲ୍ଲାପାଳ ଓ ଖଣି ବିଭାଗ ଦୃଷ୍ଟି ଦେଇ ଜନସାଧାରଣଙ୍କ ବୃହତ୍ ସ୍ୱାର୍ଥ ଦୃଷ୍ଟିରୁ ନଦୀ ଗର୍ଭରେ କୃତ୍ରିମ ରାସ୍ତା ଓ ନଦୀବନ୍ଧକୁ ସମ୍ପୂର୍ଣ୍ଣ ଭାବେ ଉଚ୍ଛେଦ ନିମନ୍ତେ ଗ୍ରାମବାସୀ ଦାବି କରିଛନ୍ତି ।

# ଓଷ୍ଟା ପକ୍ଷରୁ ନୂତନ ଶିକ୍ଷାଧିକାରୀଙ୍କୁ ସମ୍ବର୍ଦ୍ଧନା



**ନାଉଗାଁ,୧୯/୫/ଏନ୍ଏନ୍ଏସ୍:** ନାଉଗାଁ ବ୍ଲକ୍‌ରେ ନୂତନ ଭାବେ ଯୋଗ ଦେଇଥିବା ଶିକ୍ଷା ଅଧିକାରୀ ଉମେଶ ଚନ୍ଦ୍ର ରାଉତଙ୍କୁ ନାଉଗାଁ ଓଷ୍ଟା ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଛି । ଏହି ଅବସରରେ ନାଉଗାଁ ବ୍ଲକ୍ ଓଷ୍ଟା ସଭାପତି ସୁକାନ୍ତ କୁମାର ଲେଙ୍କା, ସମ୍ପାଦକ ହିମାଂଶୁ କୁମାର ମହାନ୍ତି, ଓଷ୍ଟା ଜିଲ୍ଲା ଉପଦେଷ୍ଟା ନିରଞ୍ଜନ ମହାନ୍ତି, ଉପଦେଷ୍ଟା ନିରଦ କୁମାର ସ୍ୱାଇଁ, ନୃସିଂହ ଚରଣ ରାଉତ, ଶରତ କୁମାର ରାଉତ, ଆର୍ଦ୍ଦଶ ଦାସ, ମାନସ କୁମାର ବେହେରା, ପ୍ରଦ୍ୟୁମ୍ନ କୁମାର ସ୍ୱାଇଁ, ପ୍ରଭୁଦତ ଦାଶ, ପ୍ରଶାନ୍ତ କୁମାର ଦାସ, ସୁଧୀର କୁମାର ବିଶ୍ୱାଳ, ପତନ ପ୍ରଧାନ, ବିଜୟ କାର୍ଯି ଓ ବୁଲାକି ମଲ୍ଲିକ ପ୍ରମୁଖ ବ୍ଲକ୍ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟରେ ଉପସ୍ଥିତ ରହି ତାଙ୍କୁ ପୁଷ୍ପଗୁଚ୍ଛ ଓ ଉତ୍ତୋରୀୟ ଦେଇ ସମ୍ବର୍ଦ୍ଧିତ କରିଥିଲେ ।

## 'ଆମ ପ୍ରତିଭା ଆମ ସମ୍ମାନ' ପକ୍ଷରୁ ଏ-୧ ଗ୍ରେଡ୍‌ଧାରୀଙ୍କୁ ସମ୍ବର୍ଦ୍ଧନା

# 'ବିଦ୍ୟାର୍ଥୀ ଶିକ୍ଷା ସହ ଜୀବନର ଲକ୍ଷ୍ୟକୁ ପ୍ରାଧାନ୍ୟ ଦେବା ଆବଶ୍ୟକ'



**ଢେଙ୍କାନାଳ,୧୯/୫/ଏନ୍ଏନ୍ଏସ୍:** ଢେଙ୍କାନାଳ ଜିଲ୍ଲାର ଅଗ୍ରଣୀ ସାମାଜିକ ଅନୁଷ୍ଠାନ 'ଆମ ପ୍ରତିଭା ଆମ ସମ୍ମାନ' ପକ୍ଷରୁ ଚଳିତ ବର୍ଷ ମାଟ୍ରିକ୍ ପରୀକ୍ଷାରେ ଏ-୧ ଗ୍ରେଡ୍ ପାଇଥିବା ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଛି । ଅନୁଷ୍ଠାନର ସଭାପତି ପ୍ରିୟରନ ମାହୁଁନ୍ତଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଢେଙ୍କାନାଳ ଜିଲ୍ଲାପରିଷଦ ଅଧ୍ୟକ୍ଷା ଅର୍ଚ୍ଚନା ପୁହାଣ ଯୋଗଦେଇ ଚଳିତ ବର୍ଷ ଢେଙ୍କାନାଳ ଜିଲ୍ଲାରେ ଶିକ୍ଷା କ୍ଷେତ୍ରରେ ଯେଉଁ ଛାତ୍ରଛାତ୍ରୀମାନେ ନିଜର ପ୍ରଗାଢ଼ ଉଦ୍ୟମ ଏବଂ ଇଚ୍ଛାଶକ୍ତି ବଳରେ ସଫଳତା ପାଇଥିବାରୁ ସେମାନଙ୍କୁ ଭୂୟସୀ ପ୍ରଶଂସା କରିଥିଲେ । ବିଶିଷ୍ଟ ଅତିଥିଭାବେ ଶିଳ୍ପପତି ଗଙ୍ଗାଧର ସାମଲ ଛାତ୍ରଛାତ୍ରୀ ଜୀବନର ପ୍ରତିଟି କ୍ଷେତ୍ରରେ ପ୍ରତ୍ୟେକ ପରୀକ୍ଷାର କୃତିତ୍ୱ ହାସଲ କରିବା ଦରକାର ବୋଲି କହିଥିଲେ । ଅନୁଷ୍ଠାନର ପ୍ରତିଷ୍ଠାତା ତଥା ପୂର୍ବତନ ସାଂସଦ ମହେଶ ସାହୁ ଛାତ୍ରଛାତ୍ରୀ ଓ ଅଭିଭାବକଙ୍କୁ ଉଦ୍‌ବୋଧନ ଦେଇ ପ୍ରତ୍ୟେକ ଛାତ୍ରଛାତ୍ରୀ ସମାଜରେ ଜଣେ ଭଲ ମଣିଷ ହେବା ପାଇଁ ନିଜ ଭିତରେ ଆତ୍ମବିଶ୍ୱାସ, ଏକାଗ୍ରତା ଓ ସାମାଜିକ ସଂସ୍କାର ରଖିବା ଦରକାର । ଛାତ୍ରଛାତ୍ରୀମାନେ ପ୍ରଥମେ ଶିକ୍ଷାକୁ ଗୁରୁତ୍ୱ ଦେବାସହ ଜୀବନର ଲକ୍ଷ୍ୟକୁ ପ୍ରାଧାନ୍ୟ ଦେବା ନିତ୍ୟାନ୍ତ ଆବଶ୍ୟକ ବୋଲି ଶ୍ରୀ ସାହୁ କହିଥିଲେ । ମୁଖ୍ୟବକ୍ତା ଭାବେ ପୁରୀ ଗୋବର୍ଦ୍ଧନ ପୀଠ ତଥା ଆଦିତ୍ୟ ବାହିନୀର ଅଧ୍ୟକ୍ଷ ପଣ୍ଡିତ ମାତୃ ପ୍ରସାଦ ମିଶ୍ର ପ୍ରତ୍ୟେକ ଛାତ୍ରଛାତ୍ରୀ ନିଜ ଜୀବନର ଲକ୍ଷ୍ୟକୁ ପୂରଣ କରିବାକୁ ହେଲେ ପ୍ରଥମେ ପିତାମାତାଙ୍କୁ ପ୍ରଥମ ଗୁରୁ, ପରେ ବିଦ୍ୟା ଗୁରୁ ଓ ସମ୍ମାନସ୍ପଦ ବ୍ୟକ୍ତି ବିଶେଷଙ୍କୁ ସମ୍ମାନ ଜଣାଇ ସଂସ୍କାର ଓ ସୃଜନଶୀଳ ହେଲେ ପ୍ରତ୍ୟେକ ଉଚ୍ଚାକାଂକ୍ଷାଗୁଡ଼ିକ ପୂରଣ ହୋଇପାରିବ ବୋଲି କହିଥିଲେ । ଅନ୍ୟତମ ଅତିଥିଭାବେ ଭୁବନ ବ୍ଲକ୍ ଅଧ୍ୟକ୍ଷା ସିପ୍ରା ବରାଳ, କାମାକ୍ଷାନଗର ଏନ୍ଏସି ଅଧ୍ୟକ୍ଷ ଧର୍ମାନନ୍ଦ ପରିଡ଼ା, ଭୁବନ ଏନ୍ଏସି ଅଧ୍ୟକ୍ଷ ଶୁଭେନ୍ଦୁ ସାହୁ ଓ ଜିଲ୍ଲାପରିଷଦ ସଭ୍ୟା ମମତାଳି ବେହେରା ପ୍ରମୁଖ ଉପସ୍ଥିତ ରହି ଛାତ୍ରଛାତ୍ରୀଙ୍କୁ ଦିଗ୍‌ଦର୍ଶନ ଦେଇଥିଲେ । ଏହି କାର୍ଯ୍ୟକ୍ରମକୁ ଅନୁଷ୍ଠାନର ଉପଦେଷ୍ଟା ସଦାନନ୍ଦ ସେଠୀ, ବରିଷ୍ଠ କାର୍ଯ୍ୟକର୍ତ୍ତା ପ୍ରତାପ ଦାସ, ସୁଧାଂଶୁ ରାଉତ, ଶରତ କୁମାର ପଟ୍ଟନାୟକ, ସେୟାର୍ ଅନୁଷ୍ଠାନର ନିର୍ଦ୍ଦେଶକ ଲିଆକତ୍ ଅଲ୍ଲି ଖାନ୍, ସଦାଶିବ ମହାପାତ୍ର, ଜିତେନ୍ଦ୍ର ପଟ୍ଟନାୟକ, ଶ୍ୟାମସୁନ୍ଦର ସାହୁ, ଭୁବନର ଦେବାନନ୍ଦ ସାହୁ, ସୁଶାନ୍ତ ପୋଥାଳ ଓ ଦୁଷ୍ମନ୍ତ ମହାନ୍ତିଙ୍କ ସମେତ ପ୍ରମୁଖ ସଦସ୍ୟ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ । ଅନୁଷ୍ଠାନର ସମ୍ପାଦକ ଧର୍ମାନନ୍ଦ ବରାଳ ଅନୁଷ୍ଠାନର ବିବରଣୀ ପାଠ କରିଥିବାବେଳେ କଙ୍କଡ଼ାହାଡ଼ ବ୍ଲକ୍‌ର ପୂର୍ବତନ ଅଧ୍ୟକ୍ଷ କାର୍ତ୍ତିକ ସାହୁ ଧନ୍ୟବାଦ ଦେଇଥିଲେ ।

**AFFIDAVIT**

I, Mallik Umesh Niranjan, S/o- Niranjan Mallik, resident of At- Kantabania, PO- Dahapada, PS- Sahadebkhunta, Dist- Balasore, Odisha declared by this affidavit No. 03, dtd- 26/04/2025 that now onwards I shall be known as **UMESH MALLIK** for all future purposes.

**AFFIDAVIT**

By virtue of an affidavit sworn before Notary Public, Balliguda dated 12.05.2025, I Sasmita Patra, aged about 37 years, Wife of Lingaraj Patra of Village- K.Nuagaon, Puruna Nuagaon, P.O- K.Nuagaon, P.S- K.Nuagaon, Dist- Kandhamal, PIN- 762102, Odisha have changed the name of my minor son from "SAMPATI SWARAJ SINGH PATRA" to "NAGENDRA SINGH PATRA", and henceforth he shall be known as **"NAGENDRA SINGH PATRA"** for all purpose.

**NOTICE**

The partnership firm TAKE CARE SECURITY SERVICE Regd No- 18202101122/2021, Dist- Khordha has been reconstituted on 17.01.2025 due to retirement of one partner namely Anirudha Jena And admission of one partner namely Ritarani Sahoo. The place of Business is changed from Plot No- 266, Baramunda, Bhoisahi, Near Bus Stand, PS- Khandagiri, Bhubaneswar, Khordha-751003, Odisha to new Plot No- 389(P), Flat No- 2B, 2nd Floor, Aiginia, Bhubaneswar, Odisha Pin-751019 Dist- Khordha w.e.f 17.01.2025.

Suresh Kumar Sahu
Take Care Security Service

**AFFIDAVIT**

By virtue of an affidavit sworn before Executive Magistrate, Mahanga, dated- 13.05.2025, I, Bhagyadhar Padhan, S/o- Geda Padhan, resident of Village - Bainchua, Po- Gokan, Ps- Mahanga, Dist-Cuttack, Pin- 754206 declare that I have changed my name from Bhagyadhar Pradhan (Old name) to Bhagyadhar Padhan (New name). Henceforth, I shall be known as **Bhagyadhar Padhan** for all purposes.

**NOTICE**

The partnership firm M/S Shri Sambhunath Coal Transport Firm bearing Regd No-1201800457/ 2018 Dist- Angul Odisha has been reconstituted on 19.05.2025 due to retirement of two partners namely Biswajit Dehury & Anand Jyotish and admission of two partners Namely Kulamani Bariha & Dhaneswar Sahoo. Prakash Chandra Jyotish is New Managing Partner w.e.f. 19.05.2025.

Prakash Chandra Jyotish
M/S Shri Sambhunath
Coal Transport Firm

1-197

**ଓଡ଼ିଶା ସରକାର**
**ଅଧୀକ୍ଷଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ**
**ଯାଜପୁର ଜଳସେଚନ ବିଭାଜନ**
ଫୋନ ନଂ.୦୬୭୨୮-୨୨୨୦୨୨,
ଇମେଲ୍-jpt.irrigation@gmail.com

**'e'-Procurement Notice No. 01/2025-26**

୧. କାର୍ଯ୍ୟର ନାମ : ନଦୀ ବନ୍ଧ ଏବଂ କେନାଲ ମରାମତି କାର୍ଯ୍ୟ
୨. ମୋଟ କାର୍ଯ୍ୟ ସଂଖ୍ୟା : ୪୮ ଗୋଟି କାର୍ଯ୍ୟ
୩. ଅଟକଳ ମୂଲ୍ୟ : ୪.୨୩ ଲକ୍ଷରୁ ୨୯.୭୦ ଲକ୍ଷ
୪. ଇ.ଏମ୍.ଡି (Bid Security) ଓ ବିଡ୍ ମୂଲ୍ୟର ଦେୟ ପ୍ରଣାଳୀ : The bidder shall transfer required amount of EMD (Bid Security) and cost of Bid by online through electronic payment as per Govt. of Odisha WDOM No. 17254/WE Dated 05.12.2017 as Mentioned in DTCN
୫. କାର୍ଯ୍ୟ ସମାପ୍ତି ସମୟ : ୬ ମାସ
୬. ନିମ୍ନଲିଖିତ ଭାବରେ ଅନ୍ୟାନ୍ୟବିବରଣୀ:
I. Procurement Officer : ଅଧୀକ୍ଷଣ ଯନ୍ତ୍ରୀ, ଯାଜପୁର ଜଳସେଚନ ବିଭାଜନ, ଯାଜପୁର
II. ଅନଲାଇନ Bidding ର ସମୟସୀମା : ତା.୨୦.୦୫.୨୦୨୫ ଦିବା ୧୦ ଘଟିକା ରୁ ତା.୨୮.୦୫.୨୦୨୫ ସନ୍ଧ୍ୟା ୫ ଘଟିକା ପର୍ଯ୍ୟନ୍ତ
III. Technical ଏବଂ Financial Bid ଖୋଲାଯିବାର ତାରିଖ ଓ ସମୟ : ଅଧୀକ୍ଷଣ ଯନ୍ତ୍ରୀ, ଯାଜପୁର ଜଳସେଚନ ବିଭାଜନ ଙ୍କ କାର୍ଯ୍ୟାଳୟରେ ତା.୨୯.୦୫.୨୦୨୫ ଦିବା ୧୧.୩୦
IV. Transparent Lottery ର ତାରିଖ ଓ ସମୟ : ଅଧୀକ୍ଷଣ ଯନ୍ତ୍ରୀ, ଯାଜପୁର ଜଳସେଚନ ବିଭାଜନଙ୍କ କାର୍ଯ୍ୟାଳୟରେ ତା.୦୯.୦୬.୨୦୨୫ ଦିବା ୧୧.୦୦ ଘଟିକା ସମୟରେ

ଅନ୍ୟାନ୍ୟ ତଥ୍ୟ ଏହି ୱେବସାଇଟ୍ ରେ ପ୍ରଦାନ କରାଯାଇଛି । www.tendersorissa.gov.in

ସ୍ୱା/- ଅଧୀକ୍ଷଣ ଯନ୍ତ୍ରୀ
ଯାଜପୁର ଜଳସେଚନ ବିଭାଜନ, ଯାଜପୁର

OIPR-32130/11/0028/2526

A-195

**GOVT. OF ODISHA**
**OFFICE OF THE SUPERINTENDING ENGINEER**
**MAHANADI SOUTH DIVISION NO.I, CANTONMENT ROAD, CUTTACK-1**
**PHONE NO-0671 -2414425**
*E Mail id:-eemsdcuttack@gmail.com*
**"e" Procurement Notice**
**Bid Identification No .- MSD_TCN_1/2025-26 (Online)**

Bid documents consisting of work, tender amount, cost of tender paper, EMD, time of completion, class of contractor, the set of terms & conditions of contract and other necessary documents can be seen in e-procurement portal www.tenderodisha.gov.in.

1. Name of the work :- canal maintenance work
2. No of works :- 47 Nos.
3. Tender amount :- varies Approximately from Rs1.05lath to 14.87 lakhs
4. EMD :- Earnest money deposit (EMD) as mentioned in col. 04 of the work list table , as part of its bid vide works Department OM No OM No 3785/W Dated 09.05.2017 through online process as mentioned in DTCN
5. Period of completion:-15days to 30days

| Procurement Officer | Bid Identification No. | Availability of Tender on-line for bidding | | Last date & Time of seeking tender clarification | Place of opening of Tender: O/o the Superintending Engineer Mahanadi South Division No.I Cuttack | |
|---|---|---|---|---|---|---|
| | | From | To | | Date and Time of Technical & financial bid opening of all works | Date and Time of Lottery if required |
| 1 | 2 | 3 | 4 | 5 | 6 | 7 |
| Superintending Engineer Mahanadi South Division No.I Cuttack | MSD_TCN_01/2025-26 (Online) | 20.05.2025 At 11.00 A.M | 01.06.2025 Up to 5.00 P.M | 31.05.2025 up to 5.00 P.M. | 02.06.2025 (12 Noon) | 11.06.2025 (12 Noon.) |

N.B : 1. Further details can be seen from the e-procurement portal www.tenderodisha.gov.in.
*2.All the Corrigendum / Notices or any other information if any will only be uploaded in the above tender Website.*

Sd/- Superintending Engineer
Mahanadi South Division No.I, Cuttack

OIPR-32024/11/0016/2526

## ପ୍ରଥମ ପୃଷ୍ଠାରୁ

### ଖୋଜି ଖୋଜି ବାଂଲାଦେଶୀଙ୍କୁ ...

ନଜର ରଖିବାକୁ କୁହାଯାଇଛି । ବାଲେଶ୍ୱର, ଭଦ୍ରକ, କେନ୍ଦ୍ରାପଡ଼ାରେ ବାଂଲାଦେଶୀ ଚିହ୍ନଟ ପ୍ରକ୍ରିୟା ଜାରି ରହିଛି । ଜଗତସିଂହପୁର, ପୁରୀ, ଗଞ୍ଜାମରେ ବି ଧରପଗଡ଼ ଜୋରଦାର ଚାଲିଛି ବୋଲି ଶ୍ରୀ ମିଶ୍ରୀ ସୂଚନା ଦେଇଛନ୍ତି । ଓଡ଼ିଶା ସରକାରଙ୍କ ଦ୍ୱାରା ପ୍ରଦତ୍ତ ରିପୋର୍ଟରେ ୧୧ ଜିଲ୍ଲାରେ ମୋଟ୍ ୧ ଲକ୍ଷ ୫୭,୪୩୨ ଜଣ ବାଂଲାଦେଶୀ ଚିହ୍ନଟ ହୋଇଥିବା ଦର୍ଶାଯାଇଛି । ସେଥିରେ ମାଲକାନାଗିରି ଜିଲ୍ଲାରେ ସର୍ବାଧିକ ୧ ଲକ୍ଷ ୪,୨୩୩ ବୋଲି ଦର୍ଶାଯାଇଛି । ମାତ୍ର ବାଂଲାଦେଶରେ ହିଂସା ପରେ ସ୍ଥିତି ହୋଇଛି ଭିନ୍ନ । ପଶ୍ଚିମବଙ୍ଗ ଓ କେନ୍ଦ୍ରାପଡ଼ାର ରାଜନଗର ବାଟେ ସମୁଦ୍ରପଥରେ ହଜାର ହଜାର ସଂଖ୍ୟାରେ ବାଂଲାଦେଶୀ ଓଡ଼ିଶା ପ୍ରବେଶ କରିଥିବା କୁହାଯାଉଛି । ଏମାନଙ୍କ ମୋଟ୍ ସଂଖ୍ୟା ୩ଲକ୍ଷରୁ କମ୍ ହେବ ନାହିଁ ବୋଲି ଅନୁମାନ କରାଯାଉଛି । କେବଳ ରାଜଧାନୀରେ ୪୦ ହଜାରରୁ ଅଧିକ ନିର୍ମାଣ ଓ ଫେରିବାଲା କାର୍ଯ୍ୟରେ ସାମିଲ ହୋଇଥିବା ବେସରକାରୀ ସୂତ୍ରରୁ ଜଣାପଡ଼ିଛି । ସେହିପରି ରାଜ୍ୟର କେନ୍ଦ୍ରାପଡ଼ା, ବାଲେଶ୍ୱର, ଭଦ୍ରକ, ପାରାଦୀପ, ପୁରୀ, ବ୍ରହ୍ମପୁର, ବାରିପଦା, ବଲାଙ୍ଗୀର, ବରଗଡ଼, ସୁନ୍ଦରଗଡ଼ ଭଳି ବିଭିନ୍ନ ସହରରେ ବାଂଲାଦେଶୀମାନେ ପଶ୍ଚିମବଙ୍ଗରୁ ଆସିଥିବା କହି ବସ୍ତିରେ ରହୁଛନ୍ତି । ପରେ ସେମାନେ ବହୁ ଅପରାଧିକ କାର୍ଯ୍ୟରେ ଲିପ୍ତହୋଇ କୌଶଳରେ ପୁଲିସ୍‌କୁ ଚକମା ଦେଇ ଖସି ଯାଉଛନ୍ତି । ତହସିଲ, ବ୍ଲକ୍ ଓ ଥାନାରେ ଗଠିତ କମିଟି ସେତେଟା କାମ କରୁନଥିବାରୁ ବାଂଲାଦେଶୀଙ୍କୁ ଚିହ୍ନଟ କରିବା ଜିଲ୍ଲା ପ୍ରଶାସନ ପକ୍ଷରେ ସମ୍ଭବ ହୋଇନାହିଁ ।

### ରଥଖଳାରେ ଚକ ଡେରା ନୀତି ...

ଆଜ୍ଞାମାଳ ଆଣି ରଥଖଳାରେ ପହଞ୍ଚିଥିଲେ । ବଡ଼ଠାକୁରଙ୍କ ବାଡ଼ରୁ ଲକ୍ଷ୍ମୀ ନାରାୟଣ ପୂଜାପଣ୍ଡା ସାମନ୍ତ, ଦେବୀ ସୁଭଦ୍ରାଙ୍କ ବାଡ଼ରୁ ଗୋପବନ୍ଧୁ ପୂଜାପଣ୍ଡା ସାମନ୍ତ ଏବଂ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ବାଡରୁ ବିଶ୍ୱନାଥ ପୂଜାପଣ୍ଡା ସାମନ୍ତ ଆଜ୍ଞାମାଳ ଆଣି ୩ ରଥର ଚକ ଅଖରେ ଲାଗି କରିଥିଲେ । ପରେ ଭୋଇ ସେବକ ମାନେ ନାହାକ ଚକ ଓ ଅଖ ପ୍ରସ୍ତୁତ କରିବା ପରେ ପାଣିଆପଟ ସେବାୟତଙ୍କ ଦ୍ୱାରା ପାଣି ପଡ଼ି ଚକ ପବିତ୍ର କରାଯାଇଥିଲା । ଏହାପରେ ଆଜ୍ଞାମାଳ ବିଜେ କରାଯାଇ ତିନୋଟି ରଥର ୬ଟି ନାହାକ ଚକ ସହ ତିନୋଟି ଅଖ ସଂଯୋଗ କରାଯାଇ ଡେରାଯାଇଛି ।ବିଶ୍ୱକର୍ମା ମହାରଣା ମାନେ ନିର୍ମାଣ କରିଥିବା ପ୍ରତ୍ୟେକ ରଥର ଦୁଇଟି ଲେଖାଏଁ ଚକ ସହ ଅଖର ସଂଯୋଗ କରିଥିଲେ ଭୋଇ ସେବକ । ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଅରବିନ୍ଦ ପାଢ଼ୀଙ୍କ ଉପସ୍ଥିତିରେ ଏହି ଅନୁକୂଳ କାର୍ଯ୍ୟ ବେଶ୍ ସୁରୁଖୁରୁରେ ସଂପନ୍ନ ହୋଇଥିଲା । ମହାପ୍ରଭୁଙ୍କ ରଥ ନିର୍ମାଣ ଓ ବିଶ୍ୱପ୍ରସିଦ୍ଧ ଘୋଷଯାତ୍ରା ଚଳିତ ବର୍ଷ ଭକ୍ତଙ୍କ ଗହଣରେ ଶୃଙ୍ଖଳିତ ଭାବେ ହେବା ନେଇ ମହାପ୍ରଭୁଙ୍କ ପାଖରେ ସଭିଏଁ ପ୍ରାର୍ଥନା କରିଛନ୍ତି ।ପ୍ରତ୍ୟେକ ରଥର ଦୁଇଟି ଚକ ସହିତ ଅଖ ସଂଯୋଗ ପରେ ଏବେ ରଥର ସମୁଦାୟ ୪୨ ଟି ଚକ ଓ ୨୧ଟି ଅଖ କାର୍ଯ୍ୟ ଜୋର ସୋରରେ ଆରମ୍ଭ କରାଯାଇଛି । ଏହାଛଡ଼ା ତିଆରି ସରିଥିବା ସମସ୍ତ ୪୨ଟି ତୁମ୍ବରେ ଅର ଓ ପହି ଯୋଡ଼ିବା କାର୍ଯ୍ୟ ମଧ୍ୟ ସଂପନ୍ନ କରାଯିବ ।

ଆସନ୍ତା ଶୀତଳ ଷଷ୍ଠୀ ପରଦିନ ୩ଟି ଯାକ ରଥର ସମସ୍ତ ୪୨ ଟି ଚକ ସଂପନ୍ନ କରାଯିବାର ବିଧି ରହିଛି । ଏଣୁ ଏହାକୁ ଦୃଷ୍ଟିରେ ରଖି ୩ ରଥର ସମସ୍ତ ମହାରଣା ମାନେ ଚକ ଓ ଅଖ ପ୍ରସ୍ତୁତ କରୁଥିବା କହିଛନ୍ତି । ସୂଚନା ଯୋଗ୍ୟ ଯେ ଭଉଁରୀ ତିଥିରେ ଚକାଡେରା ନୀତି ପରେ ପରମ୍ପରା ପ୍ରକାରେ ରଥ ଖଳାରେ ନିର୍ମାଣ କାର୍ଯ୍ୟ ବନ୍ଦ ରହିଥାଏ । ଆଜି ମଧ୍ୟାହ୍ନ ବିରତି ପର୍ଯ୍ୟନ୍ତ ରଥ ଖଳାରେ ତିନି ରଥର ନିର୍ମାଣକାରୀ ସେବକମାନେ ରଥ ନିର୍ମାଣ କାର୍ଯ୍ୟ ଜାରୀ ରଖିଥିଲେ । କାର୍ଯ୍ୟ ଶେଷ ବେଳକୁ ଆଜିସୁଦ୍ଧା ତିନି ରଥର ମୋଟ ୨୬ଟି ଚକ ନିର୍ମାଣ ଶେଷ ହୋଇଛି ।

### ମୋଦୀଙ୍କ ଫୋକସରେ ...

ଏବଂ ପୁନର୍ବାସ ବିଷୟରେ ଅଧିକ ଚିନ୍ତା ପ୍ରକାଶ କରିଛନ୍ତି । ସେହିପରି ତେଲେଙ୍ଗାନା ମଧ୍ୟ ନିଜ ସ୍ୱାର୍ଥ ହାନି କଥା କହିଆସୁଛି । ଏପ୍ରକାର ଆଶଙ୍କା କାରଣରୁ ଆନ୍ଧ୍ର ସରକାରଙ୍କ ଏହି ପ୍ରକଳ୍ପକୁ ଯଥେଷ୍ଟ ବିରୋଧର ସମ୍ମୁଖୀନ ହେବାକୁ ପଡ଼ିଛି । ସରକାରୀ ସ୍ତରରେ ଅନେକ ଆଲୋଚନା ସତ୍ତ୍ୱେ, କୌଣସି ସମାଧାନ ହୋଇପାରିନାହିଁ ଏବଂ ତିନୋଟି ରାଜ୍ୟ ଦ୍ୱାରା ଦାଖଲ କରାଯାଇଥିବା ଆବେଦନଗୁଡ଼ିକ ସୁପ୍ରିମକୋର୍ଟରେ ବିଚାରାଧୀନ ଅଛି । ତେବେ ଏହି ପ୍ରକଳ୍ପକୁ ନେଇ ରହିଥିବା ଆଶଙ୍କା ତଥା ସମସ୍ୟାର ସମାଧାନ ନେଇ ଆଲୋଚନା କରିବା ଉଦ୍ଦେଶ୍ୟରେ ପ୍ରଧାନମନ୍ତ୍ରୀ ଏହି ବୈଠକ ଡକାଇଛନ୍ତି ।

### ସମସ୍ତଙ୍କୁ ସମାନ ପେନସନ୍ ...

ଖଣ୍ଡପୀଠ କହିଛନ୍ତି ଯେ, ପେନ୍‌ସନ୍ ପ୍ରସଙ୍ଗରେ ବିଚାରପତିମାନେ ବାରରୁ ପଦୋନ୍ନତି କିମ୍ବା ଅଧସ୍ତନ ନ୍ୟାୟାଳୟରୁ ପଦୋନ୍ନତି ପାଇ ଆସିଛନ୍ତି ବା ନିଯୁକ୍ତି ପାଇଛନ୍ତି ସେସବୁ ପାର୍ଥକ୍ୟକୁ ଦେଖାଯିବ ନାହିଁ । ସମସ୍ତ ବିଚାରପତିଙ୍କ ଲାଗି ଗୋଟିଏ ନିୟମରେ ସମସ୍ତେ ସମାନ ପେନସନ ଲାଭ ପାଇବାକୁ ହକଦାର ହୋଇପାରିବେ । ଏହାସହିତ ପରିବାର ପେନସନ ଏବଂ ବିଧବା ଭତ୍ତା ଅବସରପ୍ରାପ୍ତ ଅତିରିକ୍ତ ବିଚାରପତିଙ୍କ ପରିବାର ପାଇଁ ମଧ୍ୟ ପ୍ରଯୁଜ୍ୟ ହେବ । ଖଣ୍ଡପୀଠଙ୍କ କହିବାନୁସାରେ ବିଚାରପତିଙ୍କ ନିଯୁକ୍ତି ପଦ୍ଧତି ଆଧାରରେ ବିଚାରପତିମାନଙ୍କ ମଧ୍ୟରେ ଅବସର ପରବର୍ତ୍ତୀ ସୁବିଧାରେ ପାର୍ଥକ୍ୟ କରିବା ସମ୍ବିଧାନର ଧାରା ୧୪ ସମାନତାର ଅଧିକାରକୁ ଉଲ୍ଲଂଘନ କରିବା ସଦୃଶ ହେବ । ଏତଦ୍‌ବ୍ୟତୀତ ଅବସର ପରେ ଟର୍ମିନାଲ୍ ସୁବିଧା ପାଇଁ ବିଚାରପତିମାନଙ୍କ ମଧ୍ୟରେ ଯେକୌଣସି ପ୍ରକାରର ପାର୍ଥକ୍ୟ ରହିବ ନାହିଁ । ଜଣେ ବିଚାରପତି ଜିଲ୍ଲା ନ୍ୟାୟାଳୟରୁ ପଦୋନ୍ନତି ପାଇଛନ୍ତି କି ବାରରୁ ଉନ୍ନୀତ ହୋଇଛନ୍ତି ତାହା ଉପରେ କୌଣସି ପାର୍ଥକ୍ୟ କରାଯାଇପାରିବ ନାହିଁ ବୋଲି ସୁପ୍ରିମକୋର୍ଟ ପକ୍ଷରୁ ସ୍ପଷ୍ଟ କରାଯାଇଛି । ଅବସରପ୍ରାପ୍ତ ସ୍ଥାୟୀ ହାଇକୋର୍ଟ ବିଚାରପତିଙ୍କ ପରିବାର ପରି, ଅବସରପ୍ରାପ୍ତ ଅତିରିକ୍ତ ହାଇକୋର୍ଟ ବିଚାରପତିଙ୍କ ପରିବାରକୁ ମଧ୍ୟ ପାରିବାରିକ ପେନସନ ଏବଂ ବିଧବା ଭତ୍ତା ପ୍ରଦାନ କରାଯିବ ।

### ଏକସଙ୍ଗେ ଆସୁଛି ଦୁଇଟି ...

ଆସନ୍ତକାଲି ୭ ଜିଲ୍ଲାକୁ ଅରେଞ୍ଜ ୱାର୍ଣ୍ଣିଂ ଜାରି କରିଛି । ବାଲେଶ୍ୱର, ମୟୂରଭଞ୍ଜ, କେନ୍ଦୁଝରଗଡ଼, ଭଦ୍ରକ, ମାଲକାନଗିରି, କୋରାପୁଟ, ରାୟଗଡ଼ା ଓ ଗଜପତି ଜିଲ୍ଲାରେ ଘଡ଼ଘଡ଼ି, ବିଜୁଳି ସହ ଘଣ୍ଟାପ୍ରତି ୪୦ରୁ ୫୦ କିଲୋମିଟର ବେଗରେ ପବନ ବୋହିବାର ସମ୍ଭାବନା ରହିଛି । ଆସନ୍ତା ୨୩ ତାରିଖ ପର୍ଯ୍ୟନ୍ତ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି ।

୨୧ ତାରିଖରେ ମୟୂରଭଞ୍ଜ, କେନ୍ଦୁଝର, ମାଲକାନଗିରି, କୋରାପୁଟ, ରାୟଗଡ଼ା, ନବରଙ୍ଗପୁର, ଗଞ୍ଜାମ ଓ ଗଜପତି ଜିଲ୍ଲାର ଅନେକ ସ୍ଥାନରେ ବିଜୁଳି ଘଡ଼ଘଡ଼ି ସହ ଝଟକା ପବନର ବେଗ ୪୦-୫୦ କିଲୋମିଟର ରହିବ । ଏସବୁ ଜିଲ୍ଲାକୁ ଅରେଞ୍ଜ ଆଲର୍ଟ ଭିତରେ ରଖାଯାଇଛି । ସେହିପରି ବାଲେଶ୍ୱର, ଭଦ୍ରକ, ଜଗତସିଂହପୁର, ପୁରୀ, ଖୋର୍ଦ୍ଧା, ନୟାଗଡ଼, ସୋନପୁର, ବୌଦ୍ଧ, ନୂଆପଡା, ସୁନ୍ଦରଗଡ଼, ବଲାଙ୍ଗୀର, କଳାହାଣ୍ଡି, କନ୍ଧମାଳ, ମୟୂରଭଞ୍ଜ, କେନ୍ଦୁଝର, ମାଲକାନଗିରି ଓ ନବରଙ୍ଗପୁର ଜିଲ୍ଲାରେ ବିଜୁଳି ଘଡଘଡି ସହ ଝଟକା ପବନର ବେଗ ୩୦-୪୦ କିଲୋମିଟର ପ୍ରତି ଘଣ୍ଟା ହେବାର ସମ୍ଭାବନାକୁ ନେଇ ୟେଲୋ ୱାର୍ଣ୍ଣିଂ ଜାରି କରିଛି ପାଣିପାଗ ବିଭାଗ ।୨୨ ତାରିଖରେ ମୟୂରଭଞ୍ଜ, କେନ୍ଦୁଝର, ମାଲକାନଗିରି, କୋରାପୁଟ, ରାୟଗଡ଼ା, କନ୍ଧମାଳ ଓ ଗଜପତି ଜିଲ୍ଲାକୁ ଅରେଞ୍ଜ ୱାର୍ଣ୍ଣିଂ ଜାରି ହୋଇଛି । ସେହିପରି ସୁନ୍ଦରଗଡ଼, ଝାରସୁଗୁଡା, ବରଗଡ଼, ସମ୍ବଲପୁର, ଦେବଗଡ଼, ଅନୁଗୁଳ, ଢେଙ୍କାନାଳ, ସୋନପୁର, ବୌଦ୍ଧ, ନୂଆପଡ଼ା, ବଲାଙ୍ଗୀର, କଳାହାଣ୍ଡି ଓ ନବରଙ୍ଗପୁର ଜିଲ୍ଲାକୁ ବିଜୁଳି ଘଡ଼ଘଡ଼ି ସହ ଝଟକା ପବନର ବେଗ ୩୦-୪୦ କିଲୋମିଟର ପାଇଁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି । ଗତ ୨୪ ଘଣ୍ଟାରେ କିଛି ସ୍ଥାନରେ ବର୍ଷା ହୋଇଥିବା ବେଳେ ସମ୍ବଲପୁର ବାମରାରେ ସର୍ବାଧିକ ୫୮.୮ ମିମି ବର୍ଷା ରେକଡ଼ କରାଯାଇଛି । ସେହିପରି ସମ୍ବଲପୁରରେ ସର୍ବାଧିକ ତାପମାତ୍ରା ୪୦.୬ ଡିଗଗ୍ରୀ ସେଲସିୟସ ରେକର୍ଡ଼ କରାଯାଇଥିବା ବେଳେ ବଲାଙ୍ଗୀରରେ ୪୦.୨ ଡ଼ିଗ୍ରୀ ତାପମାତ୍ରା ରହିଥିଲା । ଏହି ଦୁଇ ଜିଲ୍ଲା ବ୍ୟତୀତ ଅନ୍ୟ ଜିଲ୍ଲାରେ ୪୦ ତଳକୁ ପାରଦ ରହିଥିଲା । ସର୍ବାଧିକ ତାପମାତ୍ରା ସହିତ ସର୍ବାଧିକ ବର୍ଷା ବି ସମ୍ବଲପୁରରେ ୫୮ ମିଲିମିଟର ରେକର୍ଡ଼ କରଯାଇଛି ।

### ଆଉ ୨ ପାକ୍ ଗୁପ୍ତଚର ...

ଗୁପ୍ତ ଆଇନ, ୧୯୨୩ ଏବଂ ଦେଶଦ୍ରୋହ ଧାରା ଅନୁଯାୟୀ ମାମଲା ରୁଜୁ କରିଛି ।

ସେହିପରି ଉତ୍ତର ପ୍ରଦେଶ ଏଟିଏସ ପକ୍ଷରୁ ରାମପୁର ବାସିନ୍ଦା ସାହଜାଦକୁ ମୋରାଦାବାଦରରୁ ଗିରଫ କରିଛି । ସେ ଗତ କିଛି ବର୍ଷ ଧରି ପାକିସ୍ତାନ ଯିବାଆସିବା କରୁଥିଲା ଏବଂ ଆଇଏସ୍‌ଆଇକୁ ସୁରକ୍ଷା ସମ୍ବନ୍ଧୀୟ ଗୁପ୍ତ ସୂଚନା ଦେଇଥିବା ସନ୍ଦେହ କରାଯାଉଛି । ଅଭିଯୁକ୍ତ ମୋରାଦାବାଦରରୁ ଗିରଫ ହୋଇଥିବା ସାହଜାଦ ସୀମାପାର ଚୋରା ଚାଲାଣରେ ଜଡିତ ଥିବା ସୂଚନା ମିଳିଛି ।

## ପୁରୀରେ ପବିତ୍ର ଭଉଁରୀ ଯାତ୍ରା

# ନରେନ୍ଦ୍ର ପୁଷ୍କରିଣୀରେ ଭଉଁରୀ ଖେଳିଲେ ମହାପ୍ରଭୁ



**ପୁରୀ,୧୯।୫/ଏନ୍‌ଏନ୍‌ଏସ୍:** ଆଜି ମହାପ୍ରଭୁଙ୍କ ଭଉଁରୀ ଯାତ୍ରା ଅବସରରେ ଶ୍ରୀକ୍ଷେତ୍ରରେ ସମ୍ପନ୍ନ ହୋଇଛି ତିନି ରଥର ଚକ ଅଖ ଡେରା ନୀତି । ଆଜି ମହାପ୍ରଭୁଙ୍କ ବାହାର ଚନ୍ଦନ ଯାତ୍ରାର ଅନ୍ତିମ ଦିନ ଅର୍ଥାତ ପବିତ୍ର ଭଉଁରୀ ଯାତ୍ରାରେ ମହାପ୍ରଭୁଙ୍କ ଚଳନ୍ତି ପ୍ରତିମା ଭୂଦେବୀ, ଶ୍ରୀଦେବୀ, ରାମକୃଷ୍ଣ ଓ ମଦନମୋହନ ଓ ପଞ୍ଚ ମହାଦେବ ନରେନ୍ଦ୍ର ପୁଷ୍କରିଣୀରେ ୨୧ ଘେରା ଜଳକ୍ରୀଡା କରିଥିଲେ । ଅପରାହ୍ନ ୫ଟା ୫୫ ମିନିଟ ସମୟରେ ଦେଉଳରୁ ବିମାନ ବାହାରି ଏକ ବିରାଟ ତଥା ବର୍ଣ୍ଣାଢ୍ୟ ଶୋଭାଯାତ୍ରାରେ ଶ୍ରୀମନ୍ଦିରରୁ ମହାପ୍ରଭୁ ମଣିବିମାନରେ ବାହାରି ନରେନ୍ଦ୍ର ପୁଷ୍କରିଣୀ ଅଭିମୁଖେ ଯାତ୍ରା କରିଥିଲେ । ଅନ୍ୟପଟେ ଭଉଁରୀ ଯାତ୍ରାରେ ଅତ୍ୟଧିକ ଭକ୍ତଙ୍କ ସମାଗମକୁ ଦୃଷ୍ଟିରେ ରଖି ପୋଲିସ ପ୍ରଶାସନ ପକ୍ଷରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଥିଲା । ଆଜି ହେଉଛି ପବିତ୍ର ଭଉଁରୀ ତିଥି, ଆଜି ଭ୍ରମିଲେ ଶ୍ରୀ ଜଗନ୍ନାଥ । ସାରା ଜଗତକୁ ଭ୍ରମରେ ପକାଉଥିବା ଦେବତା ଆଜି ଭଉଁରୀ ଭଳିଆ ଭ୍ରମିଲେ । ଅକ୍ଷୟ ତୃତୀୟା ଠାରୁ ମହାପ୍ରଭୁଙ୍କ ୨୧ ଦିନିଆ ବାହାର ଚନ୍ଦନ ଯାତ୍ରା ଆରମ୍ଭ ହୋଇଥିଲା । ଶ୍ରୀ ମଦନମୋହନ, ଶ୍ରୀଦେବୀ, ଭୂଦେବୀ, ରାମ କୃଷ୍ଣ ଏବଂ ପଞ୍ଚ ମହାଦେବ ନରେନ୍ଦ୍ର ପୁଷ୍କରିଣୀରେ ନନ୍ଦା ଓ ଭଦ୍ରା ଚାପରେ ପ୍ରତ୍ୟହ ଜଳକ୍ରୀଡ଼ା କରିଥାନ୍ତି । ସୂଚନା ଥାଉ ଯେ, ଚନ୍ଦନ ଯାତ୍ରାର ୨୦ ତମ ଦିବସରେ ଭଉଁରି ଯାତ ଅନୁଷ୍ଠିତ ହୋଇଥାଏ । ବାହାର ଚନ୍ଦନ ଯାତ୍ରାରେ ପ୍ରତ୍ୟହ ଦିନ ଚାପରେ ଗୋଟିଏ ଘେରା ଓ ରାତ୍ର ଚାପରେ ୩ ଘେରା ପରିକ୍ରମା କରିଥାନ୍ତି । କିନ୍ତୁ ଭଉଁରୀ ତିଥିରେ ରାତ୍ର ଚାପରେ ଠାକୁର ନରେନ୍ଦ୍ର ପୁଷ୍କରିଣୀରେ ୨୧ ଘେରା ନୌବିହାର କରିଥାନ୍ତି ଏବଂ ୨୧ତମ ଦିନରେ ମହାପ୍ରଭୁଙ୍କ ହଳଦୀ ପାଣି ନୀତି ସମ୍ପନ୍ନ ହୁଏ । ଜଗନ୍ନାଥ ମହାପ୍ରଭୁଙ୍କ ବିଜେ ପ୍ରତିମା ଶ୍ରୀ ମଦନମୋହନଙ୍କ ପାଖରେ ଦୁଇ ପତ୍ନୀ ମା ଭଗବତୀ କୃପାମୟି ସୌଭାଗ୍ୟ ମୟୀ ମା ଲକ୍ଷ୍ମୀ ଠାକୁରାଣୀ ଏବଂ ମା ଭୂଦେବୀ ଙ୍କୁ ସଙ୍ଗରେ ଧରି ମଣିବିମାନରେ ବିଜେ ହୋଇ ଶ୍ରୀମନ୍ଦିରରୁ ନରେନ୍ଦ୍ର ପୁଷ୍କରିଣି ବା ଚନ୍ଦନ ପୁଷ୍କରିଣୀ ଅଭିମୁଖେ ଯାତ୍ରା କରିଥିଲେ । ତାଙ୍କ ସାଙ୍ଗେ ବଳରାମ ଏବଂ କୃଷ୍ଣ ପାଲିଙ୍କିରେ ଶୟନ ଅବସ୍ଥାରେ ଝୁଲି ଝୁଲି ଯାତ୍ରା କରିଥିଲେ । ଶ୍ରୀକ୍ଷେତ୍ରର ପଞ୍ଚପାଣ୍ଡବ ଶ୍ରୀମାର୍କଣ୍ଡେଶ୍ୱର, ଶ୍ରୀନୀଳକଣ୍ଠେଶ୍ୱର, ଶ୍ରୀଜମ୍ବେଶ୍ୱର, ଶ୍ରୀକପାଳମୋଚନ ଓ ଶ୍ରୀଲୋକନାଥ ମଧ୍ୟ ଏହି ଯାତ୍ରାରେ ଗମନ କରିଥିଲେ । ଚନ୍ଦନ ପୁଷ୍କରିଣୀରେ ମହାପ୍ରଭୁ ଓ ପଞ୍ଚୁପାଣ୍ଡବ ପହଞ୍ଚିଲା ପରେ ଚନ୍ଦନ କୁଣ୍ଡରେ ପଶିବା ପୂର୍ବରୁ ଭଉଁରୀ ବୁଲିଥିଲେ । ଅର୍ଥାତ ଗଜପତି କପିଳେନ୍ଦ୍ରଦେବଙ୍କ ସାନ ଭାଇ ନରେନ୍ଦ୍ର ଦେବଙ୍କ ସ୍ମୃତିର ଯୋଉ ନରେନ୍ଦ୍ର ପୁଷ୍କରିଣୀ ଖୋଦିତ ହେଇଛି ଯାହା ଦେହରେ ଚନ୍ଦନ ଯାତ୍ରା ପ୍ରଭୁଙ୍କର ଆନୁଷ୍ଠିତ ହେଉଛି ତା'ର ଚାରିକୋଣରେ ସମୁଦାୟ ୮୪ ଘେରା ଭଗବାନ ବୁଲିଥିଲେ ।

## ପୁରୀରେ ପରାକ୍ରମ ଶୋଭାଯାତ୍ରା

# ତ୍ରିରଙ୍ଗା ଧରି ଦେଶପ୍ରେମର ବାର୍ତ୍ତା ବାଣ୍ଟିଲେ ହଜାର ହଜାର ଜନତା



**ପୁରୀ,୧୯।୫/ଏନ୍‌ଏନ୍‌ଏସ୍:** ଆମେ ଏକ । ଆମ ଦେଶର ସୁରକ୍ଷାରେ ଆମେ ସମସ୍ତେ ଜଣେ ଜଣେ ସିପାହୀ । ଚୁଟ୍‌କି ସିନ୍ଦୂରର ମୂଲ୍ୟ କ'ଣ ହୋଇପାରେ ତାହା ପାକିସ୍ତାନକୁ ଜବାବ ଦିଆଯାଇଛି । ଦେଶ ମାତୃକାର ସେବାରେ ଦିନ ରାତି ଲାଗିଥିବା ଓ ଅପରେସନ ସିନ୍ଦୂରରେ ନିୟୋଜିତ ସେନାକୁ ଦେଶର ୧୪୦କୋଟି ଜନତା ଧନ୍ୟବାଦ ଦେଉଛୁ ବୋଲି କହିଛନ୍ତି ଉପ ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା । ଅପରେସନ ସିନ୍ଦୁରର ସଫଳତା ଓ ଭାରତୀୟ ସେନାବାହିନୀର ଦକ୍ଷତାକୁ ସମ୍ମାନ ଜଣାଇ ଆଜି ପୁରୀ ଶ୍ରୀଗୁଣ୍ଡିଚା ମନ୍ଦିର ମୁକ୍ତାକାଶ ରଙ୍ଗ ମଞ୍ଚଠାରୁ ପରାକ୍ରମ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା । ଏହାକୁ ଉଦ୍‌ଘାଟନ କରି ଉପ ମୁଖ୍ୟମନ୍ତ୍ରୀ ଶ୍ରୀମତି ପରିଡା ଆମ ସେନାର ପରାକ୍ରମ ସମଗ୍ର ବିଶ୍ୱ ଦେଖି ଆଚମ୍ବିତ ହୋଇଛି । ଏହା ଏକ ଐତିହାସିକ ସଫଳତା । ପ୍ରଧାନମନ୍ତ୍ରୀ ଙ୍କ ନେତୃତ୍ୱରେ ଆମ ଶତ୍ରୁ ଦେଶକୁ ସେନା ପରାସ୍ତ କରିଛି । ତେଣୁ ଆମେ ପ୍ରତ୍ୟେକ ଭାରତବାସୀ ଏଥିପାଇଁ ଗର୍ବ ଅନୁଭବ କରିବା । ଆମ ସେନାକୁ କୃତଜ୍ଞତା ଓ ଧନ୍ୟବାଦ ଜଣାଇବା ଆମ ସମସ୍ତଙ୍କ କର୍ତ୍ତବ୍ୟ ବୋଲି ସେ କହିଥିଲେ । ପୁରୀ ଲୋକସଭା ସାଂସଦ ଡା ସମ୍ବିତ ପାତ୍ର, ପିପିଲି ବିଧାୟକ ଆଶ୍ରିତ ପଟ୍ଟନାୟକ, ଡା ଦେବେନ୍ଦ୍ର ତରାଇ ପ୍ରମୁଖ ଆମ ସେନା ମାଧ୍ୟମର ଏହି ବିପୁଳ ବିଜୟ ବିଶ୍ୱ ରେ ଆଲୋଡନ ସୃଷ୍ଟି ସହ ଆମେ ଯେ କେତେ ପରାକ୍ରମୀ ତାହାର ପ୍ରମାଣ ମିଳିଛି ବୋଲି କହିଥିଲେ ।ଆତଙ୍କୀ ଆକ୍ରମଣ ର ସଠିକ ଜବାବ ଦେଇ ଭାରତ ଉପଯୁକ୍ତ ପ୍ରତିଶୋଧ ନେଇ ପାରିଛି ବୋଲି ସେମାନେ କହିଥିଲେ । ଏହି ଶୋଭାଯାତ୍ରା ମରିଚକୋଟ ଛକ ପର୍ଯ୍ୟନ୍ତ ଯାଇଥିଲା । ପରେ ଅତିଥି ମାନେ ସିଂହଦ୍ୱାର ସମ୍ମୁଖରେ ଦୀପଦାନ କରି ସେନା ମନୋବଳ ବୃଦ୍ଧି ପାଇଁ ପ୍ରାର୍ଥନା କରିଥିଲେ । ଭାରତୀୟ ସେନାର ଅଦମ୍ୟ ସାହସକୁ ସମ୍ମାନ ଜଣାଇ ଜିଲ୍ଲା ପ୍ରଶାସନ ପକ୍ଷରୁ ଆୟୋଜିତ ପରାକ୍ରମ ଶୋଭାଯାତ୍ରାରେ ସମାଜର ସବୁ ବର୍ଗର ନାଗରିକଙ୍କ ସହ ପ୍ରଶାସନିକ ଅଧିକାରୀ, ପୁଲିସ ବାହିନୀ, ଏନସିସି କ୍ୟାଡ଼େଟ୍, ଅଗ୍ନିଶମ କର୍ମଚାରୀ, ଶିକ୍ଷକ, ମହିଳା, ଛାତ୍ରଛାତ୍ରୀ, କ୍ରୀଡ଼ାବିତ, ଗଣମାଧ୍ୟମ, ମିଶନ ଶକ୍ତି ମା ମାନେ ଓ ବୁଦ୍ଧିଜୀବୀ ସାମିଲ ହୋଇଥିଲେ । ଜାମ୍ମୁ କାଶ୍ମୀରର ପହେଲଗାଓଁ ଠାରେ ହୋଇଥିବା ଆତଙ୍କବାଦୀ ଘଟଣା ପ୍ରତିବଦଳରେ ଅପରେସନ ସିନ୍ଦୁରର ସଫଳତା, ଦେଶର ସୀମା ସୁରକ୍ଷା ଦାୟିତ୍ୱରେ ଥିବା ସେନାକୁ ଧନ୍ୟବାଦ ଜଣାଇ ସେମାନଙ୍କ ମନୋବଳ ବୃଦ୍ଧି ପାଇଁ ଏହି ଶୋଭାଯାତ୍ରା ଆୟୋଜିତ ହୋଇଥିଲା । ଏହି ଅବସରରେ ଜିଲ୍ଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ, ଏସପି ବିନୀତ ଅଗ୍ରୱାଲ, ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ଶରତ ଚନ୍ଦ୍ର ବେହେରା, ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ ଡ. ଶରତ ଚନ୍ଦ୍ର ମହାପାତ୍ର, ଅତିରିକ୍ତ ଜିଲ୍ଲାପାଳ ପ୍ରୋଟୋକଲ ନିଳମାଧବ ଭୋଇ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରିୟରଞ୍ଜନ ପୃଷ୍ଟି, ପୌର ନିର୍ବାହୀ ଅଧିକାରୀ ଅଭିମନ୍ୟୁ ବେହେରା, ଉପ ଜିଲ୍ଲାପାଳ ରାଜ କିଶୋର ଜେନା, ଲୋକ ପ୍ରତିନିଧି, ଅନ୍ୟାନ୍ୟ ଅଧିକାରୀ, ସମାଜ କଲ୍ୟାଣ ଅଧିକାରୀ ତନୁପ୍ରଭା ବେଉରା ପ୍ରମୁଖ ଉପସ୍ଥିତ ଥିଲେ । ବହୁ ସଂଖ୍ୟାରେ ଜନସାଧାରଣ ଉତ୍ସାହର ସହ ହାତରେ ତ୍ରିରଙ୍ଗା ଧରି ଏହି ଶୋଭାଯାତ୍ରରେ ସାମିଲ ହୋଇଥିଲେ । ସୂଚନା ଓ ଲୋକସମ୍ପର୍କ ଉପ ନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ ମଞ୍ଚ ପରିଚାଳନା କରିଥିଲେ ।

# ବିଂଶତମ ସଂକୀର୍ତ୍ତନ ଅଧିବେଶନ

**ପୁରୀ,୧୯।୫/ଏନ୍‌ଏନ୍‌ଏସ୍:** ନିୟମିତ ସଂକୀର୍ତ୍ତନ ମନ, ଶରୀର ଓ ହୃଦୟକୁ ଅମୃତମୟ କରେ । ଏହା ମଣିଷ ଭିତରେ ଆଧ୍ୟାତ୍ମିକତା ଓ ଏକାଗ୍ରତା ସୃଷ୍ଟି କରିବା ସହ ମଣିଷକୁ ସୁସ୍ଥ -ସତେଜ ରଖେ ବୋଲି କହିଛନ୍ତି ଗଜପତି ଦିବ୍ୟସିଂହ ଦେବ । ପୁରୀ ଗୋପବନ୍ଧୁ ଆୟୁର୍ବେଦ ମହାବିଦ୍ୟାଳୟ ସମ୍ମିଳନୀ କକ୍ଷରେ ଭାରତୀୟ ପ୍ରଶାସନିକ ସେବା ର ପ୍ରାକ୍ତନ ଜିଲ୍ଲାପାଳ ଦିଗମ୍ବର ମହାନ୍ତିଙ୍କ ଅଧ୍ୟକ୍ଷତା ଓ ଓଡ଼ିଶା ର ବିଶିଷ୍ଟ ସଂଗଠକ ଜଟାଧାରୀ ମିଶ୍ରଙ୍କ ପରିଚାଳନା ରେ ଅନୁଷ୍ଠିତ ଶ୍ରୀଜଗନ୍ନାଥ ସଂସ୍କୃତି ସଂକୀର୍ତ୍ତନ ସେବା ବିକାଶ ପରିଷଦର ବିଂଶତମ ଅଧିବେଶନକୁ ଉଦ୍‌ଘାଟନ କରି ଗଜପତି କହିଥିଲେ ଯେ ନାମ ସଂକୀର୍ତ୍ତନ ସହ ଗାଁ ଗାଁ ରେ ଭାଗବତ ଟୁଙ୍ଗିର ପୁନରୁଦ୍ଧାର ଆମର ସଂକଳ୍ପ ହେଉ । ସେ କହିଥିଲେ ଯେ ସନାତନ ଓ ବୈଦିକ ସଂସ୍କୃତି ରେ ନାମ ସଂକୀର୍ତ୍ତନ ଅଭିନ୍ନ ଅଙ୍ଗ । ଆଧ୍ୟାତ୍ମିକ ସଂସ୍କୃତି ହିଁ ଉତ୍କଳୀୟ ଓ ଜଗନ୍ନାଥ ସଂସ୍କୃତି । ଏକ ଶୃଙ୍ଖଳିତ ସମାଜ ଓ ପରିବାର ଗଠନ ସହ ଜୀବନର ପରିବର୍ତ୍ତନ ପାଇଁ ଠାକୁରଙ୍କ ନାମ ସ୍ମରଣ, ଶ୍ରବଣ ଓ ମନନ ଆମର ଧ୍ୟେୟ ହେଉ । ଏଥିରେ ଅନ୍ୟମାନଙ୍କ ମଧ୍ୟରେ ଝାଞ୍ଜପିଟା ମଠ ମହନ୍ତ ବାବା ସଚ୍ଚିଦାନନ୍ଦ ଦାସ, ଗୋପବନ୍ଧୁ ଆୟୁର୍ବେଦ ମହାବିଦ୍ୟାଳୟ ର ଅଧ୍ୟକ୍ଷ ଅରୁଣ କୁମାର ଦାସ ଓ ଭାଗବତ ଆଶ୍ରମର ବାବା ବ୍ରଜବନ୍ଧୁ ଦାସ ବିଶିଷ୍ଟ ଅତିଥି ଭାବେ ଯୋଗଦେଇ ଶୃଙ୍ଖଳିତ ସମାଜ ଓ ଜୀବନ ପାଇଁ ସଂକୀର୍ତ୍ତନର



ଉପାଦେୟତା ଉପରେ ମନ୍ତବ୍ୟ ରଖିଥିଲେ । ମହାଅଧିବେଶନର ଦ୍ୱିତୀୟ ସୋପାନରେ ଡ୍ରିମସ୍‌ର ପ୍ରଫେସର ଅର୍ପିତା ପ୍ରିୟଦର୍ଶିନୀ, ନୟାଗଡ଼ ହସ୍ପିଟାଲର ଚିକିତ୍ସା ଅଧିକାରୀ ଆଶୁତୋଷ ମିଶ୍ର, ପୁରୀ ଜଗନ୍ନାଥ ମେଡ଼ିକାଲ ଓ କଲେଜର ସର୍ଜରୀ ବିଭାଗ ମୁଖ୍ୟ ଶ୍ରୀକାନ୍ତ ପଣ୍ଡା, ପାରାଦୀପ ମହାବିଦ୍ୟାଳୟର ପ୍ରାକ୍ତନ ଅଧ୍ୟକ୍ଷ ସୁରେନ୍ଦ୍ର ମୋହନ ମିଶ୍ର, ପୁରୀର ବିଶିଷ୍ଟ ଚିକିତ୍ସକ ଡାକ୍ତର ନରହରି ମିଶ୍ର ଅତିଥି ଭାବେ ଯୋଗଦେଇ ସୁସ୍ଥ ଶରୀର ଗଠନରେ ସଂକୀର୍ତ୍ତନ ର ଆବଶ୍ୟକତା ଉପରେ ଆଲୋକପାତ କରିଥିଲେ । ଏହି କାର୍ଯ୍ୟକ୍ରମକୁ ଶିକ୍ଷାବିତ୍ ଡକ୍ଟର କୈଳାଶ ଚନ୍ଦ୍ର ଟିକାୟତରାୟ, ଡକ୍ଟର ଦିପ୍ତିରେଖା ପାଢୀ ଓ ଡାକ୍ତର ଦେବପ୍ରସାଦ ଦାଶ ସଂଯୋଜନା କରିଥିଲାବେଳେ ପରିଚାଳନା ରେ ସହଯୋଗ କରିଥିଲେ ପ୍ରଫୁଲ୍ଲ କୁମାର ସାମନ୍ତରା, ଚକ୍ରଧର ମହାପାତ୍ର, ପ୍ରଭାକର ତ୍ରିପାଠୀ ଓ ଦେବଦତ୍ତ ଷଡ଼ଙ୍ଗୀ । ଏହି ଅବସରରେ ପରିଷଦର ମୁଖପତ୍ରକୁ ଗଜପତି ଉନ୍ମୋଚନ କରିଥିଲେ । ଏହି ମହାଅଧିବେଶନରେ ସଂଗୀତ ନାଟକ ଏକାଡ଼େମୀ ସଦସ୍ୟ ତଥା ଶ୍ରୀଜଗନ୍ନାଥ ଧର୍ମ ସଂସ୍କୃତି ସୁରକ୍ଷା ସଂଗଠନ ଓଡ଼ିଶା ର ରାଜ୍ୟ ସଭାପତି ଡକ୍ଟର ବଦ୍ରି ମିଶ୍ର, ଗବେଷକ ପୂର୍ଣଚନ୍ଦ୍ର ଗୋଛିକାର, କବି ଦାମୋଦର ପରିଡା, ସମାଜସେବୀ ଅଜୟ ପ୍ରଧାନଙ୍କ ସମେତ ରାଜ୍ୟର ବିଭିନ୍ନ ଜିଲ୍ଲାର ଆସିଥିବା ଏକହଜାରରୁ ଉର୍ଦ୍ଧ୍ୱ ସଂକୀର୍ତ୍ତନକାରୀ, ଶିକ୍ଷାବିତ୍, ଗବେଷକ ସାମିଲ୍ ହୋଇଥିଲେ । ଏହି ପରିପ୍ରେକ୍ଷୀରେ ସଂକୀର୍ତ୍ତନ କଳାକାରଙ୍କୁ ଲୋକକଳା କଳାକାର ଭାବେ ଗ୍ରହଣ କରି ସରକାର, କଳାକାର ଭତ୍ତା ପ୍ରଦାନ କରିଥିବାରୁ ସରକାରଙ୍କ ପାଖରେ କୃତଜ୍ଞତା ଜ୍ଞାପନ କରିବା ସହ ଏହି ଭତ୍ତାର ପରିମାଣ ପାଞ୍ଚହଜାର କରିବାକୁ ଦାବି ରଖିବା ସହିତ ଶ୍ରୀମନ୍ଦିର ପ୍ରଶାସନ ସଂକୀର୍ତ୍ତନ ଦଳ ପାଇଁ ଦୁଇଟି ଗୃହ ଯୋଗାଇବାକୁ ନିବେଦନ ରଖିଥିଲେ ।

### ଲୋକଙ୍କ ସହ ଅଛନ୍ତି ...

ଅପେକ୍ଷା କରିଥିବା ଭିନ୍ନକ୍ଷମ ଓ ଦୁରାରୋଗ୍ୟରେ ପୀଡ଼ିତ ଲୋକମାନଙ୍କୁ ଭେଟି ସେମାନଙ୍କ ସମସ୍ୟା ଶୁଣିଥିଲେ । ସିଙ୍ଗିଲ୍ ୱିଣ୍ଡୋ ସିଷ୍ଟମରେ ଅସାଧ ଓ ଦୁରାରୋଗ୍ୟରେ ପୀଡ଼ିତ ବ୍ୟକ୍ତିଙ୍କୁ ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠିରୁ ତୁରନ୍ତ ଚିକିତ୍ସା ସହାୟତା ଯୋଗାଇ ଦିଆଯାଇଛି । ଆଜି ଏହି ସିଷ୍ଟମରେ ଚିକିତ୍ସା ଖର୍ଚ୍ଚ ପାଇଁ ନୟାଗଡ଼ର ସନ୍ତୋଷ ବିଶ୍ୱାଳଙ୍କୁ ୫୦ ହଜାର ଟଙ୍କାର ସହାୟତା ମୁଖ୍ୟମନ୍ତ୍ରୀ ପ୍ରଦାନ କରିଥିଲେ । ସେହିପରି ଯାଜପୁରର ବିଷ୍ଣୁଚରଣ ସାହୁଙ୍କୁ ୧ ଲକ୍ଷ, ଭଦ୍ରକର ଲକ୍ଷ୍ମୀଧର ସେଠୀଙ୍କୁ ୧ ଲକ୍ଷ, କଟକର ସାତ୍ତ୍ୱିକ କରଙ୍କୁ ୧ ଲକ୍ଷ, କେନ୍ଦୁଝରର ନବୀନ କୁମାର ସେଠୀଙ୍କୁ ୨ ଲକ୍ଷ, ମୟୂରଭଞ୍ଜର ସୁନିତା ଚୌଧୁରୀଙ୍କୁ ୧ ଲକ୍ଷ, କଟକର ପ୍ରଶାନ୍ତ କୁମାର ପଣ୍ଡାଙ୍କୁ ୫୦ ହଜାର ଟଙ୍କା, ବୌଦ୍ଧର ନିଳକଣ୍ଠ ପ୍ରଧାନ ଓ ଯଦୁମଣୀ କର୍ମୀଙ୍କୁ ୧ ଲକ୍ଷ ଟଙ୍କା ଲେଖାଏଁ, ଗଞ୍ଜାମର ଛାୟା ନାୟକଙ୍କୁ ୧ ଲକ୍ଷ, ଭଦ୍ରକର ବୁଦ୍ଧିଆ ମଣ୍ଡଳଙ୍କୁ ୧ ଲକ୍ଷ , ନବରଙ୍ଗପୁରର କମଳା ନାୟକଙ୍କୁ ୧ ଲକ୍ଷ, ଖୋର୍ଦ୍ଧାର କୈଳାସ ପଲେଇଙ୍କୁ ୧ ଲକ୍ଷଏବଂ କଟକର ସୁରେଶ କୁମାର ଜେନାଙ୍କୁ ଅନୁକମ୍ପାମୂଳକ ସହାୟତା ବାବଦକୁ ୫୦ ହଜାର ଟଙ୍କାର ସହାୟତା ପ୍ରଦାନ କରାଯାଇଥିଲା । ଏହିପରି ୧୪ ଜଣଙ୍କୁ ସମୁଦାୟ ୧୩ ଲକ୍ଷ ୫୦ ହଜାର ଟଙ୍କାର ସହାୟତା ମୁଖ୍ୟମନ୍ତ୍ରୀ ପ୍ରଦାନ କରିଥିଲେ ।ଏହି ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମର ଦଶମ ପାଳି ସୁଦ୍ଧା ଗ୍ରହଣ କରାଯାଇଥିବା ୧୦,୨୩୪ଟି ଅଭିଯୋଗ ମଧ୍ୟରୁ ୮,୭୧୩ଟି ଅଭିଯୋଗର ସମାଧାନ କରାଯାଇଛି । ଯାହା ଶତକଡ଼ା ୮୫ ପ୍ରତିଶତ ଅଟେ । ବକେୟା ଅଭିଯୋଗ ଗୁଡ଼ିକ ପ୍ରୋସେସରେ ରହିଛି ।ଆଜି ମୁଖ୍ୟମନ୍ତ୍ରୀଙ୍କ ସହିତ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ, ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଡ. କୃଷ୍ଣଚନ୍ଦ୍ର ମହାପାତ୍ର, ବିଦ୍ୟାଳୟ ଓ ଗଣଶିକ୍ଷା, ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ, ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ, ଶିଳ୍ପ ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ, ସମବାୟ, ହସ୍ତତନ୍ତ, ବୟନଶିଳ୍ପ ଓ ହସ୍ତଶିଳ୍ପ ମନ୍ତ୍ରୀ ପ୍ରଦୀପ ବଳ ସାମନ୍ତ, ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ, ଶ୍ରମ ଓ କର୍ମଚାରୀ ରାଜ୍ୟ ବୀମା ମନ୍ତ୍ରୀ ଗଣେଶ ରାମ ସିଂହ ଖୁଣ୍ଟିଆ ପ୍ରମୁଖ ଉପସ୍ଥିତ ରହି ଲୋକଙ୍କ ଅଭିଯୋଗ ଶୁଣିଥିଲେ । ଗୃହ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁ, ସାଧାରଣ ଅଭିଯୋଗ ଓ ସାଧାରଣ ପ୍ରଶାସନ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ସୁରେନ୍ଦ୍ର କୁମାର, ଏବଂ ଅନ୍ୟ ବିଭାଗ ଗୁଡ଼ିକର ସଚିବ ସ୍ତରୀୟ ବରିଷ୍ଠ ଅଧିକାରୀ ମଧ୍ୟ ଉପସ୍ଥିତ ଥିଲେ ।

# ରଥଯାତ୍ରା-୨୦୨୫ ପାଇଁ ପୁରୀ ଏସ୍‌ପିଙ୍କ ସାହି ଗସ୍ତ, ଆଲୋଚନା



**ପୁରୀ,୧୯।୫/ଏନ୍‌ଏନ୍‌ଏସ୍:** ଆସନ୍ତା ରଥଯାତ୍ରା ୨୦୨୫ ସମୟରେ ଶାନ୍ତିପୂର୍ଣ୍ଣ ଓ ସୁସଂଗଠିତ ଭାବରେ ଭକ୍ତମାନେ ଯାତ୍ରା କରିପାରିବେ ବୋଲି ନିଶ୍ଚିତ କରିବାକୁ, ଏସ୍‌ପି ପୁରୀ ବିନିତ ଅଗ୍ରୱାଲ, ଆଇପିଏସ ଆଜି ଦରଜୀପୋଖରୀ ଛକ, ବୋଡିଙ୍ଗ ଛକ, ଝାଡୁଆଣୀ ଲାଇବେରୀ, ପଞ୍ଚୁଚଉରା ଛକ, ଲବନୀଖିଆ ଛକ, ଜେନେରୀ ଗଛ ଛକ, ଜହ୍ନିମୁଣ୍ଡିଆ ଛକ, ଭୋଗଜାଗା, ନବତଖାନା ଗଳି ସାହି ଛକ ରାସ୍ତା ଦେଇ ମାଟିମଣ୍ଡପ ସାହି ଛକ ଆଦି ସ୍ଥାନ ବୁଲି ଭକ୍ତ ଓ ସାହିରେ ରହୁଥିବା ସ୍ଥାନୀୟ ଲୋକ ମାନଙ୍କ ସୁବିଧା ଓ ଅସୁବିଧା ଅନୁଧ୍ୟାନ କରିଛନ୍ତି । ଏହି ଗସ୍ତ ସମୟରେ ସ୍ଥାନୀୟ ନିବାସୀମାନଙ୍କ ସହ ଆଲୋଚନା କରି ସେମାନଙ୍କ ଅଭିଯୋଗଗୁଡ଼ିକୁ ଗ୍ରହଣ କରିଥିଲେ । ସେଥିରୁ ମୁଖ୍ୟ ଅଭିଯୋଗ ଗୁଡ଼ିକ ଥିଲା ସ୍ଥାନୀୟ ଯାନବାହନର ନିୟନ୍ତ୍ରିତ ଚଳାଚଳ, ଭକ୍ତମାନେ ନିର୍ଦ୍ଦିଷ୍ଟ ମାର୍ଗ ଜାଣିନଥିବାରୁ ସମସ୍ୟା ।

ଏସ୍‌ପି ପୁରୀ ସ୍ଥାନୀୟ ଲୋକଙ୍କ ଅଭିଯୋଗକୁ ଗମ୍ଭୀରତା ସହିତ ଗ୍ରହଣ କରି କମ ସମୟ ମଧ୍ୟରେ ଏହାକୁ ସମାଧାନ କରାଯିବ ବୋଲି ନିଶ୍ଚିତ ଆଶ୍ୱାସନ ଦେଇଛନ୍ତି । ସମସ୍ତ ଅଧିକାରୀଙ୍କୁ ଏହି ଗସ୍ତ ସମୟରେ ଯେଉଁଥିରେ ରଥଯାତ୍ରା, ବାହୁଡା ଯାତ୍ରା ଓ ସୁନାବେଶ ୨୦୨୫ ପାଇଁ ସମୁଦ୍ରକୁଳରୁ ଭକ୍ତମାନଙ୍କ ଗୁଡିକୁ ଲେନ୍‌ଭିତ୍ତିକ ଆଗମନ କେମିତି ବଡ଼ଦଣ୍ଡ କୁ ପ୍ରବେଶ କରାଯିବ ତାହା ଆଲୋଚନା କରିଥିଲେ । ଏହି ଗସ୍ତରେ ଆରକ୍ଷୀ ଅଧିକ୍ଷକ ବିନୀତ ଅଗ୍ରୱାଲଙ୍କ ସହ ଅତିରିକ୍ତ ଏସ୍‌ପି ସୌମ୍ୟରଞ୍ଜନ ମଲ୍ଲିକ, ଅତିରିକ୍ତ ଏସ୍‌ପି ସଚିନ ପଟେଲ, ସିଟି ଡିଏସପି ପ୍ରଶାନ୍ତ କୁମାର ସାହୁ, ଟ୍ରାଫିକ ଡ଼ିସପି ରାଜକୁମାର ପରିଡା, ଟ୍ରାଫିକ୍ ଆଇଆଇସି ଜୟଦୀପ ମହାନ୍ତି, ଟାଉନ୍ ଆଇଆଇସି ଗୋକୁଳ ରଞ୍ଜନ ଦାସ, ସମୁଦ୍ରକୁଳ ଆଇଆଇସି ସୁଶାନ୍ତ ସାହୁ, ସିଂହଦ୍ୱାର ଥାନା ଆଇଆଇସି ଶ୍ୱେତପଦ୍ମା ଦାଶ ପ୍ରମୁଖ ଅଧିକାରୀମାନେ ଥିଲେ । ଏସ୍‌ପି ସମସ୍ତ ଅଧିକାରୀଙ୍କୁ ସମ୍ବେଦନଶୀଳ ଏବଂ ଭିଡ଼ ଅଞ୍ଚଳ ଚିହ୍ନଟ କରି ମାଇକ୍ରୋ ଯୋଜନା ପ୍ରସ୍ତୁତି ନିମନ୍ତେ ନିର୍ଦ୍ଦେଶ ଦେଇଛନ୍ତି । ସେ ମନ୍ଦିର ପ୍ରଶାସନ, ପୁଲିସ ଓ ସେଠାକାର ଲୋକମାନଙ୍କ ସହ ସମନ୍ୱୟ ରଖି ଭକ୍ତମାନଙ୍କ ପାଇଁ ସୁରକ୍ଷିତ ଓ ଆଧ୍ୟାତ୍ମିକ ଅନୁଭବ ନିଶ୍ଚିତ କରିବା ଉପରେ ଗୁରୁତ୍ୱ ଦେଇଛନ୍ତି । ଏଥି ସହିତ ସିନିଅର ଅଧିକାରୀଙ୍କୁ ଦାୟିତ୍ୱ ବଣ୍ଟନ କରିଛନ୍ତି ଡିଜିପି ।

# ଆଜିର ଇତିହାସ

- ୧୪୨୧-ଦିଲ୍ଲୀର ପ୍ରଥମ ସୈୟଦ୍ ଶାସକ ଖିଜ୍ର ଖାନଙ୍କ ମୃତ୍ୟୁ ହୋଇଥିଲା।
- ୧୯୦୦-ପ୍ରସିଦ୍ଧ କବି ସୁମିତ୍ରାନନ୍ଦନ ପନ୍ତ ଏହି ଦିନ ଜନ୍ମଗ୍ରହଣ କରିଥିଲେ।
- ୧୯୭୨-ଇନ୍ଦିରା ଗାନ୍ଧୀ ଦ୍ୱିତୀୟ ହାଓଡ଼ା ବ୍ରିଜର ଆଧାରଶିଳା ରଖିଥିଲେ।
- ୨୦୧୧-ପ୍ରଧାନମନ୍ତ୍ରୀ ମନମୋହନ ସିଂହ, ମଧ୍ୟପ୍ରଦେଶରେ ନିର୍ମିତ ଅଏଲ୍ ରିଫାଇନାରୀ ଦେଶକୁ ସମର୍ପିତ କରିଥିଲେ।
- ୨୦୧୧-କମନ୍ ୱେଲ୍‌ଥ ଘୋଟାଲାରେ ସିବିଆଇ ପ୍ରଥମ ଚାର୍ଜସିଟ୍ ଦାଖଲ କରିଥିଲା।
- ୨୦୧୧-ଝାଡ଼ଖଣ୍ଡର ପ୍ରେମଲତା ଅଗ୍ରୱାଲ୍ ସବୁଠାରୁ ବୟସ୍କା ପର୍ବତାରୋହୀ ହେବାର ଗୌରବ ପ୍ରାପ୍ତ କରିଥିଲେ।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ ବିଶ୍ୱନାଥ ପରିଡ଼ା, ନିମାପଡ଼ା, ପୁରୀ, ମୋ: ୯୭୭୭୨୫୨୨୪୦

**ମେଷ**: ଖୁବ୍ ଭଲ ବ୍ୟବସାୟିକ ପରିଣାମ ମିଳିବ। ସ୍ୱାସ୍ଥ୍ୟ ଉପରେ ଧ୍ୟାନ ଦେବାର ଆବଶ୍ୟକତା ରହିଛି। ଆଜି ଗମ୍ଭୀର ସମସ୍ୟା ଆସିପାରେ। ଆର୍ଥିକ ଜୀବନ ଖୁବ୍ ବଢ଼ିଆ ରହିବ।

**ବୃଷ**: ଦିନଟି ଶୁଭ ପରିଣାମ ଦେବ। ବୟସ୍କ ଲୋକମାନେ ଆପଣଙ୍କ ସେବା ପାଇ ଖୁସିରେ ରହିବେ। ପାରିବାରିକ ସୁଖ ଓ ଧନ ବଢ଼ିବ। ସ୍ୱାସ୍ଥ୍ୟ ସମସ୍ୟାରୁ ମୁକ୍ତି ମିଳିବ। ନୂଆ ଲୋକଙ୍କ ସହିତ ମିଶିବାର ସମ୍ଭାବନା ରହିଛି।

**ମିଥୁନ**: ଦିନଟି ସାମାନ୍ୟ ରହିବ। କାମର ଗତି ଧିମା ରହିବ। ପାରିବାରିକ ସମ୍ପର୍କରେ ମନୋମାଳିନ୍ୟ ଦୂର ହେବ। ମହିଳା ମିତ୍ରଙ୍କ ଠାରୁ ଦୂରରେ ରୁହନ୍ତୁ। ଅତିଥିଙ୍କ ଆଗମନରେ ଘରେ ବ୍ୟସ୍ତ ରହିବେ।

**କର୍କଟ**: କୌଣସି ଏକ ବଡ଼ ଖର୍ଚ୍ଚ ସାମ୍ନାକୁ ଆସିପାରେ। କରଜ ନେବାକୁ ପଡ଼ିପାରେ। କୁସଙ୍ଗତିରୁ ନିଜକୁ ରକ୍ଷା କରନ୍ତୁ। ବିବାଦକୁ ବୃଦ୍ଧି କରାନ୍ତୁ ନାହିଁ। ଚିନ୍ତା ତଥା ଚାପ ରହିବ। ବ୍ୟାପାର ଠିକ୍ ଚାଲିବ।

**ସିଂହ**: ଆତ୍ମବିଶ୍ୱାସ ବୃଦ୍ଧି ହେବ। ପ୍ରମୋଶନ ଯୋଗ ରହିଛି। ଭାଇ ଭଉଣୀଙ୍କ ଦ୍ୱାରା ଲାଭାନ୍ୱିତ ହେବେ। ନୂଆ କାରବାର ଆରମ୍ଭ ପାଇଁ ଦିନଟି ଶୁଭ। ପରିବାରରେ କାହାକୁ ବଡ଼ ସଫଳତା ମିଳିବ।

**କନ୍ୟା**: ଗୃହସ୍ଥ ଜୀବନ ଆଜି ସାମାନ୍ୟ ରହିବ। ଜୀବନସାଥିର ଆବଶ୍ୟକତାକୁ ପୂରା କରିବେ। କିଛି ବିରୋଧୀ କାମରେ ବିଘ୍ନ ସୃଷ୍ଟି କରିବେ। କୋର୍ଟ-କଚେରି ମାମଲାରେ ବିଜୟୀ ହେବେ।

**ତୁଳା**: ସ୍ୱପ୍ନ ବାସ୍ତବିକତାରେ ପରିବର୍ତ୍ତିତ ହୋଇପାରେ। ଅତ୍ୟଧିକ ଖୁସି ସମସ୍ୟାର କାରଣ ହୋଇପାରେ। କୌଣସି ପୁରୁଣା ମିତ୍ର ବିତ୍ତୀୟ ସହାୟତା ମାଗିପାରନ୍ତି। ଆର୍ଥିକ ସ୍ଥିତିରେ କଠିନ ପରିସ୍ଥିତି ଆସିପାରେ।

**ବିଛା**: କୌଣସି ନୂଆ ପ୍ରପର୍ଟି କିଣି ପାରନ୍ତି। ମାନସିକ ଚିନ୍ତାକୁ ନେଇ ଚିନ୍ତିତ ରହିବେ। ପୁରୁଣା ମିତ୍ରଙ୍କ ସହିତ ସାକ୍ଷାତକୁ ନେଇ ଖୁସିରେ ରହିବେ। କାମକୁ ନେଇ ଟେନ୍‌ସନ ଅନେକଟା ଦୂର ହେବ।

**ଧନୁ**: ପାରିବାରିକ ଜୀବନରେ ଖୁସି ମିଳିବ। ପରିଜନଙ୍କ ସପୋର୍ଟ ପାଇବେ। ନୂଆ ଜବ୍‌ର ଅଫର୍ ଆସିବ। ଘରର ଦାୟିତ୍ୱ ବଢ଼ିବ। ଅଚାନକ ଯାତ୍ରା ଯୋଗ ରହିଛି। ରୋଗୀମାନେ ସତର୍କ ରୁହନ୍ତୁ।

**ମକର**: ଆଜି ବ୍ୟବସାୟିକ ଯାତ୍ରା ସଫଳ ହେବ। ଲାଭର ଅବସର ପାଇବେ। କୌଣସି ବଡ଼ କାମ କରିବାକୁ ମନ ବଳେଇବେ। ବ୍ୟାପାର ମନ ଅନୁକୂଳ ରହିବ। ନିବେଶ ଶୁଭ ରହିବ। ଛୋଟ ସଦସ୍ୟଙ୍କ ଚିନ୍ତା ବଢ଼ିବ।

**କୁମ୍ଭ**: ମାତାଙ୍କ ସାନ୍ନିଧ୍ୟ ପ୍ରାପ୍ତ ହେବ। ଭୌତିକ ସୁଖ ବୃଦ୍ଧି ଯୋଗ ଅଛି। କାରବାରରେ ସ୍ଥିତିର ସୁଧାର ହେବ। ଦିନଟି ନୂଆ ଆଶା ସହିତ ଶେଷ ହେବ। ସ୍ୱାସ୍ଥ୍ୟଗତ ସମସ୍ୟା ଦେଖାଦେବ।

**ମୀନ**: ଦିନର ପ୍ରଥମ ଭାଗରେ ଅସ୍ତବ୍ୟସ୍ତ ରହିବେ। ଶାରୀରିକ ଦୁର୍ବଳତା ଓ ସୁସ୍ତି ଅନୁଭବ କରିବେ। ମନରେ ନିରାଶା ଭାବ ଦେଖାଦେବ। ସନ୍ଧ୍ୟା ପରିବେଶ ଖୁବ୍ ଭଲ ରହିବ।



## ଶ୍ରୀମଦ୍ ଭଗବଦ୍‌ଗୀତା



**କ୍ଷିପ୍ରଂ ଭବତି ଧର୍ମାତ୍ମା ଶଶ୍ୱଚ୍ଛାନ୍ତିଂ ନିଗଚ୍ଛତି।**
**କୌନ୍ତେୟ ପ୍ରତି ଜାନୀହି ନ ମେ ଭକ୍ତଃ ପ୍ରଣଶ୍ୟତି। (୯/୩୧)**

ଦୁରାଚାରୀ ଭକ୍ତ ମଧ୍ୟ ମୋତେ ଭଜନ କରୁ କରୁ ଧର୍ମାତ୍ମା ହୋଇଯାଏ ଏବଂ ତା'ପରେ ଶାଶ୍ୱତ ଶାନ୍ତି ଲାଭ କରେ। ହେ କୌନ୍ତେୟ! ତୁମେ ଜାଣିଥାଅ ଯେ ମୋର ଭକ୍ତ ଦୁରାଚାର ବା ପାପୀ ହେଲେ ମଧ୍ୟ ବିନାଶ ହୁଏ ନାହିଁ। ଭଗବାନଙ୍କର ଏଠାରେ କହିବାର ଉଦ୍ଦେଶ୍ୟ ଯେ ମଣିଷ ଜୀବନ ଯାତ୍ରାରେ ଉଭୟ ଭଲ ମନ୍ଦ ଓ ପାପ ପୁଣ୍ୟ କାର୍ଯ୍ୟ କରିଥାଏ। କିନ୍ତୁ ଏଭଳି ବ୍ୟକ୍ତି ଯଦି ଈଶ୍ୱରଙ୍କର ଶରଣାପନ୍ନ ହୋଇ ତାଙ୍କର ଭଜନ କୀର୍ତ୍ତନ ଦୃଢ଼ ଚିତ୍ତରେ କରେ, ନିଶ୍ଚିତ ତାଙ୍କ ଭିତରେ ଦିବ୍ୟ ଚେତନା ଜାଗ୍ରତ ହେବ ହିଁ ହେବ ଯାହାଫଳରେ ତା'ର ସମସ୍ତ ପାପ ଭସ୍ମୀଭୂତ ହେଇଯିବ। ଭଗବାନ ହେଉଛନ୍ତି କରୁଣାସାଗର ଓ କ୍ଷମାସାଗର। ସେ ଭକ୍ତଙ୍କୁ କ୍ଷମା ଦେବେନି ତ କାହାକୁ ଦେବେ? ଏଭଳି ଅନେକ ଘଟଣା ଆମେ ମହାକାରୁଣିକ ଭଗବାନ ବୁଦ୍ଧଙ୍କ ଜୀବନୀରୁ ପାଆନ୍ତି। ସେଥିପାଇଁ ଭଗବାନ କହୁଛନ୍ତି ଯେ ଦୁରାଚାରୀ ମଧ୍ୟ ମୋର ଭଜନ କରି ମହାତ୍ମା ହେଇଯାଏ। ଶ୍ରୀ ରାମକୃଷ୍ଣଙ୍କ ଭାଷାରେ - ଆରେ ସାଲା ପାପୀ ପାପୀ ନିଜକୁ କହନା, ପାପୀ ହେଇଯିବୁ ଯେ। ତାଳି ମାରିଲେ ଯେପରି ଗଛରେ ବସିଥିବା ପକ୍ଷୀଗୁଡାକ ଉଡିଯାଆନ୍ତି, ସେପରି ତାଳିମାରି ଈଶ୍ୱରଙ୍କ ଭଜନ କୀର୍ତ୍ତନ କର, ଦେଖିବୁ ସବୁ ପାପ ତୋର ଉଡିଯିବ। ଡାକିବା ଭଳି ତାଙ୍କୁ ଡାକ, ଦେଖିବୁ, କେମିତି କାଳୀ ଥୟ ଧରି ରହିପାରିବେ?

# କ୍ରାନ୍ତିକାରୀ ବିଚାରଧାରାର ଜନକ



ଲାଲ୍-ବାଲ୍-ପାଲ୍ ନାମରେ ପ୍ରସିଦ୍ଧ ତିନି ଜଣ ମହାନ ସ୍ୱାଧୀନତା ସଂଗ୍ରାମୀଙ୍କ ମଧ୍ୟରୁ ଅନ୍ୟତମ ଥିଲେ ବିପିନ ଚନ୍ଦ୍ର ପାଲ୍। ଦେଶରେ କ୍ରାନ୍ତିକାରୀ ବିଚାରଧାରାର ଜନକ ଭାବରେ ତାଙ୍କର ପରିଚୟ ରହିଛି। ସ୍ୱାଧୀନତା ସଂଗ୍ରାମୀ ହେବା ସହିତ ସେ ଥିଲେ ଜଣେ ଶିକ୍ଷକ, ପତ୍ରକାର, ଲେଖକ, ବକ୍ତା ଓ ସାମାଜିକ କାର୍ଯ୍ୟକର୍ତ୍ତା। ୭ ନଭେମ୍ବର, ୧୮୫୮ରେ ପୋଇଲ ଗ୍ରାମ, ବାଂଲାଦେଶ ଠାରେ ସେ ଜନ୍ମଗ୍ରହଣ କରିଥିଲେ। ପିତା ଫାର୍ସୀ ଭାଷାର ଜଣେ ବିଦ୍ୱାନ ଥିବାରୁ ତାଙ୍କର ପ୍ରାରମ୍ଭିକ ଶିକ୍ଷା ଫାର୍ସୀ ଭାଷାରେ ଆରମ୍ଭ ହୋଇଥିଲା। ବିପିନ ଚନ୍ଦ୍ର କଲେଜ ଶିକ୍ଷା ପୂରା କରିପାରି ନଥିଲେ। ପାଠପଢ଼ା ଛାଡ଼ି କଟକର ଏକ ହାଇସ୍କୁଲରେ ପ୍ରଧାନଶିକ୍ଷକ ଭାବରେ ସେ ଚାକିରି ଜୀବନ ଆରମ୍ଭ କରିଥିଲେ। କିଛି ସମୟ ପର୍ଯ୍ୟନ୍ତ ସେ କଲିକତା ପବ୍ଲିକ୍ ଲାଇବ୍ରେରୀରେ ଲାଇବ୍ରେରିଆନ୍ ଓ ସଚିବ ଭାବରେ କାର୍ଯ୍ୟ କରୁଥିବା ସମୟରେ କିଛି ପ୍ରଖ୍ୟାତ ଲୋକଙ୍କ ସମ୍ପର୍କରେ ଆସିବାରୁ ବ୍ରହ୍ମ ସମାଜର ବିଖ୍ୟାତ ନେତା କେଶବଚନ୍ଦ୍ର ସେନ ତାଙ୍କୁ ବ୍ରହ୍ମ ସମାଜ ଆନ୍ଦୋଳନ ସହିତ ଜଡ଼ିତ ହେବା ପାଇଁ ପ୍ରୋତ୍ସାହିତ କରିଥିଲେ। ଏହାପରେ ସେ ଜଡ଼ିତ ହେଲେ ରାଜନୀତି ସହିତ ଯେଉଁଠାରେ ସେ ଲାଲା ଲାଜପତ ରାୟ, ବାଲ୍ ଗଙ୍ଗାଧର ତିଲକ ଓ ମହର୍ଷି ଅରବିନ୍ଦ ଘୋଷଙ୍କ ସହିତ ମଶି କାମ କରିଥିଲେ। ଭାରତୀୟ ରାଷ୍ଟ୍ରୀୟ କଂଗ୍ରେସରେ ପ୍ରବେଶ କରିବା ପରେ ସିଲ୍‌ହଟ୍‌ର ପ୍ରତିନିଧି ଭାବରେ କାମ ଆରମ୍ଭ କଲେ ବିପିନ ଚନ୍ଦ୍ର। ବଙ୍ଗ ଭିଭାଜନ ପରେ ସେ ଦେଶର ସ୍ୱାଧୀନତା ଆନ୍ଦୋଳନର ଉଗ୍ର ସ୍ୱରୂପକୁ ଆପଣାଇ ଗରମ ଦଳର ନେତୃତ୍ୱ ନେବା ସହିତ ବହୁତ ଶୀଘ୍ର ଲାଲ୍-ବାଲ୍-ପାଲ୍ ନାମରେ ପ୍ରସିଦ୍ଧ ହୋଇଗଲେ। ନ୍ୟୁ ଇଣ୍ଡିଆ ଓ ବନ୍ଦେ ମାତରମ୍ ପତ୍ରିକା ମାଧ୍ୟମରେ ସେ ପନ୍ଥନିରପେକ୍ଷ, ତର୍କବାଦ, ଜାତୀୟ ଶିକ୍ଷା, ସ୍ୱଦେଶୀ ବସ୍ତୁର ବ୍ୟବହାର ଓ ରାଷ୍ଟ୍ରବାଦର ସପକ୍ଷରେ ଲେଖାମାନ ଦେଉଥିଲେ। ସେ ଜଣେ ପ୍ରଖର ବକ୍ତା ମଧ୍ୟ ଥିଲେ ଯେଉଁ କାରଣରୁ ବ୍ରିଟିଶ ଶାସନ ତାଙ୍କୁ ଶତ୍ରୁ ଭାବରେ ମାନୁଥିଲା। ସେ କେତେଗୁଡ଼ିଏ ପୁସ୍ତକର ରଚନା ମଧ୍ୟ କରିଛନ୍ତି। ସାମାଜିକ କୁରୀତିଗୁଡ଼ିକୁ ବିରୋଧ କରୁଥିବା ଏହି ମହାନ ନେତାଙ୍କର ୧୯୩୨ର ଆଜିର ଦିନରେ ନିଧନ ହୋଇଥିଲା।

# ପୁରୁଣା ଘର ଓ ପିଆନୋର ସ୍ୱର



ଆପଣ ଯଦି ଘର କିଣିବାକୁ ଚାହୁଁଛନ୍ତି ତେବେ ତାହାକୁ ପରୀକ୍ଷା ନିରୀକ୍ଷା କରି କିଣିବା ଉଚିତ। କାରଣ ବେଳେ ବେଳେ ସେହିପରି ଘରୁ ଏପରି କିଛି ରହସ୍ୟ ବାହାରେ ଯାହାକୁ ବୁଝିବା କଷ୍ଟକର ତ ହୋଇପଡ଼େ ଓ ଏହାର ସମାଧାନ କରିବା ବହୁତ ଦୂରର କଥା ହୋଇଯାଏ। ଯଦି ଆର୍ଜେଣ୍ଟିନାର ଏହି ବ୍ୟକ୍ତି ଜଣକ କଥା ଶୁଣିବେ ତେବେ ବୋଧହୁଏ ଏହାର ଫଳାଫଳ ବାହାରି ପାରିବ। କ୍ରିକ୍ସ ଅଲିଜ ନାମକ ଏହି ବ୍ୟକ୍ତି ଜଣକ ନିକଟରେ କିଣିଥିଲେ ଏକ ପୁରୁଣା ଘର ଯାହାର ମରାମତି କରିବା ସମୟରେ ଏକ ଭୟଙ୍କର ରହସ୍ୟ ବିଷୟରେ ସେ ଜାଣିଲେ। ସେଠାରେ ଥିଲା ଏକ ଗୁପ୍ତ କୋଠରି ଯାହାର ଯାଞ୍ଚ କରିବା ପରେ ଲୋମଟାଙ୍କୁରା ରହସ୍ୟ ମିଳିଥିଲା। କାରଣ ସେଠାରୁ ଆସୁଥିଲା ଜଣେ ମହିଳାର ଯନ୍ତ୍ରଣାଦାୟକ କାହାଣୀ ସହିତ ଜଡ଼ିତ ତଥ୍ୟ ଯାହାର ପତି ତାଙ୍କୁ ପ୍ରତାଡ଼ିତ କରିଥିଲେ। କ୍ରିକ୍ସ ଅଲିଜ ନାମକ ଏହି ବ୍ୟକ୍ତି ନିଜର ଟିକ୍‌ଟକ୍ ଆକାଉଣ୍ଟରେ ରହସ୍ୟମୟ ଭିଡିଓ ସବୁ ଅପ୍‌ଲୋଡ୍ କରନ୍ତି। ସେ ଏକ ପୁରୁଣା ଘର କିଣିଥିଲେ। ତାଙ୍କ ପିତାଙ୍କ ଠାରୁ ପୂର୍ବରୁ ସେ ଏକ ବନ୍ଦ ଘରର ଦ୍ୱାର ବିଷୟରେ ଶୁଣିଥିଲେ। କର୍ଡୋବାରେ ଏହି ଘରଟି ବହୁତ ଶସ୍ତା ଥିଲା ଓ ଏହାକୁ ମରାମତି କରିବାର ଆବଶ୍ୟକତା ଥିଲା। କ୍ରିକ୍ସ ଏହାର ମରାମତି କାମ ଆରମ୍ଭ କଲେ। ବଗିଚାରେ ମୋଟା ଲତାଗୁଡ଼ିକୁ ହଟେଇବା ସମୟରେ ଏକ ଦ୍ୱାର ଦେଖିବାକୁ ସେ ପାଇଲେ। ଏହା ଅନ୍ୟ ଏକ ଯୁଗର ଦ୍ୱାର ପରି ମନେ ହେଉଥିଲା। ଏହି ଦ୍ୱାରଟି ଅଧା ଲୁଚି ରହିଥିଲା। ଏପରି ମନେ ହେଉଥିଲା ଯେପରି କେହି ଜଣେ ଏହି ଦ୍ୱାରକୁ ଗୁପ୍ତ ରଖିବାକୁ ଚାହୁଁଥିଲା। ତା' ଭିତରେ ଥିଲା ପୁରୁଣା ଜିନିଷପତ୍ର, ଧୂଳିଭରା ପୁସ୍ତକ, ଘଷି ହୋଇଯାଇଥିବା ଚେୟାର୍, ଆନାଲଗ୍ କ୍ୟାମେରା ଓ ଏକ ପୁରୁଣା ପ୍ରୋଜେକ୍ଟ। ସେଠାରେ ଏକ ଛୋଟ ଗଳି ରହିଥିଲା ଯାହା ଲିଭିଂ ରୁମ୍‌କୁ ଯୋଡ଼ିଥିଲା ଯେଉଁଠାରେ ଥିଲା ଏକ ପିଆନୋ ଯାହା ଆମିଟିଭିଲ୍ଲେ ହରର୍ ଫିଲ୍ମଗୁଡ଼ିକ ପରି ନିଜେ ନିଜେ ବାଜୁଥିଲା। ସେ ଏହା ଦେଖି ଭୟଭୀତ ହୋଇଥିଲେ। ପିଆନୋର ଚାବିଗୁଡ଼ିକରେ ଏକ ଶବ୍ଦ ଥିଲା 'ଡାଇରୀ'। ଜଣେ ସାଇକିକ୍‌ଙ୍କ ସାହାଯ୍ୟରେ ସେ ଏଡେଲିନା ନାମକ ଜଣେ ମହିଳାଙ୍କର ଡାଇରୀ ଖୋଜିଥିଲେ। ସେ ଜଣେ ପିଆନୋ ଶିକ୍ଷକଙ୍କ ପିଲାକୁ ଗର୍ଭରେ ଧାରଣ କରିଥିଲେ ବୋଲି ତାଙ୍କ ପତି ମହିଳାଙ୍କୁ ଏହି ରୁମ୍‌ରେ ବନ୍ଦ କରିଦେଇଥିଲେ। ତେବେ ଏଡେଲିନାଙ୍କୁ ବହୁତ ଜରୁରୀ ମୁକ୍ତି ଦେବାରେ ସଫଳ ହୋଇଥିଲେ ଅଲିଜ। ବର୍ତ୍ତମାନ ପିଆନୋରୁ ଆଉ ଶବ୍ଦ ଆସୁନାହିଁ ଓ ସେହି ଘରେ ଶାନ୍ତିରେ ରହୁଥିବା ବିଷୟରେ କହୁଛନ୍ତି ଅଜିଜ୍।

# ପୃଥିବୀ ଗର୍ଭରେ ହାଇଡ୍ରୋଜେନ୍‌ର ଭଣ୍ଡାର

ଊର୍ଜା ସଂକଟ ସହିତ ସଂଘର୍ଷ କରୁଥିବା ଦୁନିଆ ପାଇଁ ଏକ ଆଶ୍ଚର୍ଯ୍ୟ ହେବା ପରି ଖବର ରହିଛି। ପୃଥିବୀର ଗଭୀରତାରେ ଏପରି ଖଣିଜ ମିଳିଛି ଯାହା ୧.୭୦ ଲକ୍ଷ ବର୍ଷ ପର୍ଯ୍ୟନ୍ତ ଦୁନିଆ ଆବଶ୍ୟକ କରୁଥିବା ଊର୍ଜାର ଆବଶ୍ୟକତାକୁ ପୂରା କରିପାରିବ ତାହା ପୁଣି ବିନା ପ୍ରଦୂଷଣରେ। ଏହା ହେଉଛି ହାଇଡ୍ରୋଜେନ୍ ଯାହା ପ୍ରାକୃତିକ ଭାବରେ ପୃଥିବୀର କଣ୍ଟିନେଣ୍ଟାଲ୍ କ୍ରଷ୍ଟ ଅର୍ଥାତ ପୃଥିବୀର ପୃଷ୍ଠଭାଗରେ ଥିବା ଗଭୀରତାରେ ରହୁଛି। ଏହି ଅନ୍ୱେଷଣ ଊର୍ଜା କ୍ଷେତ୍ରରେ ଏକ ନୂଆ ଅଧ୍ୟାୟ ଯୋଡ଼ି ଦେଇଛି। ହାଇଡ୍ରୋଜେନ୍‌କୁ କୁହାଯାଏ ଗ୍ରୀନ୍ ଫୁଏଲ୍। ଏହି କାରଣରୁ ଜଳବାୟୁ ପରିବର୍ତ୍ତନ ବିରୁଦ୍ଧରେ ହେଉଥିବା ସଂଘର୍ଷରେ ସବୁଠାରୁ କଠିନ ହତିଆର ଭାବରେ ଏହାକୁ ସମସ୍ତେ ମାନନ୍ତି। ଏ ପର୍ଯ୍ୟନ୍ତ ଯେଉଁ ହାଇଡ୍ରୋଜେନ୍‌ର ବ୍ୟବହାର ଆମେମାନେ କରୁଛନ୍ତି ତାହା ଅଧିକାଂଶ କୋଇଲା ଓ ଗ୍ୟାସ୍‌ରୁ ତିଆରି ହୁଏ। ଅର୍ଥାତ ଏହା ନିଜେ ପ୍ରଦୂଷଣ ସୃଷ୍ଟି କରାଏ। କିନ୍ତୁ ପୃଥିବୀପୃଷ୍ଠରେ ଯେଉଁ ହାଇଡ୍ରୋଜେନ୍ ମିଳେ ସେ ସମ୍ପୂର୍ଣ୍ଣ ଭାବରେ ପ୍ରାକୃତିକ ଯାହାକୁ ଧଳା ହାଇଡ୍ରୋଜେନ୍ ବୋଲି କୁହାଯାଏ। ପୃଥିବୀର ଆଭ୍ୟନ୍ତରୀଣ ଭାଗରେ ଯେଉଁ ହାଇଡ୍ରୋଜେନ୍‌ର ବଡ଼ ଭଣ୍ଡାର ରହିଛି ତାହା କୌଣସି ତେଲ କିମ୍ବା ଗ୍ୟାସ୍ ପରି ବଡ଼ ଭଣ୍ଡାରରେ ମିଳେ ନାହିଁ। ଏହା ଧୀରେ ଧୀରେ ପଥର ଓ ପାଣିର ରାସାୟନିକ ପ୍ରତିକ୍ରିୟାରୁ ତିଆରି ହୁଏ ଓ ନିମ୍ନ ଭାଗରେ ଦବିହୋଇ ରହିଯାଏ। କାନାଡିଆନ୍ ସିଲ୍ଡରେ ରହିଛି ଏପରି ସ୍ଥାନ ଯେଉଁଠାରୁ ହାଇଡ୍ରୋଜେନ୍‌ର ସ୍ରାବ ହେଉଛି। ତେବେ ବୈଜ୍ଞାନିକମାନେ ଅନୁମାନ କରୁଛନ୍ତି ଯେ ଏପରି ସ୍ଥାନ ପୃଥିବୀର ଅନେକଗୁଡ଼ିଏ ସ୍ଥାନରେ ରହିଥିବ। କିନ୍ତୁ ସେ ସ୍ଥାନଗୁଡ଼ିକରୁ ହାଇଡ୍ରୋଜେନ୍ ବାହାର କରିବା ସେତେ ସହଜ ନୁହେଁ। ଏହାକୁ କିପରି ବାହାର କରାଯିବ ସେହି ଟେକ୍‌ନିକ୍‌ଗୁଡ଼ିକ ଉପରେ ବୈଜ୍ଞାନିକମାନେ କାମ କରୁଛନ୍ତି।



# ମହୁମାଛି



ମହୁମାଛି ପାଳନର ଜନକ ହେଉଛନ୍ତି ଆଣ୍ଟୋନ୍ ଜାନ୍‌ଶା। ସେ ୧୭୩୪ର ଆଜିର ଦିନରେ ଜନ୍ମଗ୍ରହଣ କରିଥିଲେ। ତାଙ୍କର ଜନ୍ମଦିନରେ ଆଜି ବିଶ୍ୱ ସ୍ତରରେ ପାଳନ କରାଯାଉଛି ମହୁମାଛି ଦିବସ। ପ୍ରଥମେ ସ୍ଲୋଭେନିଆରେ ଏହି ଦିବସକୁ ମାନ୍ୟତା ମିଳିଥିଲା। ମହୁମାଛି ଖାଦ୍ୟ ସୁରକ୍ଷା, ଜୈବ ବିବିଧତା ଓ ଦୀର୍ଘକାଳୀନ କୃଷି ପାଇଁ ଏକ ଆବଶ୍ୟକୀୟ ଜୀବ। ବୈଶ୍ୱିକ ସ୍ତରରେ ମହୁମାଛିଙ୍କ ସଂଖ୍ୟା ହ୍ରାସ ପାଇଥିବାରୁ ଏ ଦିଗ ପ୍ରତି ସଚେତନତା ବୃଦ୍ଧି କରେଇବାର ଆବଶ୍ୟକତା ରହିଛି। ମହୁମାଛି ଓ ଅନ୍ୟ ପରାଗକର୍ତ୍ତାମାନେ ଖାଦ୍ୟ ପ୍ରଣାଳୀ ଓ ପରିସ୍ଥିତିକୀ ତନ୍ତ୍ରର ସ୍ୱାସ୍ଥ୍ୟ ପାଇଁ ମହତ୍ତ୍ୱପୂର୍ଣ୍ଣ ଉପାଦାନ। ଦୁନିଆର କେତେଗୁଡ଼ିଏ ଖାଦ୍ୟ ଫସଲଗୁଡ଼ିକ ପାଇଁ ମହୁମାଛିମାନଙ୍କର ଆବଶ୍ୟକତା ପଡ଼େ। ମହୁମାଛିମାନେ ପର୍ଯ୍ୟାବରଣରେ ମହତ୍ତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରି ଦୁନିଆର ଲକ୍ଷାଧିକ ଲୋକଙ୍କୁ ଆଜୀବିକା ପ୍ରଦାନ କରିବାରେ ସହାୟକ ହୋଇଥାନ୍ତି। କିନ୍ତୁ ଦୁର୍ଭାଗ୍ୟବଶତଃ ଆବାସର ଅଭାବ, କୀଟନାଶକଗୁଡ଼ିକର ଉପଯୋଗ ଓ ଜଳବାୟୁ ପରିବର୍ତ୍ତନ ପରି କାରକଗୁଡ଼ିକ ଯୋଗୁ ମହୁମାଛିଙ୍କ ସଂଖ୍ୟା ହ୍ରାସ ପାଉଛି। ବିଶ୍ୱ ମହୁମାଛି ଦିବସ ଏହି ଆବଶ୍ୟକତାଗୁଡ଼ିକ ଉପରେ ଆଲୋକପାତ କରି ଭବିଷ୍ୟତକୁ ରକ୍ଷା କରିବା ପାଇଁ ସ୍ଥାୟୀ ପ୍ରଥାଗୁଡ଼ିକୁ ଅଗ୍ରସର କରାଇବାରେ ସାହାଯ୍ୟ କରେ। ମହୁମାଛି ଦିବସରେ ସେମାନଙ୍କ ସମ୍ପର୍କରେ କେତୋଟି ତଥ୍ୟ ନିମ୍ନରେ ଦିଆଗଲା।

---ଅଧ୍ୟୟନ ଅନୁସାରେ ମହୁମାଛିମାନେ ଚାରି ପର୍ଯ୍ୟନ୍ତ ଗଣିବା ଜାଣନ୍ତି। ଆମ ଦେଶରେ ଚାରି ପ୍ରକାରର ମହୁମାଛି ଦେଖିବାକୁ ମିଳନ୍ତି ଯଥା– ଏପିସ୍ ସେରନା ଇଣ୍ଡିକା, ଏପିସ୍ ଫ୍ଲୋରିଆ, ଏପିସ୍ ଡାର୍ସଟା, ଏପିସ୍ ଟ୍ରିଗୋନା। ଏଗୁଡ଼ିକ ମଧ୍ୟରୁ କେବଳ ଏପିସ୍ ସେରନା ଏପରି ଏକ ମହୁମାଛି ଯେଉଁଗୁଡ଼ିକୁ ପାଳନ କରାଯାଏ। ବାକି ପ୍ରଜାତିର ମହୁମାଛି ଗଛଗୁଡ଼ିକର କୋରଡ଼ରେ, ଗୁମ୍ଫା ଆଦିରେ ରହନ୍ତି। ବୈଜ୍ଞାନିକମାନଙ୍କ ଅନୁସାରେ ହିଟର୍ ବା ଗରମ ସୃଷ୍ଟି କରୁଥିବା ଛାତଗୁଡ଼ିକୁ ଗରମ କରେଇବାର କାମ କରନ୍ତି ମହୁମାଛିମାନେ। ଏମାନେ ଜଟିଳ ସଂରଚନାକୁ କାବୁରେ ରଖିପାରନ୍ତି। ସେମାନଙ୍କର ଉତ୍ତରାଧିକାରୀ ଓ ବୟସ୍କ ହେବା ପରେ କେଉଁ ମହୁମାଛି କ'ଣ କାମ କରିବେ ସେମାନେ ନିର୍ଦ୍ଧାରିତ କରନ୍ତି। ଯେଉଁ ସ୍ଥାନରେ ସେମାନେ ଅଣ୍ଡା ଦିଅନ୍ତି ସେହି ସ୍ଥାନରେ ତାଙ୍କ ପିଲାଙ୍କୁ ପୁପେ ବୋଲି କୁହାଯାଏ। ବଡ଼ ନହେବା ପର୍ଯ୍ୟନ୍ତ ସେମାନେ ମହମ କୋଷିକାରେ ଘୋଡ଼େଇ ହୋଇ ରହନ୍ତି। ତେବେ ମହୁମାଛିଙ୍କ ଠାରୁ ମିଳୁଥିବା ମହୁ ଇମ୍ୟୁନିଟି ବୁଷ୍ଟର୍ ଭାବରେ କାମ କରେ। ଏଥିରେ ଆଣ୍ଟିଅକ୍ସିଡେଣ୍ଟ ତତ୍ତ୍ୱ, ହୃଦୟ ତଥା ରୋଗପ୍ରତିରୋଧକ କ୍ଷମତା ବୃଦ୍ଧି କରେଇବାର ଶକ୍ତି ଥାଏ।

# ଅଟୋଇମ୍ୟୁନ୍ ଆର୍ଥରାଇଟିସ୍

ଅଟୋଇମ୍ୟୁନ୍ ଡିଜିଜ ସେତେବେଳେ ହୁଏ ଯେତେବେଳେ ରୋଗ ପ୍ରତିରୋଧକ କ୍ଷମତା ଭୁଲ୍‌ରେ ଶରୀରର କୋଷିକାଗୁଡ଼ିକ ଉପରେ ଆକ୍ରମଣ କରେ। ଅଟୋଇମ୍ୟୁନ୍ ଆର୍ଥରାଇଟିସ୍‌ରେ ରୋଗ ପ୍ରତିରୋଧକ ପ୍ରଣାଳୀ ଯୋଡ଼ଗୁଡ଼ିକର ପରତ ଉପରେ ଆକ୍ରମଣ କରେ। ଏଥିରେ ଯେଉଁ ସ୍ୱେଲିଂ ହୁଏ ତାହା କେବଳ ଯୋଡ଼ଗୁଡ଼ିକ ପର୍ଯ୍ୟନ୍ତ ସୀମିତ ହୋଇ ରହେନାହିଁ ଓ ଶରୀରର ଅନ୍ୟ ଅଙ୍ଗଗୁଡ଼ିକୁ ମଧ୍ୟ ପ୍ରଭାବିତ କରେ। ଏହାର ଲକ୍ଷଣ ଅଲଗା ଅଲଗା ହୋଇପାରେ। ତେବେ ସାଧାରଣତଃ ଏହାର ଲକ୍ଷଣଗୁଡ଼ିକ ମଧ୍ୟରେ- ଯୋଡ଼ଗୁଡ଼ିକରେ ବ୍ୟଥା, ଯୋଡ଼ଗୁଡ଼ିକ ଗତିଶୀଳ ହେବା ସମୟରେ ସମସ୍ୟା, ଶୋଇବାରେ କଷ୍ଟ ହେବା, କ୍ଳାନ୍ତ, ଓଜନ ହ୍ରାସ, ଆଖିରେ ସ୍ୱେଲିଂ, ଶୁଷ୍କପଣ ଓ କୁଣ୍ଡେଇହେବା, ଜ୍ୱର ଆସିବା, ରକ୍ତର ଅଭାବ ଓ ଛାତିରେ ବ୍ୟଥା ହେବା ଆଦି ସାମିଲ ଅଛି। ଡାକ୍ତରମାନଙ୍କ ଅନୁସାରେ ପ୍ରୋସେସ୍‌ଡ ଫୁଡ୍ କେବଳ ଡାଇବେଟିସ୍ ଓ ହାର୍ଟ ଡିଜିଜର ରିସ୍କକୁ ଯେ ବୃଦ୍ଧି କରାଏ ତାହା ନୁହେଁ ଆର୍ଥରାଇଟିସ୍ ପାଇଁ ମଧ୍ୟ ଏହା କ୍ଷତିକାରକ। ଏଥିପାଇଁ ଏହି ରୋଗୀମାନେ ଚିପ୍ସ, ଲୁଣି ଖାଦ୍ୟ, ବ୍ରେଡ୍, କେକ୍ ଓ ବିସ୍କୁଟ୍ ପରି କେତେକ ଖାଦ୍ୟ ଠାରୁ ଦୂରରେ ରହିବା ଉଚିତ। ଏମାନେ ଆଳୁ ଖାଇବା ଉଚିତ ନୁହେଁ। ଆଳୁ ଯୋଡ଼ଗୁଡ଼ିକରେ ସ୍ୱେଲିଂ ଓ ବ୍ୟଥାକୁ ବୃଦ୍ଧି କରାଇଥାଏ। ଆଳୁରେ ଥିବା ରାସାୟନିକ ସୋଲମନ୍ ଗଣ୍ଠିବାତ ପାଇଁ ଦାୟୀ ହୁଏ। ଏହି ସମସ୍ୟା ପ୍ରତି ସଚେତନ ହେବା ପାଇଁ ଆଜିର ଦିନରେ ପାଳନ କରାଯାଏ ଅଟୋଇମ୍ୟୁନ୍ ଆର୍ଥରାଇଟିସ୍ ଦିବସ। ଗଣ୍ଠିବାତ ଏପରି ଏକ ସମସ୍ୟା ଯାହା କେବଳ ବୟସ୍କମାନଙ୍କ ରୋଗ ହୋଇ ଆଉ ରହିନାହିଁ। ଏବେ ଯୁବପିଢ଼ି ଏହାର ନିୟନ୍ତ୍ରଣ ମଧ୍ୟକୁ ଆସିସାରିଲେଣି।



# ଶେଷ ହେଲା 'ଭୂତ୍ ବଙ୍ଗ୍‌ଲା'ର ସୁଟିଂ





ଅକ୍ଷୟ କୁମାର ସୋସିଆଲ୍ ମିଡିଆରେ ଏକ ଭିଡିଓ ଜାରି କରିଛନ୍ତି ଯେଉଁଥିରେ ସେ ଓ ଅଭିନେତ୍ରୀ ୱାମିକା ଗବ୍‌ବି ଫିଲ୍ମ 'ଭୂତ୍ ବଙ୍ଗ୍‌ଲା'ର ସୁଟିଂ ଶେଷ କରିଥିବା ବିଷୟରେ ତଥ୍ୟ ଦେଇଛନ୍ତି। ତେବେ ଫିଲ୍ମଟି ଆସନ୍ତା ବର୍ଷ ୨ ଏପ୍ରିଲ୍‌ରେ ରିଲିଜ ହେବ। ଏହି ହରର୍ କମେଡିର ଭିଡିଓରେ ଅକ୍ଷୟ ଡ୍ୟାନ୍ସ କରୁଥିବାର ନଜର ଆସୁଛନ୍ତି ଯେଉଁଥିରେ ତାଙ୍କର ଏନର୍ଜିର ସ୍ତର ଦେଖିବାଯୋଗ୍ୟ ହୋଇଛି। ଏଥିରେ ୱାମିକା ଏକ ପଥର ଉପରେ ବସି ଅକ୍ଷୟଙ୍କ କ୍ରେଜି ଡ୍ୟାନ୍ସ ଦେଖୁଛନ୍ତି। ଏହାର ବ୍ୟାକ୍‌ଗ୍ରାଉଣ୍ଡରେ ରହିଛି ଏକ ସୁନ୍ଦର ଝରଣା ଯାହା 'ଭୂତ୍ ବଙ୍ଗ୍‌ଲା'ର ସ୍କେଲ୍ କେତେ ବଡ଼ ହୋଇଥିବ ସେ ବିଷୟରେ ଦର୍ଶାଉଛି। କ୍ୟାପ୍‌ସନ୍‌ରେ ଅକ୍ଷୟ ଲେଖିଛନ୍ତି- 'ଭୂତ୍ ବଙ୍ଗ୍‌ଲା'ର ର୍‌ୟାପ୍ସ ହୋଇଛି। ସବୁବେଳେ ଇନ୍‌ଭେଣ୍ଟିଭ୍ ରହୁଥିବା ପ୍ରିୟଦର୍ଶନଙ୍କ ସହିତ ମୋର ଏହା ସପ୍ତମ ପାଗଳପଣରେ ଭରି ରହିଥିବା ରୋମାଞ୍ଚ। ଏକତା କପୁରଙ୍କ ସହିତ ମୋର ଏହା ଦ୍ୱିତୀୟ ଆଉଟିଂ ଓ ସର୍‌ପ୍ରାଇଜିଂ ୱାମିକାଙ୍କ ସହିତ ମୋର ପ୍ରଥମ ଟୁର୍ କିନ୍ତୁ ଏହି ଯାଦୁଇ ଯାତ୍ରାର ଏହା ଶେଷ ନୁହେଁ। ପାଗଳପଣ, ଯାଦୁ ଓ ସ୍ମରଣୀୟ ହୋଇ ରହିବା ପାଇଁ ମୁଁ କୃତଜ୍ଞତା ଜଣଉଛି।' ଏହି ଭିଡିଓଟିକୁ ଦେଖିବା ପରେ ଲୋକମାନେ ଅକ୍ଷୟଙ୍କୁ ଖୁବ୍ ପ୍ରଶଂସା କରୁଛନ୍ତି। ତେବେ କେହି କେହି ଏହାକୁ ସବୁଠାରୁ ବଡ଼ ହରର୍-କମେଡି ଲୋଡ୍ ବୋଲି କହିଛନ୍ତି। ପ୍ରିୟଦର୍ଶନଙ୍କ ନିର୍ଦ୍ଦେଶନାରେ ନିର୍ମିତ ଫିଲ୍ମ 'ଭୂତ୍ ବଙ୍ଗ୍‌ଲା'ରେ ଅକ୍ଷୟ କୁମାର ଓ ୱାମିକା ଗବ୍‌ବିଙ୍କ ବ୍ୟତୀତ ତବ୍ଭୁ, ପରେଶ ରାୱଲ୍, ଶରମନ ଯୋଶୀ ଓ ରାଜପାଲ୍ ଯାଦବଙ୍କ ପରି କଳାକାରମାନେ ମୁଖ୍ୟ ଭୂମିକାରେ ନଜର ଆସିବେ। ଏହି ଫିଲ୍ମ ବ୍ୟତୀତ ୱେଲକମ୍ ଟୁ ଦି ଜଙ୍ଗଲ୍, ହାଉସ୍‌ଫୁଲ୍-୫ ଓ ଜଲି ଏଲ୍‌ଏଲ୍‌ବି-୩ ରହିଛି ଅକ୍ଷୟଙ୍କ ହାତରେ। ସେହିପରି ଫିଲ୍ମ ଭୁଲ୍ ଚୁକ୍ ମାଫ୍, ଦିଲ୍ କା ଦରବାଜା ଖୋଲ ନ ଡାର୍ଲିଂ ଆଦି ଫିଲ୍ମରେ ନଜର ଆସିବେ ୱାମିକା।

ନିତିଦିନ NITIDIN



# ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଯୁଗ୍ମ ଜନ ଅଭିଯୋଗ ଶୁଣାଣି



**କଟକ,୧୯।୫/ଏନ୍ଏନ୍ଏସ୍:** କଟକ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟଠାରେ ଆଜି ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାପାଳ ଏବଂ ଜିଲ୍ଲା ମାଜିଷ୍ଟ୍ରେଟ୍ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଜନ ଅଭିଯୋଗ ଶୁଣାଣିରେ ଉପଆୟୁକ୍ତ, କମିଶନରେଟ ପୁଲିସ୍ କଟକ, ଖିଲାରି ଋଷିକେଷ ଦ୍ୟାନଦେଓ, ଅତିରିକ୍ତ ଜିଲ୍ଲାପାଳ ଶିବ ଟପୋ, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ ପ୍ରଶାନ୍ତ କୁମାର ନାୟକ, କଟକ ସଦର ଉପଜିଲ୍ଲାପାଳ ଦିବ୍ୟଜ୍ୟୋତି ସ୍ମୃତି ରଞ୍ଜନ ଦେଓ ପ୍ରମୁଖ ଉପସ୍ଥିତ ଥିଲେ । ପ୍ରକାଶ, ଆଜିର ଜନ ଅଭିଯୋଗ ଶୁଣାଣିରେ ସମୁଦାୟ ୬୫ଟି ଅଭିଯୋଗ ହସ୍ତଗତ ହୋଇଥିବାବେଳେ ତନ୍ମଧ୍ୟରେ ୫୬ଟି ବ୍ୟକ୍ତିଗତ ଅଭିଯୋଗ ଏବଂ ୯ଗୋଟି ସାମୁହିକ ଅଭିଯୋଗ ରହିଛି । ଅଭିଯୋଗ ଶୁଣାଣି ଶିବିରରେ ୮ଗୋଟି ଅଭିଯୋଗର ତ୍ୱରିତ ସମାଧାନ ନିମନ୍ତେ ବିହିତ ପଦକ୍ଷେପ ଗ୍ରହଣ କରାଯାଇଛି । ଏଥିସହ ପାନୀୟଜଳ, ବାର୍ଦ୍ଧକ୍ୟ ଭତ୍ତା, ଭିନ୍ନକ୍ଷମ ଭତ୍ତା, ସ୍ୱାସ୍ଥ୍ୟ, ଶିକ୍ଷା, କୃଷି, ପ୍ରାଣୀ ସମ୍ପଦ ଆଦି ସମ୍ପର୍କିତ ବିଭିନ୍ନ ପଞ୍ଜିକୃତ ଅଭିଯୋଗର ଶୁଣାଣି ପରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ବିଭିନ୍ନ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ଅନ୍ୟମାନଙ୍କ ମଧ୍ୟରେ କଟକ ସଦର ତହସିଲଦାର, ଜିଲ୍ଲା କୃଷି ଅଧିକାରୀ, ଜିଲ୍ଲା ପ୍ରାଣୀଧନ ଅଧିକାରୀ, ଅବକାରୀ ଅଧୀକ୍ଷକ, ଅଧୀକ୍ଷଣ ଯନ୍ତ୍ରୀ, ଜିଲ୍ଲା ନିୟୋଜନ ଅଧିକାରୀ, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ, ଜିଲ୍ଲା ଜନମଙ୍ଗଳ ଅଧିକାରୀ, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଓ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ପ୍ରମୁଖ ଅଭିଯୋଗ ଶୁଣାଣି ଶିବିରରେ ଯୋଗ ଦେଇଥିଲେ । ଆସନ୍ତା ୨୬ ତାରିଖରେ ନିଆଳି ବ୍ଲକ୍‌ଠାରେ ସକାଳ ୭ ଘଟିକା ସମୟରେ ଶୁଣାଣି ଶିବିର ଅନୁଷ୍ଠିତ ହେବ ।

# ଭକ୍ତଙ୍କ ଗହଣରେ ଚାପ ଖେଳିଲେ ମହାପ୍ରଭୁ



**କଟକ,୧୯।୫/ଏନ୍ଏନ୍ଏସ୍:** ମହାନଦୀବିହାର ସ୍ଥିତ ଶ୍ରୀ ଜଗନ୍ନାଥ ସାଂସ୍କୃତିକ ପରିଷଦ ପକ୍ଷରୁ ସଭାପତି ଚର୍ତ୍ତୁଭୁଜ ମହାପାତ୍ରଙ୍କ ସଭାପତିତ୍ୱରେ ଶ୍ରୀ ଜଗନ୍ନାଥ ଉଦ୍ୟାନ ପରିସରରେ ଚନ୍ଦନ ଯାତ୍ରା ଅନୁଷ୍ଠିତ ହୋଇଯାଇଛି । ପ୍ରଭୁ ଶ୍ରୀ ଜଗନ୍ନାଥ ମନ୍ଦିରରୁ ବାହାରି ଜଗନ୍ନାଥ ଉଦ୍ୟାନରେ ଭକ୍ତଙ୍କ ଗହଣରେ ଚାପ ଖେଳିଥିଲେ । ଏହି ଚାପ ଖେଳ ସମସ୍ତ ପାରମ୍ପରିକ ରୀତିନୀତି ଅନୁଯାୟୀ ଅନୁଷ୍ଠିତ ହୋଇଥିବା ବେଳେ ଚାପ ଖେଳଟି ଏମଡିଏର ସଭାପତି ସଞ୍ଜୟ ଜେନାଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ପରିଚାଳିତ ହୋଇଥିଲା । ଏଥିରେ ଅତିଥି ଭାବେ ବିଧାୟକ ସୌଭିକ ବିଶ୍ୱାଳ, ସ୍ଥାନୀୟ କର୍ପୋରେଟର ଇ.ସୁବ୍ରତ ଘଡାଇ ପ୍ରମୁଖ ଯୋଗଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ପରିଷଦର ସମ୍ପାଦକ ହିମାଂଶୁ ଷଡ଼ଙ୍ଗୀ, କୋଷାଧ୍ୟକ୍ଷ ଶରତ ଚନ୍ଦ୍ର ଦାସ, ରବିନାରାୟଣ ସତପଥି,ରବୀନ୍ଦ୍ର ପ୍ରସାଦ ତ୍ରିପାଠୀ, ସରୋଜ ପ୍ରସାଦ ସ୍ୱାଇଁ, ସଞ୍ଜୟ ସାହାଣୀ, ପ୍ରଭାକର ରଣା, ନମିତା ଦାସ, ମଧୁସ୍ମିତା ଷଡ଼ଙ୍ଗୀ, ହରପ୍ରିୟା ଧଳ, ରାକେଶ ତ୍ରିପାଠୀ, ଜ୍ଞାନରଞ୍ଜନ ଦାସ, ସୁଜିତ୍ ମିଶ୍ର, ଭାଗିରଥି ସାମଲ, ସୁଶାନ୍ତ ଘୋଷ, ମାନବେସ ରାୟ, ଅଭୟ ପରିଜା, ଶରତ ଚନ୍ଦ୍ର କୁଣ୍ଡୁ, ବିଷ୍ଣୁ କର, ପ୍ରହ୍ଲାଦ ମହାନ୍ତି, ବ୍ରଜବନ୍ଧୁ ଜେନା, ସାଇ ସୌରଭ ଜେନା ପ୍ରମୁଖ ଉପସ୍ଥିତ ଥିଲେ ।

# କଟକ ଷ୍ଟେସନର ପୂର୍ବତନ ପ୍ରବନ୍ଧକଙ୍କ ବିୟୋଗରେ ଶ୍ରଦ୍ଧାଞ୍ଜଳି ସଭା

**କଟକ,୧୯।୫/ଏନ୍ଏନ୍ଏସ୍:** କଟକ ରେଳ ଷ୍ଟେସନର ପୂର୍ବତନ ପ୍ରବନ୍ଧକ ବିଜୟ ଚନ୍ଦ୍ର ମହାନ୍ତିଙ୍କ ବିୟୋଗ ଏକ ଶ୍ରଦ୍ଧାଞ୍ଜଳି ସଭା ଘାଟିକିଆ ଠାରେ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ବିଶିଷ୍ଟ ରେଳ ଶ୍ରମିକ ନେତା ଉତ୍କଳ ଭୂଷଣ ରାଉତରାୟ, ସବିତା ରାଉତରାୟ, ଗିରିଶ ଚନ୍ଦ୍ର ମହାପାତ୍ର,ସିକତା ଦାସ,ବିଜୟ କୁମାର ପାତ୍ର,ଜୟଶ୍ରୀ ମହାନ୍ତି,ନିତ୍ୟଶ୍ଳୋକ ଦାସ, ଶ୍ରୀପତି ସାହୁ, ସଞ୍ଜୀବ ମହାନ୍ତି, ରାଜୀବ ମହାନ୍ତି,ଦେବରାଜ ବେହେରା,ବନ୍ଦନା ମହାନ୍ତି, ନେତାଜୀ, ପ୍ରଣତି ମହାନ୍ତି, ନିର୍ମଳ ପାଣି,ଜୟନ୍ତ ମିଶ୍ର ପ୍ରମୁଖ ବହୁ ବିଶିଷ୍ଟ ବ୍ୟକ୍ତି ଯୋଗ ଦେଇଥିଲେ ।

# 'ବସୁଧୈବ କୁଟୁମ୍ବକମ୍ ମିସନ୍' ଆଲୋଚନାଚକ୍ର

**କଟକ,୧୯।୫/ଏନ୍ଏନ୍ଏସ୍:** 'ବସୁଧୈବ କୁଟୁମ୍ବକମ୍ ମିସନ୍' ପକ୍ଷରୁ ୧୦୮ତମ ଅଧିବେଶନ ଓ ଆଲୋଚନାଚକ୍ର ଲିଙ୍ଗରୋଡ୍‌ଠାରେ ଆୟୋଜିତ ହୋଇଛି । ପ୍ରଫେସର୍ ଡାକ୍ତର ଅନଙ୍ଗ ମୋହନ ଦ୍ୱିବେଦୀ ଅଧିବେଶନକୁ ଉଦ୍‌ଘାଟନ କରିଥିଲେ । ଅନୁଷ୍ଠାନର ପ୍ରତିଷ୍ଠାତା-ସଭାପତି ଭାଗୀରଥି ସାହୁଙ୍କ ପୌରୋହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ମିସନର ସହ-ସମ୍ପାଦିକା ସମାଜସେବୀ ନୟନା ମହାନ୍ତି ଅତିଥି ପରିଚୟ ଦେଇଥିଲେ । ମିସନର ସାଧାରଣ ସମ୍ପାଦକ ଡକ୍ଟର ଅର୍ଜୁନ କୁମାର ବିଶ୍ୱାଳ ପୂର୍ବ ବିବରଣୀ ପାଠ କରିଥିଲେ । ଆଲୋଚନାର ବିଷୟ ଥିଲା 'ଯୁଦ୍ଧ ବିନା ସମଗ୍ର ପୃଥିବୀରେ ଶାନ୍ତି ପ୍ରତିଷ୍ଠା କରିବା ଅସମ୍ଭବ କି' । ପ୍ରଫେସର ଡାକ୍ତର ଉତ୍ତମ କୁମାର ସାହୁ, ପୃଥିବୀରେ ଶାନ୍ତି ପାଇଁ ଯୁଦ୍ଧର ଆବଶ୍ୟକତା ଅଛି ବୋଲି ମତ ଦେଇଥିଲାବେଳେ ଡାକ୍ତର ଅକ୍ଷୟ କୁମାର ମିଶ୍ର ଯୁଦ୍ଧ ବିନା ପୃଥିବୀରେ ଶାନ୍ତିପ୍ରତିଷ୍ଠା ସମ୍ଭବ ବୋଲି କହିଥିଲେ । ଆଲୋଚନାରେ ଡାକ୍ତର ଆଲୋକ କୁମାର ସାହୁ, ଡାକ୍ତର ସୁଲିପ୍ତ ମହାନ୍ତି, ଡାକ୍ତର ବସନ୍ତ ମଞ୍ଜରୀ ନନ୍ଦ, ଅଶୋକ କୁମାର ବିଶ୍ୱାଳ, ବିଜ୍ଞାନ ମହାନ୍ତି, ଗୀତାଶ୍ରୀ ଦାଶ ଭାଗ ନେଇଥିଲେ । ଶେଷରେ ନିହାର ରଞ୍ଜନ ପରିଡ଼ା ଧନ୍ୟବାଦ ଦେଇଥିଲେ ।


# ପୁରାତନ ଛାତ୍ର ସଂସଦ ପକ୍ଷରୁ ସ୍ମୃତିସଭା

**କଟକ,୧୯।୫/ଏନ୍ଏନ୍ଏସ୍:** ରଘୁନାଥଜିଉ ସରକାରୀ ଉଚ୍ଚ ବିଦ୍ୟାଳୟର ପୁରାତନ ଛାତ୍ର ସଂସଦ ପକ୍ଷରୁ ଏକ ସ୍ମୃତିସଭା ଅନୁଷ୍ଠିତ ହୋଇଛି । ୧୯୮୮ ବ୍ୟାଚର ପ୍ରମୋଦ କୁମାର ଦାସଙ୍କ ଅକାଳ ବିୟୋଗରେ ପୁରାତନ ଛାତ୍ର ସଂସଦର ଆଲୁମନି କମିଟିର ସଭାପତି ନିରଞ୍ଜନ ସ୍ୱାଇଁଙ୍କ ସଭାପତିତ୍ୱରେ ସ୍କୁଲରେ ଏହି ସ୍ମୃତିସଭା ଅନୁଷ୍ଠିତ ହୋଇଥିଲା । ଏହି ସଭାରେ ସ୍ୱର୍ଗତ ଆତ୍ମାର ସଦଗତି ନିମନ୍ତେ ଦୁଇ ମିନିଟ ନିରବ ପ୍ରାର୍ଥନା କରାଯାଇଥିଲା । ପରେ ସଂସଦର କର୍ମକର୍ତ୍ତା ସ୍ୱର୍ଗତ ଦାସଙ୍କ ସ୍ମୃତିଚାରଣ କରିଥିଲେ । ସଭାରେ ଉପସଭାପତି ସନ୍ତୋଷ ନାୟକ, ସଂଗଠନ ସମ୍ପାଦକ କବିରଜନ ମହାନ୍ତି, କୋଷାଧ୍ୟକ୍ଷ ପ୍ରଭାସ ପ୍ରଧାନ, ପ୍ରଧାନ ଶିକ୍ଷୟତ୍ରୀ ମଧୁସ୍ମିତା ସାହୁ,ଆଡ଼ଭୋକେଟ ମିତ୍ରଭାନୁ ମହାନ୍ତି,ଆଡ଼ଭୋକେଟ ଅସିତ ଜେନା, ପରେଶ ସରକାର, ପ୍ରଭାତ ମହାପାତ୍ର,ପ୍ରମୋଦ ନାୟକ,ପ୍ରୀତିଶ ଚିନାହାର, ବୁଦ୍ଧଦେବ ସ୍ୱାଇଁ, ପ୍ରଦୀପ୍ତ ମହାପାତ୍ର ଓ ପ୍ରଜ୍ଞା ଦାସ ପ୍ରମୁଖ ଉପସ୍ଥିତ ଥିଲେ ।

# ସହିଦଙ୍କ ଉଦ୍ଦେଶ୍ୟରେ ସମୂହ ଦୀପଦାନ

**କଟକ,୧୯।୫/ଏନ୍ଏନ୍ଏସ୍:** ରାଉସାପାଟଣା ସ୍ଥିତ ଶ୍ରୀଶ୍ରୀ ସେ ମହାଦେବ ପୂଜା କମିଟି ଓ ଶ୍ରୀଶ୍ରୀ ରାଧାଗୋବିନ୍ଦ ଜିଉ ସଂକୀର୍ତ୍ତନ ମଣ୍ଡଳୀ ତରଫରୁ ଗତ ଅପରେସନ ସିନ୍ଦୂରରେ ଦେଶ ପାଇଁ ସହିଦ ହୋଇଥିବା ବୀର ଯବାନଙ୍କ ଆତ୍ମାର ସଦଗତି କାମନା ନିମନ୍ତେ ସମୂହ ଦୀପଦାନ କରାଯାଇଛି । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ସେଣ୍ଟ୍ରାଲ ରେଡ୍‌କ୍ରସ ଆୱାରନେସ୍ କମିଟିର ଅଧ୍ୟକ୍ଷ ଡକ୍ଟର ରଞ୍ଜନ କୁମାର ବିଶ୍ୱାଳ ଯୋଗ ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ପୂଜା କମିଟିର ସଭାପତି ବସନ୍ତ କୁମାର ସେନ, ସାଧାରଣ ସମ୍ପାଦକ ଇ.ଜ୍ୟୋତିଷ କୁମାର ଦାସ, ଆଡ୍‌ଭୋକେଟ ଲିଙ୍ଗରାଜ ହାତୀ, ଗ୍ରାମ୍ୟ ମହନ୍ତ ଅଶୋକ କୁମାର ଦେ, କଟୁଆଳ ଶିବନାଥ ସେନ, ଆଡ୍‌ଭୋକେଟ ସରେନ୍ଦ୍ର ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ ।

# ଲିଗାଲ୍ ଆସିଷ୍ଟାଣ୍ଟ ସଂଘର ବାର୍ଷିକ ଉତ୍ସବ



**କଟକ,୧୯।୫/ଏନ୍ଏନ୍ଏସ୍:** ଓଡ଼ିଶା ହାଇକୋର୍ଟ ଲିଗାଲ ଆସିଷ୍ଟାଣ୍ଟ ସଂଘର ୪୦ ତମ ଦୁଇଦିନିଆ ବାର୍ଷିକ ଉତ୍ସବ ଜୁଡିସିଆଲ ଛକ ନିକଟରେ ଅନୁଷ୍ଠିତ ହୋଇଯାଇଛି । ଦୁଇଦିନ ବ୍ୟାପୀ ଏହି ଉତ୍ସବରେ ହାଇକୋର୍ଟର ବିଚାରପତି ସଙ୍ଗମ କୁମାର ସାହୁ ମୁଖ୍ୟ ଅତିଥି ରୂପେ ଯୋଗଦେଇ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କର ବିଚାରାଧୀନ ମାମଲାର ତ୍ୱରିତ ଫଇସଲାରେ ଲିଗାଲ ଆସିଷ୍ଟାଣ୍ଟମାନଙ୍କର ଭୂମିକା ବେଶ୍ ଗୁରୁତ୍ୱପୂର୍ଣ୍ଣ ବୋଲି କହିଥିଲେ । ଅନୁଷ୍ଠାନର ସଭାପତି ବସନ୍ତ କୁମାର ରାଉତଙ୍କ ପୌରହିତ୍ୟରେ ଆୟୋଜିତ ଏହି ଉତ୍ସବରେ ସମ୍ମାନିତ ଅତିଥିଭାବେ କେନ୍ଦ୍ର ସରକାରଙ୍କ ଡେପୁଟି ସଲିସିଏଟର ଜେନେରାଲ ପ୍ରସନ୍ନ କୁମାର ପାଢ଼ୀ, ମୁଖ୍ୟବକ୍ତା ଭାବେ ହାଇକୋର୍ଟ ବାର୍ ଆସୋସିଏସନ୍ ଉପ ସଭାପତି ସିଦ୍ଧାର୍ଥ ଦାସ ଓ ସମ୍ମାନିତ ବକ୍ତା ରୂପେ ଭାସ୍କର ଚନ୍ଦ୍ର ମହାନ୍ତି ଯୋଗ ଦେଇଥିଲେ । ଅନୁଷ୍ଠାନର ସମ୍ପାଦକ ଦିଲ୍ଲୀପ କୁମାର ମହାନ୍ତି ବାର୍ଷିକ ବିବରଣୀ ଉପସ୍ଥାପନା କରିଥିଲେ । ସେହିପରି ଉଦ୍‌ଯାପନ କାର୍ଯ୍ୟକ୍ରମରେ ହାଇକୋର୍ଟର ବିଚାରପତି ବିଭୁ ପ୍ରସାଦ ରାଉତରାୟ ମୁଖ୍ୟ ଅତିଥି, ଆଡ୍‌ଭୋକେଟ ଜେନେରାଲ ପିତାମ୍ବର ଆଚାର୍ଯ୍ୟ ସମ୍ମାନିତ ଅତିଥି, ଆଇନଜୀବୀ ସୁକାନ୍ତ କୁମାର ଦଳାଇ ପ୍ରମୁଖ ଯୋଗ ଦେଇଥିଲେ । ଏହି ଅବସରରେ ସଦସ୍ୟମାନଙ୍କ ଦ୍ୱାରା ରଞ୍ଜନ କରଙ୍କ ନିର୍ଦ୍ଦେଶନାରେ 'କଳଙ୍କ ମୋ ପାଇଁ ଚନ୍ଦନ ଟୋପା' ଏବଂ ' ହାଃ କୃଷ୍ଣ ବୋଲି ଜୀବ ଯାଉ'ଦୁଇଟି ହୃଦୟସ୍ପର୍ଶୀ ନାଟକ ମଞ୍ଚସ୍ଥ ହୋଇଥିଲା ।

# ଶିଶୁମନ୍ଦିରର ରୌପ୍ୟ ଜୟନ୍ତୀ ସମାରୋହ



**କଟକ,୧୯।୫/ଏନ୍ଏନ୍ଏସ୍:** ଖାନନଗରସ୍ଥିତ ସାଇ ସରସ୍ୱତୀ ଶିଶୁମନ୍ଦିରର ରୌପ୍ୟ ଜୟନ୍ତୀ ସମାରୋହ କଳାବିକାଶ କେନ୍ଦ୍ର ଠାରେ ଅନୁଷ୍ଠିତ ହୋଇଯାଇଅଛି । ଏହି କାର୍ଯ୍ୟକ୍ରମରେ ବିଶିଷ୍ଟ ଶିକ୍ଷାବିତ୍ ସନ୍ନ୍ୟାସୀନି ବିଦ୍ୟୁତ୍ କୁମାରୀ ଲାଲା ଉଦ୍‌ଘାଟକ, ମୁଖ୍ୟ ଅତିଥି ଭାବେ ସମାଜସେବୀ ଦେବେନ୍ଦ୍ର କୁମାର ପାଢ଼ୀ, ମୁଖ୍ୟ ବକ୍ତା ଭାବେ ଅଧ୍ୟାପକ କିଶୋର ଚନ୍ଦ୍ର ଦାସ, ସମ୍ମାନିତ ବକ୍ତା ଭାବେ ସିଏମ୍‌ସି ୪୫ ନମ୍ବର କର୍ପୋରେଟର ଗୋପାଳ ବେହେରା, ସମ୍ବର୍ଦ୍ଧିତ ଅତିଥି ରୂପେ ଶୈଳେନ୍ କୁମାର ଧଳ ଯୋଗଦେଇ ଥିଲେ । ସଭାପତି କରିଥିଲେ ତାରାକାନ୍ତ ଅଗସ୍ତି । ସେହିପରି ଦ୍ୱିତୀୟ ଅଧିବେଶନରେ ସଭାପତିତ୍ୱ କରିଥିଲେ ଡା. ରମେଶ ଚନ୍ଦ୍ର ଦାସ, ଗୋଲକ ବିହାରୀ ବିଶ୍ୱାଳ ଉଦ୍‌ଘାଟକ, ଡା.ରବି ରଞ୍ଜନ ସାହୁ ମୁଖ୍ୟ ବକ୍ତା, ପ୍ରଫୁଲ୍ଲ କୁମର ସାହୁ ସମ୍ମାନିତ ବକ୍ତା, ଇଞ୍ଜିନିୟର ଅନଙ୍ଗ ଉଦୟ ବଳ, ପ୍ରମୋଦ କୁମାର ନାୟକ ସମ୍ବର୍ଦ୍ଧିତ ଅତିଥି ଭାବେ ଯୋଗ ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟର ଶିଶୁ ମନ୍ଦିରର ପ୍ରତିଷ୍ଠାତା ବିଷ୍ଣୁ ଚରଣ ବିଶ୍ୱାଳ,ପ୍ରଧାନ ଶିକ୍ଷୟିତ୍ରୀ ନମିତା ରାଉତରାୟ, ବିଦ୍ୟାଳୟ ସମ୍ପାଦକ ଯୋଗେନ୍ଦ୍ର ନାଥ ବସ୍ତିଆଙ୍କ ତତ୍ତ୍ୱାବଧାନରେ ସଭା କାର୍ଯ୍ୟକୁ ପରିଚାଳନା କରିଥିଲେ । ବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ଅନୁଷ୍ଠିତ ହୋଇଥିବା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ।

# ବ୍ଲକ୍‌ସ୍ତରୀୟ ଷ୍ଟାଡିୟମ୍‌ର ଭିତ୍ତିପ୍ରସ୍ତର ସ୍ଥାପନ

**ଭୁବନେଶ୍ୱର ,୧୯।୫/ଏନ୍ଏନ୍ଏସ୍:** କଟକ ଜିଲ୍ଲାର ବଡ଼ମ୍ବା ବ୍ଲକରେ ଆଜି ବ୍ଲକ୍‌ସ୍ତରୀୟ ଷ୍ଟାଡିୟମ୍‌ର ଭିତ୍ତିପ୍ରସ୍ତର ସ୍ଥାପନ ହୋଇଛି । ଏହି କାର୍ଯ୍ୟକ୍ରମରେ କ୍ରୀଡା ଓ ଯୁବସେବା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ । ନିଜର ଅଭିଭାଷଣରେ କ୍ରୀଡାମନ୍ତ୍ରୀ ଶ୍ରୀ ସୂରଜ କହିଥିଲେ ଯେ, ଓଡ଼ିଶାରେ ତୃଣମୂଳ ସ୍ତରରେ କ୍ରୀଡା କରାଯାଉଛି । ଓଡ଼ିଶାର ୩୧୪ଟି ବ୍ଲକ୍‌ରେ ବ୍ଲକ୍‌ସ୍ତରୀୟ ଷ୍ଟାଡିୟମ୍ ନିର୍ମାଣ କରାଯିବ । ଏଥିପାଇଁ ସରକାରଙ୍କ ତରଫରୁ ୪୧୨୪ କୋଟି ଟଙ୍କାର ବ୍ୟୟ ବରାଦ କରାଯାଇଛି । ଓଡ଼ିଶାରେ କ୍ରୀଡା ଓ କ୍ରୀଡ଼ାବିତ୍‌ମାନଙ୍କର ସାମଗ୍ରିକ ବିକାଶ ପାଇଁ ଆମେ ପ୍ରତିଶ୍ରୁତିବଦ୍ଧ । ବ୍ଲକ୍‌ସ୍ତରୀୟ ଷ୍ଟାଡିୟମ୍ ଆଗାମୀ ଦିନରେ ଓଡ଼ିଶାର ପ୍ରତିଟି ଗାଁରେ ଜାତୀୟ ଓ ଅନ୍ତର୍ଜାତୀୟ



ଭିତ୍ତିଭୂମିକୁ ସୁଦୃଢ଼ କରିବା ସହ ପ୍ରତିଟି ଗାଁରେ କ୍ରୀଡା ପ୍ରତିଭାର ବିକାଶ କରିବା ନିମନ୍ତେ ବ୍ଲକସ୍ତରୀୟ ଷ୍ଟାଡିୟମ ନିର୍ମାଣ ସ୍ତରର କ୍ରୀଡାବିତ୍ ସୃଷ୍ଟି କରିବାରେ ସହାୟକ ହେବ ବୋଲି କ୍ରୀଡାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ମତପ୍ରକାଶ କରିଛନ୍ତି ।

**ଗୋଟିଏ ଦିନରେ ପ୍ରକାଶ ପାଇବ କଳା, ବିଜ୍ଞାନ, ବାଣିଜ୍ୟ ଓ ଧନ୍ଦାମୂଳକ ଶିକ୍ଷା ଫଳ**

# ଯୁକ୍ତ ୨ ରେଜଲ୍ଟ ପ୍ରକାଶରେ ବିଳମ୍ବ

**ଭୁବନେଶ୍ୱର,୧୯।୫/ଏନ୍ଏନ୍ଏସ୍:** ଚଳିତବର୍ଷର +୨ କଳା, ବିଜ୍ଞାନ, ବାଣିଜ୍ୟ, ଧନ୍ଦାମୂଳକଶିକ୍ଷା ମୂଲ୍ୟାଙ୍କନ ପ୍ରକ୍ରିୟା ୨ଟି ପର୍ଯ୍ୟାୟରେ ହୋଇଥିବା ବେଳେ ଦ୍ୱିତୀୟ ପର୍ଯ୍ୟାୟ ଖାତାଦେଖା ପ୍ରକ୍ରିୟା ଏପ୍ରିଲ ୧୬ରୁ ଆରମ୍ଭ ହୋଇଥିବା ବେଳେ ଏହା ୨୮ରେ ଶେଷ ହୋଇସାରିଛି । ତେବେ ମେ' ତୃତୀୟ ସପ୍ତାହରେ ଅର୍ଥାତ ୨୨ତାରିଖ ସୁଦ୍ଧା ଏକ ସାଙ୍ଗରେ କଳା, ବିଜ୍ଞାନ, ବାଣିଜ୍ୟ ଏବଂ ଧନ୍ଦାମୂଳକ ଶିକ୍ଷାର ରେଜଲ୍ଟ ପ୍ରକାଶ ପାଇବ ବୋଲି ଧାର୍ଯ୍ୟ ହୋଇଥିଲା । ମାତ୍ର ଆଜି ଏ ସମ୍ପର୍କରେ ପରୀକ୍ଷା ନିୟନ୍ତ୍ରକ ଡା. ପ୍ରଶାନ୍ତ କୁମାର ପରିଡ଼ା କହିଛନ୍ତି ଯେ, କିଛି ସମସ୍ୟା ଲାଗି ଫଳ ପ୍ରକାଶରେ ବିଳମ୍ବ ଘଟିପାରେ । ତେବେ ଆସନ୍ତା ସପ୍ତାହରେ ଫଳ ପ୍ରକାଶ ପାଇବ ବୋଲି ପରୀକ୍ଷା ନିୟନ୍ତ୍ରକ ସୂଚନା ଦେଇଛନ୍ତି । ପ୍ରଥମ କରି ଗୋଟିଏ ଦିନରେ ୪ଟି ଷ୍ଟ୍ରିମ୍ ରେଜଲ୍ଟ ପ୍ରକାଶ ପାଇବାକୁ ଥିବାରୁ ଯୁକ୍ତ ୨ ପରିଷଦରେ କାର୍ଯ୍ୟଭାର ବଢ଼ିଛି । ରାଜ୍ୟରେ ଚଳିତବର୍ଷ ମୋଟ୍ ୧୫୦ଟି ଭାଲ୍ୟୁଏସନ ଜୋନ୍ ହୋଇଥିବା ବେଳେ ସେଥିରୁ ଇ-ମୂଲ୍ୟାଙ୍କନ ଲାଗି ୫୮ଟି ଏବଂ ଅଫ୍‌ଲାଇନ୍ ମୂଲ୍ୟାଙ୍କନ ଲାଗି ୭୯ଟି ମୂଲ୍ୟାଙ୍କନ କେନ୍ଦ୍ରର ବ୍ୟବସ୍ଥା କରାଯାଇଛି । ଅବଶିଷ୍ଟ କୋଡିଂ ଜୋନ୍ କରାଯାଇଛି । ରାଜ୍ୟରେ ୨୦୫ଟି ହବ କେନ୍ଦ୍ର ହୋଇଛି । ସେଥିରେ ୨୪ ଘଣ୍ଟିଆ ସିସିଟିଭି ସର୍ଭିଲାନ୍ସ ସହ ପଞ୍ଚସ୍ତରୀୟ ସୁରକ୍ଷା ବ୍ୟବସ୍ଥା କରାଯାଇଛି । ୧,୧୭୬ଟି ପରୀକ୍ଷା ସେଣ୍ଟର ରହିଛି । ତେବେ ରାଜ୍ୟରେ ଚଳିତ ବର୍ଷ ମୋଟ୍ ୩ ଲକ୍ଷ ୯୩ ହଜାର ୬୧୮ ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେଇଛନ୍ତି । ସେଥିରୁ କଳା ବିଭାଗରେ ରେଗୁଲାର ୨,୩୦,୬୭୭, ଏକ୍ସରେଗୁଲାରରେ ୧୬,୭୧୪, ସର୍ବମୋଟ ୨,୪୭,୩୯୧ ଜଣ ପରୀକ୍ଷାର୍ଥୀ ରହିଛନ୍ତି । ସେହିଭଳି ବାଣିଜ୍ୟ ବିଭାଗରେ ରେଗୁଲାର ୨୩,୬୫୬ ଓ ଏକ୍ସରେଗୁଲାରରେ ୧,୮୭୦ ପରୀକ୍ଷାର୍ଥୀ ଥିବା ବେଳେ ବାଣିଜ୍ୟ ବିଭାଗରେ ସର୍ବମୋଟ ୨୫,୫୨୬ ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେଇଛନ୍ତି । ବିଜ୍ଞାନ ବିଭାଗରେ ରେଗୁଲାର ୧,୦୬,୫୦୫ ଓ ଏକ୍ସରେଗୁଲାର ୮,୪୭୫ ପରୀକ୍ଷା ଦେଇଛନ୍ତି ।

# ଚୌଦ୍ୱାର-କଟକ ବିଜେଡି ପକ୍ଷରୁ ଶୋକସଭା



**କଟକ,୧୯।୫/ଏନ୍ଏନ୍ଏସ୍:** ବିଜେଡି ନଗର କମିଟି ସମ୍ପାଦକ ଚିତ୍ତରଞ୍ଜନ ସାହୁ (ଟନା)ଙ୍କ ବିୟୋଗରେ ଚୌଦ୍ୱାର କଟକ ବିଜେଡି ମହାନଦୀବିହାର ସ୍ଥିତ ସେଲିବ୍ରେସନ୍ ମଣ୍ଡପ ପରିସରରେ ଏକ ଶୋକସଭା ଅନୁଷ୍ଠିତ ହୋଇଯାଇଛି । ବିଧାୟକ ସୌଭିକ ବିଶ୍ୱାଳଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସଭାରେ ଡେପୁଟି ମେୟର ଦମୟନ୍ତୀ ମାଝୀ, ବରିଷ୍ଠ ନେତା ପ୍ରଫୁଲ୍ଲ ବେହେରା, ନଗର କମିଟିର କାର୍ଯ୍ୟକାରୀ ସଭାପତି ଇ. ସୁବ୍ରତ ଘଡ଼ାଇ, ଉପସଭାପତି ରାଜେନ୍ଦ୍ର ରଣା, ସାଧାରଣ ସମ୍ପାଦକ ତାପସ ମହାନ୍ତି, କର୍ପୋରେଟର ସୌଭାଗିନୀ ଜେନା, ପ୍ରଳୟା ବେଉରା, ଝିଲି ବିହାରୀ, ପ୍ରଦୀପ ସାହୁ, ପଦ୍ମିନୀ ସାହୁ, ଏମଡିଏ ସଭାପତି ସଞ୍ଜୟ ଜେନା, ସମ୍ପାଦକ ହିମାଂଶୁ ଷଡ଼ଙ୍ଗୀ, ଇ.ଆଶିଷ ସ୍ୱାଇଁ, ଯୁଧିଷ୍ଠିର ବିଶ୍ୱାଳ, ଜୟଦେବ ଜେନା, ଦିଲ୍ଲିପ ସାହୁ, ବିଭୂତି ସ୍ୱାଇଁ, ପବିତ୍ର ଭୂୟାଁ, ଦେବେନ୍ଦ୍ର କାହାଳୀ, ଅଞ୍ଜନ ପାତ୍ର, ଜ୍ଞାନ ରଞ୍ଜନ ଦାସ, ଆଶୋକ ମିଶ୍ର ଏବଂ ବିଧାୟକଙ୍କ ପ୍ରତିନିଧି ରମାକାନ୍ତ ଲେଙ୍କା ପ୍ରମୁଖ ଯୋଗଦେଇ ସ୍ୱର୍ଗତ ସାହୁଙ୍କ ସ୍ମୃତିଚାରଣ କରିଥିଲେ ।

**ଦୁର୍ଷ୍କର୍ମ ପୀଡ଼ିତାଙ୍କଠାରୁ ଠକେଇ ମାମଲା**

# ମହିଳା ପିଇଟିଙ୍କ ସହ ଡାଟାଏଣ୍ଟ୍ରି ଅପରେଟର୍ ଗିରଫ

**କଟକ,୧୯।୫/ଏନ୍ଏନ୍ଏସ୍:** ଜଣେ ନାବାଳିକା ପୀଡ଼ିତାଙ୍କଠାରୁ ଠକେଇ ମାମଲାରେ ଲାଲବାଗ ଥାନା ପୁଲିସ ୨ ଜଣଙ୍କୁ ଗିରଫ କରିଛି । ଅଭିଯୁକ୍ତ ଦ୍ୱୟ ହେଲେ ବେଗୁନିଆ ବ୍ଲକ ପୋଡ଼ାଡିହସ୍ଥି ଜନତା ନୋଡାଲ ବିଦ୍ୟାପୀଠର ମହିଳା ପିଇଟି ସଙ୍ଗୀତା ସିଂହ(୩୮) ଓ ଜିଲ୍ଲା ୱେଲ୍‌ଫେୟାର ଅଫିସ୍‌ର ଡାଟାଏଣ୍ଟ୍ରି ଅପରେଟର୍ ଅମୀୟ କୁମାର ସାହୁ(୪୫) । ମହିଳା ଅଭିଯୁକ୍ତଙ୍କୁ ଗତକାଲି ଓ ଅନ୍ୟ ଜଣଙ୍କୁ ଆଜି ଗିରଫ କରାଯାଇ ସୋମବାର କୋର୍ଟ ଚାଲାଣ କରାଯାଇଛି । ସେମାନଙ୍କ ନିକଟରୁ ୪ଟି ମୋବାଇଲ ଫୋନ୍ ଓ ମୋବାଇଲାର ଥିବା ବିଭିନ୍ନ ବ୍ୟାଙ୍କିଂ କାରବାରର ସ୍କ୍ରିନ ସର୍ଟ ଜବତ କରାଯାଇଛି । ଦୁଇ ଅଭିଯୁକ୍ତ ନରସିଂହପୁର ଅଞ୍ଚଳର ନାବାଳିକା ବଳାତ୍କାର ପୀଡ଼ିତାଙ୍କୁ ଭୟଭୀତ କରାଇ ତାଙ୍କୁ ମିଳିଥିବା ଅନୁକମ୍ପାମୂଳକ ସହାୟତା ରାଶିରୁ ୧.୧ ଲକ୍ଷ ଟଙ୍କା ଠକେଇ କରିଥିବା ଶନିବାର ଲାଲବାଗ ଥାନାରେ ଅଭିଯୋଗ ହୋଇଥିଲା । ଅଭିଯୋଗ ଆଧାରରେ ପୁଲିସ କେସ୍ ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା । ନାବାଳିକା ପୀଡ଼ିତା ଜିଲ୍ଲା ୱେଲ୍‌ଫେୟାର କାର୍ଯ୍ୟାଳୟରୁ ଗତ ମାର୍ଚ୍ଚ ୨୩ ତାରିଖରେ ଅନୁକମ୍ପାମୂଳକ ରାଶି ୩ ଲକ୍ଷ ୭୫ ହଜାର ଟଙ୍କା ପ୍ରଦାନ କରାଯାଇଥିଲା । ଅଭିଯୁକ୍ତ ଅମୀୟ କୁମାର ସାହୁ ଉକ୍ତ କାର୍ଯ୍ୟାଳୟର ଡାଟାଏଣ୍ଟ୍ରି ଅପରେଟର୍ ଭାବେ କାର୍ଯ୍ୟ କରନ୍ତି । ସେ ଅନ୍ୟତମ ଅଭିଯୁକ୍ତ ସଙ୍ଗୀତା ସିଂହଙ୍କ ସହ ମିଶି ପୀଡ଼ିତା ନାବାଳିକାଙ୍କ ସହାୟତା ରାଶି ହାତେଇବାକୁ ଯୋଜନା କରିଥିଲେ । ସଙ୍ଗୀତା ନିଜକୁ ଜିଲାପାଳଙ୍କ କାର୍ଯ୍ୟାଳୟର କର୍ମଚାରୀ ଭାବେ ପରିଚୟ ଦେଇ ପୀଡ଼ିତାଙ୍କୁ ଫୋନ୍ କରି ତାଙ୍କୁ ଅଧିକ ୧.୧ ଲକ୍ଷ ଟଙ୍କା ଦିଆଯାଇଥିବା କହିଥିଲେ । ତୁରନ୍ତ ଅଧିକ ଲକ୍ଷେ ଏକ ହଜାର ଟଙ୍କା ଫେରସ୍ତ ନକଲେ ସମ୍ପୂର୍ଣ୍ଣ ଟଙ୍କା ତାଙ୍କ ଆକାଉଣ୍ଟକୁ ନେଇଯିବେ ବୋଲି ଧମକ ଦେଇଥିଲେ । ଏଥିରେ ପୀଡ଼ିତା ଡରିଯାଇ ଫୋନ୍ ପେ'ରେ ୩ଥର ଟ୍ରାଞ୍ଜାକ୍ସନ କରି ୧ଲକ୍ଷ ୧୦ଜାର ଟଙ୍କା ଦେଇଥିଲେ । ପରେ ପୀଡ଼ିତା ଜଣକ ଠକାମୀର ଶୀକାର ହୋଇଥିବା ଜାଣି ଶନିବାର ଲାଲବାଗ ଥାନାରେ ଏତଲା ଦେଇଥିଲେ । ପୁଲିସ ତ୍ୱରିତ ପଦକ୍ଷେପ ସ୍ୱରୂପ ତଦନ୍ତ ଆରମ୍ଭ କରି ଦୁହିଁଙ୍କୁ ଗିରଫ କରିଥିଲା ବେଳେ ଏହି ମାମଲାରେ ଆଉ କେଉଁମାନେ ସମ୍ପୃକ୍ତ ଅଛନ୍ତି ସେନେଇ ପୁଲିସ ତନାଘନା ଚଳାଇଛି ।





**ଆଜିର ମ୍ୟାଚ୍**

ଚେନ୍ନାଇ ସୁପର୍ କିଙ୍ଗ୍ସ ବନାମ ରାଜସ୍ଥାନ ରୟାଲ୍ସ

ସମୟ: ସନ୍ଧ୍ୟା ୭.୩୦, ଭେନ୍ୟୁ: ଦିଲ୍ଲୀ

ପ୍ରସାରଣ: ଷ୍ଟାର୍ ସ୍ପୋର୍ଟ୍ସ ନେଟ୍‌ୱର୍କ

ନିତିଦିନ NITIDIN

## ଆଇପିଏଲ୍ ୨୦୨୫ ପଏଣ୍ଟ୍ ଟେବଲ୍

| ଟିମ୍ | ମ୍ୟାଚ୍ | ବିଜୟ | ପରାଜୟ | ଫଳ ଶୂନ୍ୟ | ପଏଣ୍ଟ | ରନ୍‌ରେଟ୍ |
|---|---|---|---|---|---|---|
| ଗୁଜରାଟ | ୧୨ | ୮ | ୩ | ୦ | ୧୮ | +୦.୭୯୫ |
| ବେଙ୍ଗାଲୁରୁ | ୧୨ | ୮ | ୩ | ୧ | ୧୭ | +୦.୪୮୨ |
| ପଞ୍ଜାବ | ୧୨ | ୮ | ୩ | ୧ | ୧୭ | +୦.୩୮୯ |
| ମୁମ୍ବାଇ | ୧୨ | ୭ | ୫ | ୦ | ୧୪ | +୧.୧୫୬ |
| ଦିଲ୍ଲୀ | ୧୨ | ୬ | ୫ | ୧ | ୧୩ | +୦.୨୬୦ |
| କୋଲ୍‌କାତା | ୧୩ | ୫ | ୬ | ୨ | ୧୨ | +୦.୧୯୩ |
| ଲକ୍ଷ୍ନୌ | ୧୨ | ୫ | ୭ | ୦ | ୧୦ | -୦.୫୦୬ |
| ହାଇଦ୍ରାବାଦ | ୧୨ | ୪ | ୭ | ୧ | ୯ | -୧.୦୦୦ |
| ରାଜସ୍ଥାନ | ୧୩ | ୩ | ୧୦ | ୦ | ୬ | -୦.୭୦୧ |
| ଚେନ୍ନାଇ | ୧୨ | ୩ | ୯ | ୦ | ୬ | -୦.୯୯୨ |

# ପ୍ଲେଅଫ୍ ରେସ୍‌ରୁ ଲକ୍ଷ୍ନୌ ବାଦ୍

## ହାଇଦ୍ରାବାଦ ୬ ୱିକେଟ୍‌ରେ ହରାଇଲା, ପନ୍ତ୍ ପୁଣି ଫ୍ଲପ୍




**ଲକ୍ଷ୍ନୌ,୧୯।୫/ଏଜେନ୍ସି:** ଆଇପିଏଲ୍ ୨୦୨୫ର ସୋମବାର ଅନୁଷ୍ଠିତ ୬୧ତମ ଲିଗ୍ ମ୍ୟାଚ୍‌ରେ ସନ୍‌ରାଇଜର୍ସ ହାଇଦ୍ରାବାଦ ୬ ୱିକେଟ୍‌ରେ ଲକ୍ଷ୍ନୌ ସୁପର୍ ଜାଏଣ୍ଟ୍ସକୁ ହରାଇ ଦେଇଛି। ଏହି ପରାଜୟ ଫଳରେ ଲକ୍ଷ୍ନୌର ପ୍ଲେଅଫ୍ ପହଞ୍ଚିବା ଆଶା ଚୂରମାର ହୋଇଛି। ପ୍ରଥମେ ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ଲକ୍ଷ୍ନୌ ମିଚେଲ୍ ମାର୍ଶ ଓ ଏଡେନ୍ ମାର୍କରମ୍‌ଙ୍କ ଅର୍ଦ୍ଧଶତକ ବଳରେ ହାଇଦ୍ରାବାଦ ଆଗରେ ୨୦୬ ରନ୍‌ର ଲକ୍ଷ୍ୟ ରଖିଥିଲା। ଜବାବରେ ହାଇଦ୍ରାବାଦ ୧୯ତମ ଓଭର୍‌ରେ ଲକ୍ଷ୍ୟ ହାସଲ କରିନେଇଛି।

ଲକ୍ଷ୍ୟର ପିଛା କରୁଥିବା ହାଇଦ୍ରାବାଦ୍ ଦ୍ୱିତୀୟ ଓଭର୍‌ରେ ହିଁ ଅଥର୍ବ ତାଇଡ଼େ (୧୩)ଙ୍କ ୱିକେଟ୍ ହରାଇଥିଲା। ତେବେ ଏହାପରେ ଅଭିଷେକ ଶର୍ମା ଓ ଈଶାନ୍ କିଶନ୍ ଚମତ୍କାର ବ୍ୟାଟିଂ କରି ଟିମ୍‌କୁ ସମ୍ଭାଳିଥିଲେ। ଅଭିଷେକ ଲଗାତାର ତିନି ଛକା ମାରି ମାତ୍ର ୧୮ ବଲ୍‌ରେ ଅର୍ଦ୍ଧଶତକ ପୂରଣ କରିଥିଲେ। ୨୦ ବଲ୍‌ରେ ୪ ଚୌକା ଓ ୬ ଛକା ସହାୟତାରେ ୫୯ ରନ୍‌ର ବିସ୍ଫୋରକ ୬୯ ରନ୍ କରିଥିବା ଅଭିଷେକ ଅଷ୍ଟମ ଓଭର୍‌ରେ ଦିଗ୍‌ବେଶ ରାଠିଙ୍କ ଶିକାର ହୋଇଥିଲେ। ଏହାପରେ ଦ୍ୱାଦଶ ଓଭର୍‌ରେ ଈଶାନ୍ କିଶନ୍ ମଧ୍ୟ ପ୍ୟାଭିଲିୟନ୍ ଫେରିଥିଲେ। ତାଙ୍କୁ ମଧ୍ୟ ଦିଗ୍‌ବେଶ ରାଠି ଆଉଟ୍ କରିଥିଲେ। କିଶାନ୍ ୨୮ ବଲ୍‌ରେ ୩ ଚୌକା ଓ ୨ ଛକା ସହାୟତାରେ ୩୫ ରନ୍ କରିଥିଲେ। ଏହାପରେ ହେନରିକ୍ କ୍ଲାସେନ୍ ଓ କାମିନ୍ଦୁ ମେଣ୍ଡିସ୍ ଚମତ୍କାର ବ୍ୟାଟିଂ କରିଥିଲେ। ଉଭୟଙ୍କ ମଧ୍ୟରେ ଅର୍ଦ୍ଧଶତକୀୟ ପାର୍ଟନରଶିପ୍ ହୋଇଥିଲା। ଶାର୍ଦ୍ଦୁଳ ଠାକୁର ୧୮ଶ ଓଭର୍‌ରେ ଏହି ଯୋଡ଼ିରେ ବ୍ରେକ୍ ଲଗାଇଥିଲେ। କ୍ଲାସେନ୍ ୪୭ ରନ୍‌ର ଇନିଂସ୍ ଖେଳିଥିଲେ। ଏହାପରେ ଅନିକେତ ବର୍ମା ଓ ନୀତୀଶ ରେଡ୍ଡୀ ଟିମ୍‌କୁ ୬ ୱିକେଟ୍‌ରେ ବିଜୟୀ କରାଇଥିଲେ।

ଏହା ପୂର୍ବରୁ ଟସ୍ ହାରି ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ଲକ୍ଷ୍ନୌ ସୁପର୍ ଜାଏଣ୍ଟ୍ସର ଆରମ୍ଭ ଧମାକାଦାର ଥିଲା। ମିଚେଲ୍ ମାର୍ଶ ଓ ଏଡେନ୍ ମାର୍କରମ୍ ପ୍ରଥମରୁ ହିଁ ଛକା-ଚୌକା ବର୍ଷା କରିଥିଲେ। ମିଚେଲ୍ ମାର୍ଶ ମାତ୍ର ୨୮ ବଲ୍‌ରେ ଅର୍ଦ୍ଧଶତକ ପୂରଣ କରିଥିଲେ। ଏହା ମଧ୍ୟରେ ତାଙ୍କର ୩ ଚୌକା ଓ ୪ ଛକା ସାମିଲ ଥିଲା। ୯ ଓଭର୍‌ରେ ହିଁ ଟିମ୍‌ର ସ୍କୋର୍ ୧୦୦ ରନ୍ ପାର କରିଥିଲା। ମାତ୍ର ଏକାଦଶ ଓଭର୍‌ରେ ମାର୍ଶଙ୍କୁ ଆଉଟ୍ କରି ହର୍ଷ ଦୁବେ ଲକ୍ଷ୍ନୌକୁ ପ୍ରଥମ ଝଟ୍‌କା ଦେଇଥିଲେ। ମାର୍ଶ ୬ ଚୌକା ଓ ୪ ଛକା ସହାୟତାରେ ୩୯ ବଲ୍‌ରୁ ୬୫ ରନ୍‌ର ଇନିଂସ୍ ଖେଳିଥିଲେ। ମାର୍ଶଙ୍କ ଆଉଟ୍ ପରେ କ୍ରିଜ୍‌କୁ ଆସିଥିବା କ୍ୟାପ୍‌ଟେନ୍ ଋଷଭ ପନ୍ତ୍ ପୁଣିଥରେ ଫ୍ଲପ୍ ସାବ୍ୟସ୍ତ ହୋଇଥିଲେ। ସେ ମାତ୍ର ୭ ରନ୍ କରିଥିବା ବେଳେ ଇଶାନ୍ ମାଲିଙ୍ଗାଙ୍କ ଦ୍ୱାରା କଟ୍ ଆଣ୍ଡ୍ ବୋଲ୍ଡ ହୋଇଥିଲେ। ତେବେ ଗୋଟିଏ ପଟେ ତିଷ୍ଠି ରହିଥିବା ମାର୍କରମ୍ ୨୮ ବଲ୍‌ରେ ଚଳିତ ସିଜନ୍‌ର ପଞ୍ଚମ ଅର୍ଦ୍ଧଶତକ ହାସଲ କରିଥିଲେ। ତେବେ ୧୬ଶ ଓଭର୍‌ରେ ସେ ୩୮ ବଲ୍‌ରେ ୬୧ ରନ୍ କରି ବିଦାୟ ନେଇଥିଲେ। ଏହାପରେ ଆୟୁଷ ବଡ଼ୋନୀ ମାତ୍ର ୩ ରନ୍ କରି ଆଉଟ୍ ହୋଇଥିଲେ। ଅବଶ୍ୟ ନିକୋଲାସ୍ ପୂରନ୍ ଗୋଟିଏ ପଟେ ତିଷ୍ଠି ରହି ୨୬ ବଲ୍‌ରେ ୪୫ ରନ୍ କରିଥିଲେ। ମାତ୍ର ଅନ୍ତିମ ଓଭର୍‌ରେ ସେ ରନ୍ ଆଉଟ୍ ହୋଇଯାଇଥିଲେ। ଲକ୍ଷ୍ନୌ ୨୦ ଓଭର୍‌ରେ ୭ ୱିକେଟ୍ ହରାଇ ୨୦୫ ରନ୍ କରିଥିଲା। ହାଇଦ୍ରାବାଦ ପକ୍ଷରୁ ଇଶାନ୍ ମାଲିଙ୍ଗା ଦୁଇଟି ୱିକେଟ୍ ଅକ୍ତିଆର କରିଥିବା ବେଳେ ହର୍ଷ ଦୁବେ, ହର୍ଷଲ୍ ପଟେଲ୍ ଓ ନୀତୀଶ ରେଡ୍ଡୀଙ୍କୁ ୧-୧ ସଫଳତା ମିଳିଥିଲା।

## ଆଇପିଏଲ୍‌ରେ ହର୍ଷଲ୍‌ଙ୍କ ଦ୍ରୁତ ୧୫୦ ୱିକେଟ୍



**ନୂଆଦିଲ୍ଲୀ,୧୯।୫/ଏଜେନ୍ସି:** ହର୍ଷଲ୍ ପଟେଲ୍ ଆଇପିଏଲ୍ ଇତିହାସରେ ଦ୍ରୁତ ୧୫୦ ୱିକେଟ୍ ହାସଲକାରୀ ବୋଲର୍ ହୋଇଛନ୍ତି। ଏହି ମାମଲାରେ ସେ ଲାସିଥ୍ ମାଲିଙ୍ଗାଙ୍କ ରେକର୍ଡ ଧ୍ୱସ୍ତ କରିଛନ୍ତି। ହର୍ଷଲ୍ ପଟେଲ୍ ୧୧୬ ମ୍ୟାଚ୍‌ରେ ଏହି ଉପଲବ୍ଧି ହାସଲ କରିଛନ୍ତି। ଅବଶ୍ୟ ମାଲିଙ୍ଗା ୧୦୫ ମ୍ୟାଚ୍‌ରେ ଏହି କୀର୍ତ୍ତିମାନ କରିଥିଲେ। ତେବେ ହର୍ଷଲ୍ ପଟେଲ୍ ବଲ୍ ହିସାବରେ ମାଲିଙ୍ଗାଙ୍କୁ ପଛରେ ପକାଇ ଦେଇଛନ୍ତି। ସୋମବାର ଲକ୍ଷ୍ନୌ ସୁପର୍ ଜାଏଣ୍ଟ୍ସ ବିପକ୍ଷ ମ୍ୟାଚ୍‌ରେ ସେ ଏହି କୀର୍ତ୍ତିମାନ ସ୍ଥାପନ କରିଛନ୍ତି। ହର୍ଷଲ୍ ୨,୩୮୧ ବଲ୍‌ରେ ୧୫୦ ୱିକେଟ୍ ପୂରା କରିଥିବା ବେଳେ ମାଲିଙ୍ଗା ଏଥିପାଇଁ ୨୪୪୪ ବଲ୍‌ର ସହାୟତା ନେଇଥିଲେ। ଏହି ଲିଷ୍ଟରେ ଯୁଜବେନ୍ଦ୍ର ଚହଲ୍‌ଙ୍କ ନାମ ମଧ୍ୟ ରହିଛି। ସେ ୨୫୪୩ ବଲ୍‌ରେ ୧୫୦ ୱିକେଟ୍ ପୂରା କରିଥିଲେ। ଚହଲ୍‌ଙ୍କ ପରେ ଡ୍ୱେନ୍ ବାଭୋ (୨୬୫୬ ବଲ୍) ଏବଂ ଜସ୍‌ପ୍ରୀତ୍ ବୁମ୍‌ରା (୨୮୩୨ ବଲ୍)ଙ୍କ ନାମ ରହିଛି।

## ୮ ହଜାର ଟି-୨୦ ରନ୍‌ରେ ରାହୁଲ ଦ୍ରୁତ ଭାରତୀୟ



**ନୂଆଦିଲ୍ଲୀ,୧୯।୫/ଏଜେନ୍ସି:** ଭାରତୀୟ ବ୍ୟାଟର୍ କେଏଲ୍ ରାହୁଲ ଟି-୨୦ କ୍ରିକେଟ୍‌ରେ ରବିବାର ଏକ ବିଶ୍ୱ କୀର୍ତ୍ତିମାନ ହାସଲ କରିଛନ୍ତି। କ୍ରିକେଟ୍‌ର ଏହି ଛୋଟ ଫର୍ମାଟ୍‌ରେ ଦ୍ରୁତ ୮ ହଜାର ରନ୍ କରିବାରେ ସେ ପ୍ରଥମ ଭାରତୀୟ ବ୍ୟାଟର୍ ହୋଇଛନ୍ତି। ରବିବାର ପଞ୍ଜାବ କିଙ୍ଗ୍ସ ବିପକ୍ଷ ମ୍ୟାଚ୍‌ରେ ଦିଲ୍ଲୀ କ୍ୟାପିଟାଲ୍ସ ପକ୍ଷରୁ ରାହୁଲ ଏହି କୀର୍ତ୍ତିମାନ କରିଛନ୍ତି। ଏଥିପାଇଁ ତାଙ୍କୁ ୨୨୪ ଇନିଂସ୍‌ର ସହାୟତା ନେବାକୁ ପଡ଼ିଛି। ଏହି ମାମଲାରେ ସେ ବିରାଟ କୋହଲିଙ୍କ ୨୪୩ ଇନିଂସ୍‌ର ରେକର୍ଡ ଭଙ୍ଗ କରିଛନ୍ତି। ୮ ରନ୍ ପୂରଣ କରିବାରେ ରାହୁଲ ଓଭରଅଲ୍ ତୃତୀୟ ଦ୍ରୁତ ବ୍ୟାଟର୍ ହୋଇଛନ୍ତି। ଏହି ତାଲିକାର ଶୀର୍ଷରେ କ୍ରିସ୍ ଗେଲ୍ (୨୧୩ ଇନିଂସ୍) ଥିବାବେଳେ ଦ୍ୱିତୀୟ ସ୍ଥାନରେ ବାବର ଆଜମ୍ (୨୧୮ ଇନିଂସ୍) ରହିଛନ୍ତି।

## ଇତିହାସ ରଚିଲେ ଶ୍ରେୟସ୍ ଆୟର୍



**ନୂଆଦିଲ୍ଲୀ,୧୯।୫/ଏଜେନ୍ସି:** ଶ୍ରେୟସ ଆୟରଙ୍କ ନେତୃତ୍ୱରେ ପଞ୍ଜାବ କିଙ୍ଗସ୍ ଚଳିତ ଆଇପିଏଲ୍‌ର ପ୍ଲେଅଫ୍‌ରେ ତୃତୀୟ ଟିମ୍ ଭାବେ ସ୍ଥାନ ପକ୍କା କରିଛି। ଗତବର୍ଷ ଆୟର୍‌ଙ୍କ ନେତୃତ୍ୱରେ କେକେଆର୍ ଚାମ୍ପିଅନ୍ ହୋଇଥିଲା। ଏଥର ସେ ପଞ୍ଜାବ କିଙ୍ଗ୍ସକୁ ପ୍ରଥମ ଟାଇଟଲ୍ ଜିତାଇବେ ବୋଲି ଟିମ୍ ଆଶା କରୁଛି। ରବିବାର ରାଜସ୍ଥାନ ରୟାଲ୍ସ ବିପକ୍ଷ ଦ୍ୱାଦଶ ଲିଗ୍ ମ୍ୟାଚ୍‌ରେ ବିଜୟୀ ହୋଇ ପଞ୍ଜାବ କିଙ୍ଗସ୍ ପଏଣ୍ଟ୍ ଟେବଲ୍‌ର ତୃତୀୟ ସ୍ଥାନକୁ ଉଠିଛି। ଏହା ସହିତ ଶ୍ରେୟସ୍ ଆୟର୍ ନିଜ ନେତୃତ୍ୱରେ ତିନିଟି ଟିମ୍‌କୁ ପ୍ଲେଅଫ୍‌ରେ ପହଞ୍ଚାଇବାରେ ଆଇପିଏଲ୍ ଇତିହାସରେ ପ୍ରଥମ କ୍ୟାପ୍‌ଟେନ୍ ହୋଇଛନ୍ତି। ଗତବର୍ଷ ସେ କୋଲ୍‌କାତାକୁ ଚାମ୍ପିଅନ୍ କରାଇଥିବା ବେଳେ ପୂର୍ବରୁ ଦିଲ୍ଲୀ କ୍ୟାପିଟାଲ୍ସକୁ ଫାଇନାଲ୍‌ରେ ପହଞ୍ଚାଇଥିଲେ।

## ଆର୍‌ସିବିରେ ବ୍ଲେସିଙ୍ଗ୍ ମୁଜରବାନୀ

**ବେଙ୍ଗାଲୁରୁ,୧୯।୫/ଏଜେନ୍ସି:** ଚଳିତ ଆଇପିଏଲ୍ ପ୍ଲେଅଫ୍ ପୂର୍ବରୁ ରୟାଲ୍ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ (ଆର୍‌ସିବି) ଜିମ୍ବାୱେ ଫାଷ୍ଟ ବୋଲର୍ ବ୍ଲେସିଙ୍ଗ୍ ମୁଜରବାନୀଙ୍କୁ ନିଜ ସହିତ ଯୋଡ଼ିଛି। ମୁଜରବାନୀ ଆର୍‌ସିବି ଟିମ୍‌ରେ ଲୁଙ୍ଗି ଏନ୍‌ଗିଡିଙ୍କ ସ୍ଥାନ ନେବେ। ୱାର୍ଲ୍ଡ ଟେଷ୍ଟ ଚାମ୍ପିଅନ୍‌ଶିପ୍ (ଡବ୍ଲ୍ୟୁଟିସି) ଫାଇନାଲ୍ ପାଇଁ ଏନ୍‌ଗିଡି ସାଉଥ୍ ଆଫ୍ରିକା ଟିମ୍‌ରେ ସ୍ଥାନ ପାଇଛନ୍ତି। ଏହି ଚୁକ୍ତି ମେ ୨୬ ତାରିଖରୁ ଲାଗୁହେବ। ୬ ଫୁଟ ୮ ଇଞ୍ଚ ଉଚ୍ଚତା ବିଶିଷ୍ଟ ଜିମ୍ବାୱେ ଫାଷ୍ଟ ବୋଲର୍‌ଙ୍କ ଆର୍‌ସିବି ୭୫ ଲକ୍ଷ ଟଙ୍କାରେ ସାମିଲ କରିଛି। ବର୍ତ୍ତମାନ ସୁଦ୍ଧା ୭୦ ଟି-୨୦ ଅନ୍ତର୍ଜାତୀୟ ଖେଳିଥିବା ମୁଜରବାନୀଙ୍କ ନାମରେ ୭୮ ୱିକେଟ୍ ରହିଛି। ଏହା ବ୍ୟତୀତ ସେ ୧୨ ଟେଷ୍ଟ ଏବଂ ୫୫ ଦିନିକିଆ ମ୍ୟାଚ୍‌ରେ ମଧ୍ୟ ଜିମ୍ବାୱେର ପ୍ରତିନିଧିତ୍ୱ କରିଛନ୍ତି। ୨୮ ବର୍ଷୀୟ ବୋଲର୍ ଟେଷ୍ଟ କ୍ରିକେଟ୍‌ରେ ୫୧ ଏବଂ ଦିନିକିଆରେ ୬୯ ୱିକେଟ୍ ଅକ୍ତିଆର କରିଛନ୍ତି।




## ସୌରଭ ତିୱାରୀ ଝାଡ଼ଖଣ୍ଡ କ୍ରିକେଟ୍ ସଂଘ ସମ୍ପାଦକ

**ରାଞ୍ଚି,୧୯।୫/ଏଜେନ୍ସି:** ପୂର୍ବତନ ଭାରତୀୟ କ୍ରିକେଟର୍ ସୌରଭ ତିୱାରୀ ଓ ଶାହବାଜ ନଦୀମ୍ ଝାଡ଼ଖଣ୍ଡ ରାଜ୍ୟ କ୍ରିକେଟ୍ ସଂଘ (ଜେଏସ୍‌ସିଏ)ର ଯଥାକ୍ରମେ ସମ୍ପାଦକ ଓ ଯୁଗ୍ମ ସମ୍ପାଦକ ନିର୍ବାଚିତ ହୋଇଛନ୍ତି। ଦୁଇ ଖେଳାଳି ବିରାଟ କୋହଲିଙ୍କ ଟିମ୍ ସାଥୀ ଥିଲେ। ସୌରଭ ତିୱାରୀଙ୍କ କୋହଲିଙ୍କ ସହିତ ଭାରତୀୟ ଅଣ୍ଡର-୧୯ ଟିମ୍‌ର ପ୍ରତିନିଧିତ୍ୱ କରିଥିଲେ। ପାୱାର ହିଟିଂ କାରଣରୁ ତାଙ୍କୁ ପରବର୍ତ୍ତୀ ମହେନ୍ଦ୍ର ସିଂହ ଧୋନି କୁହାଯାଉଥିଲା। ଧୋନିଙ୍କ ନେତୃତ୍ୱରେ ସୌରଭ ତିନିଟି ଦିନିକିଆ ମ୍ୟାଚ୍‌ରେ ଭାରତର ପ୍ରତିନିଧିତ୍ୱ ମଧ୍ୟ କରିଛନ୍ତି। ଅନ୍ୟପକ୍ଷରେ ନଦୀମ୍ ୨୦୧୯ ଏବଂ ୨୦୨୧ରେ ଦୁଇଟି ଟେଷ୍ଟ ମ୍ୟାଚ୍ ଖେଳିଛନ୍ତି। କୁଲଦୀପ ଯାଦବ ଆହତ ହେବାପରେ ନଦୀମ୍ ରାଞ୍ଚି ଟେଷ୍ଟରେ ବିରାଟ କୋହଲିଙ୍କ ନେତୃତ୍ୱରେ ଅଚାନକ ଟେଷ୍ଟ ଡେବ୍ୟୁ କରିଥିଲେ। ସୌରଭ ଓ ନଦମ୍ ୨୦୨୪ରେ ଅବସର ଗ୍ରହଣ କରିଥିଲେ।

ଧୋନିଙ୍କ ପରି ଆଟାକିଂ ବ୍ୟାଟର୍ ସୌରଭ ମୁମ୍ବାଇ ଇଣ୍ଡିଆନ୍ସ ଓ ରୟାଲ୍ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ ପକ୍ଷରୁ ଆଇପିଏଲ୍ ଖେଳିଛନ୍ତି। ତେବେ ଅଧିକ ସୁଯୋଗ ନମିଳିବାରୁ ତାଙ୍କ ଅନ୍ତର୍ଜାତୀୟ କ୍ୟାରିୟର୍ ଆଗକୁ ବଢ଼ିପାରି ନଥିଲା। ସେହିପରି ବାମହାତୀ ସ୍ପିନର୍ ନଦୀମ୍‌ଙ୍କ ନାମରେ ୫୪୨ ପ୍ରଥମ ଶ୍ରେଣୀ ୱିକେଟ୍ ରହିଛି। ସେ ସନ୍‌ରାଇଜର୍ସ ହାଇଦ୍ରାବାଦ, ଦିଲ୍ଲୀ ଡେୟାରଡେଭିଲ୍ସ (ବର୍ତ୍ତମାନର ଦିଲ୍ଲୀ କ୍ୟାପିଟାଲ୍ସ) ଏବଂ ଲକ୍ଷ୍ନୌ ସୁପର୍ ଜାଏଣ୍ଟ୍ସ ପାଇଁ ଆଇପିଏଲ୍ ଖେଳିଛନ୍ତି।

## ସିନର୍‌ଙ୍କୁ ହରାଇ ଅଲ୍‌କାରାଜ୍ ଇଟାଲିଆନ୍ ଓପନ୍ ଚାମ୍ପିଅନ୍

**ରୋମ୍,୧୯।୫/ଏଜେନ୍ସି:** ସ୍ପେନ୍ ଟେନିସ୍ ଷ୍ଟାର୍ କାର୍ଲୋସ୍ ଅଲ୍‌କାରାଜ୍ ରବିବାର ଇଟାଲିଆନ୍ ଓପନ୍‌ର ଫାଇନାଲ୍ ଜାନିକ୍ ସିନର୍‌ଙ୍କୁ ୭-୬ (୭/୫), ୬-୧ ସିଧା ସେଟ୍‌ରେ ହରାଇ ଟାଇଟଲ୍ ନିଜ ନାମରେ କରିଛନ୍ତି। ଚଳିତ ସିଜନ୍‌ରେ ଏହା ତାଙ୍କର ତୃତୀୟ ଟାଇଟଲ୍। ଏହା ସହିତ ସେ ବିଶ୍ୱ ର୍‍ୟାଙ୍କିଙ୍ଗ୍‌ରେ ସିନର୍‌ଙ୍କ ପରେ ଦ୍ୱିତୀୟ ସ୍ଥାନକୁ ଉଠିଛନ୍ତି। ମଣ୍ଟେ କାର୍ଲୋରେ ବିଜୟ ପରେ ଏହା ଅଲ୍‌କାରାଜ୍‌ଙ୍କ ଚଳିତ ବର୍ଷର ଦ୍ୱିତୀୟ ମାଷ୍ଟର୍ସ ୧୦୦୦ ଟାଇଟଲ୍। ଅନ୍ୟପକ୍ଷରେ ଫାଇନାଲ୍ ପରାଜୟ ସହ ସିନର୍‌ଙ୍କ ବିଜୟ ରଥରେ ବ୍ରେକ୍ ଲାଗିଛି। ଚାଇନା ଓପନ୍ ଫାଇନାଲ୍‌ରେ ଶେଷଥର ପାଇଁ ଅଲ୍‌କାରାଜ୍‌ଙ୍କ ହିଁ ତାଙ୍କୁ ହରାଇଥିଲେ। ୨୦୨୪ ପ୍ରାରମ୍ଭରେ ସିନର୍‌ଙ୍କ ଟୁର୍ ଫାଇନାଲ୍‌ରେ ହରାଇବାରେ ଅଲ୍‌କାରାଜ୍ ଏକମାତ୍ର ଖେଳାଳି।



## ଏସିଆ କପ୍‌ରୁ ଓହରିବା ଖବର ମିଥ୍ୟା: ସାଇକିଆ



**ମୁମ୍ବାଇ,୧୯।୫/ଏଜେନ୍ସି:** ଭାରତ ଏସିଆ କପ୍‌ରୁ ଓହରିବା ଖବରକୁ ଭାରତୀୟ କ୍ରିକେଟ୍ କଣ୍ଟ୍ରୋଲ୍ ବୋର୍ଡ (ବିସିସିଆଇ) ସମ୍ପାଦକ ଦେବଜିତ ସାଇକିଆ ଖଣ୍ଡନ କରିଛନ୍ତି। ସାଇକିଆ ନ୍ୟୁଜ୍ ଏଏନ୍‌ଆଇକୁ କହିଛନ୍ତି, ଭାରତ ଏସିଆ କପ୍ ଟୁର୍ଣ୍ଣାମେଣ୍ଟରୁ ଓହରିବା ଖବର ଠିକ୍ ନୁହେଁ। ବିସିସିଆଇ ଆଗାମୀ ଏସିଆନ୍ କ୍ରିକେଟ୍ କାଉନ୍‌ସିଲ୍ (ଏସିସି) ଟୁର୍ଣ୍ଣାମେଣ୍ଟ ଉପରେ କୌଣସି ଆଲୋଚନା କରିନାହିଁ କି ଏ ନେଇ କୌଣସି ପଦକ୍ଷେପ ମଧ୍ୟ ଉଠାଇନାହିଁ। ବର୍ତ୍ତମାନ ଆମର ମୁଖ୍ୟ ଧ୍ୟାନ ଚଳିତ ଆଇପିଏଲ୍ ଏବଂ ଏହାପରେ ହେବାକୁ ଥିବା ଇଂଲଣ୍ଡ ସିରିଜ୍ (ପୁରୁଷ ଓ ମହିଳା) ଉପରେ ରହିଛି। ସେ ଆହୁରି କହିଛନ୍ତି, ଏସିଆ କପ୍ କିମ୍ବା ଅନ୍ୟ କୌଣସି ଏସିସି ଇଭେଣ୍ଟ୍ ପ୍ରସଙ୍ଗ କୌଣସି ସ୍ତରରେ ଆଲୋଚନା ପାଇଁ ଆସିନାହିଁ। ତେଣୁ ସେ ବିଷୟରେ କୌଣସି ଖବର କିମ୍ବା ରିପୋର୍ଟ ପ୍ରକାଶ ପାଇବା ସମ୍ପୂର୍ଣ୍ଣ କଳ୍ପନାପ୍ରସୂତ। ବିସିସିଆଇ କୌଣସି ଏସିସି ଇଭେଣ୍ଟ୍ ଉପରେ ଆଲୋଚନା କରିବ କିମ୍ବା କୌଣସି ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବ, ସେତେବେଳେ ଗଣମାଧ୍ୟମରେ ତାହା ଘୋଷଣା କରାଯିବ।


ସୂଚନାଯୋଗ୍ୟ, ସୋମବାର ସକାଳେ କେତେକ ମିଡିଆ ରିପୋର୍ଟରେ ଦାବି କରାଯାଇଥିଲା ଯେ ବିସିସିଆଇ ଆସନ୍ତା ମାସରେ ଶ୍ରୀଲଙ୍କାରେ ହେବାକୁ ଥିବା ମହିଳା ଏମର୍ଜିଂ ଟିମ୍ସ ଏସିଆ କପ୍ ଏବଂ ସେପ୍ଟେମ୍ବରରେ ଭାରତରେ ଆୟୋଜିତ ହେବାକୁ ଥିବା ଏସିଆ କପ୍‌ରୁ ଓହରିଯିବାର ନିଷ୍ପତ୍ତି ଏସିସିକୁ ଜଣାଇଦେଇଛି। ମୋହସିନ୍ ନକ୍‌ଭିଙ୍କୁ ଏହାର ପ୍ରମୁଖ କାରଣ ଭାବେ ରିପୋର୍ଟରେ ଦର୍ଶାଯାଇଛି। ପାକିସ୍ତାନର ଗୃହମନ୍ତ୍ରୀ ଥିବା ନକ୍‌ଭି ବର୍ତ୍ତମାନ ପାକିସ୍ତାନ କ୍ରିକେଟ୍ ବୋର୍ଡ (ପିସିବି) ସହିତ ଏସିସିର ଅଧ୍ୟକ୍ଷ ଅଛନ୍ତି।

ଏସିଆ କପ୍ ଚଳିତ ବର୍ଷ ସେପ୍ଟେମ୍ବରରେ ଭାରତରେ ଆୟୋଜିତ ହେବ। ଯଦି ଭାରତ ଏଥିରୁ ଓହରିଯାଏ, ତେବେ ପୂରା ଟୁର୍ଣ୍ଣାମେଣ୍ଟ ରଦ୍ଦ ହେବାର ସମ୍ଭାବନା ରହିଛି। କାରଣ ଭାରତ-ପାକିସ୍ତାନ ମ୍ୟାଚ୍ ବିନା ଟୁର୍ଣ୍ଣାମେଣ୍ଟର କୌଣସି ଗୁରୁତ୍ୱ ରହିବ ନାହିଁ। ଅନ୍ୟପକ୍ଷରେ ଭାରତର ଅନୁପସ୍ଥିତିରେ ବ୍ରଡ୍‌କାଷ୍ଟର୍ ଏଥିରେ ପଛକୁ ହଟିପାରନ୍ତି। ସୋନି ପିକ୍‌ଚର୍ସର ନେଟ୍‌ୱର୍କ (ଭାରତ) ୨୦୨୪ରେ ୧୭୦ ମିଲିୟନ୍ ଡଲାର୍‌ରେ ଆଗାମୀ ୮ ବର୍ଷ ପାଇଁ ଏସିଆ କପ୍ ବ୍ରଡ୍‌କାଷ୍ଟ ଅଧିକାର ହାସଲ କରିଛି।

## ଆଜିଠାରୁ ନାସ୍‌ନାଲ୍ ଡବଲ୍ସ ସ୍କ୍ୱାଶ୍ ଚାମ୍ପିଅନ୍‌ଶିପ୍

**ଚେନ୍ନାଇ,୧୯।୫/ଏଜେନ୍ସି:** ଚେନ୍ନାଇର ଇଣ୍ଡିଆନ୍ ସ୍କ୍ୱାଶ୍ ଏକାଡେମୀରେ ଆସନ୍ତାକାଲିଠାରୁ ୨୩ ତାରିଖ ପର୍ଯ୍ୟନ୍ତ ଏଚ୍‌ସିଏଲ୍ ନାସ୍‌ନାଲ୍ ଡବଲ୍ସ ସ୍କ୍ୱାଶ୍ ଚାମ୍ପିଅନ୍‌ଶିପ୍ ଆୟୋଜିତ ହେବ ବୋଲି ଭାରତୀୟ ସ୍କ୍ୱାଶ୍ ର୍‍ୟାକେଟ୍ସ ଫେଡେରେସନ୍ (ଏସ୍‌ଆର୍‌ଏଫ୍‌ଆଇ) ପକ୍ଷରୁ ସୋମବାର ଘୋଷଣା କରାଯାଇଛି। ଟୁର୍ଣ୍ଣାମେଣ୍ଟରେ ଅଭୟ ସିଂହ, ଭେଲାଭାନ୍ ସେନ୍ଥିଲକୁମାର, ଜ୍ୟୋତ୍ସ୍ନା ଚିନାପ୍ପା ଏବଂ ଅନହତ୍ ସିଂହଙ୍କ ପାଇଁ ଭାରତର ଶୀର୍ଷ ସ୍କ୍ୱାଶ୍ ପ୍ରତିଭା ଭାଗନେବେ। ଟୁର୍ଣ୍ଣାମେଣ୍ଟରେ ମୋଟ ୩.୩୦ ଲକ୍ଷ ଟଙ୍କାର ପୁରସ୍କାର ରାଶି ରଖାଯାଇଛି। ଏହି ଇଭେଣ୍ଟ ଜୁଲାଇ ୪ରୁ ୭ ତାରିଖ ପର୍ଯ୍ୟନ୍ତ ହେବାକୁ ଥିବା ଏସୀୟ ସ୍କ୍ୱାଶ୍ ଡବଲ୍ସ ଚାମ୍ପିଅନ୍‌ଶିପ୍‌ରେ ଭାରତର ପ୍ରତିନିଧିତ୍ୱ କରିବାକୁ ଥିବା ଖେଳାଳିଙ୍କ ଚୟନର ପାଇଁ ମଞ୍ଚ ଭାବେ କାମ କରିବ। ଏସ୍‌ଆର୍‌ଏଫ୍‌ଆଇ ସମ୍ପାଦକ ସାଇରସ୍ ପୋଞ୍ଚା କହିଛନ୍ତି, ଅନ୍ତର୍ଜାତୀୟ ପ୍ରତିଯୋଗିତା ପାଇଁ ପ୍ରତିଭା ଗଠନରେ ଜାତୀୟ ଡବଲ୍ସ ଚାମ୍ପିଅନ୍‌ଶିପ୍ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ।

## ମାଲେସିଆ ମାଷ୍ଟର୍ସରେ ନେତୃତ୍ୱ ନେବେ ସିନ୍ଧୁ-ପ୍ରଣୟ



**ନୂଆଦିଲ୍ଲୀ,୧୯।୫/ଏଜେନ୍ସି:** ଦୁଇଥରର ଅଲିମ୍ପିକ୍ ପଦକ ବିଜୟିନୀ ପିଭି ସିନ୍ଧୁ ଏବଂ ଏଚ୍‌ଏସ୍ ପ୍ରଣୟ ମଙ୍ଗଳବାରଠାରୁ ଆରମ୍ଭ ହେବାକୁ ଥିବା ମାଲେସିଆ ମାଷ୍ଟର୍ସ ସୁପର୍ ୫୦୦ ବ୍ୟାଡ୍‌ମିଣ୍ଟନ୍ ଟୁର୍ଣ୍ଣାମେଣ୍ଟରେ ଚ୍ୟାଲେଞ୍ଜର ଅଭିଯାନର ନେତୃତ୍ୱ ନେବେ। ଗତ କିଛି ସମୟ ଧରି ଖରାପ ଫର୍ମ ଏବଂ ଫିଟ୍‌ନେସ୍ ସମସ୍ୟା ଦେଇ ଗତି କରୁଥିବା ଏହି ଦୁଇ ଷ୍ଟାର୍ ଖେଳାଳିଙ୍କଠାରୁ ଟୁର୍ଣ୍ଣାମେଣ୍ଟରେ ଉନ୍ନତ ପ୍ରଦର୍ଶନର ଆଶା ରହିବ। ସିନ୍ଧୁ ଓ ପ୍ରଣୟ ସୁଦିରମନ୍ କପ୍‌ରେ ଇଣ୍ଡୋନେସିଆ ଏବଂ ଡେନ୍‌ମାର୍କ ବିପକ୍ଷରେ ନିଜ ନିଜ ମ୍ୟାଚ୍ ହାରିଥିଲେ।

ବିଶ୍ୱ ର୍‍ୟାଙ୍କିଙ୍ଗ୍‌ର ୧୬ଶ ସ୍ଥାନରେ ଥିବା ସିନ୍ଧୁ ଜାପାନର ନାତ୍ସୁକୀ ନିଦାଇରାଙ୍କ ବିପକ୍ଷରେ ନିଜ ଅଭିଯାନ ଆରମ୍ଭ କରିବେ। ସେହିପରି ବିଶ୍ୱ ନଂ.୩୫କୁ ଖସିଆସିଥିବା ପ୍ରଣୟ ପ୍ରଥମ ରାଉଣ୍ଡରେ ଜାପାନର ପଞ୍ଚମ ସିଡ୍ କେଣ୍ଟୋ ନିଶିମୋତୋଙ୍କ ମୁକାବିଲା କରିବେ। ମହିଳା ଉପବିଜେତା ମାଳବିକା ବନ୍‌ସୋଡ୍ ଚୀନା ସିଙ୍ଗଲ୍ସରେ ୨୦୨୪ ହାଇଲୋ ଓପନ୍ ତାଇପେଇର ଚିୟୁ ପିନ୍-ଚିୟାନ୍‌ଙ୍କୁ ଭେଟିବେ। ଏହା ବ୍ୟତୀତ ସାଇପେଇ ଓପନ୍ ସୁପର୍ ୩୦୦ ସେମିଫାଇନାଲିଷ୍ଟ ଉନ୍ନତି ହୁଡ୍ଡା ଚୀନା ତାଇପେଇର ଲିନ୍ ଶିୟାଙ୍ଗ୍ ଟି'ଙ୍କ ବିପକ୍ଷରେ ଅଭିଯାନ ଆରମ୍ଭ କରିବେ। ଆକର୍ଷୀ କଶ୍ୟପ ଇଣ୍ଡୋନେସିଆର ଅଷ୍ଟମ ସିଡ୍ ପୁତ୍ରୀ କୁସୁମା ବରଦାନୀଙ୍କୁ ସାମ୍ନା କରିବେ।

ପୁରୁଷ ସିଙ୍ଗଲ୍ସରେ ୨୦୨୩ ଓଡ଼ିଶା ମାଷ୍ଟର୍ସ ଓ ୨୦୨୪ ଗୁଆହାଟୀ ମାଷ୍ଟର୍ସ ଚାମ୍ପିଅନ୍ ସତୀଶ କରୁଣାକରନ୍ ଡେନ୍‌ମାର୍କର ଶୀର୍ଷ ସିଡ୍ ଆଣ୍ଡର୍ସ ଆଣ୍ଟୋନ୍‌ସନ୍, ଆୟୁଷ ସେଟ୍ଟୀ କାନାଡାର ବ୍ରାୟନ୍ ୟେଙ୍ଗ୍‌ଙ୍କୁ ଭେଟିବେ। ସେହିପରି ପ୍ରିୟାଂଶୁ ରଜାୱତ୍ ସିଙ୍ଗାପୁରର ଜିୟା ହେଙ୍ଗ୍ ଜେସନ୍‌ଙ୍କ ବିପକ୍ଷରେ ଅଭିଯାନ ଆରମ୍ଭ କରିବେ। କ୍ୱାଲିଫାୟର୍‌ରେ କିଦାମ୍ବୀ ଶ୍ରୀକାନ୍ତ, ଏସ୍ ଶଙ୍କର ମୁଥୁସାମୀ ସୁବ୍ରମଣ୍ୟମ୍ ଏବଂ ଥରୁଣ ମନ୍ନେପଲ୍ଲୀ, ଅନମୋଲ ଖରବ ଏବଂ ତସ୍ନିମ୍ ମୀର୍ ଅଭିଯାନ ଆରମ୍ଭ କରିବେ।




Printed and published by Trilochan Mohapatra on behalf of New Age Media & Publications Pvt. Ltd. Published at Shed No- TS -2/210/A, Zone-B, Sector-A, Mancheswar Industrial Estate, Bhubaneswar-751010, Khordha,Odisha Ph: 0674-2953975, Email: advtnitidin@gmail.com, nitidinbbsr@gmail.com, Printed at New Age Media & Publications Pvt. Ltd., Shed No- TS -2/210/A, Zone-B, Sector-A, Mancheswar Industrial Estate, Bhubaneswar-751010, Khordha, Odisha.

ସଂପାଦକ: ମନୋଜ କୁମାର ମହାପାତ୍ର
Editor: Manoj Kumar Mahapatra